ଧରିତ୍ରୀ
DHARITRI
ରାୟଗଡ଼ା, ବୁଧବାର, ଡିସେମ୍ବର ୧୯ /୨୦୧୮ (୧୬+୪ପୃଷ୍ଠା) Rayagada, Wednesday, December 19 / 2018 ★
୮ମ ଭାଗ ୩୧୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-

DSPL-306

ଓଡ଼ିଶା ଶାସନ


ଆମ ଗାଁ ଆମ ବିକାଶ

# ଆମ ଗାଁ ଆମ ବିକାଶ

## ନବୀନ ଓଡ଼ିଶାର ନୂତନ କିରଣ

# ପିଠା
# PEETHA

(Peoples' Empowerment - Enabling Transparency and Enhancing Accountability on Odisha Initiatives)



# ଘରେ ଘରେ ଆଜି ବିଜୁଳି
# ଓଡ଼ିଶା ଗଲାଣି ବଦଳି





ଆମ ମୁଖ୍ୟମନ୍ତ୍ରୀ ଦେଇଥିବା କଥା ଆଜି କାର୍ଯ୍ୟରେ ପରିଣତ ହୋଇଛି । ଓଡ଼ିଶାର ସବୁ ଘରକୁ ବିଜୁଳି ଶକ୍ତି ଯୋଗାଇବା କଥା ଆଜି ସତ ହୋଇଛି । ୯୫ ଲକ୍ଷରୁ ଅଧିକ ଘରକୁ ଆମେ ବିଦ୍ୟୁତ୍ ସଂଯୋଗ ପହଞ୍ଚାଇ ସାରିଛୁ । ଯଦି କୌଣସି ପରିବାର ବିଦ୍ୟୁତ୍ ସଂଯୋଗ ଏଯାଏଁ ପାଇ ପାରି ନାହାନ୍ତି, ସେମାନେ ଏହି ଡିସେମ୍ବର ମାସର ୧୫ ରୁ ୨୦ ତାରିଖ ମଧ୍ୟରେ ପ୍ରତି ପଞ୍ଚାୟତରେ ଅନୁଷ୍ଠିତ ହେଉଥିବା 'ପିଠା' (PEETHA) ଶିବିରରେ ପହଞ୍ଚି ବିନା ଜମାରେ ବିଦ୍ୟୁତ୍ ସଂଯୋଗ ପାଇଁ ଆବେଦନ କରନ୍ତୁ ।

## ଶକ୍ତି ବିଭାଗ, ଓଡ଼ିଶା ସରକାର

04056/13/0001/1819



୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଏହା ସମ୍ଭବତଃ ପାର୍ଲାମେଣ୍ଟର ଶେଷ ଅଧିବେଶନ, ଯେଉଁଠି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକୁ ନେଇ ଆଲୋଚନା କରାଯାଇପାରିବ। ତେଣୁ ସଦସ୍ୟମାନେ ଦାୟିତ୍ୱସମ୍ପନ୍ନ ହୋଇ ଗୃହକୁ ଚଳାଇବାକୁ ଦିଅନ୍ତୁ।

- ସୁମିତ୍ରା ମହାଜନ, ଲୋକ ସଭା ବାଚସ୍ପତି

## ସଂକ୍ଷେପରେ

### ନାଗେଶ୍ୱର ରାଓ ସିବିଆଇ ଅତିରିକ୍ତ ନିର୍ଦ୍ଦେଶକ



ନୂଆଦିଲ୍ଲୀ,୧୮।୧୨(ପି.ଟି.): କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ଅନ୍ତରୀଣ ନିର୍ଦ୍ଦେଶକ ଏମ୍. ନାଗେଶ୍ୱର ରାଓଙ୍କୁ ତଦନ୍ତକାରୀ ସଂସ୍ଥାର ଅତିରିକ୍ତ ନିର୍ଦ୍ଦେଶକ ନିଯୁକ୍ତ କରାଯାଇଛି। ତାଙ୍କର ଏହି ପଦୋନ୍ନତି ନେଇ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି। ୧୯୮୬ ବ୍ୟାଚ୍ ଓଡ଼ିଶା କ୍ୟାଡର୍ ଆଇପିଏସ୍ ଅଧିକାରୀ ନାଗେଶ୍ୱର ରାଓଙ୍କ ନାମକୁ ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ କମିଟି ଅନୁମୋଦନ କରିଛି। ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମା ଓ ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନାଙ୍କ ମଧ୍ୟରେ ଅନ୍ତର୍ବିବାଦ ଲାଗିରହିଥିବା ପରିପ୍ରେକ୍ଷୀରେ ଅକ୍ଟୋବର ୨୪ରେ କେନ୍ଦ୍ର ସରକାର ଉଭୟଙ୍କୁ ବାଧ୍ୟତାମୂଳକ ଛୁଟିରେ ପଠାଇଦେଇଥିଲେ। ସେହି ସମୟରେ ନାଗେଶ୍ୱରଙ୍କୁ ଅନ୍ତରୀଣ ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଥିଲା। ସେ ୨୦୧୬ରେ ସିବିଆଇରେ ଜଣେ ଯୁଗ୍ମ ନିର୍ଦ୍ଦେଶକ ଭାବେ ଯୋଗଦେଇଥିଲେ।

### କଂଗ୍ରେସ ଛାଡ଼ିଲେ ସଜ୍ଜନ



ନୂଆଦିଲ୍ଲୀ,୧୮।୧୨(ପି.ଟି.): ବରିଷ୍ଠ କଂଗ୍ରେସ ନେତା ସଜ୍ଜନ କୁମାର ୧୯୮୪ ଶିଖ୍ ଦଙ୍ଗା ମାମଲାରେ ଦୋଷୀସାବ୍ୟସ୍ତ ହେବା ପରେ କଂଗ୍ରେସ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେ ଦଳ ଅଧକ୍ଷ ରାହୁଲ ଗାନ୍ଧୀଙ୍କ ପାଖକୁ ଚିଠି ଲେଖି ତାଙ୍କ ଇସ୍ତଫାପତ୍ରକୁ ତୁରନ୍ତ ଗ୍ରହଣ କରିନେବା ଲାଗି ଅନୁରୋଧ କରିଛନ୍ତି। ଶିଖ୍ ବିରୋଧୀ ଦଙ୍ଗା ମାମଲାରେ ପ୍ରଥମ ରାଜନେତା ଭାବେ ସଜ୍ଜନ କୁମାରଙ୍କୁ ସୋମବାର ଦିଲ୍ଲୀ ହାଇକୋର୍ଟ ଦୋଷୀସାବ୍ୟସ୍ତ କରି ଆଜୀବନ ଜେଲ୍ ଦଣ୍ଡାଦେଶ ଦେଇଥିଲେ। ଏହି ରାୟ ଯୋଗୁ ଦଳ କୌଣସି ଅସୁବିଧାର ସମ୍ମୁଖୀନ ହେଉ ତାହା ସଜ୍ଜନ କୁମାର ଚାହୁଁ ନ ଥିବାରୁ ଇସ୍ତଫା ଦେବା ଲାଗି ନିଷ୍ପତ୍ତି ନେଇଥିବା ତାଙ୍କର ଜଣେ ଘନିଷ୍ଠ ସହଯୋଗୀ କହିଛନ୍ତି। ୧୯୮୪ ଅକ୍ଟୋବର ୩୧ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ତାଙ୍କର ୨ ଅଙ୍ଗରକ୍ଷୀ ହତ୍ୟା କରିବା ପରେ ଦିଲ୍ଲୀ ସମେତ ଦେଶର ବିଭିନ୍ନ ଭାଗରେ ଶିଖ୍ ବିରୋଧୀ ଦଙ୍ଗା ସୃଷ୍ଟି ହୋଇଥିଲା। ଦିଲ୍ଲୀରେ ନଭେମ୍ବର ୧ରୁ ୪ ତାରିଖ ମଧ୍ୟରେ ୨୭୩୩ ଜଣ ଶିଖ୍‌ଙ୍କୁ ହତ୍ୟା କରାଯାଇଥିଲା। ଦକ୍ଷିଣ ଦିଲ୍ଲୀର ପାଲାମ କଲୋନି ରାଜନଗର ଅଞ୍ଚଳରେ ୫ ଜଣ ଶିଖଙ୍କୁ ହତ୍ୟା ଘଟଣାରେ ସଂପୃକ୍ତିକୁ ନେଇ ସଜ୍ଜନ କୁମାରଙ୍କୁ କୋର୍ଟ ଦୋଷୀସାବ୍ୟସ୍ତ କରିଥିଲେ।

### ଜିସାଟ୍-୭ଏ ଉତ୍କ୍ଷେପଣ ଆଜି

ଚେନ୍ନାଇ,୧୮।୧୨(ପି.ଟି.): ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ବୁଧବାର ଅପରାହ୍ନରେ ଏହାର ଯୋଗାଯୋଗ ଉପଗ୍ରହ ଜିସାଟ୍-୭ଏକୁ କକ୍ଷପଥରେ ଅବସ୍ଥାପିତ କରିବାକୁ ଯାଉଛି। ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରର ଦ୍ୱିତୀୟ ଲଞ୍ଚ ପ୍ୟାଡରୁ ଜିଓସିନକ୍ରୋନିଅସ୍ ସାଟେଲାଇଟ ଲଞ୍ଚ ଭେହିକିଲ ଜିଏସ୍‌ଏଲ୍‌ଭି-ଏଫ୍୧୧ ଏହି ଉପଗ୍ରହକୁ ନେଇ ଅପରାହ୍ନ ୪ଟା ୧୦ ମିନିଟରେ ଭୂପୃଷ୍ଠ ଛାଡ଼ିବ । ସେଥିପାଇଁ ମଙ୍ଗଳବାର ଅପରାହ୍ନ ୨ଟା ୧୦ ମିନିଟ୍‌ରୁ ଏହାର ୨୬ ଘଣ୍ଟିଆ ଅବଗଣନା ଆରମ୍ଭ ହୋଇଯାଇଛି।

### ଇତିହାସର ଆଇନାରେ
### ଡିସେମ୍ବର ୧୯ର ପ୍ରମୁଖ ଘଟଣା

୧୯୮୬ ଡିସେମ୍ବର ୧୯ରେ ସୋଭିଏତ୍ ୟୁନିୟନ୍ ନେତା ମିଖାଇଲ୍ ଗୋର୍ବାଚୋଭ୍ ଗୋର୍କିରେ ନିର୍ବାସିତ ଜୀବନ ଯାପନ କରୁଥିବା ଆଣ୍ଡ୍ରେଇ ସାକାରୋଭ୍ ଏବଂ ତାଙ୍କ ପତ୍ନୀଙ୍କୁ ମୁକ୍ତ କରିଥିଲେ।

୧୯୭୨ ଡିସେମ୍ବର ୧୯ରେ ଲୁନାର ଫ୍ଲାଇଟ୍ ଆପୋଲୋ ୧୭ ପୃଥିବୀ ପୃଷ୍ଠକୁ ଫେରିଥିଲା। କ୍ରିଉ ସଦସ୍ୟ ଭାବରେ ଏଥିରେ ଥିଲେ ଇଉଜିନି କେର୍ନାନ୍, ରୋନାଲ୍ଡ ଏଭାନ୍ସ ଏବଂ ହାରିଶନ୍ ସ୍କିମ୍‌ଟ। ଆପୋଲୋ କାର୍ଯ୍ୟକ୍ରମକୁ ପ୍ରୋଜେକ୍ଟ ଆପୋଲୋ ମଧ କୁହାଯାଇଥାଏ। ନାସା ଦ୍ୱାରା ପରିଚାଳିତ ଏହା ଥିଲା ତୃତୀୟ ଆମେରିକୀୟ ମାନବଯୁକ୍ତ ସ୍ପେସ୍‌ଫ୍ଲାଇଟ୍।

# ପାକ୍ ପଞ୍ଝାରୁ ଖସିଆସିଲେ ଅନ୍‌ସାରୀ

ମୁମ୍ବାଇ,୧୮।୧୨(ପି.ଟି.)



ମା' ଫୌଜି ଅନ୍‌ସାରୀଙ୍କ ସହ ହମିଦ

**ଗୁପ୍ତଚର ବୃତ୍ତି ଅଭିଯୋଗରେ ଜେଲ୍‌ରେ ଥିଲେ ୬ ବର୍ଷ**

୬ ବର୍ଷ ଜେଲ୍ ଦଣ୍ଡ ଭୋଗିବା ପରେ ପାକିସ୍ତାନ ପଞ୍ଝାରୁ ଖସିଆସିଛନ୍ତି ଭାରତୀୟ ସଫ୍ଟୱେର ଇଞ୍ଜିନିୟର ହମିଦ ଅନସାରୀ। ୩୧ ବର୍ଷୀୟ ଅନ୍‌ସାରୀଙ୍କର ଜଣେ ପାକିସ୍ତାନୀ ଯୁବତୀଙ୍କ ସହ ଅନ୍‌ଲାଇନରେ ପ୍ରେମ ସମ୍ପର୍କ ହେବା ପରେ ତାଙ୍କୁ ଭେଟିବା ଲାଗି ଆଫଗାନିସ୍ତାନ ଦେଇ ପାକିସ୍ତାନ ଚାଲିଯାଇଥିଲେ। ଗୁପ୍ତଚର ବୃତ୍ତି ଅଭିଯୋଗ ଆଣି ପାକ୍ ସାମରିକ ଅଦାଲତ ତାଙ୍କୁ ଜେଲଦଣ୍ଡରେ ଦଣ୍ଡିତ କରିଥିଲା। ସେ ମଙ୍ଗଳବାର ମୁମ୍ବାଇ ଫେରିବା ପରେ ଭାବବିହ୍ୱଳ ହୋଇପଡିଥିଲେ।

ଅନସାରୀ ୨୦୧୨ରେ କାବୁଲ ଯାଇଥିଲେ। ସେ ଭଲ ପାଉଥିବା ଯୁବତୀଙ୍କୁ ଅନ୍ୟ ଜଣେ ଜବରଦସ୍ତ ବିବାହ କରି ରଖିଥିବା ଜାଣିବା ପରେ ତାଙ୍କୁ ଉଦ୍ଧାର କରିବା ଲାଗି ସେ ବେଆଇନ ଭାବେ ସୀମା ଅତିକ୍ରମ କରି ପାକିସ୍ତାନ ଚାଲିଯାଇଥିଲେ। ପେଶାୱର ନିକଟସ୍ଥ ଏକ ସହରରେ ପାକିସ୍ତାନୀ ସୁରକ୍ଷା ବଳ ତାଙ୍କୁ ଗିରଫ କରିଥିଲା। ଏନେଇ ତାଙ୍କ ପରିବାର ପାଖରେ କୌଣସି ଖବର ନ ଥିଲା। ସେହିଦିନଠାରୁ ତାଙ୍କ ପିତା ନେହାଲ ଏବଂ ମାଆ ଫୌଜି ପୁଅର ଫେରିବା ବାଟକୁ ଚାହିଁ ରହିଥିଲେ। ୨୦୧୫ରେ ସେ ଦୋଷୀସାବ୍ୟସ୍ତ ହେବାର ୧୪ ମାସ ପରେ ତାଙ୍କୁ ୩ ବର୍ଷ ଜେଲ୍‌ଦଣ୍ଡ ହୋଇଥିଲା। ସେବେଠୁ ସେ କୋହତ କେନ୍ଦ୍ରୀୟ ଜେଲ୍‌ରେ ଥିଲେ। ଅନ୍‌ସାରୀଙ୍କ ମୁକ୍ତି ପାଇଁ ଆଇନଗତ ସହାୟତା ଯୋଗାଇଦେବାକୁ ତାଙ୍କ ମା'ବାପା ବହିର୍ବ୍ୟାପାର ମନ୍ତ୍ରଣାଳୟ ସମେତ ବିଭିନ୍ନ ମାନବାଧିକାର କର୍ମୀଙ୍କୁ ବାରମ୍ବାର ଅନୁରୋଧ କରିଥିଲେ। ତେବେ ଜେଲ୍‌ଦଣ୍ଡ ମିଆଦ ପୂରଣ ନ ହେବା ପର୍ଯ୍ୟନ୍ତ ଛଡାଯାଇପାରିବ ନାହିଁ ବୋଲି ପାକ୍ ସରକାର କହିଥିଲେ। ଏପରି କି ଡିସେମ୍ବର ୧୫ରେ ଅନ୍‌ସାରୀଙ୍କ ଜେଲ୍ ମିଆଦ ପୂରିବା ପରେ ମଧ ତାଙ୍କୁ ଛାଡିବା ଲାଗି କାଗଜପତ୍ର କାମ ସାରିବାକୁ ଆଉ ମାସେ ସମୟ ଲାଗିବ ବୋଲି ପାକ୍ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଥିଲା। ତେବେ ଭାରତ ସରକାର, ଅନ୍‌ସାରୀଙ୍କ ଓକିଲ ଏବଂ ବିଭିନ୍ନ ମାନବାଧିକାର କର୍ମୀଙ୍କ ମିଳିତ ଚାପ ଫଳରେ ଇସ୍‌ଲାମାବାଦ ତାଙ୍କୁ ଜେଲ୍‌ରୁ ମୁକ୍ତ କରି ଭାରତ ପଠାଇବାକୁ ବାଧ ହୋଇଥିଲା। ଅନ୍‌ସାରୀଙ୍କୁ ଘରକୁ ଫେରାଇ ଆଣିବାରେ ଯେଉଁମାନଙ୍କର ସର୍ବାଧିକ ଅବଦାନ ରହିଛି ସେମାନେ ହେଲେ ମୁମ୍ବାଇର ଖବରଦାତା ତଥା ସମାଜକର୍ମୀ ଯତିନ ଦେଶାଇ, ପାକିସ୍ତାନୀ ଆଇନଜୀବୀ ତଥା ଖାଇବର-ପଖତୁନ୍‌ଖ୍ୱାରେ ମହିଳା ଅଧିକାର ଲାଗି କାର୍ଯ୍ୟ କରୁଥିବା ରକ୍ଷାନ୍ଦ ନାଜ୍, ଆଇନଜୀବୀ କାଜି ମହମ୍ମଦ ଅନୱର, ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ଏବଂ ଭାଜପା ନେତା କ୍ରିଷ୍ଣା ହେଗ୍‌ଡେ। ଅନ୍‌ସାରୀ ପ୍ରେମିକାଙ୍କୁ ଭେଟିବା ପାଇଁ ପାକିସ୍ତାନ ଯିବା ନିମନ୍ତେ ପ୍ରଥମେ ଯତିନଙ୍କ ସହାୟତା ଲୋଡିଥିଲେ, କିନ୍ତୁ ଏହା ସମ୍ଭବ ନୁହେଁ ବୋଲି ସେ କହିଥିଲେ। ଅନ୍‌ସାରୀଙ୍କ ଗିରଫ ଖବର ପାଇବା ପରେ ଯତିନ ତାଙ୍କୁ ଫେରାଇଆଣିବା ଲାଗି ଉଦ୍ୟମ କରିଥିଲେ। ଅନସାରୀଙ୍କ ମାଆ ସୁଷମା ସ୍ୱରାଜଙ୍କୁ ଭେଟିବା ପରେ ସେ ପାକିସ୍ତାନୀ କୂଟନୀତିଜ୍ଞଙ୍କ ସହ ଯୋଗାଯୋଗ କରିଥିଲେ। ଏଥିସହିତ ପାକିସ୍ତାନରେ ଥିବା ଭାରତୀୟ ଦୂତାବାସ ଅଧିକାରୀମାନଙ୍କ ସହ ଯୋଗାଯୋଗ କରି ଅନ୍‌ସାରୀଙ୍କ ମୁକ୍ତି ପାଇଁ ଓକିଲ ଯୋଗାଇଦେବାକୁ କହିଥିଲେ। ଫଳରେ ପାକିସ୍ତାନୀ ଓକିଲ ରକ୍ଷାନ୍ଦ ନାଜ ଏବଂ କାଜି ମହମ୍ମଦ ଅନୱର ଉକ୍ତ ମାମଲାକୁ ହାତକୁ ନେଇଥିଲେ। ପାକିସ୍ତାନର ପୂର୍ବତନ ଆର୍ଟର୍ନି ଜେନେରାଲ ଅନୱର ଏ ସମ୍ପର୍କରେ ପାକ୍ ସୁପ୍ରିମକୋର୍ଟଙ୍କୁ ଜଣାଇଥିଲେ। ଭଗବାନଙ୍କ ଦୟାରୁ ସେ ପାକିସ୍ତାନରୁ ଫେରିଆସିଥିବା ଫୌଜି କହିଛନ୍ତି। ଅନ୍‌ସାରୀଙ୍କ ମୁକ୍ତି ଲାଗି ଭାଜପା ନେତା କ୍ରିଷ୍ଣା ହେଗ୍‌ଡେ ଗତ ମାସରେ ପଞ୍ଜାବ ମନ୍ତ୍ରୀ ନବଜୋତ୍ ସିଂ ସିଦ୍ଧୁ ଏବଂ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କୁ ଅନୁରୋଧ କରିଥିଲେ। ପ୍ରକାଶ ଯେ, ପୂର୍ବରୁ ଭୁଲ୍‌ବଶତଃ ସୀମା ଅତିକ୍ରମ କରି ପାକିସ୍ତାନ ଚାଲିଯାଇଥିବା ଅଧିକାଂଶ ଭାରତୀୟ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିପାରି ନାହାନ୍ତି। ପଞ୍ଜାବର ସରବଜିତ୍ ସିଂଙ୍କୁ ପାକିସ୍ତାନ ଜେଲ୍‌ରେ ବନ୍ଦୀମାନେ ଆକ୍ରମଣ କରି ହତ୍ୟା କରିଥିବାବେଳେ ପୂର୍ବତନ ନୌସେନା ଅଧିକାରୀ କୁଲଭୂଷଣ ଯାଦବଙ୍କୁ ପାକିସ୍ତାନୀ ସୁରକ୍ଷା ବଳ ଇରାନରୁ ଅପହରଣ କରି ଜେଲ୍‌ରେ ରଖିଛି। ତାଙ୍କ ବିରୋଧରେ ସେଠାକାର ସାମରିକ ଅଦାଲତ ଫାଶୀଦଣ୍ଡାଦେଶ ଦେଇଥିବାବେଳେ ଏହି ମାମଲା ଅନ୍ତର୍ଜାତୀୟ ଅଦାଲତରେ ବିଚାରାଧୀନ ରହିଛି। ଏଭଳି ସମୟରେ ଅନ୍‌ସାରୀ ମୁମ୍ବାଇ ଫେରିଆସିବା ଭାରତର ଏକ କୂଟନୈତିକ ବିଜୟ ବୋଲି କୁହାଯାଉଛି।

# ଷଷ୍ଠ ଦିନରେ ଅଚଳାବସ୍ଥା

ନୂଆଦିଲ୍ଲୀ,୧୮।୧୨(ପି.ଟି.)

**ରାଫାଲ ଝଡ଼**



ରାଫାଲ ଡିଲ୍ ଏବଂ ଅନ୍ୟାନ୍ୟ ପ୍ରସଙ୍ଗକୁ ନେଇ ପାର୍ଲାମେଣ୍ଟରେ ଅଚଳାବସ୍ଥା ଲାଗି ରହିଛି। ମଙ୍ଗଳବାର ମାତ୍ର ଏକ ଘଣ୍ଟା ଲୋକ ସଭା କାର୍ଯ୍ୟ ଚାଲିବା ପରେ ବିରୋଧୀ ସଦସ୍ୟଙ୍କ ହୋହଲ୍ଲା ଏବଂ ସ୍ଲୋଗାନବାଜି ଯୋଗୁ ବାଚସ୍ପତି ସୁମିତ୍ରା ମହାଜନ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରିଥିଲେ। ପୂର୍ବାହ୍ନ ୧୧ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବା କ୍ଷଣି କଂଗ୍ରେସ ସଦସ୍ୟମାନେ ଗୃହ ମଧ୍ୟଭାଗକୁ ଆସି ରାଫାଲ ଚୁକ୍ତିନାମାର ଯୁଗ୍ମ ସଂସଦୀୟ କମିଟି (ଜେପିସି) ତଦନ୍ତ ଦାବିରେ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇଥିଲେ। ସେହିପରି ଟିଡିପି ସଦସ୍ୟମାନେ ଗୃହ ମଧ୍ୟଭାଗରେ ଏକତ୍ରିତ ହୋଇ ଆନ୍ଧ୍ରପ୍ରଦେଶ ପାଇଁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି କରିବାବେଳେ ଏଆଇଏଡିଏମ୍‌କେ ଏମ୍‌ପିମାନେ କାବେରୀ ନଦୀରେ ଡ୍ୟାମ୍ ନିର୍ମାଣକୁ ବିରୋଧ କରି ନାରାବାଜି ଦେଇଥିଲେ।

ସେହିପରି କ୍ରମାଗତ ଷଷ୍ଠ ଦିନ ପାଇଁ ରାଜ୍ୟ ସଭାରେ ଅଚଳାବସ୍ଥା ଜାରି ରହିଛି। ରାଫାଲ ପ୍ରସଙ୍ଗକୁ ନେଇ ଭାଜପା ଏବଂ କଂଗ୍ରେସ ସଦସ୍ୟଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ଏବଂ କାବେରୀ ପ୍ରସଙ୍ଗକୁ ନେଇ ଏଆଇଏଡିଏମ୍‌କେ ଏବଂ ଡିଏମ୍‌କେ ପକ୍ଷରୁ ହଟ୍ଟଗୋଳ ଯୋଗୁ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଥିଲା। ରାଫାଲ ଜେଟ ଚୁକ୍ତିନାମା ବିରୋଧରେ କଂଗ୍ରେସ ଆଣିଥିବା ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଗ୍ରହଣ କରିବାକୁ ବିରୋଧୀ ଦଳ ନେତା ଗୁଲାମ ନବୀ ଆଜାଦ ଦାବି କରିଥିଲେ। ଅନ୍ୟପକ୍ଷରେ ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ବିଜୟ ଗୋଏଲ୍ କହିଥିଲେ, ସରକାର ରାଫାଲ ସମେତ ସମସ୍ତ ପ୍ରସଙ୍ଗରେ ଆଲୋଚନା ଲାଗି ପ୍ରସ୍ତୁତ ଅଛନ୍ତି। ରାଫାଲ ମାମଲାରେ ଏସ୍‌ଆଇଟି ତଦନ୍ତ ଦାବିକୁ ସୁପ୍ରିମକୋର୍ଟ ଅଗ୍ରାହ୍ୟ କରିଦେବା ଏବଂ ଦିଲ୍ଲୀ ହାଇକୋର୍ଟ ସଜ୍ଜନ କୁମାରଙ୍କୁ ଦୋଷୀସାବ୍ୟସ୍ତ କରିଥିବାରୁ କଂଗ୍ରେସ କ୍ଷମାମାଗୁ ବୋଲି ଗୋଏଲ୍ ଦାବି କରିଥିଲେ। ହଟ୍ଟଗୋଳ ଜାରି ରହିବାରୁ ଅଧକ୍ଷ ଏମ୍. ଭେଙ୍କାୟା ନାଇଡୁ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରିଥିଲେ।

## ଟ୍ରମ୍ପଙ୍କୁ ଜିନ୍‌ପିଙ୍ଗ୍‌ଙ୍କ ଜବାବ
# ଆମକୁ ପାଠ ପଢ଼ାଅନି

ବେଜିଂ,୧୮।୧୨(ପି.ଟି.)



ଚାଇନା କ'ଣ କରିବା ଉଚିତ ଓ କ'ଣ କରିବା ଅନୁଚିତ ସେନେଇ ବେଜିଂକୁ କେହି ପାଠ ପଢ଼ାଇ ପାରିବେ ନାହିଁ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ମଙ୍ଗଳବାର ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ୍ ଏଭଳି ଭାଷାରେ ଜବାବ ଦେଇଛନ୍ତି।

ଚାଇନାରେ ଆର୍ଥିକ ସଂସ୍କାରର ୪୦ ବର୍ଷ ପୂର୍ତ୍ତି ଅବସରରେ ଜିନ୍‌ପିଙ୍ଗ୍ ୮୦ ମିନିଟ ଧରି ନିଜ ବକ୍ତବ୍ୟ ରଖିଛନ୍ତି। ବେଜିଂର ଗ୍ରେଟ୍ ହଲ୍ ଅଫ୍ ଦି ପିପୁଲରେ ସେ ଚାଇନାବାସୀଙ୍କ କଠିନ ପରିଶ୍ରମ, ଜ୍ଞାନ ଓ ସାହସକୁ ପ୍ରଶଂସା କରିଛନ୍ତି। ଏହାସହ ୧୯୭୮ରେ ସ୍ୱର୍ଗୀୟ ନେତା ଡେଙ୍ଗ୍ ଜିଆଓପିଙ୍ଗ୍‌ଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା 'ସଂସ୍କାର ଓ ଆରମ୍ଭ' ଯୁଗ ପରଠାରୁ ଚାଇନାର ସଫଳତା ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଜିନ୍‌ପିଙ୍ଗ୍ କହିଛନ୍ତି, ଚାଇନା ଅର୍ଥନୀତି ଏଭଳି ବିସ୍ମୟକର ଉତ୍ପାଦନ କରିବ, ଯାହାକୁ ନେଇ ଆଗାମୀ ଦିନରେ ସାରା ବିଶ୍ୱ ଚକିତ ହୋଇଯିବ।

## 'ଲୋକଙ୍କୁ ୬୦ ବର୍ଷ ଶୋଇବାକୁ ଦେଇ ନ ଥିଲା କଂଗ୍ରେସର ଦୁର୍ନୀତି'

ନୂଆଦିଲ୍ଲୀ,୧୮।୧୨(ପି.ଟି.)



କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀଙ୍କଠାରୁ ଅଧିକ କିଛି ଆଶା କରାଯାଇ ନ ପାରେ। ତାଙ୍କ ଦଳ କ୍ଷମତାରେ ଥିବାବେଳେ ଏପରି ଦୁର୍ନୀତି କରିଥିଲା ଯେ, ଦେଶବାସୀ ୬୦ ବର୍ଷ ଧରି ଶୋଇପାରି ନ ଥିଲେ ବୋଲି ମଙ୍ଗଳବାର କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ ସମାଲୋଚନା କରିଛନ୍ତି। ସାରା ଦେଶରେ କୃଷିଋଣ ଛାଡ଼ ନ ହେବା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଶୋଇବାକୁ ଦିଆଯିବ ନାହିଁ ବୋଲି ରାହୁଲ ଚେତାବନୀ ଦେବା ପରେ ରବିଶଙ୍କରଙ୍କ ଏହି ମନ୍ତବ୍ୟ ଆସିଛି। ସେ କହିଛନ୍ତି, ଜାତୀୟ ରାଜନୀତିରେ ସାଧାରଣରେ ବାକ୍‌ଯୁଦ୍ଧ ମଧ୍ୟରେ କୌଣସି ନେତା ଏତେ ନିମ୍ନକୁ ଖସିବା ପୂର୍ବରୁ ଦେଖିବାକୁ ମିଳି ନ ଥିଲା। ବିଗତ ୭୦ ବର୍ଷରୁ ୬୦ ବର୍ଷ ଧରି ଦେଶକୁ କଂଗ୍ରେସ ଶାସନ କରିଛି। ସେମାନେ କୃଷକଙ୍କ ପାଇଁ କ'ଣ କରିଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ରବିଶଙ୍କର।

## ଫୁର୍‌ସତ

### ଚିଡ଼ିଆଖାନାର ନବକଳେବର






ଜମ୍ମୁ: ଉତ୍ତର ଭାରତର ସର୍ବବୃହତ୍ ଜମ୍ମୁ ଚିଡ଼ିଆଖାନା ନୂଆ ରୂପ ପାଇବାକୁ ଯାଉଛି। ଆର୍ଥିକ ସ୍ଥିତି ଯୋଗୁ ପ୍ରକଳ୍ପ କାର୍ଯ୍ୟ ଧିମେଇ ଯାଇଥିବା ବେଳେ ୨୦୧୯ ଜୁନ୍‌ରେ ପୁନର୍ବାର ଜନସାଧାରଣଙ୍କ ନିମନ୍ତେ ଏହା ଖୋଲିବାକୁ ଯାଉଛି। ଏଥିରେ କୃତ୍ରିମ ଜଳପ୍ରପାତ ସାଙ୍ଗକୁ ୨୭ଟି ବିଭିନ୍ନ ପ୍ରଜାତିର ପ୍ରାଣୀ ରହିବେ। ତନ୍ମଧ୍ୟରେ ମହାବାଳ ବାଘ, ଏସୀୟ ସିଂହ, ଚିତାବାଘ, ଭାଲୁ, କୁମ୍ଭୀର, ଘଡିଆଳ ଏବଂ ଶମ୍ବର ଅନ୍ୟତମ। ଆସନ୍ତା ୬ମାସ ମଧ୍ୟରେ 'ଜୁମ୍ବୋ ଜୁ' କାର୍ଯ୍ୟକ୍ଷମ ହେବ।

### ବିଦେଶରେ ରହିବା ଆମେରିକୀୟଙ୍କ ପସନ୍ଦ



ଲଣ୍ଡନ: ବିଭିନ୍ନ ଦେଶର ଲୋକେ ଆମେରିକାରେ ରହିବାକୁ ଉଦ୍ୟମ ଜାରି ରଖିବା ସହିତ ସୁଯୋଗ ଅପେକ୍ଷାରେ ଥାଆନ୍ତି। କିନ୍ତୁ ବିଶ୍ୱାସ କରନ୍ତୁ ବା ନ କରନ୍ତୁ, ଅଧିକାଂଶ ଆମେରିକୀୟ ବିଦେଶରେ ବାସ କରିବାକୁ ଚାହାନ୍ତି ବୋଲି ଏକ ନୂଆ ଅଧ୍ୟୟନରୁ ଜାଣିବାକୁ ମିଳିଛି। ଆମେରିକାରେ ଜନ୍ମିତ ନାଗରିକଙ୍କ ମଧ୍ୟରୁ ପ୍ରତି ୩ ଜଣରେ ଜଣେ ବିଦେଶରେ ରହିବାକୁ ଚିନ୍ତା କରନ୍ତି। ଅଜ୍ଞାତ ଅଞ୍ଚଳ ଅନୁସନ୍ଧାନ ଉଦ୍ଦେଶ୍ୟରେ ୮୭.୪% ନାଗରିକ ଆମେରିକା ଛାଡ଼ିବାକୁ ଇଚ୍ଛା କରନ୍ତି ବୋଲି ବ୍ରିଟେନ୍‌ର କେଣ୍ଟ ୟୁନିଭର୍ସିଟିର ଗବେଷକ ଆମଣ୍ଡ କ୍ଲେକୋସ୍କି ଭନ୍ କୋପେଫେଲ୍‌ସ ପ୍ରକାଶ କରିଛନ୍ତି। ଇଣ୍ଟରନ୍ୟାଶନାଲ ମାଇଗ୍ରେଶନ୍ ରିଭ୍ୟୁରେ ଏ ସମ୍ପର୍କିତ ବିସ୍ତୃତ ଅଧ୍ୟୟନ ପ୍ରକାଶ ପାଇଛି। ଆମେରିକୀୟ ଲୋକେ ଦେଶାନ୍ତର ହେବାପାଇଁ ଇଚ୍ଛା କରିବା ପଛରେ ରହିଛି ଆମେରିକାର ଜାତୀୟ ପରିଚୟ। ରାଜନୈତିକ ଆଦର୍ଶବାଦ ସହ ଏହାର ପ୍ରାୟତଃ ସମ୍ପର୍କ ନାହିଁ ବୋଲି ଗବେଷକ କୋପେଫେଲ୍‌ସ ପ୍ରକାଶ କରିଛନ୍ତି।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

ରାଜ୍ୟ–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ମେଘୁଆ ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୩ ଡିଗ୍ରୀ ଏବଂ ସର୍ବନିମ୍ନ ୧୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୧୭.୫ | ୧୩.୫ |
| ଚାନ୍ଦବାଲି | ୧୯.୪ | ୧୬.୨ |
| କଟକ | ୧୮.୫ | ୧୪.୬ |
| ପାରାଦ୍ୱୀପ | ୧୯.୨ | ୧୮.୩ |
| ଭୁବନେଶ୍ୱର | ୧୮.୮ | ୧୬.୮ |
| ଗୋପାଳପୁର | ୨୧.୮ | ୧୭.୮ |
| ପୁରୀ | ୨୦.୬ | ୧୭.୪ |
| ଅନୁଗୋଳ | ୧୮.୧ | ୧୮.୬ |
| ବାରିପଦା | ୧୭.୪ | ୧୫.୦ |
| ଝାରସୁଗୁଡ଼ା | ୨୦.୦ | ୧୪.୮ |
| କେନ୍ଦୁଝର | ୧୬.୨ | ୧୨.୭ |
| ସମ୍ବଲପୁର | ୧୯.୨ | ୧୩.୮ |
| ସୁନ୍ଦରଗଡ଼ | --- | ୧୧.୦ |
| ହୀରାକୁଦ | ୧୮.୮ | ୧୪.୮ |
| ତାଳଚେର | ୨୨.୪ | ୧୪.୫ |
| ଭବାନୀପାଟଣା | ୨୦.୫ | ୧୪.୦ |
| ବଲାଙ୍ଗୀର | ୧୮.୦ | ୧୫.୦ |
| କୋରାପୁଟ | ୧୬.୨ | ୧୨.୦୬ |
| ଫୁଲବାଣୀ | ୧୬.୫ | ୧୩.୮ |
| ଟିଟିଲାଗଡ଼ | --- | ୧୩.୦ |
| ମାଲକାନଗିରି | ୨୧.୫ | ୧୭.୮ |
| ସୋନପୁର | ୧୮.୬ | ୧୪.୦ |
| ଦାରିଙ୍ଗିବାଡ଼ି | ୧୭.୦ | ୧୩.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

### ଜୈବ ଇନ୍ଧନରେ ଉଡ଼ିଲା ବାୟୁସେନା ବିମାନ

**ଦେଶର ପ୍ରଥମ ଜୈବ ଇନ୍ଧନ ଚାଳିତ ସାମରିକ ବିମାନ**





ନୂଆଦିଲ୍ଲୀ: ବାୟୁସେନା ସୋମବାର ବେଙ୍ଗାଲୁରୁଠାରେ ପ୍ରଥମକରି ଏହାର ପରିବହନକାରୀ ବିମାନ ଏଏନ୍-୩୨କୁ ଜୈବ ଇନ୍ଧନ ଦ୍ୱାରା ଉଡାଣ କରିଛି। ବାୟୁସେନାର ପରୀକ୍ଷଣସ୍ଥଳ ଆଷ୍ଟେଠାରେ ପରୀକ୍ଷାମୂଳକ ଭାବରେ ଟେଷ୍ଟ ପାଇଲଟ୍ ଏବଂ ଟେଷ୍ଟ ଇଞ୍ଜିନିୟରଙ୍କ ମିଳିତ ଉଦ୍ୟମରେ ଏହାକୁ ଉଡାଣ କରାଯାଇଥିଲା। ଏଥିରେ ସହାୟତା କରିଥିଲେ ଡିଆରଡିଓ, ଡାଇରେକ୍ଟୋରେଟ୍ ଜେନେରାଲ୍ ଏରୋନଟିକାଲ୍ କ୍ୱାଲିଟି ଆସ୍ୟୁରାନ୍ସ (ଡିଜିଏକ୍ୟୁଏ) ଏବଂ ସିଏସ୍‌ଆଇଆର-ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପେଟ୍ରୋଲିୟମ୍। ଜୈବ ଇନ୍ଧନରେ ଜେଟ ବିମାନ ଉଡାଣକୁ ପ୍ରୋତ୍ସାହିତ କରିବା ପାଇଁ ଚଳିତ ବର୍ଷ ଜୁଲାଇ ୨୭ରେ ବାୟୁସେନା ମୁଖ୍ୟ ମାର୍ଶାଲ ବିଏସ୍ ଧନୋଆ ଘୋଷଣା କରିଥିଲେ। ସ୍ୱଦେଶୀ ଜ୍ଞାନକୌଶଳ ବିକାଶ ଉପରେ ଆୟୋଜିତ ଏକ ସେମିନାରରେ ଯୋଗଦେଇ ଧନୋଆ କହିଲେ, ଆସନ୍ତା ବର୍ଷ ସାଧାରଣତନ୍ତ୍ର ଦିବସ ଉତ୍ସବରେ ଜୈବ ଇନ୍ଧନଯୁକ୍ତ ଏଏନ୍-୩୨ ଉଡାଣ କରାଯିବ। ଏଥିପାଇଁ ଭାରତୀୟ ବାୟୁସେନା ବିସ୍ତୃତ ପରୀକ୍ଷାନିରୀକ୍ଷା ଜାରି ରଖିଛି। ଏଥିପାଇଁ ୧୦% ଜୈବ ଇନ୍ଧନ ବ୍ୟବହାର କରାଯାଉଛି। ଉକ୍ତ ଇନ୍ଧନ ଜାଟ୍ରୋଫା ତୈଳରୁ ପ୍ରସ୍ତୁତ। ଏହି ତୈଳ ଛତିଶଗଡ ବାୟୋଡିଜେଲ ଡେଭଲପମେଣ୍ଟ ଅଥରିଟି (ସିବିଡିଏ) ଠାରୁ ସଂଗ୍ରହ କରାଯାଇ ଡେରାଡୁନ୍‌ରେ ପ୍ରକ୍ରିୟାକରଣ କରାଯାଉଛି। ଅଗଷ୍ଟରେ ପ୍ରଥମ କରି ଏକ ବ୍ୟବସାୟିକ ବିମାନ ଜୈବ ଇନ୍ଧନରେ ଡେରାଡୁନ୍‌ଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ଉଡାଣ କରିଥିଲା।

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ୍-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡ଼ଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

# ଧରିତ୍ରୀ
DHARITRI

ରାୟଗଡ଼ା, ବୁଧବାର, ଡିସେମ୍ବର ୧୯ /୨୦୧୮ | Rayagada, Wednesday, December 19 / 2018 | ପୃଷ୍ଠା-୧




**ପଦ୍ମିନୀଙ୍କୁ ସ୍ୱର୍ଣ୍ଣ ପଦକ**

ଫିଲିପାଇନ୍ସର ମାକାତିଠାରେ ମଙ୍ଗଳବାର ଉଦ୍‌ଯାପିତ ଏସିଆନ କଣ୍ଟିନେଣ୍ଟାଲ ଚେସରେ ଓଡ଼ିଶା ଅନ୍ତର୍ଜାତୀୟ ମାଷ୍ଟର ପଦ୍ମିନୀ ରାଉତ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

୧୩

୦୫

**ଟପ୍ ଷ୍ଟାର ତାଲିକା ଶୀର୍ଷରେ ଦୀପିକା**

ଭାରତୀୟ ସିନେମା-୨୦୧୮ର ଟପ୍ ଷ୍ଟାର ତାଲିକା ଶୀର୍ଷରେ ରହିଛନ୍ତି ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ୍।



### ■ ଉଣେଇଶ ପୂର୍ବରୁ ଚାଷୀ ଭୋଟର ଉପରେ ନଜର

# ତେଜିଲା ଋଣଛାଡ଼ ରାଜନୀତି

ନୂଆଦିଲ୍ଲୀ,୧୮।୧୨(ପି.ଟି./ଆଇଏଏନ୍ଏସ୍)

୫ ରାଜ୍ୟର ବିଧାନସଭା ନିର୍ବାଚନ ଶେଷ ହେବା ପରେ ସାଧାରଣ ନିର୍ବାଚନ ଆଡ଼କୁ ମୁହାଁଉଛି ଦେଶ। ଏଭଳି ସମୟରେ ମଧ୍ୟପ୍ରଦେଶ ଓ ଛତିଶଗଡ଼ରେ କ୍ଷମତାସୀନ ହେବା ପରେ କୃଷିଋଣ ଛାଡ଼ କରିଛି କଂଗ୍ରେସ। ରାଜସ୍ଥାନରେ ମଧ୍ୟ ୧୦ ଦିନ ମଧ୍ୟରେ କୃଷକଙ୍କ ମୁଣ୍ଡ ଉପରୁ ଋଣବୋଝ ହଟାଇ ଦିଆଯିବ ବୋଲି ନବନିର୍ବାଚିତ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଘୋଷଣା କରିଛନ୍ତି। ଋଣଛାଡ଼ ପ୍ରତିଶ୍ରୁତି ଦେଇ ୩ ରାଜ୍ୟରେ ସରକାର ଗଢ଼ିଥିବା କଂଗ୍ରେସ ଏବେ ସାଧାରଣ ନିର୍ବାଚନ ପାଇଁ ସମାନ ସୂତ୍ର ପ୍ରୟୋଗ କରିବାକୁ ଯାଉଛି। ଏହାର ମୁକାବିଲା ପାଇଁ ଭାଜପା ଶାସିତ ରାଜ୍ୟଗୁଡ଼ିକର କେତେଜଣ ମୁଖ୍ୟମନ୍ତ୍ରୀ ମଧ୍ୟ ଚାଷୀଙ୍କ ଋଣଛାଡ଼ ପାଇଁ ପଦକ୍ଷେପ ନେବା ଆରମ୍ଭ କଲେଣି। କାରଣ କୃଷି ଏକ ଅସଙ୍ଗଠିତ କ୍ଷେତ୍ର ହୋଇଥିଲେ ହେଁ ଏହା ହେଉଛି ଦେଶର ସର୍ବବୃହତ୍ ଭୋଟ ବ୍ୟାଙ୍କ। ତିନି ପ୍ରମୁଖ ହିନ୍ଦୀଭାଷୀ ରାଜ୍ୟକୁ ଭାଜପା ହାତରୁ ଛଡ଼ାଇନେବା ପରେ କଂଗ୍ରେସ ଶିବିରରେ ଉତ୍ସାହ ଦେଖିବାକୁ ମିଳିଛି। ମଧ୍ୟପ୍ରଦେଶର କମଲନାଥ ସରକାର ଶପଥ ନେଉ ନେଉ ନିଜ ନିର୍ବାଚନୀ ପ୍ରତିଶ୍ରୁତି ପାଳନ କରିଛନ୍ତି। ସେ ରାଜ୍ୟର ଚାଷୀଙ୍କ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୃଷିଋଣ ଛାଡ଼ କରିଛନ୍ତି। ଏହାଦ୍ୱାରା ୩.୪ ନିୟୁତ ଚାଷୀ ଉପକୃତ ହେବେ ବୋଲି କୁହାଯାଉଛି। କମଲନାଥଙ୍କ ପରେ ଛତିଶଗଡ଼ର ବାଘେଲ ସରକାର ମଧ୍ୟ ୧.୬୬ ନିୟୁତ କୃଷକଙ୍କ ପାଇଁ ୬,୧୦୦ କୋଟିର ଋଣଛାଡ଼ ଘୋଷଣା କରିସାରିଲେଣି। ଏହାସହ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି) ☞ପୃଷ୍ଠା-୨

- ■ ମଧ୍ୟପ୍ରଦେଶ ପରେ ଛତିଶଗଡ଼ରେ କୃଷିଋଣ ଛାଡ଼
- ■ ୬୦୦ କୋଟି ଋଣଛାଡ଼ ଘୋଷଣା କଲେ ଆସାମ ସରକାର
- ■ ଗୁଜରାଟ ଗ୍ରାମାଞ୍ଚଳରେ ୬୫୦ କୋଟିର ବିଦ୍ୟୁତ୍ ବିଲ୍ ଛାଡ଼



“ସାରା ଦେଶର ଚାଷୀଙ୍କ କୃଷିଋଣ ଛାଡ଼ ନ କରିବା ଯାଏ କଂଗ୍ରେସ ଓ ବିରୋଧୀ ଦଳଗୁଡ଼ିକ ପ୍ରଧାନମନ୍ତ୍ରୀଙ୍କୁ ଶୋଇବାକୁ ଦେବେ ନାହିଁ।

-ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ

# ପେଥାଇ: ଭାସିଲା ପାଚିଲା ଧାନ

ଭୁବନେଶ୍ୱର,୧୮।୧୨(ବ୍ୟୁରୋ)

ବାତ୍ୟା 'ପେଥାଇ' ବର୍ଷା ଯୋଗୁ ରାଜ୍ୟର ୧୭ଟି ଜିଲାରେ ଧାନ, ପନିପରିବା ଓ କପା ଚାଷ କ୍ଷତିଗ୍ରସ୍ତ ହୋଇଛି। ପାଚିଲା ଧାନ ପାଣିରେ ଭାସୁଛି। ବର୍ଷକର ପରିଶ୍ରମ ପେଥାଇ ମାଡ଼ରେ ଛାରଖାର ହୋଇଯାଇଛି। ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। କେଉଁ ଜିଲାରେ କେତେ କ୍ଷୟକ୍ଷତି ହୋଇଛି ତାହାର ଆକଳନ କରି କ୍ଷୟକ୍ଷତି ପ୍ରଦାନ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇ ସ୍ୱତନ୍ତ୍ର ରିଲିଫ ☞ପୃଷ୍ଠା-୨

**୧୦୦ ବ୍ଲକ ପ୍ରଭାବିତ**



- ■ ଧାନ, ପନିପରିବା, କପା ଫସଲ ନଷ୍ଟ
- ■ ଚାଷୀଙ୍କୁ ମିଳିବ କ୍ଷତିପୂରଣ

**ଆଜିର ମନ୍ତବ୍ୟ**

“ଚାଇନା କ'ଣ କରିବ ବା ନ କରିବ ସେ ନେଇ ଅନ୍ୟ ଦେଶର ପରାମର୍ଶ ଲୋଡ଼ା ନାହିଁ।

- ଜି ଜିନପିଙ୍ଗ, ଚାଇନା ରାଷ୍ଟ୍ରପତି

**ଆଜିର ସମ୍ପାଦକୀୟ**

ଋଣ ଛାଡ଼


ସୁନ୍ଦର ଜାଗା, ଭଲ ଲୋକ

.........୪.........

ଓଡ଼ିଶାରେ ୯୨ ନୂତନ ଏକଲବ୍ୟ ବିଦ୍ୟାଳୟ ପ୍ରତିଷ୍ଠା ହେବ: ଜୁଏଲ

.........୩.........

CBSE Exam Mate

ପୃଷ୍ଠା-୯







# ଏମ୍ଏସ୍‌ପି ୧୭୫୦, ଚାଷୀ ପାଉଛନ୍ତି ୧୧୦୦

ଭୁବନେଶ୍ୱର, ୧୮।୧୨(ବ୍ୟୁରୋ)

କେନ୍ଦ୍ର ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍‌ପି) ୧୭୫୦ ଟଙ୍କା ହିସାବରେ ଯୋଗାଇ ଦେଉଛନ୍ତି। ମାତ୍ର ରାଜ୍ୟ ସରକାର ଓ ବ୍ୟବସାୟୀଙ୍କ ମଧ୍ୟରେ ରହିଥିବା ଅସାଧୁ ମେଣ୍ଟ କାରଣରୁ ଚାଷୀମାନେ ୧୧୦୦-୧୨୦୦ ଟଙ୍କାରେ ନିଜର କଷ୍ଟ ଅର୍ଜିତ ଧାନକୁ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ଏନେଇ ଚାଷୀମାନେ ସରକାରଙ୍କୁ ଜବାବ ମାଗୁଛନ୍ତି ବୋଲି ଭାଜପା କୃଷକ ମୋର୍ଚ୍ଚା ସଭାପତି ଶିବାଜୀ ମହାନ୍ତି କହିଛନ୍ତି। ଭାଜପା ରାଜ୍ୟ ମୁଖ୍ୟାଳୟରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଶିବାଜୀ କହିଛନ୍ତି ଯେ, ୪ରୁ ୫କିଲୋ ନ କାଟିଲେ ଚାଷୀଙ୍କଠାରୁ ଧାନ କିଣାଯାଉନାହିଁ। ଗତବର୍ଷଠାରୁ ଭାଜପା ମଣ୍ଡି ଜଗି ତଥ୍ୟ ପ୍ରମାଣ ଯୋଗାଡ଼ କରି ସରକାରଙ୍କୁ ପ୍ରଦାନ କରିଛି। ଚାଷୀଙ୍କୁ ଶୋଷଣ କରୁଥିବା ଅସାଧୁ ବ୍ୟକ୍ତିମାନଙ୍କ ବିରୋଧରେ ଯୋଗାଣ ବିଭାଗ କାହିଁକି କାର୍ଯ୍ୟାନୁଷ୍ଠାନ ନେଉନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି।

ଶିବାଜୀ କହିଛନ୍ତି ଯେ, ସମବାୟ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ନଭେମ୍ବର ୧୪ରୁ ରାଜ୍ୟର ସବୁ ମଣ୍ଡି ଖୋଲାଯିବା ନେଇ ଘୋଷଣା କରିଥିଲେ। ମାତ୍ର ମନ୍ତ୍ରୀଙ୍କ ଘୋଷଣା ଅନୁସାରେ ମଣ୍ଡି ଖୋଲା ନ ଯିବା କାରଣରୁ ନଭେମ୍ବର ୨୬ରେ ବଲାଙ୍ଗୀର ଜିଲାପାଳଙ୍କ ସହ କଥା ହେଲୁ। ଖୁବ୍‌ଶୀଘ୍ର ମଣ୍ଡି ଖୋଲାଯିବ ବୋଲି ସେ କହିଥିଲେ। ହେଲେ ନଭେମ୍ବର ୩୦ରେ ଆମେ ଗସ୍ତକରି ଦେଖିଲୁ ସେପର୍ଯ୍ୟନ୍ତ ମଣ୍ଡି ଖୋଲାଯାଇ ନାହିଁ। ସରକାର କେବଳ ଘୋଷଣା କରି ରହିଗଲେ। ପଶ୍ଚିମ ଓଡିଶାର ଚାଷୀମାନେ ☞ପୃଷ୍ଠା-୨


NATIONAL EGG CO-ORDINATION COMMITTEE 18.12.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 71 | 120 | 130 |
| CTC | 71 | 120 | 130 |
| DKL | 71 | 120 | 130 |
| BDK | 71 | 120 | 130 |
| BLS | 73 | 123 | 133 |
| ANG | 74 | 124 | 134 |

*Conditions Apply

Eggs Retail Price- 53/-Dozen
Issued in the Interest of Consumers




Hero MotoCorp Ltd. Regd. Office: 34, Community Centre, Basant Lok, Vasant Vihar, New Delhi- 110057, India. CIN: L35911DL1984PLC017354. For more information, contact the nearest Hero MotoCorp's authorised outlet or call Toll Free No: 1800-266-0018 or visit heromotocorp.com. Accessories and features shown may not be a part of standard fitment. Always wear a helmet while riding. *i3s Technology - Stops when scooter is idle, crank rotation up to 2000 RPM, irrespective of speed. Restarts with the press of the left brake lever.

Hero MILEAGE THODA EXTRA KILOMETERS PER LITRE

HeroMotoCorp.com | HeroMotoCorpIndia | HeroMotoCorpLimited | TheHeroMotoCorp | HeroMotoCorp

For Institutional and Bulk Sales please write to Kolkata@heromotocorp.com

ଅଥରାଇଜ୍ଡ ଡିଲର: ବ୍ରହ୍ମପୁର: ଲକ୍ଷ୍ମୀ ହୀରୋ - 7799766350. ଶ୍ରୀ କାଲେଶ୍ୱର ହୀରୋ - 7799766372. ଜୟପୁର: ସୁପ୍ରିମ ହୀରୋ - 7799766340. ଫୁଲବାଣୀ: ନାରାୟଣୀ ହୀରୋ - 7799766373. ରାୟଗଡ଼ା: ଅଜୀତ ହୀରୋ - 7799766358. ଅଥରାଇଜ୍ଡ ସର୍ଭିସ୍ ସେଣ୍ଟର: ଆସିକା: ଅଶୋକ ମୋଟର୍ସ - 273226. ପାରଳାଖେମୁଣ୍ଡି: ପ୍ରୀତମ ଏଣ୍ଟରପ୍ରାଇଜ - 224656. ମାଲକାନଗିରି: କନିଷ୍କ ଅଟୋମୋବାଇଲ୍ସ - 9437181980, 230514. ନବରଙ୍ଗପୁର: ଅରୁଣ ସେଲ୍ସ ଆଣ୍ଡ ସର୍ଭିସ - 223970. ସିମିଳିଗୁଡା: କେ.ପି.ଏଣ୍ଟରପ୍ରାଇଜ - 225222. ଦେବଗଡ଼ : ଜିନ୍ଦଲ ମୋଟର୍ସ : 9337774624.

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ: ......................................
ଜନ୍ମ ତାରିଖ: ......................................


ପ୍ରଭୁ ପରିବାରବର୍ଗ


ସିଦ୍ଧି ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ବାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ଉଦ୍ୟୋଗ ଭିତ୍ତିକ ଅଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପଠାଇବା ଆବଶ୍ୟକ।



## ଧରିତ୍ରୀ MATRIMONIAL

### BRIDE WANTED

Wanted bride (graduate, height 5'4" above) for a handsome Khandayat boy, Engineer 5'9", 33yrs. having house at Bhubaneswar. 9437907531, 9556567581. D-65247

Brahmin bride for 30/5'6" (22/10) commerce Graduate, only son, private Job, 15000/- pm, Father Govt. Servant. 9861390809. D-63886

Educated brahmin bride required for brahmin groom 33/5'7" BTech, MBA Manager Govt. bank. 8356953726. D-10041

Wanted Karana/ Khandayat working bride for a Electrical Engineer working in Bhubaneswar. M: 7574881171. D-10091

### GROOM WANTED

ବିଏ, ବିଇଡି ଓ କମ୍ପ୍ୟୁଟର ଯୋଗ୍ୟତା ଥିବା ବିଶ୍ୱକର୍ମା ଝିଅ ପାଇଁ ବର ଆବଶ୍ୟକ। ରାଶି-ତୁଳା, ଉଚ୍ଚତା-5'6" (Caste No Bar) Contact No: 9861470189. D-10052

Divorcee bride Engineer 29, Teacher 36, Railway 43 (caste-no-bar): 7873374269. D-65405

Wanted Brahmin groom for a beautiful Brahmin bride, 26 yrs, 5'5", Kumbha Rasi, M.Phil. 8917265475, 7978718226. D-10089

Alliance invited for a 5'4"/ 27 years fair and beautiful Odia Kshatriya (Khandayat) girl with B.Tech and MBA working in MNC at Bangalore. Father retired Senior Executive of a PSB. Contact: 9619485527, 9167149844. D-10040

Now Matrimonial ads. only on Wednesday & Sunday Book 1 Get 1 FREE



## classified

real estate

### SALE

Penguin homes Pvt. Ltd. land required for housing project in Bhubaneswar/ Cuttack. Contact: 9937254467, 7008107711. D-65236

Litigation free plots near Xavier University/ Birla School BDA Zone, Bhubaneswar. Sqft.-250/-, 160/-. 9937746907, 9337259012. D-64382

ଭୁବନେଶ୍ୱର AIIMS Hospital ନିକଟରେ 30' road, ଘରବାରି plot sale. 8480745797. D-64387

1575 sqft. single corner plot with boundary wall at Hitech Square, Rasulgarh- 22,05,000/- (Owner). 9938771877. D-64397

ଭୁବନେଶ୍ୱର GITA College ନିକଟରେ 1200 sqft. 3,99,000/-ରେ plot ମିଳୁଛି। 8280224744. D-64398

Residential gharabari boundary plot sale at Nakhara Trinath Bazar with registration/ possesion (Bank finance available). 9090419636. D-65302

ଉତ୍ତରାଛକଠାରୁ ୧୦ କିମି ଦୂରରେ ବିଲିପାଟଣା ଶିଶୁ ଅନନ୍ତ ମହାବିଦ୍ୟାଳୟ କାଛକୁ ଲାଗି ୫ ଗୁଣ୍ଠ ଘରବାରି ଜମି ବିକ୍ରିହେବ। 9937163844. D-64928

For sale Paradeep town 11000 sqft. gharabari plot with boundarywall in residential area. Contact M-9938219434. D-10054

ନଖରା ପଞ୍ଚବଟି main road ପାଖରେ immediate ଘରକରିବା ପାଇଁ ଘରବାରି boundary ପଟ୍ଟା ଥିବା plot (ପାଖରେ ଚାରିପଟ ଘର) ମିଳୁଛି। 9178031478. D-64665

ହଂସପାଳ 100' କେନାଲ ପିଚୁରାସ୍ତାକୁଲାଗି 9,75,000/ରେ ଘରବାରି, ଇଲେକ୍ଟ୍ରିସିଟି, ପାଚେରିଥାଇ ଜାଗା କିଣି ତୁରନ୍ତ ଘର କରନ୍ତୁ: 9437033320. D-65306

ଭୁବନେଶ୍ୱର ହଂସପାଳ ସୁଧାନନ୍ଦ କଲେଜ ଏବଂ Puri by-pass sideରେ ପ୍ଲଟ ମିଳୁଛି। 9437003399, 9668194157. D-65407

to-let

Three storied 7000 sqft. building with lift for office/ commercial purposes near Bhubaneswar Airport. 9958003695. D-58023

3BHK flat at Sundarapada with all facilities for rent. Mobile No: 8249761534. D-10099

### HEALTH CARE

Madam Monalisa massage club- 50% discount full body massage by hiprofile smart lady therapist. 9708545108. D-10073



### ପ୍ରଥମ ଜନ୍ମବାର୍ଷିକ ଶୁଭେଚ୍ଛା



(ପ୍ରଭୁ)
**ସାଇ ଶୁଭମ୍**
ବ୍ରାହ୍ମଣ ସାହି, ପଟିଆ

ଶୁଭ ଜନ୍ମଦିନ ଅବସରରେ ଆମ୍ଭେ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଅଛୁ କି ତୋର ଚଲାପଥ କୁସୁମିତ କରନ୍ତୁ। ଶୁଭେଚ୍ଛା ସହ: ଜେଜେମା, ବାବା, ମାମା, ଅଜା, ଆଇ, ମାମୁ, ମାଇଁ, ମଉସା, ମାଉସୀ, ପିଉସା, ପିଉସୀ, ଦୀପୁ ଏବଂ ଖୁସି। ଧ-୯୯୮୯

### ସପ୍ତମ ଜନ୍ମଦିନ ଶୁଭେଚ୍ଛା




(ସୋମ୍)
**ସତ୍ୟପ୍ରକାଶ ପାତ୍ର**
୪୨ ମଉଜା, କଟକ

ଆଜି ତୋର ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ମଙ୍ଗଳା ତୋତେ ନୀରୋଗ, ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ। ଶୁଭେଚ୍ଛା ସହ ବାପା, ବୋଉ, ମାମା, ପାପା, ଲିପୁ ପାପା, ଛୁଆପାପା, ମାନି ମାମା, ଅଜା ଓ ଆଇ। ଧ-୧୦୦୯୪


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
(ଏକାଦଶାହ ଉପଲକ୍ଷେ)



**✓ ଗଣେଶ୍ୱର ମହାପାତ୍ର**
ଆବିର୍ଭାବ : ୦୨.୦୯.୧୯୨୪
ତିରୋଧାନ : ୦୯.୧୨.୨୦୧୮

ଆପଣଙ୍କ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ତ୍ୟାଗ ଓ ଆଶୀର୍ବାଦ ଆମ୍ଭମାନଙ୍କର ପ୍ରେରଣାର ଉତ୍ସ ହୋଇ ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
-: ଶୋକସନ୍ତପ୍ତ :-
ଝିଅ-କମଳିନୀ, ଜ୍ୱାଇଁ-ଭରଦ୍ୱାଜ, ପୁତ୍ର-କୈଳାସ, ଉମେଶ, ସୁରେଶ, ଗିରିଶ, ସତୀଶ, ବୋହୂ-ଗୀତା, ମନି, ସିନ୍ଟୁ, ମାମୀ, ସୀମା, ନାତିନାତୁଣୀ, ବନ୍ଧୁ ଓ ପରିବାରବର୍ଗ
ଧ-୧୦୦୯୮

### ଏକାଦଶାହ ଉପଲକ୍ଷେ
### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ରାଜକିଶୋର ପ୍ରଧାନ**
ପୂର୍ବତନ ବିଧାୟକ, ଆଠମଲ୍ଲିକ
ପାଇକସାହି, ଅନୁଗୋଳ
ଆବିର୍ଭାବ: ୨୦।୦୧।୧୯୩୪
ତିରୋଧାନ: ୦୯।୧୨।୨୦୧୮

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତରନାଥ ଶ୍ରୀଜଗନ୍ନାଥ ଓ ମା' ମାହେଶ୍ୱରୀଙ୍କ ନିକଟରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ପୁଅ-ଦିଲିପ, ଅନିଲ, ଝିଅ-ଆରତୀ, ଭାରତୀ, ବୋହୂ- ସବିତା, ସୁରଭୀ, ପୁତୁରା- ବିବେକା, ସୁନୀଲ, ସୁଜିତ, ନାତି-ଗୁଡୁ, ଭିକି, ନିକି, ପପୁଲ, ବବୁଲ, ନାତୁଣୀ-ମାମାଲି, ଜୁବୁଲି, ମାମୁଲ, ରିମାମ, ନାତୁଣୀବୋହୂ-ଟୁଇଙ୍କିଲ ବଡୁ ଶ୍ରୀକିତି ଓ ପାଇକସାହି ଗ୍ରାମବାସୀ। ଧ-୧୦୦୯୫

### ଷଷ୍ଠ ଶ୍ରାଦ୍ଧବାର୍ଷିକୀ
### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ବସନ୍ତ ମଞ୍ଜରୀ ମହାନ୍ତି**
ଶୈଳଶ୍ରୀ ବିହାର, ଭୁବନେଶ୍ୱର-୨୧
ମାର୍ଗଶିର ମାସ
ତିରୋଧାନ: ୧୩।୧୨।୨୦୧୩
(ଏକାଦଶୀ)

ଆଜି ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଆମର ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ। ଧ-୧୦୦୭୦


## ନିରୁଦ୍ଦିଷ୍ଟ



ଛତିଶଗଡ଼ ରାଜ୍ୟ ବାଗବାହାରା ଥାନା ଅନ୍ତର୍ଗତ ସାକିନ ୱାର୍ଡ ନଂ-୩ର **ଲଖନଲାଲ ଦେୱାଙ୍ଗନ** (୭୫), ପି- ଲୋକନାଥ ଦେୱାଙ୍ଗନ, ଉଚ୍ଚତା- ୫ଫୁଟ ୩ଇଞ୍ଚ, ଭାଷା- ହିନ୍ଦୀ ଘରୁ କିଛି ନ କହି କୁଆଡେ ଚାଲିଯାଇଛନ୍ତି। ଯିବାବେଳେ ସଫାରି ଗାମୁଛା ଧରିଥିଲେ। କୌଣସି ସହୃଦୟ ବ୍ୟକ୍ତି ଜାଣିଲେ ତୁରନ୍ତ ଲିଖିତ ମୋ. ନମ୍ବର- ୯୯୨୬୬୦୨୨୦୬ କିମ୍ବା ପୁଲିସ କଣ୍ଟ୍ରୋଲ ରୁମ ମହାସମୁନ୍ଦ- ୦୭୭୨୩-୨୨୩୧୫୫ରେ ଜଣାଇବାକୁ ଅନୁରୋଧ। ଧ-୧୦୧୦୩

### କିଛି ତଥ୍ୟ

୨୦୧୭-୧୮ ଆର୍ଥିକ ବର୍ଷରେ ରିଜିଅନାଲ କମ୍ପ୍ରିହେନସିଭ ଇକୋନୋମିକ ପାର୍ଟନର (ଆର୍‌ସିଇପି) ସଦସ୍ୟ ରାଷ୍ଟ୍ରଗୁଡ଼ିକ ସହ ଭାରତର ବାଣିଜ୍ୟ ନିୟଣ୍ଟ ୧୦୫ ବିଲିୟନ ଡଲାର ରହିଛି। **-ବାଣିଜ୍ୟ ମନ୍ତ୍ରଣାଳୟ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭଲ ବେଳେ ନ ମାଡୁ ପାଖ**
**ଅସମୟ ହେଲେ ନାନୀ କି ଡାକ ।**

ବ୍ୟକ୍ତି ଯେତେବେଳେ ସୁଖ ସ୍ୱାଚ୍ଛନ୍ଦ୍ୟରେ ଚଳୁଥାଏ ସେତେବେଳେ ସେ ଚିନ୍ତାଶୂନ୍ୟ ହୋଇପଡ଼ିଥାଏ। ମନ ଆକାଶରେ ଉଡ଼ି ବୁଲିବା ସହ କାହାରିକୁ ପାଖ ମଡ଼ାଇ ଦେଇ ନ ଥାଏ। କିନ୍ତୁ ଯେତେବେଳେ ବିପଦର ସମ୍ମୁଖୀନ ହୁଏ, ସେତେବେଳେ ତା' ମନ ଘର ଧରିବା ସହ ବ୍ୟଥିତ ହୋଇ ପଡ଼ିଥାଏ। ଏପରିସ୍ଥଳେ ସେ ନିଜ ଆତ୍ମୀୟର ସହାୟତା ଲୋଡ଼ିବା ଛଡ଼ା ଆଉ କିଛି ଚାରା ପାଇ ନ ଥାଏ। ସୁଖ ବେଳେ ସୁଖ ଭୋଗୀ ବିପଦ ବେଳକୁ ନିଜ ଆତ୍ମୀୟର କଥା ମନେପଡ଼ିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଭାଗ୍ୟକୁ ଘଟେ**
**ଗଣ୍ଡି ସୁନା ପିତ୍ତଳ ପାଲଟେ ।**

ଭାଗ୍ୟ ଯେତେବେଳେ ବାମ ହୁଏ, ସେତେବେଳେ ମଣିଷ କିଂକର୍ତ୍ତବ୍ୟବିମୂଢ଼ ହୋଇଯାଏ। ଭାଗ୍ୟ ସାଥ୍ ନ ଦେଲେ ମଣିଷ ହତାଶ ହୋଇଯିବା ସାର ହୋଇଥାଏ। ସେହିପରି ଭାଗ୍ୟର ବିପର୍ଯ୍ୟୟ ଘଟିଲେ ହାତରେ ଥିବା ସୁନା ମଧ୍ୟ ମାଟି ପାଲଟି ଯାଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ପ୍ରଥମ ପୃଷ୍ଠାରୁ...

## ଏମ୍‌ଏସ୍‌ପି ୧୭୫୦, ଚାଷୀ...

ସେପ୍ଟେମ୍ବର ପ୍ରଥମ ସପ୍ତାହରୁ ଧାନ ଅମଳ କରିଥାଆନ୍ତି। ଅମଳ ପରେ ଚାଷୀମାନେ ବେଶି ଦିନ ପର୍ଯ୍ୟନ୍ତ ଧାନ ରଖିପାରିବେ ନାହିଁ। ତେଣୁ ମଣ୍ଡି ଖୋଲା ନ ଯିବା କାରଣରୁ ଚାଷୀମାନେ ନିଜ ଖର୍ଚ୍ଚ ପାଇଁ ବାଧ ହୋଇ ଦଲାଲମାନଙ୍କ ମାଧ୍ୟମରେ ୧୧୦୦ରୁ ୧୨୦୦ଟଙ୍କାରେ ଧାନ ବିକ୍ରି କରୁଛନ୍ତି। ଅନ୍ୟପଟେ କେନ୍ଦ୍ର ସରକାର ମଣ୍ଡି ଖୋଲାଯିବା ଏବଂ ଏମ୍‌ଏସ୍‌ପି ସମ୍ପର୍କରେ ପ୍ରଚାର କରି ଚାଷୀଙ୍କୁ ସଚେତନ କରିବାକୁ ହଜାର ହଜାର କୋଟି ରାଜ୍ୟ ସରକାରଙ୍କୁ ପ୍ରଦାନ କରୁଛନ୍ତି। ରାଜ୍ୟ ସରକାର ଚାଷୀଙ୍କ ଅର୍ଥ ଯେପରି ବାଟମାରଣା ନ ହେବ ତା'ଉପରେ ଧ୍ୟାନ ଦିଆଯାଉଛି ବୋଲି କହୁଛନ୍ତି। ମାତ୍ର ତାହା କେବଳ ସରକାରଙ୍କ ବାକ୍ୟବାଣ। ନିକଟରେ ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ମହିମୁଣ୍ଡା ସୋସାଇଟିରେ ଚାଷୀଙ୍କୁ ୭ କିଲୋ ଲେଖାଏ ଧାନ ଛାଡ଼ କରିବାକୁ ବାଧ କରାଗଲା। ଏନେଇ ସମସ୍ୟା ଉପୁଜିବାରୁ ଜିଲାପାଳ ଘଟଣାରେ ହସ୍ତକ୍ଷେପ କଲେ। ମାତ୍ର କୌଣସି ଫଳ ମିଳିଲା ନାହିଁ। ସୋସାଇଟି ନିଜ ଜିଦ୍‌ରେ ଅଟଳ ରହିବା ହେତୁ ଚାଷୀମାନେ ବାଧ ହୋଇ ୭ କିଲୋ ଲେଖାଏ ଧାନ କାଟି ବିକ୍ରି କଲେ। ଏହିଭଳି ବହୁ ଚାଷୀଙ୍କୁ ଆମେ ଭେଟି କେତେ ଟଙ୍କାରେ ଧାନ ବିକ୍ରି କରୁଛନ୍ତି ବୋଲି ପଚାରିଛୁ। ସେମାନେ ଏହିସବୁ ତଥ୍ୟ ରଖିଛନ୍ତି ବୋଲି ଶିବାଜୀ କହିଛନ୍ତି।

ଏହି ଅବସରରେ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା କହିଛନ୍ତି ଯେ, ରାଜ୍ୟ ସରକାର ବିଭିନ୍ନ ପ୍ରକାର କୃଷକମାରଣ ନୀତି ଦ୍ୱାରା ଚାଷୀ ସମାଜକୁ ଶୋଷଣ କରିଚାଲିଛନ୍ତି। ଆଜି ଆମେ ସ୍ପଷ୍ଟ କରୁଛୁ, ଯଦି ୨୦୧୯ ନିର୍ବାଚନରେ ରାଜ୍ୟବାସୀଙ୍କ ଆଶୀର୍ବାଦ ପାଇ ଭାଜପା ସରକାରକୁ ଆସିବ, ତେବେ ନିଶ୍ଚିତଭାବେ କୃଷିଋଣ ଛାଡ଼ କରିବ। ସେନେଇ ନିଷ୍ପତ୍ତି ନିଆଯାଇ ସାରିଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଲୋକମାନଙ୍କ ସମ୍ମୁଖରେ ପୂର୍ବରୁ ଏ ସମ୍ପର୍କରେ କହିସାରିଛନ୍ତି। ଏହାସହ ସରକାରକୁ ଆସିଲେ ଚାଷୀଙ୍କୁ ସୁଧମୁକ୍ତ ଋଣ ମଧ୍ୟ ଯୋଗାଇ ଦେବୁ ବୋଲି ବସନ୍ତ ଘୋଷଣା କରିଛନ୍ତି। ବିଧାନସଭା ଚାଲୁ ନ ଥିବାରୁ ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଆସନ୍ତା ୮ତାରିଖରେ ସଚିବାଳୟ ଘେରାଉ କରାଯିବ। ଯଦି ସଚିବାଳୟରେ ଆମ ଦାବିକୁ ଗ୍ରହଣ କରା ନ ଯାଏ, ତେବେ ନବୀନ ନିବାସ ଘେରାଉ କରିବୁ ବୋଲି ସେ କହିଛନ୍ତି। ବୁଧବାରଠାରୁ ଆସନ୍ତା ୭ତାରିଖ ପର୍ଯ୍ୟନ୍ତ କୃଷକ ମୋର୍ଚ୍ଚା ପକ୍ଷରୁ ସମଗ୍ର ରାଜ୍ୟରେ ମଣ୍ଡିଚାଲ ଅଭିଯାନ କରାଯିବ। ୨୦୧୫ ନଭେମ୍ବର ୧୯ରେ ଯେତେବେଳେ ସୋହେଲାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିରାଟ ଚାଷୀ ସମାବେଶ କରିଥିଲେ, ସେତେବେଳେ ଚାଷୀମାନେ ମରୁଡ଼ିର ସମ୍ମୁଖୀନ ହୋଇଥିଲେ। ସେଠାରେ ମୁଖ୍ୟମନ୍ତ୍ରୀ ଚାଷୀଙ୍କୁ ଏମ୍‌ଏସ୍‌ପି ଉପରେ ୧୦୦ଟଙ୍କାର ବୋନସ୍ ଦେବାକୁ ଘୋଷଣା କରିଥିଲେ। ମାତ୍ର ଅଦ୍ୟାବଧି ରାଜ୍ୟ ସରକାର ତାହା ପ୍ରଦାନ କରିନାହାନ୍ତି ବୋଲି ସେ କହିଛନ୍ତି।

ବିଜେଡି ମୁଖପାତ୍ର ପ୍ରତାପ ଦେବ କହିଛନ୍ତି ଯେ, ବସନ୍ତ ପଣ୍ଡାଙ୍କ ବକ୍ତବ୍ୟ ଏକ ନୂଆ ମିଛ। ଯେପରି ୨୦୧୪ରେ ସରକାରକୁ ଆସିଲେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ, ସେହିପରି ଚାଷୀଙ୍କୁ ଋଣ ଛାଡ଼ କରିବା କଥା କହିବା ଆଉ ଏକ ଧୋକା। ଧାନର ଏମ୍‌ଏସ୍‌ପିକୁ ଦେଢ଼ଗୁଣା କଲେ ନାହିଁ। ସ୍ୱାମୀନାଥନ ରିପୋର୍ଟକୁ କାର୍ଯ୍ୟକାରୀ କଲେନାହିଁ। ଏଥିରୁ ଭାଜପାର ଚାଷୀ ଓ ରାଜ୍ୟ ବିରୋଧୀ ମନୋଭାବ ସ୍ପଷ୍ଟ ବାରି ହୋଇପଡୁଛି ବୋଲି ପ୍ରତାପ କହିଛନ୍ତି।

## ପେଥାଇ: ଭାସିଲା ...

କମିଶନର (ଏସଆରସି)ବିଷ୍ଣୁପଦ ସେଠୀ କହିଛନ୍ତି, ପୁରୀ, ଯାଜପୁର, ବାଲେଶ୍ୱର, କେନ୍ଦ୍ରାପଡ଼ା, ଭଦ୍ରକ ଏବଂ ଜଗତସିଂହପୁର ଜିଲା ବ୍ୟତୀତ ଅନ୍ୟ ଜିଲାଗୁଡ଼ିକରେ ପ୍ରବଳ ବର୍ଷା ହୋଇଥିବା ରିପୋର୍ଟ ମିଳିଛି। ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର କେତେକ ଜିଲାରେ ଧାନ ଫସଲ ନଷ୍ଟ ହୋଇଥିବା ରିପୋର୍ଟ ଆସିଛି। ପେଥାଇ ଯୋଗୁ ରାଜ୍ୟରେ ବର୍ଷା ହେବାର ସମ୍ଭାବନା ଥିବାରୁ ଚାଷୀମାନଙ୍କୁ ଧାନ ବିଲରୁ ନେଇଯିବାକୁ ଆଗୁଆ ପରାମର୍ଶ ଦିଆଯାଇଥିଲା। ତେବେ କେତେକ ସ୍ଥାନରେ ଧାନ ବିଲରେ ପଡ଼ି ରହିଛି। କେଉଁଠି କେତେ କ୍ଷତି ହୋଇଛି ସେ ନେଇ ରିପୋର୍ଟ ଦେବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ମିଳିବା ପରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି(ଏସ୍‌ଡିଆର୍‌ଏଫ୍)ରୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ଯେଉଁମାନେ ଶସ୍ୟବୀମା କରିଛନ୍ତି ସେମାନଙ୍କୁ କ୍ଷତିପୂରଣ ମିଳିବ ବୋଲି ଏସଆରସି କହିଛନ୍ତି।

ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ଼ 'ପେଥାଇ' ମଙ୍ଗଳବାର ଦୁର୍ବଳ ହୋଇଯାଇଛି। ଏହାର ପ୍ରଭାବରେ ରାଜ୍ୟରେ ବର୍ଷା ସାଙ୍ଗକୁ କୋହଲିଆ ପାଗ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି। ଗତ ତିନି ଦିନ ହୋଇଥିବା ବର୍ଷାରେ ୧୭ ଜିଲାର ୧୦୦ ବ୍ଲକ ପ୍ରଭାବିତ ହୋଇଛି। ଏହି ସବୁ ବ୍ଲକରେ ୫୦ରୁ ୧୦୦ମିଲିମିଟର ବର୍ଷା ହୋଇଛି। ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ସୁନ୍ଦରଗଡ଼, ବରଗଡ଼, ଝାରସୁଗୁଡ଼ା, ଗଜପତି, ବଲାଙ୍ଗୀର, କେନ୍ଦୁଝର, ସମ୍ବଲପୁର, କନ୍ଧମାଳ, କୋରାପୁଟ, ସୁବର୍ଣ୍ଣପୁର, ଦେବଗଡ଼, କଳାହାଣ୍ଡି, ନୂଆପଡ଼ା, ବୌଦ୍ଧ, ମୟୂରଭଞ୍ଜ, ରାୟଗଡ଼ା ଏବଂ ଅନୁଗୋଳ ଜିଲାରେ ପ୍ରବଳ ବର୍ଷା ହେଇଛି। ସୁନ୍ଦରଗଡ଼ ଜିଲାର ଗୁରୁଣ୍ଡିଆ ବ୍ଲକରେ ସର୍ବାଧିକ ୯୭ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବାବେଳେ ଝାରସୁଗୁଡ଼ା ଜିଲାର କିରମିରା ବ୍ଲକରେ ୯୬, ଗଜପତି ଜିଲାର କେସିଙ୍ଗାରେ ୯୫, ବଲାଙ୍ଗୀର ବ୍ଲକରେ ୯୨.୪, କେନ୍ଦୁଝରର ଚମ୍ପୁଆରେ ୮୮.୬, ଗଜପତି ଜିଲାର ନୂଆଗଡ଼ରେ ୮୬.୨, ସମ୍ବଲପୁରର ବାମରାରେ ୮୬, କନ୍ଧମାଳର ଜି. ଉଦୟଗିରିରେ ୮୧, କୋରାପୁଟର ପଟାଙ୍ଗୀ ୭୯.୨, ଦେବଗଡ଼ର ରିଆମାଳରେ ୮୧, ସୁବର୍ଣ୍ଣପୁରର ବିନିକାରେ ୭୮.୮, କଳାହାଣ୍ଡିର ଲାଞ୍ଜିଗଡ଼ରେ ୬୪.୬, ନୂଆପଡ଼ାରେ ୬୩, ମୟୂରଭଞ୍ଜର ତିରିଙ୍ଗିରେ ୬୦.୪, ରାୟଗଡ଼ାର ଗୁଣୁପୁର ବ୍ଲକରେ ୫୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

## ତେଜିଲା ଋଣଛାଡ଼...

୨,୫୦୦ ଟଙ୍କାକୁ ବୃଦ୍ଧି କରିବା ପାଇଁ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ ପ୍ରଥମ କ୍ୟାବିନେଟ ବୈଠକରେ ନିଷ୍ପତ୍ତି ନେଇଛନ୍ତି। ଅନୁରୂପ ଭାବେ କ୍ୟାବିନେଟ ଗଠନର ୧୦ ଦିନ ଭିତରେ ରାଜସ୍ଥାନରେ ମଧ୍ୟ କୃଷିଋଣ ଛାଡ଼ କରି ନିର୍ବାଚନୀ ପ୍ରତିଶ୍ରୁତିକୁ ରକ୍ଷିବେ ବୋଲି ଗେହଲଟ ଏକ ସାକ୍ଷାତ୍‌କାରରେ କହିଛନ୍ତି। ଅନ୍ୟପକ୍ଷରେ ଚାଷୀ ଭୋଟ ହାତଛଡ଼ା ହେଉଥିବା ଦେଖି ଭାଜପା ରଣନୀତି ବଦଳାଇବା ଆରମ୍ଭ କରିଛି। ଭାଜପା ଶାସିତ ଆସାମ ଓ ଗୁଜରାଟ ସମେତ ଅନ୍ୟ କେତେକ ରାଜ୍ୟର ମୁଖ୍ୟମନ୍ତ୍ରୀ ମଧ୍ୟ ଅନୁରୂପ ଫର୍ମୁଲା ଆପଣେଇବା ଆରମ୍ଭ କରିଛନ୍ତି। ଆସାମର ସର୍ବାନନ୍ଦ ସୋନୋୱାଲ ସରକାର ଖୁବ୍‌ଶୀଘ୍ର ରାଜ୍ୟରେ ୬୦୦ କୋଟି ଟଙ୍କାର କୃଷିଋଣ ଛାଡ଼ କରିବାକୁ ଯାଉଛନ୍ତି। ଏହାଦ୍ୱାରା ୮ ଲକ୍ଷ ଚାଷୀ (ଜଣ ପିଛା ୨୫,୦୦୦ ଟଙ୍କା) ଉପକୃତ ହେବେ। ସେହିପରି ଗୁଜରାଟ ମୁଖ୍ୟମନ୍ତ୍ରୀ ବିଜୟ ରୁପାନୀଙ୍କ ନେତୃତ୍ୱାଧୀନ ଭାଜପା ସରକାର ଗ୍ରାମାଞ୍ଚଳରେ ଚାଷୀଙ୍କ ୬୫୦ କୋଟି ଟଙ୍କାର ବିଦ୍ୟୁତ୍ ବିଲ୍ ଛାଡ଼ କରିବାକୁ ମଙ୍ଗଳବାର ଘୋଷଣା କରିଛନ୍ତି। ଏହି ପରିପ୍ରେକ୍ଷୀରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚାଷୀଙ୍କ ଦୁର୍ଦ୍ଦଶାକୁ ନେଇ ଚୁପ୍‌ଚାପ୍ ନୁହନ୍ତି, ବରଂ ତାଙ୍କର ଧନୀ ବ୍ୟବସାୟୀ ବନ୍ଧୁଙ୍କ ପାଇଁ ଚିନ୍ତିତ ବୋଲି ରାହୁଲ ସମାଲୋଚନା କରିଛନ୍ତି। ପାର୍ଲାମେଣ୍ଟ ପରିସରରେ ରାହୁଲ କହିଛନ୍ତି, ମୋଦି ସରକାର ବିଗତ ୪ ବର୍ଷରେ ଚାଷୀଙ୍କ ପାଇଁ ଟଙ୍କାଏ ମଧ୍ୟ କୃଷିଋଣ ଛାଡ଼ କରିନାହାନ୍ତି। ସାରା ଦେଶର ଚାଷୀଙ୍କ କୃଷିଋଣ ଛାଡ଼ ନ କରିବା ଯାଏ କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳଗୁଡ଼ିକ ପ୍ରଧାନମନ୍ତ୍ରୀଙ୍କୁ ଶୋଇବାକୁ ଦେବେ ନାହିଁ। ରାହୁଲଙ୍କ ଏହି ଚେତାବନୀ ଲୋକ ସଭା ନିର୍ବାଚନ ପୂର୍ବରୁ କେନ୍ଦ୍ର ଓ ଭାଜପା ଶାସିତ ରାଜ୍ୟ ସରକାରଗୁଡ଼ିକ ଉପରେ ଚାପସୃଷ୍ଟି କରିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
କର୍ମକ୍ଷେତ୍ରରେ ସହକର୍ମୀମାନଙ୍କୁ ସୁପରାମର୍ଶ ଓ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଦୀର୍ଘ ସମୟ ଧରି ଅପେକ୍ଷା ବନ୍ଧୁଙ୍କୁ ଭେଟିପାରନ୍ତି। ସାଧାରଣ କଥାକୁ ନେଇ ପାରିବାରିକ ଅସହଯୋଗରୁ ଶେଷ ପର୍ଯ୍ୟାୟରେ କାମଗୁଡ଼ିକ ଅଧାରେ ଅଟକିଯିବ। ପାରିବାରିକ ଚାପ ଦୃଷ୍ଟିରୁ ମାନସିକ ସ୍ତରରେ କଷ୍ଟ ସ୍ୱୀକାର କରିବେ।

**ବୃଷ**
ଆଜି ଆପଣଙ୍କର ମାନସିକ ସ୍ୱାସ୍ଥ୍ୟ କେତେକାଂଶରେ ଭଲ ରହି ନ ପାରେ। ଅଭାବ ନ ଥିଲେ ମଧ୍ୟ ଆକସ୍ମିକ ଆବଶ୍ୟକତା ପୂରଣ କ୍ଷେତ୍ରରେ ଅସୁବିଧା ମନେ କରିବେ। କର୍ମକ୍ଷେତ୍ରରେ ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣରେ ପଡ଼ିପାରନ୍ତି। ପଡ଼ୋଶୀଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି।

**ମିଥୁନ**
ବନ୍ଧୁମାନଙ୍କ ସାହାଯ୍ୟରେ ଭାଙ୍ଗି ପଡ଼ିଥିବା ସ୍ୱାସ୍ଥ୍ୟରେ ଉନ୍ନତି ଘଟିପାରେ। ସହକର୍ମୀଙ୍କ କାର୍ଯ୍ୟାବଳୀ ଓ ଅଫିସ୍‌ର ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ବନ୍ଧୁଙ୍କ ପ୍ରତିଶ୍ରୁତି ଦେଇ ଶେଷରେ ନାସ୍ତିବାଣୀ ଶୁଣାଇବେ। କର୍ମକ୍ଷେତ୍ରରେ ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପଡ଼ିବ।

**କର୍କଟ**
ଭାବପ୍ରବଣତାବଶତଃ ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ମରିଚିକା ପଛରେ ଦୌଡ଼ି ପରିଶେଷରେ ଅନୁତାପ କରିପାରନ୍ତି। ବନ୍ଧୁଗହଣରେ ବାକ୍‌ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବିଭିନ୍ନ ପ୍ରକାରର ଆଶା ଓ ଆଶଙ୍କାରେ ବ୍ୟବସାୟକୁ ସଙ୍କୁଚିତ କରିନେଇ ପାରନ୍ତି। ଶିଳ୍ପ, ରପ୍ତାନି ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**ସିଂହ**
ନିକଟ ଅତୀତରେ ସୃଷ୍ଟି ହୋଇଥିବା ପରିସ୍ଥିତିକୁ ସମ୍ଭାଳି ନେବା ପାଇଁ ପଡ଼ୋଶୀଙ୍କ ସାହାଯ୍ୟ ଆବଶ୍ୟ ମନେ କରିବେ। କର୍ମକ୍ଷେତ୍ରରେ ଅଯଥା ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ପରିବାରର ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟା କାରଣରୁ ବ୍ୟସ୍ତ ରହିପାରନ୍ତି।

**କନ୍ୟା**
ପାରିବାରିକ ସ୍ତରରେ ବନ୍ଧୁଙ୍କ ବ୍ୟବହାରରେ ଅସନ୍ତୁଷ୍ଟ ହୋଇ ଆଲୋଚନା କାଳରେ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖା ଦେଇପାରେ। କର୍ମକ୍ଷେତ୍ରରେ ଶେଷ ସମୟରେ ସୁଯୋଗ ହରାଇବା ସକାଶେ ବ୍ୟଥିତ ହୋଇପାରନ୍ତି। ଅପରାହ୍ନରେ ପୁରାତନ ରୋଗର ପୀଡ଼ା ଅନୁଭବ କରି ପାରନ୍ତି। ସାହିତ୍ୟ,କଳା, କ୍ଷେତ୍ରରୁ ପ୍ରଶଂସିତ ହେବେ।

**ତୁଳା**
ଆନୁଷ୍ଠାନିକ କାମରେ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ସାମାଜିକ ସ୍ତରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ପ୍ରତ୍ୟେକ କ୍ଷେତ୍ରରେ ଜିଦ୍‌ଖୋର ତ୍ୟାଗ କଲେ କେତେକାଂଶରେ ଉପକୃତ ହୋଇପାରନ୍ତି। ପ୍ରତ୍ୟୁଷ ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରାରେ ବିଳମ୍ବ ଘଟିପାରେ।

**ବିଛା**
ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ। ସଭାସମିତିରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇପାରିବ। ପାରିବାରିକ ସମସ୍ୟାର ସରଳ ସମାଧାନ କରିବାରେ ପଡ଼ୋଶୀଙ୍କ ଅବଦାନ ସ୍ମରଣୀୟ ରହିବ। ଗତକାଲିଠାରୁ ଭାବୁଥିବା କାମଟିକୁ ଆଜି ହିଁ ଶେଷ କରନ୍ତୁ।


**ଧନୁ**
ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବା ସହ ପ୍ରିୟଜନଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତିତ ହେବାକୁ ପଡ଼ିବ। ଘରେ ଭୁଲ୍ ବୁଝାମଣା ହେତୁ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖା ଦେଇପାରେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ। ବିବାଦୀୟ ପରିସ୍ଥିତିରେ ଘଟଣାର ଗୁରୁତ୍ୱ ନ ବୁଝି ଅଯଥା କ୍ରୋଧ ପ୍ରକାଶ କରିପାରନ୍ତି।

**ମକର**
ବନ୍ଧୁଙ୍କ ଆନ୍ତରିକତାର ପରାମର୍ଶକୁ ନିର୍ବିବାଦରେ ଗହଣ କରିନେଲେ ବିଭିନ୍ନ ଦିଗରୁ ଉପକୃତ ହୋଇପାରିବେ। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ସାହାଯ୍ୟ ଲାଭକରି ସ୍ଥଗିତ କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ନୀରବଦ୍ରଷ୍ଟା ଭଳି କାମ କରି ସମସ୍ୟା ସମାଧାନ କରିପାରିବେ।

**କୁମ୍ଭ**
ସରଳ ଭାବରେ କୌଣସି କଥାକୁ ଗ୍ରହଣ ନ କରି ପରୀକ୍ଷା କରି କାମରେ ଲଗାଇଲେ ଉପକୃତ ହୋଇପାରିବେ। ଅଫିସରେ ବାଦବିବାଦ କ୍ରମେ ଜଟିଳ ହେବ କିନ୍ତୁ ଆପଣ ଅବଶ୍ୟ ସଫଳତା ହାସଲ କରିବେ। ଜମିଜମା ବ୍ୟବସାୟରେ ଉନ୍ନତି କରିବା ସହ ନିକଟ ସମ୍ପର୍କୀୟଙ୍କ ସହ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହେବ।

**ମୀନ**
ଆଜିର ଯାତ୍ରାରେ ଲକ୍ଷ୍ୟ ପୂରଣ ହେବାରେ ଜଣେ ଅଜଣାବନ୍ଧୁଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। କୌଣସି କ୍ଷେତ୍ରରେ ଆଜି ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ଅସମର୍ଥିତ ସୂତ୍ରରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ପାରିବାରିକ ଅଶାନ୍ତି ଦେଖାଦେଇପାରେ।

ଆଜି ମାର୍ଗଶିର ଶୁକ୍ଳପକ୍ଷର ସର୍ବସମ୍ମତ ମୋକ୍ଷଦା ଏକାଦଶୀ ବୁଧବାର, ଡିସେମ୍ବର ୧୯ ତାରିଖ, ରାଶିନକ୍ଷତ୍ର-ଦ୍ୱିଜା/ମେଷ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ଦଶମୀର ପାର୍ବଣ ଶ୍ରାଦ୍ଧ, ମେଷ ରାଶିର ଘାତଚନ୍ଦ୍ର, କର୍କଟ ରାଶିର ଘାତବାର, ସକାଳ ଘ୬।୪୦ମି. ଗତେ ଘ୯।୦୦ମି. ମଧ୍ୟେ, ଘ୨।୨୫ମି. ଗତେ ଘ୩।୪୫ମି. ମଧ୍ୟେ ଅମୃତବେଳା। ସକାଳ ଘ୭।୪୦ମି. ମଧ୍ୟେ ଘ୧୦।୨୨ମି. ଗତେ, ଘ୧୧।୪୨ମି. ମଧ୍ୟେ ଘ୩।୪୫ମି. ଗତେ, ଘ୫।୦୬ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୧।୪୪ମି. ଗତେ ଘ୧।୦୫ମି. ମଧ୍ୟେ ରାହୁ କାଳ।




# ଓଡ଼ିଶାରେ ୯୨ ନୂତନ ଏକଲବ୍ୟ ବିଦ୍ୟାଳୟ ପ୍ରତିଷ୍ଠା ହେବ: ଜୁଏଲ

**ସୁନ୍ଦରଗଡ଼,୧୮।୧୨(ଡି.ଏନ୍.ଏ.):** ଏକଲବ୍ୟ ଆବାସିକ ବିଦ୍ୟାଳୟଗୁଡ଼ିକୁ କେନ୍ଦ୍ର ସରକାର ପୁନର୍ଗଠନ କରିଛନ୍ତି। ଏହା ଦ୍ୱାରା ନବୋଦୟ ବିଦ୍ୟାଳୟ ଢାଞ୍ଚାରେ ସର୍ବଭାରତୀୟସ୍ତରରେ ଏକ ସ୍ୱତନ୍ତ୍ର ସୋସାଇଟି ଗଠନ କରାଯାଇ ଅଧ୍ୟୟନ କରୁଥିବା ଆଦିବାସୀ ଛାତ୍ରୀ, ଛାତ୍ରମାନଙ୍କୁ ଉଚ୍ଚମାନର ଶିକ୍ଷା ସାଙ୍ଗକୁ ଆବାସିକ ସୁବିଧା ପ୍ରଦାନ କରାଯିବ ବୋଲି କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ପ୍ରକାଶ କରିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ କେନ୍ଦ୍ରମନ୍ତ୍ରୀ ଓରାମ ସୁନ୍ଦରଗଡ଼ ସର୍କିଟ ହାଉସରେ ଆହୂତ ଖବରଦାତା ସମ୍ମିଳନୀରେ କହିଛନ୍ତି, ଓଡ଼ିଶାରେ ୯୨ଟି ନୂତନ ଏକଲବ୍ୟ ବିଦ୍ୟାଳୟ ପ୍ରତିଷ୍ଠା ହେବ। ବର୍ତ୍ତମାନ ରାଜ୍ୟରେ ୧୯ଟି ଏକଲବ୍ୟ ବିଦ୍ୟାଳୟ ଚାଲୁଥିବା ବେଳେ ୮ଟି ନିର୍ମାଣଧୀନ ଅବସ୍ଥାରେ ଅଛି। ସୋମବାର କେନ୍ଦ୍ର ସରକାରଙ୍କ କ୍ୟାବିନେଟ ଅର୍ଥ କମିଟି ଏହି ନୂଆ ବିଦ୍ୟାଳୟ ଖୋଲିବା ପାଇଁ ମଞ୍ଜୁର କରିଥିବାରୁ ମନ୍ତ୍ରୀ ଓରାମ ଭାରତ ସରକାର ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଠାରେ କୃତଜ୍ଞତା ଜଣାଇଛନ୍ତି। ଏହି ବିଦ୍ୟାଳୟଗୁଡ଼ିକରେ ଷଷ୍ଠରୁ ୧୨ ଶ୍ରେଣୀ ପର୍ଯ୍ୟନ୍ତ ପୂର୍ବବତ୍ ସିବିଏସ୍ଇ ଢାଞ୍ଚାରେ ଶିକ୍ଷା ଦିଆଯିବ। ଏଥିସହିତ ଉଭୟ ବାଳିକା, ବାଳକଙ୍କ ସକାଶେ ସ୍ୱତନ୍ତ୍ର ହଷ୍ଟେଲ ସୁବିଧା ଦିଆଯିବ। ୩୨୦ ଲେଖାଏଁ ଶଯ୍ୟାବିଶିଷ୍ଟ ଛାତ୍ରାବାସ ନିର୍ମାଣ ହେବ। ୨୦କୋଟିରୁ ଆରମ୍ଭ କରି ସ୍ଥଳବିଶେଷରେ ୨୪ରୁ ୨୫ କୋଟି ଲେଖାଏଁ ଅନୁଦାନ ଛାତ୍ରାବାସ ନିର୍ମାଣ ପାଇଁ ପ୍ରଦାନ କରାଯିବ। ପ୍ରତ୍ୟେକ ଆଦିବାସୀ ଛାତ୍ରୀଛାତ୍ରଙ୍କ ପିଛା ପାଠପଢ଼ା ପାଇଁ ପ୍ରତିବର୍ଷ ୧ଲକ୍ଷ ୯ହଜାର ଟଙ୍କା ଲେଖାଏଁ ଖର୍ଚ୍ଚ କରିବା ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି।




## ଏଏସ୍ଆଇ ଡିଜିଙ୍କ ସତ୍ୟପାଠ ଦାଖଲ

# ସୂର୍ଯ୍ୟମନ୍ଦିର ପ୍ରତି ସାମାନ୍ୟତମ ବିପଦ ନାହିଁ

**କଟକ ଅଫିସ, ୧୮।୧୨:** ସୂର୍ଯ୍ୟମନ୍ଦିର ମରାମତି ଓ ରକ୍ଷଣାବେକ୍ଷଣକୁ ନେଇ ହାଇକୋର୍ଟରେ ରୁଜୁ ହୋଇଥିବା ଜନସ୍ୱାର୍ଥ ମାମଲାର ଶୁଣାଣି ମଙ୍ଗଳବାର ହାଇକୋର୍ଟରେ ହୋଇଥିଲା। ଏଥିରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାର ମହାନିର୍ଦ୍ଦେଶକ ଉଷା ଶର୍ମା ସତ୍ୟପାଠ ଦାଖଲ କରିଛନ୍ତି। କୋଣାର୍କ ମନ୍ଦିରର ରକ୍ଷଣାବେକ୍ଷଣ ଓ ସଂରକ୍ଷଣ ଦାୟିତ୍ୱ ୧୯୩୮ରୁ ଏଏସ୍ଆଇ ହାତରେ ନ୍ୟସ୍ତ ରହିଛି। ଏଥିପାଇଁ ଏଏସ୍ଆଇ ଆବଶ୍ୟକ ପଦକ୍ଷେପ ନେଉଥିବା ନିର୍ଦ୍ଦେଶକ ଶର୍ମା ହାଇକୋର୍ଟଙ୍କୁ ସତ୍ୟପାଠ ମାଧ୍ୟମରେ ଅବଗତ କରାଇଛନ୍ତି। ଏପରିକି ଉତ୍ତରାଖଣ୍ଡ ରୁର୍କିସ୍ଥିତ ସେଣ୍ଟ୍ରାଲ ବିଲ୍ଡିଂ ରିସର୍ଚ୍ଚ ଇନ୍ଷ୍ଟିଚ୍ୟୁଟ (ସିବିଆର୍ଆଇ) ପରାମର୍ଶ ଅନୁଯାୟୀ ମନ୍ଦିର ମରାମତି ଓ ରକ୍ଷଣାବେକ୍ଷଣ କରାଯାଉଛି।

ସିବିଆର୍ଆଇ ପକ୍ଷରୁ ଏ ନେଇ ସ୍ୱତନ୍ତ୍ର ଅଧ୍ୟୟନ କରାଯାଇଛି। ୨୦୦୦ ଫେବୃୟାରୀ ୧୭ରୁ ୨୧ ତାରିଖ ପର୍ଯ୍ୟନ୍ତ କୋଣାର୍କ ମନ୍ଦିରର ସର୍ବେକ୍ଷଣ କରାଯାଇଥିଲା। ସର୍ବେକ୍ଷଣର ଚୂଡ଼ାନ୍ତ ରିପୋର୍ଟ ଅନୁଯାୟୀ, ସୂର୍ଯ୍ୟ ମନ୍ଦିରରୁ ଖଣ୍ଡେ ହେଲେ ପଥର ହଟାଯାଇ ନାହିଁ। ମନ୍ଦିର ପ୍ରତି କୌଣସି ବିପଦ ନ ଥିବା ଏଏସ୍ଆଇ ନିର୍ଦ୍ଦେଶକ ତାଙ୍କ ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷରେ ପରବର୍ତ୍ତୀ ଶୁଣାଣି ସମୟରେ ଏଏସ୍ଆଇ ଆକ୍ସନ ପ୍ଲାନ ସମ୍ପର୍କିତ ପୂର୍ଣ୍ଣାଙ୍ଗ ତଥ୍ୟ ହାଇକୋର୍ଟରେ ଦାଖଲ କରିବା ପାଇଁ ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ

**ମରାମତି ମାମଲା**



ଓ ବିଚାରପତି ଜଷ୍ଟିସ ବିଶ୍ୱନାଥ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏଏସ୍ଆଇକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୯ ଜାନୁୟାରୀ୨୧ରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ।

ସୂଚନାଥାଉକି, ସୂର୍ଯ୍ୟମନ୍ଦିର ଅସୁରକ୍ଷିତ ଥିବା ନେଇ ଆଡ୍ଭୋକେଟ ଦିଲୀପ ମହାପାତ୍ର ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ମାମଲାର ପ୍ରାଥମିକ ଶୁଣାଣି କରି ହାଇକୋର୍ଟ ଏ ସମ୍ପର୍କରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମେତ ଏଏସ୍ଆଇକୁ ଜବାବ ତଲବ କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଡ୍ଭୋକେଟ ଡ. ଅଶୋକ କୁମାର ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

## ଆନ୍ଧ୍ରରେ ଓଡ଼ିଆ ଶ୍ରମିକଙ୍କ ଉପରେ ଇଟାଭାଟି ମାଲିକଙ୍କ ନିର୍ଯାତନା

# ପାଉଣା ବଦଳରେ ଏସିଡ୍ ମାଡ଼



ଏସିଡ୍ ମାଡ଼ରେ ଗୁରୁତର ଜୟଦେବ ଚନ୍ଦନିଆଁଙ୍କୁ ହେମଗିର ଡାକ୍ତରଖାନାରେ ଚିକିତ୍ସା କରାଯାଉଛି।

- ଅନ୍ୟ ଜଣେ ଶ୍ରମିକଙ୍କ ଆଙ୍ଗୁଠି କାଟିଲେ
- ବନ୍ଧା ପଡିଛନ୍ତି ମହିଳାଙ୍କ ସହ ୭ ଶ୍ରମିକ
- ଜୀବନ ବଞ୍ଚାଇ ୪ ଦାଦନ ଗାଁରେ ପହଞ୍ଚିଲେ

**ସୁନ୍ଦରଗଡ଼, ୧୮।୧୨ (ଡି.ଏନ୍.ଏ):** ଆନ୍ଧ୍ରପ୍ରଦେଶର ବିଜୟନଗରମ୍କୁ ଇଟାଭାଟିରେ କାମ କରିବାକୁ ଯାଇଥିବା ସୁନ୍ଦରଗଡ ଜିଲା ହେମଗିର ଥାନା ବୁରଡା ଗ୍ରାମର ୧୧ଜଣ ଦାଦନ ଶ୍ରମିକ ନିର୍ଯାତନାର ଶିକାର ହୋଇଛନ୍ତି। ପାଉଣା ବଦଳରେ ମିଳିଛି ଏସିଡ୍ ମାଡ଼। ଏସିଡ୍ମାଡ଼ରେ ଜୟଦେବ ଚନ୍ଦନିଆଁ (୩୫) ନାମକ ଜଣେ ଶ୍ରମିକ ଗୁରୁତର ହୋଇଥିବାବେଳେ ଅନ୍ୟ ଜଣେ ଶ୍ରମିକ କିରଣ ବାରିକଙ୍କ ୩ଟି ଆଙ୍ଗୁଠି କାଟି ଦିଆଯାଇଛି। ଜୀବନ ବଞ୍ଚାଇ ସେଠାରୁ ଜଣେ ଶିଶୁଙ୍କୁ ଧରି ଜୟଦେବ ଚନ୍ଦନିଆଁଙ୍କ ସହ ୪ଜଣ ଶ୍ରମିକ ଖସି ଆସିଥିବାବେଳେ କିରଣ ବାରିକ ଓ ମହିଳାଙ୍କ ସହ ଅନ୍ୟ ୭ଜଣ ଶ୍ରମିକ ସେଠାରେ ବନ୍ଧା ପଡିଛନ୍ତି। ସେମାନଙ୍କ ଉପରେ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଛି। ଇଟାଭାଟି ମାଲିକଙ୍କ ଏସିଡ୍ ମାଡରେ ଗୁରୁତର ହୋଇ ନିଜ ଗ୍ରାମରେ ପହଞ୍ଚିଥିବା ଜୟଦେବ ହେମଗିର ଡାକ୍ତରଖାନାକୁ ଚିକିତ୍ସା ପାଇଁ ମଙ୍ଗଳବାର ଆସିଥିବାବେଳେ ଏହି ନିର୍ଯାତନା ଘଟଣା ଜଣାପଡିଛି। ଜୟଦେବଙ୍କୁ ବୁର୍ଲା ଡାକ୍ତରଖାନାକୁ ରାତିରେ ସ୍ଥାନାନ୍ତର କରାଯାଉଛି। ଜିଲାପାଳ ସୁରେନ୍ଦ୍ର କୁମାର ମୀନାଙ୍କ ନିର୍ଦ୍ଦେଶକ୍ରମେ ସୁନ୍ଦରଗଡ ସହକାରୀ ଶ୍ରମ ଅଧିକାରୀ ରବୀନ୍ଦ୍ର ବାର୍ଲା ଓ ହେମଗିର ଥାନା ପୋଲିସ ଏହି ଶ୍ରମିକଙ୍କ ଗ୍ରାମରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଅଧିକାରୀମାନେ ଘଟଣା ସମ୍ପର୍କରେ ଏସିଡ୍ ମାଡରେ ଗୁରୁତର ଶ୍ରମିକ ଓ ଖସି ଆସିଥିବା ଅନ୍ୟ ଶ୍ରମିକଙ୍କଠାରୁ ପଚାରି ବୁଝିଛନ୍ତି।

## ମହାନଦୀ ଜଳ ବିବାଦ

# ସମାଧାନର ସ୍ୱପ୍ନ ଦେଖାଇଲେ ନିରଞ୍ଜନ

**ଭୁବନେଶ୍ୱର,୧୮।୧୨(ବ୍ୟୁରୋ)**

ମହାନଦୀ ପାଣି ଆଉ ଅଟକିବ ନାହିଁ। ଆଗରୁ ଯେମିତି ବୋହି ଆସୁଥିଲା ସେମିତି ଆସିବ। ତତ୍କାଳୀନ ଭାଜପା ସରକାର କରିଥିବା ବ୍ୟାରେଜଗୁଡ଼ିକର ସବୁଗେଟ ଖୋଲି ଦିଆଯିବ। ପଡୋଶୀ ରାଜ୍ୟ ସହ ଝମେଲା ରହିବ ନାହିଁ। ଶପଥଗ୍ରହଣ ଉତ୍ସବରୁ ଫେରିବା ପରେ ନିରଞ୍ଜନ ରାଜ୍ୟବାସୀଙ୍କୁ ଏମିତି ରଙ୍ଗିନ ସ୍ୱପ୍ନ ଦେଖାଇଛନ୍ତି। ମଙ୍ଗଳବାର କଂଗ୍ରେସ ଭବନଠାରେ ଗଣମାଧ୍ୟମକୁ ସୂଚନା ଦେଇ ନିରଞ୍ଜନ କହିଛନ୍ତି, ଛତିଶଗଡ ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲଙ୍କ ସହ ରାୟପୁରଠାରେ ମହାନଦୀ ଜଳ ବିବାଦ ସମ୍ପର୍କରେ ଏକ ଅନୌପଚାରିକ ଆଲୋଚନା ହୋଇଛି। ଏହି ବିବାଦର ସମାଧାନ ପାଇଁ ବାଘେଲ ଅନୁକୂଳ ମତ ପୋଷଣ କରିଛନ୍ତି । ମହାନଦୀ ବିବାଦକୁ ନେଇ ବିଜେଡି ଓ ଭାଜପା ଅଯଥାରେ ଲୋକଙ୍କ ମଧ୍ୟରେ ଭ୍ରମ ସୃଷ୍ଟି କରିଛନ୍ତି। ଖୁବ୍ଶୀଘ୍ର ଏ ନେଇ ଛତିଶଗଡ ସରକାରଙ୍କ ସହ ରାଜ୍ୟ



ନିରଞ୍ଜନ ପଟ୍ଟନାୟକ

କଂଗ୍ରେସର ଏକ ଆଲୋଚନା ହେବ । ବିବାଦର ସମାଧାନ ରାସ୍ତା ଫିଟିଯିବ ବୋଲି ଓଡିଶା ପ୍ରଦେଶ କଂଗ୍ରେସ କମିଟି(ଓପିସିସି)ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି।

ମହାନଦୀ ଉପର ମୁଣ୍ଡରେ ୬ଟି ବୃହତ୍ ବ୍ୟାରେଜ ନିର୍ମାଣକୁ ନେଇ ଓଡ଼ିଶା ଏବଂ ଛତିଶଗଡ଼ ମଧ୍ୟରେ ବିବାଦ ଚାଲିଛି। ଏହାର ସମାଧାନ କରିବାରେ କେନ୍ଦ୍ର ସରକାର ଫେଲ୍ ମାରିବା ପରେ ରାଜ୍ୟ ସରକାର ସୁପ୍ରିମକୋର୍ଟ ଦ୍ୱାରସ୍ଥ ହୋଇଛନ୍ତି। ଏହି ବିବାଦର ଆପୋସ ସମାଧାନ ହୋଇ ନ ପାରିବାରୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଆନ୍ତଃ ରାଜ୍ୟ ନଦୀ ଜଳ ବିବାଦ

**ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ସହ ଅନୌପଚାରିକ ଆଲୋଚନା**

ଟ୍ରିବ୍ୟୁନାଲ ଗଠନ କରାଯାଇଛି। ଏହି ଟ୍ରିବ୍ୟୁନାଲରେ ମାମଲାର ଶୁଣାଣି ଆରମ୍ଭ ହୋଇଛି। ଇତିମଧ୍ୟରେ ଛତିଶଗଡରେ ସରକାର ପରିବର୍ତ୍ତନ ହୋଇଛି। ଭାଜପା ବଦଳରେ ଏବେ ସେଠାରେ କଂଗ୍ରେସ ସରକାର ଗଠନ କରିଛି। କଂଗ୍ରେସ ସରକାର ଗଠନ କରିବା ପରେ ରାଜ୍ୟ କଂଗ୍ରେସ ମୁଖିଆଙ୍କ ଠାରୁ ଆରମ୍ଭ କରି ଦଳୀୟ ନେତାମାନେ ମଧ୍ୟ ଉତ୍ସାହିତ ହୋଇପଡିଛନ୍ତି। ଛତିଶଗଡରେ କଂଗ୍ରେସ କ୍ଷମତାକୁ ଆସିଥିବାରୁ ମହାନଦୀ ବିବାଦ ସମାଧାନ ହୋଇଯିବ ବୋଲି ଦୃଢୋକ୍ତି ଦେଖାଇଛନ୍ତି। ଆସନ୍ତା ବିଧାନସଭା ନିର୍ବାଚନରେ ଛତିଶଗଡ ଭଳି ଓଡିଶାରେ ପରିବର୍ତ୍ତନ ହେବ କି ବୋଲି ଏକ ପ୍ରଶ୍ନର ଉତ୍ତରରେ ନିରଞ୍ଜନ କହିଛନ୍ତି ଯେ, ଓଡିଶାରେ ମଧ୍ୟ ପଡୋଶୀ ରାଜ୍ୟ ଭଳି ପରିବର୍ତ୍ତନ ହେବାର ସମ୍ଭାବନା ରହିଛି।



# ଋଣ ଛାଡ଼

ଡିସେମ୍ବର ୧୭ରେ କମଲନାଥ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପରେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୃଷିଋଣ ଛାଡ଼ ହେବ ବୋଲି ଘୋଷଣା କରିଛନ୍ତି। କ୍ଷମତାକୁ ଆସିଲେ ୧୦ ଦିନ ମଧ୍ୟରେ କୃଷିଋଣ ଛାଡ଼ କରାଯିବ ବୋଲି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ନିର୍ବାଚନ ପ୍ରଚାର ବେଳେ ପ୍ରତିଶ୍ରୁତି ଦେଇଥିବାରୁ କମଲନାଥ ତତ୍କ୍ଷଣାତ୍ ପଦକ୍ଷେପ ନେଇଛନ୍ତି। ସେହିପରି ଏହିଦିନ କେନ୍ଦ୍ର ସରକାର ଉଜ୍ଜ୍ୱଳା ଯୋଜନାକୁ ସମ୍ପ୍ରସାରିତ କରି ସବୁ ଗରିବ ପରିବାରକୁ ମାଗଣା ସିଲିଣ୍ଡର ଦେବା ବିଷୟ ଘୋଷଣା କରିଛନ୍ତି। ଅନୁରୂପଭାବେ ଡିସେମ୍ବର ୧୮ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମହାରାଷ୍ଟ୍ରରେ ୪୧ ହଜାର କୋଟି ଟଙ୍କାର ବିକାଶମୂଳକ ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। ଆଗକୁ ନିର୍ବାଚନ ଆସୁଥିବାରୁ ଆହୁରି ଅନେକ ଏଭଳି ଘୋଷଣା ଆଶା କରାଯାଇପାରେ।

ନିକଟରେଚାଷୀଅସନ୍ତୋଷସମସ୍ତଙ୍କଦୃଷ୍ଟିଆକର୍ଷଣକରିଛି।ମହାରାଷ୍ଟ୍ରଚାଷୀଙ୍କର ବମ୍ବେକୁ ପଦଯାତ୍ରା, ଦିଲ୍ଲୀରେ ବିଭିନ୍ନ ରାଜ୍ୟରୁ ଆସିଥିବା କୃଷକଙ୍କ ସମାବେଶ ଏବଂ ଓଡ଼ିଶାରେ ମଧ୍ୟ ଚାଷୀଙ୍କ ଭୁବନେଶ୍ୱରକୁ ଯାତ୍ରା ଏକ ଗମ୍ଭୀର ସଂକେତ ଦେଉଛି। ତାହା ହେଲା ଚାଷୀ ସମ୍ପୂର୍ଣ୍ଣଭାବେ ବିପର୍ଯ୍ୟସ୍ତ ଅବସ୍ଥାରେ ପହଞ୍ଚିଛି। କୃଷକକୁ ଘୋର କ୍ଷତି ଘଟିଲେ ଭାରତ ଭଳି କୃଷିପ୍ରଧାନ ଓ ଜନସଂଖ୍ୟାବହୁଳ ଦେଶରେ ବିରାଟବଡ଼ ବିପଦ ସୃଷ୍ଟି ହେବ। ସରକାରଙ୍କୁ ଅନେକ ହଜାର କୋଟି ଟଙ୍କା କେବଳ ଖାଦ୍ୟଶସ୍ୟ ଆମଦାନିରେ ଖର୍ଚ୍ଚ କରିବାକୁ ପଡ଼ିବ। ସେଥିରେ ମଧ୍ୟ ପଥ ଜଟିଳ। ସମୟରେ ଖାଦ୍ୟଶସ୍ୟ ପହଞ୍ଚି ନ ପାରିଲେ ଜାତୀୟ ଜରୁରିକାଳୀନ ପରିସ୍ଥିତି ଉଭା ହେବ। ଏସବୁକୁ ଆଖିରେ ରଖିଲେ କୃଷକର ମଙ୍ଗଳ ସବୁଠାରୁ ଊର୍ଦ୍ଧ୍ୱରେ ରହିବା ଦରକାର।

କୃଷକଙ୍କ ସ୍ୱାର୍ଥକୁ ଦେଖିଲେ ଏ ଦେଶରେ କୃଷି ଭିତ୍ତିଭୂମିର ଘୋର ଅଭାବ ରହିଛି। ଜଳସେଚନ ଅତ୍ୟନ୍ତ ନିମ୍ନସ୍ତରରେ ଥିବାବେଳେ ପର୍ଯ୍ୟାପ୍ତ ମାଲଗୋଦାମ ଓ ଶୀତଳଭଣ୍ଡାର ନାହିଁ। କୃଷିକ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟାର କମ୍ ବିନିଯୋଗ ଓ ଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଅତି ତଳେ ରହିଛି। ସାମାନ୍ୟ ଅଧିକ ଶସ୍ୟ ଉତ୍ପାଦନ ହେଲେ ଚାଷୀ ତାହାକୁ ସାଇତି ନ ରଖି କମ୍ ଦରରେ ବିକ୍ରି କରିଦେଉଥିବାରୁ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛି। ଜୈବିକ ଖତରେ ଚାଷ କିମ୍ବା ନିଜେ ବିହନ ସାଇତି ରଖି ପରବର୍ତ୍ତୀ ବର୍ଷରେ ତାହାକୁ ଶସ୍ୟକ୍ଷେତ୍ରରେ ବିନିଯୋଗ କରିବା ଭଳି ଆବଶ୍ୟକ ପରାମର୍ଶ ଓ ଶିକ୍ଷା ଦିଆଯାଉ ନାହିଁ। ବର୍ତ୍ତମାନ ବ୍ୟାଙ୍କର ଅନାଦେୟ ଋଣ (ଏନ୍‌ପିଏ) ପରିମାଣ ଦେଖିଲେ ସାଢ଼େ ୮ ଲକ୍ଷ କୋଟି ଟଙ୍କା ରହିଛି। କରଦାତାଙ୍କ ଅର୍ଥ ବ୍ୟାଙ୍କରୁ ଋଣ ଆକାରରେ ନେଇ ଶୁଝି ନ ଥିବା ବଡ଼ବଡ଼ିଆଙ୍କ ତାଲିକା କଲେ ତାହା ଲମ୍ବି ଚାଲିବ। ସେହି ସମୟରେ ଚାଷୀକୁ ସହଜରେ ଋଣ ମିଳି ନ ଥାଏ। ଯେଉଁମାନେ ଖିଲାପକାରୀ ଅବସ୍ଥାକୁ ଚାଲିଯାଆନ୍ତି, ସେମାନଙ୍କୁ ଏଭଳି ହଇରାଣ କରାଯାଏ ଯେ, କେତେକେ ଆତ୍ମହତ୍ୟା କରିବାକୁ ବାଧ୍ୟ ହୋଇଥାନ୍ତି। ଅତୀତରେ ଏହାର ଅନେକ ଦୃଷ୍ଟାନ୍ତ ଦେଖାଦେଇଛି। ସରକାର ଋଣ ଛାଡ଼କୁ ପ୍ରୋତ୍ସାହନ ଦେବା ଅପେକ୍ଷା କୃଷକକୁ କୃଷି ସମ୍ବନ୍ଧୀୟ ସୁବିଧା ଯୋଗାଇଦେଲେ ତାହା ଭାରତର ଭବିଷ୍ୟତ ପାଇଁ ମଙ୍ଗଳଦାୟକ ହୁଅନ୍ତା।

ଏକ ଜନମଙ୍ଗଳ ରାଷ୍ଟ୍ରରେ ଜନସାଧାରଣଙ୍କ କଲ୍ୟାଣ ସର୍ବାଗ୍ରେ ରହିବା ବାଞ୍ଛନୀୟ। ଭାରତର ପ୍ରତ୍ୟେକ ରାଜନୈତିକ ଦଳ ଓ ସରକାର କ୍ଷଣସ୍ଥାୟୀ ଯୋଜନା ଓ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାରେ ବ୍ୟସ୍ତ। ଆଧାର କାର୍ଯ୍ୟକ୍ରମରେ ଅନେକ ଶହ କୋଟି ଟଙ୍କା ଖର୍ଚ୍ଚ ହେବା ସତ୍ତ୍ୱେ ସେଥିରୁ ଭାରତୀୟ ଅର୍ଥନୀତିକୁ କି ଲାଭ ମିଳିଛି ଏ ପର୍ଯ୍ୟନ୍ତ ଲୋକେ ବୁଝିପାରୁ ନାହାନ୍ତି। ନିର୍ବାଚନ ସମୟ ଆସିଲେ ଲୋକଙ୍କୁ ଲୋଭ ଦେଖାଇ ସେମାନଙ୍କ ମନ ଜିଣିବା ସକାଶେ ଦୌଡ଼ ଆରମ୍ଭ ହୋଇଥାଏ। ମନେ ରଖିବାକୁ ହେବ ଯେ ପୂର୍ବରୁ ମଧ୍ୟ ଭାରତୀୟ ଭୋଟର ଠିକ୍ ସମୟରେ ଉଚିତ ନିଷ୍ପତ୍ତି ନେଇଛି। କଂଗ୍ରେସର ଦୁର୍ନୀତି ଅସହ୍ୟ ହେବା ପରେ ଲୋକେ ସେହି ଦଳକୁ ପ୍ରତ୍ୟାଖ୍ୟାନ କଲେ। ନିକଟରେ ଭାଜପାକୁ ବିଧାନସଭା ନିର୍ବାଚନରେ ଜନସାଧାରଣ ଗାଦିଚ୍ୟୁତ କରିଛନ୍ତି। ରାଜନୈତିକ ଦଳଗୁଡ଼ିକ ବୁଝିବା ଦରକାର ଯେ ଋଣ ଛାଡ଼ ଭଳି ଉପରଠାଉରିଆ ବାଟ ଆପଣାଇ ଭୋଟରଙ୍କୁ ବାଉଳା କରିହେବ ନାହିଁ।

## ଚିରନ୍ତନୀ

ଶ୍ରେଷ୍ଠ ମାନବ ଅନ୍ତର କେତେ ଏଥି ଆସିଅଛି ଧାଇଁ,
ଭକତି ପ୍ରେମର କେତେ ରସ–ଉତ୍ସ ଦେଇଛି ବୁହାଇ,
ତରଳାଇ ନିର୍ଜୀବ ଏ ପାଷାଣର ଅଙ୍ଗ
ଜୀବନ–ରସର କେତେ ଉଠିଛି ତରଙ୍ଗ,
କେତେ ଶତ ଜୀବନ୍ତ ଦେବତା
ବିଶ୍ୱ ପାଇଁ ପ୍ରକାଶିଛି ବ୍ୟଥା
ଏ ଶିଳା ବିଚିତ୍ର
ହୋଇଛି ପବିତ୍ର
ଲାଗି ଯେଣୁ
ପଦ–ରେଣୁ। (ପୁରୀ–ମନ୍ଦିର)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୯ ଡିସେମ୍ବର ୧୯୯୩

- ମାନବ ଜାତିର ଉଲ୍ଲେଖନୀୟ ସେବା ପାଇଁ ମଦର ଟେରେସାଙ୍କୁ ୟୁନେସ୍କୋ ଶାନ୍ତି ଶିକ୍ଷା ପୁରସ୍କାର ପ୍ରଦାନ।
- ପୂର୍ବତନ ସୋଭିଏଟ ୟୁନିୟନ ସମୟରୁ ୟୁକ୍ରେନରେ ଖଞ୍ଜାଯାଇଥିବା ପରମାଣୁ ଅସ୍ତ୍ରଶସ୍ତ୍ରଗୁଡିକ ଅପସାରଣ ନିମନ୍ତେ ୟୁକ୍ରେନ ସରକାର ରୁଷିଆ ଏବଂ ଆମେରିକାର ପ୍ରସ୍ତାବ ସହିତ ଏକମତ ହୋଇଛନ୍ତି।

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | | | | 9 | | | | | D | | 3 | | | 6 |
| 8 | | | | D | | | 9 | A | 7 | 6 | | E | | 0 |
| C | | | 0 | | | | | | | | | 8 | 9 | |
| | | 9 | | 3 | 4 | | | | | 5 | | B | C | 2 |
| | | E | | | 7 | | | B | 1 | | | | | |
| | | 5 | | | D | | B | C | | | | | 0 | E |
| | 0 | | | 4 | | | | | | E | 5 | | | 9 |
| | | | | C | 9 | | A | E | | | 1 | | 3 | 7 |
| 9 | 4 | | 5 | | | | | | A | 2 | | C | | |
| | E | | | | B | | | 6 | 3 | 4 | 7 | | | |
| | 8 | 7 | | | | 5 | | | | | | 1 | | B |
| | | 6 | | | | | E | | 2 | 7 | C | | 5 | 8 |
| | | | 1 | | | C | | | | | | 2 | 7 | |
| 4 | | | | | 2 | B | 0 | 7 | | | D | | | A |
| | B | | | | E | A | | D | | | 8 | 0 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 0 | D | 9 | 3 | 2 | 5 | B | 1 | 8 | 7 | 4 | E | A | C |
| 1 | 3 | E | A | 7 | D | 8 | 4 | C | B | 9 | 2 | 6 | 0 | 5 |
| B | 8 | 5 | C | 0 | 1 | 7 | 9 | E | 6 | D | A | 4 | 2 | 3 |
| 7 | A | C | 8 | 4 | 5 | 6 | 2 | 0 | 1 | 3 | E | B | D | 9 |
| 9 | 2 | 4 | 6 | B | E | D | A | 3 | 0 | C | 5 | 7 | 8 | 1 |
| 5 | D | 3 | 4 | 1 | A | B | E | 6 | C | 8 | 7 | 0 | 9 | 2 |
| 4 | C | 0 | E | 9 | B | A | 8 | D | 5 | 2 | 3 | 1 | 6 | 7 |
| 8 | B | 6 | 7 | 2 | C | 9 | 0 | 4 | A | 1 | D | 5 | 3 | E |
| 2 | 9 | A | 5 | D | 0 | 1 | 3 | 7 | E | 4 | 6 | 8 | C | B |
| E | 7 | 1 | 3 | 8 | 6 | 2 | C | 5 | 9 | 0 | B | D | 4 | A |
| C | E | 8 | 1 | 6 | 9 | 3 | 7 | 2 | 4 | B | 0 | A | 5 | D |
| A | 6 | 2 | B | C | 3 | 0 | D | 8 | 7 | 5 | 1 | 9 | E | 4 |
| D | 5 | B | 0 | A | 4 | C | 1 | 9 | 2 | E | 8 | 3 | 7 | 6 |
| 0 | 4 | 9 | D | 5 | 7 | E | 6 | B | 3 | A | C | 2 | 1 | 8 |
| 3 | 1 | 7 | 2 | E | 8 | 4 | 5 | A | D | 6 | 9 | C | B | 0 |

ଗତକାଲିର ଉତ୍ତର

# ସୁନ୍ଦର ଜାଗା, ଭଲ ଲୋକ



ନବୀନ ପଟ୍ଟନାୟକ

ଗତ କେତେ ସପ୍ତାହ ଧରି ଓଡ଼ିଶା ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ତଥା ପ୍ରସିଦ୍ଧ ଅନେକ ବ୍ୟକ୍ତିଙ୍କୁ ଆତିଥେୟତା ପ୍ରଦାନ କରିଛି। ଭୁବନେଶ୍ୱରରେ ଅନୁଷ୍ଠିତ ମେକ୍-ଇନ୍-ଓଡ଼ିଶା କାର୍ଯ୍ୟକ୍ରମରେ ବିଶିଷ୍ଟ ଭାରତୀୟ ଶିଳ୍ପପତିମାନେ ଏକାଠି ହୋଇଥିଲେ। ସେହିପରି ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ, ବିଶ୍ୱ ପ୍ରସିଦ୍ଧ କଳାକାର, ସାଂସ୍କୃତିକ ତଥା କ୍ରୀଡ଼ା ଜଗତର ଖ୍ୟାତନାମା ବ୍ୟକ୍ତିତ୍ୱ, ବିଭିନ୍ନ ଦେଶର ରାଷ୍ଟ୍ରଦୂତ, ୧୬ଟି ଦେଶର ଖେଳାଳି, କର୍ମକର୍ତ୍ତା ତଥା ଉଚ୍ଚ ପଦାଧିକାରୀମାନେ ମଧ୍ୟ ଏହି ସମୟରେ ଓଡ଼ିଶା ଭ୍ରମଣରେ ଆସିଛନ୍ତି। ନିକଟରେ ସ୍ମାର୍ଟ ସିଟି ଭୁବନେଶ୍ୱରରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ଉଦ୍‌ଘାଟିତ ପୁରୁଷ ହକି ବିଶ୍ୱ କପ୍ ସଫଳତାର ସହ ଶେଷ ହୋଇଛି। ଏସବୁ କାର୍ଯ୍ୟକ୍ରମ ମଧ୍ୟରେ ମୁଁ ଓଡ଼ିଶା ତରଫରୁ ଏହି ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଯେତେବେଳେ ଭେଟିଛି, ସେତେବେଳେ ସମସ୍ତଙ୍କ ମୁହଁରେ ଗୋଟିଏ କଥା ବାରମ୍ବାର ପ୍ରତିଧ୍ୱନିତ ହୋଇଛି, ''କେତେ ସୁନ୍ଦର ଏ ଜାଗା, କେତେ ଭଲ ଲୋକ।'' ଘନ ଅରଣ୍ୟାନୀ, ସ୍ନିଗ୍ଧ, ମନୋରମ ବେଳାଭୂମି ଏବଂ କାଳଜୟୀ କୀର୍ତ୍ତିରାଜିରେ ବିମଣ୍ଡିତ ଓଡ଼ିଶା ବାସ୍ତବିକ ଧରାପୃଷ୍ଠରେ ଏକ ସୁନ୍ଦର ଭୂମି। ଏହା ଈଶ୍ୱରଙ୍କ ଉପହାର। ତା' ସହିତ ଓଡ଼ିଆ ଜାତିର ଭଲପଣିଆ... ଏହା ମୋତେ ଭାବପ୍ରବଣ କରିଦେଇଛି।

ଭଲ ଲୋକଙ୍କ ସାନ୍ନିଧ୍ୟ ସବୁବେଳେ ଉତ୍ସାହପ୍ରଦ। ଏହା ଏକ ଅନନ୍ୟ ଅନୁଭବ। ଭଲପଣ ମଣିଷକୁ ସହଜ କରିବା ସହିତ ବ୍ୟକ୍ତି ଭିତରେ ଥିବା ସର୍ବୋତ୍କୃଷ୍ଟ ଗୁଣକୁ ପ୍ରକାଶ କରିବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିଥାଏ। ଓଡ଼ିଶା ଆସୁଥିବା ଲୋକମାନେ ଆମର ଭଲଗୁଣ ଦ୍ୱାରା ଏତେ ଗଭୀର ଭାବରେ ପ୍ରଭାବିତ ଯେ ସେମାନେ ଅନ୍ୟ ସ୍ଥାନକୁ ଗଲେ ଏହି ଭଲ ପାଇବାର ଅଭାବକୁ ଅନୁଭବ କରି ଆମକୁ ସେମାନଙ୍କ ସହିତ ତୁଳନା କରିବସୁଛନ୍ତି। ଏହି ଭଲ ପାଇବାର ଅଭାବ ଦ୍ୱାରା ମଣିଷପଣିଆର କ୍ଷତି ହେଉଛି।

ମୁଁ ଭାବେ ଆମ ଓଡ଼ିଆଙ୍କ ବ୍ୟବହାରର ୪ଟି ମୌଳିକ ଦିଗ ଆମର ଭଲପଣିଆର ପରିପ୍ରକାଶ କରେ। ପ୍ରଥମଟି ହେଉଛି, ଅନ୍ୟମାନଙ୍କ ପ୍ରତି ଆମର ସମ୍ମାନବୋଧ। ଆମର ପୂର୍ବପୁରୁଷମାନଙ୍କର ସମସ୍ତଙ୍କ ପ୍ରତି ଗଭୀର ସମ୍ମାନ ରହିଥିଲା–ସେ ସଜୀବ ହେଉ ବା ନିର୍ଜୀବ। ଏହା ସେମାନଙ୍କ ବୌଦ୍ଧିକ ଜ୍ଞାନ ବା ପାଣ୍ଡିତ୍ୟର ଉଦାହରଣ ନ ଥିଲା ବରଂ ଏହା ସେମାନଙ୍କ ଆଧ୍ୟାତ୍ମିକ ଅନୁଭବରୁ ହିଁ ଆସିଥିଲା। ଆଧ୍ୟାତ୍ମିକ ଅନୁଭୂତିରୁ ଆମେ ଜାଣୁ ଯେ ଆମର ସମସ୍ତ ବସ୍ତୁ ସହିତ ସମ୍ପର୍କ ରହିଛି, ତେଣୁ ଆମେ ସମସ୍ତଙ୍କୁ ସମ୍ମାନର ସହିତ ଦେଖିବା ଉଚିତ।

ଆମର ବ୍ୟବହାରର ପରବର୍ତ୍ତୀ ଦିଗଟି ହେଉଛି ବିନମ୍ରତା। ଦେଖିବାକୁ ଗଲେ, ବିନମ୍ରତା ବିନା କେହି ଅନ୍ୟର ସମ୍ମାନଭାଜନ ହୋଇପାରିବ ନାହିଁ। ଦୁର୍ଭାଗ୍ୟବଶତଃ, ବିନମ୍ରତାକୁ ଅନେକ ସମୟରେ ଭୟାଳୁ ଓ ଆଜ୍ଞାବହ ସ୍ୱଭାବର ପରିପ୍ରକାଶ ବୋଲି ଧରି ନିଆଯାଏ। ମୋ ମତରେ କିନ୍ତୁ ଏହା ଠିକ୍ ନୁହେଁ। ଆମର ଗଭୀର ଆତ୍ମବିଶ୍ୱାସରୁ ହିଁ ବିନମ୍ରତାର ଜନ୍ମ। ବିନମ୍ରତାର ଏପରି ଏକ ଶକ୍ତି ରହିଛି ଯାହା କି ପରିଶେଷରେ ସମସ୍ତଙ୍କୁ ପ୍ରଭାବିତ କରିଥାଏ। ବାସ୍ତବରେ ବିନମ୍ରତା ହେଉଛି ଅଧିକ ଶକ୍ତିଶାଳୀ। ବିନମ୍ରତା ନ ଥିଲେ ଆମେ ଭଲ କଥା ଗ୍ରହଣ କରିବାର ଶକ୍ତି ହରାଇଥାଉ। କଥାରେ ଅଛି, ଗିରିଶୃଙ୍ଗ ଯେତେ ଉଚ୍ଚ ଓ ଦୃଢ଼ ହେଲେ ବି ବୁନ୍ଦାଏ ବର୍ଷା ଜଳ ଧାରଣ କରିବାର କ୍ଷମତା ତାହାର ନ ଥାଏ। ଅପରପକ୍ଷରେ ଉପତ୍ୟକାରେ ଥିବା ହ୍ରଦ ହିଁ କେବଳ ବର୍ଷାଜଳ ଧାରଣ କରିପାରେ। ତେଣୁ କୌଣସି ଉତ୍ତମ ବିଚାର ଧାରଣ କରିବାକୁ ହେଲେ, ଆମର ମନ ହ୍ରଦ ଭଳି ହେବା ଆବଶ୍ୟକ।

ତୃତୀୟ ମୌଳିକ ଦିଗଟି ହେଉଛି ସରଳତା। ଓଡ଼ିଆ ଲୋକ ସରଳ। ସରଳ ହେବା ଅର୍ଥ ନିର୍ବୋଧ ନୁହେଁ। ଏହା କୁହାଯାଇ ପାରେ ଯେ, ଶ୍ରେଷ୍ଠ ବ୍ୟକ୍ତି ହିଁ ସବୁଠାରୁ ସରଳ। ନମ୍ରତା ଆକର୍ଷିତ କରେ। ଉଚ୍ଚ ଆଦବକାଇଦା ମଣିଷ ମଧ୍ୟରେ ଦୂରତା ସୃଷ୍ଟି କରେ। ଏସବୁ ବ୍ୟତୀତ ମୋ ବିବେଚନାରେ ଚତୁର୍ଥ ଦିଗଟି ହେଉଛି ଶିଷ୍ଟାଚାରୀ ହେବା ପାଇଁ ଆମ ମଧ୍ୟରେ କିଛି ପରିମାଣରେ କ୍ଷମା ଗୁଣ ମଧ୍ୟ ରହିବା ଜରୁରୀ। ଭଲ ଲୋକମାନେ ସହଜରେ କ୍ଷମା କରିଦିଅନ୍ତି। କ୍ଷମାର ଆତ୍ମଶୋଧନ ଶକ୍ତି ରହିଛି। ମଣିଷପଣିଆ କାଳେ କାଳେ ବଞ୍ଚିରହିଛି। କାରଣ କେବେ କେବେ କେଉଁଠି ନା କେଉଁଠି ଆମେ କ୍ଷମା ଦେଇଛୁ। ଆମେ ଯେତେବେଳେ କ୍ଷମା କରିବାର ଶକ୍ତି ହରାଇ ବସୁ, ସେତେବେଳେ ପରିବାର, ସମାଜ ଓ ଦେଶ ଭାଙ୍ଗିଯାଏ।

ମୁଁ ଚାହେଁ ଆମେ ସମସ୍ତେ ଜାଣିବା ଦରକାର ଯେ, ଆମ ସୌଜନ୍ୟତା ଏବେ ଦୁନିଆର ନଜରକୁ ଆସିଛି। ଏହାକୁ ଦୁନିଆ ପସନ୍ଦ ମଧ୍ୟ କରିଛି। ଏହା ସମଗ୍ର ଓଡ଼ିଆ ଜାତିର ସାମୂହିକ ତଥା ସାମଗ୍ରିକ ଚରିତ୍ର। ଯଦି ପାଖରେ ଟଙ୍କା ଅଛି, ତେବେ ଆପଣ ସୁଦୃଶ୍ୟ ସଡ଼କ, ନଭଶ୍ଚୁମ୍ବୀ ଅଟ୍ଟାଳିକା, ବନ୍ଦର, କାରଖାନା ଓ ବଡ଼ ବଡ଼ ବ୍ୟବସାୟ ପ୍ରତିଷ୍ଠାନ ସବୁକିଛି ଗଢ଼ିପାରିବେ। କିନ୍ତୁ ଭଲ ମଣିଷପଣିଆକୁ ଟଙ୍କାରେ ମୂଲ କରାଯାଇ ପାରିବ ନାହିଁ। ଏହା ଅମୂଲ୍ୟ। ଆମେ ବହୁତ ଭାଗ୍ୟବାନ୍ ଯେ ପିଢି ପରେ ପିଢି ଆମ ପୂର୍ବପୁରୁଷମାନେ ଆମକୁ ସମ୍ମାନବୋଧ, ବିନମ୍ରତା, ସରଳତା ଓ କ୍ଷମାଶୀଳତା ଆଦି ସଦ୍‌ଗୁଣ ଶିଖେଇଛନ୍ତି। ଏହାକୁ ଆମେ ଉତ୍ତରାଧିକାର ସୂତ୍ରରେ ପାଇଛୁ। ଏହିସବୁ ସୁଗୁଣଗୁଡିକ ମିଶି ଆମକୁ ସୌଜନ୍ୟଶୀଳ କରିଛି ଏବଂ ଏହା ଆମର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଆମେମାନେ ଉତ୍ତରାଧିକାର ସୂତ୍ରରେ ପାଇଥିବା ଏହି ମହାନ୍ ସଂସ୍କାର ପାଇଁ ନିଜକୁ ଗୌରବାନ୍ୱିତ ମନେକରିବା ଉଚିତ। ଏହା କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷ ବା ନିର୍ଦ୍ଦିଷ୍ଟ ସମୟର ଉପଲବ୍ଧି ନୁହେଁ। ଶତାବ୍ଦୀ ଶତାବ୍ଦୀ ଧରି ସମୟର କଷଟି ପଥରରେ ପରୀକ୍ଷିତ ଏହା ଆମର ସାମୂହିକ ଉତ୍ତରାଧିକାର। ଓଡ଼ିଆ ଜାତିର ଭଲପଣିଆ ହେଉଛି ଓଡ଼ିଆଙ୍କ ଶ୍ରେଷ୍ଠ ପରିଚୟ। ଏହି ଭଲପଣିଆ ସବୁକାଳେ ଆମ ପରିଚୟ ହୋଇ ରହିବା ଉଚିତ।

(ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଇଂଲିଶରେ ରଚିତ ପ୍ରବନ୍ଧ 'Beautiful Place, Good People'ର ମର୍ମାନୁବାଦ)

# ଆତ୍ମହତ୍ୟା ମହାପାପ



ଇଂ. ବିଦ୍ୟାଧର ପଣ୍ଡା

ହାଡୁ ପୁରୋହିତଙ୍କର ପୁରାଣ ଜ୍ଞାନ ଭଲ। ଛକ ଚା'ଦୋକାନରେ ବସି କେତେ କଥା ଆଲୋଚନା କରନ୍ତି। କାଲି ପେଥାଇ ବାତ୍ୟାର କୋହଲା ପାଗରେ ଅଦିନିଆ ଚାଷୀମାନେ ଚା' ପିଇବାକୁ ଛକକୁ ଝଡପରି କୁଆଡୁ ମାଡିଆସି ଭିଡ କରିଥାନ୍ତି। ଗୋସେଇଁଙ୍କୁ ଦେଖିବା ମାତ୍ରେ ପାଦତଳେ ଓଳଗି ହୋଇ ଚାରିପଟେ ଚକ୍ରାକାରରେ ଛିଡା ହୋଇଗଲେ। ଚା' ପିଇବା ସହ ଟିଭି ଖବର ଦେଖିବେ ଓ ଲୋକଙ୍କଠାରୁ ଆଗାମୀ ବର୍ଷା ଓ ବାତ୍ୟା କଥା ଜାଣିବେ। ଏମିତି ପ୍ରକାରର ଲୋକଙ୍କୁ ଦେଖି ହାଡୁ ପୁରୋହିତଙ୍କର ପାକୁଆ ପାଟିରେ ପ୍ରବଚନ ଶକ୍ତି ବଢିଯାଏ। ଗତବର୍ଷ ଚାଷକାମରେ ହାରି ଚାରିଜଣ ଅଧାବରଷିଆ ଚାଷୀ ଆତ୍ମହତ୍ୟା କଲେ। ଏକଥା ଗୋସେଇଁଙ୍କୁ ବାଧୁଛି। ପ୍ରଥମେ ବିଭିନ୍ନ ପାପ ବିଷୟରେ ବିସ୍ତୃତ ବର୍ଣ୍ଣନା ହେଲା। ପରେ ମହାପାପ ବିଷୟରେ ଲୋକମାନଙ୍କୁ ବୁଝାଇ କହିଲେ– ଦୁନିଆରେ ଯେତେ ମହାପାପ ଅଛି ତନ୍ମଧ୍ୟରୁ ଆତ୍ମହତ୍ୟା ମହାପାପର ଦଣ୍ଡ ବେଶି ବୋଲି ପ୍ରମାଣ ଅଛି। ପିତୃହତ୍ୟା, ମାତୃହତ୍ୟା, ଶିଶୁବଧ, ନାରୀବଧ, ଗୁରୁନିନ୍ଦା, ଗୋହତ୍ୟା, ବ୍ରହ୍ମହତ୍ୟା ଭଳି ଅନେକ ମହାପାପ ଶ୍ରେଣୀର, କିନ୍ତୁ ଆତ୍ମହତ୍ୟା କରିଥିବା ପାପୀକୁ ସହଜରେ ମୁକ୍ତି ମିଳେ ନାହିଁ। ଯମ ଉପରକୁ ନେଇ ବିଭିନ୍ନ ନର୍କଦଣ୍ଡ ଦେବା ପୂର୍ବରୁ ଧରାତଳେ ପ୍ରେତ ରୂପରେ ଅନେକ କଷ୍ଟ ଦିଏ। ସବୁ ପ୍ରକାରର ପ୍ରେତ ଆତ୍ମହତ୍ୟାକାରୀକୁ ଗୋଠରେ ମିଶାନ୍ତିନି, ନାନା ପ୍ରକାରର ହଇରାଣ ହରକତ କରନ୍ତି।

ହାଡୁ ପୁରୋହିତଙ୍କର ଅନ୍ତର ସବୁବେଳେ ଚାଷୀ ପାଇଁ କାନ୍ଦେ। ଖଣ୍ଡମଣ୍ଡଳରେ ହଜାରେ ଚାଷୀଘର ଯଜମାନ। ବୁଢା ହୋଇଗଲେଣି। ଦାନ୍ତ ପଡିଗଲାଣି, ଆଉ ପାରୁ ନାହାନ୍ତି। ଏଥର ଗୋଟିଏ ନିୟମ କରିଛନ୍ତି– ଯେଉଁ ଚାଷୀ ଫସଲ ନଷ୍ଟ ହେବାରୁ ଋଣ ଶୁଝିବା ଭୟରେ ଆତ୍ମହତ୍ୟା କରୁଛି, ତାଙ୍କ ଶୁଦ୍ଧିକ୍ରିୟା କାମକୁ ସିଏ ଯିବେନି। କାରଣ ଯେତେ ଭଲରେ ମନ୍ତ୍ର ଉଚ୍ଚାରଣ କରି ଶ୍ରାଦ୍ଧକର୍ମ ସହ ପୁଷ୍କର ଛଡାଇଲେ ମଧ୍ୟ ତାହାର ଉଦ୍ଧାର ହେବା ଅସମ୍ଭବ। ଆତ୍ମହତ୍ୟା କରିଥିବା ଅଶାନ୍ତ ଆତ୍ମାଟି ଉହଳ ବିକଳ ହୋଇ ବାରବର୍ଷ ଭୋକଶୋଷରେ ଘୂରିବ ହିଁ ଘୂରିବ। ପୁଅନାତି ପାଣି ଦେଲେ ସୁଦ୍ଧା ସିଏ ଗ୍ରହଣ କରିବାକୁ କ୍ଷମତା ନ ଥାଏ। ଏବେ ଯେଉଁ ପେଥାଇ କି ପତେଇ ବାତ୍ୟା ଆସି ଅମଳ ବେଳେ ଧାନଗୁଡା ବିଲରେ ଗଜା କରି ପକେଇଲା, ସେଥିପାଇଁ ହାଡୁ ପୁରୋହିତଙ୍କର ଅନେକ ଚିନ୍ତା। ପୁରା ଅଞ୍ଚଳର ଗୋଟିଗୋଟି କରି ଖବର ନେଲେଣି। ଚାଷୀମାନଙ୍କ ଭିତରେ ଭାସ୍କର ଜେନା, କୁଶ ସ୍ୱାଇଁ, ଦେବ ପ୍ରଧାନ, ଅଭୟ ରାଉତ, ଧୂଳିଆ କଅଁର, ଶଙ୍କରା ରାଉତ, ରାମିଆଁ ବେହେରା ଓ ଭଜନା ମଳିକ ବହୁତ ଋଣ କରି ଚାରି ପାଞ୍ଚ ଏକର ବିଲ ଧାନଚାଷ କରିଥିଲେ। ସେଇମାନେ ଗତବର୍ଷ ଲଘୁଚାପ ବର୍ଷାରେ ଦଗା ପାଇଥିଲେ, ତଥାପି ହାରି ନ ଥିଲେ। ଏଥର ସମସ୍ତଙ୍କର ଚାଷୁଣୀ ମନା କରିବା ସତ୍ତ୍ୱେ ସମବାୟ ସମିତିରୁ ଋଣକରି ଚାଷ କାମରେ ଲଗାଇଛନ୍ତି। ଦଇବ ଦଣ୍ଡିବା କଥା। ଆଉ ଦଶବାର ଦିନ ପେଥାଇ ବାତ୍ୟାଟା ସମ୍ଭାଳି ଯାଇଥିଲେ ଧାନ ଅମଳ ହୋଇ ଡୋଲିରେ ପଶି ଯାଇଥାନ୍ତା, ଶେଷ ବେଳକୁ ଆସି ସବୁ ନଷ୍ଟ କରିଦେଲା।

ପୁରୋହିତ ଗୋସେଇଁ ସମସ୍ତଙ୍କ ଘରକୁ ଯାଇ ଭଲମନ୍ଦ ଖବର ନେବାକୁ ମନେମନେ ସ୍ଥିର କଲେ। ପ୍ରଥମେ ଭାସ୍କର ଜେନା ଘରେ ପହଞ୍ଚିଲେ।

–ଭାସିଆ ! ଏ ଭାସିଆ ! ଆରେ ଘର ଭିତରେ ଦିନ ଦ୍ୱିପ୍ରହରରେ ଶୋଇଛୁ ନା କ'ଣ ?

–ନାଇଁ, ଗୋସେଇଁ। ଜୁହାର, ସକାଳୁ ଗୁରେଇ ମା' ଚୁଲି ଲଗଉନି, କିଛି ରୋଷେଇ କରୁନି। ପୁଅଝିଅ ଦି'ଟାଯାକ ଉପାସରେ ସ୍କୁଲ ଗଲେ।

–ତୁମେ ସବୁ କ'ଣ ଖାଇବ ? ହଇଲୋ ଗୁରେଇ ମା' ! କ'ଣ ହେଇଛି ତୋର ? କାହିଁକି ମୁହଁ ଶୁଖେଇଛୁ ?

–ଗୋସେଇଁ, ମୁଁ ମନା କରୁଛି ଚାଷ କରିବାନି, କିନ୍ତୁ ମୋ କଥା ଟିକିଏ ଶୁଣିଲେନି। ଅମର ମା' ଦାଦନରେ ଯାଇ ଜଣକା ଦଶ ହଜାର ଲେଖାଏ ସୁରଟରୁ ନେଇକି ନୂଆବର୍ଷକୁ ପୁରୀ ବୁଲିବାକୁ ବାହାରିଛନ୍ତି। ଆମର ଯାହା କିଛି ମିଳିଥାନ୍ତା, ଅମଳ ବେଳକୁ ପେଥାଇ ବାତ୍ୟାଟି ଆସି ବୁଡେଇଦେଲା।

–ଏବେ କ'ଣ ? ଗୁରେଇ ମା' ଆଡକୁ ଚାହିଁ ଗୋସେଇଁ ପଚାରିଲେ– ଆଉ ଚାଷ କରିବ ନା ଦାଦନ ଯିବ ବୋଲି ଭାବୁଛ ?

–ଦାଦନ ଯିବାକୁ ରଜତବାବୁ ଦେଲେ ସିନା ! ସିଏ କହୁଛନ୍ତି ସୁଧମୂଳ ସହ ସବୁ ଋଣ ଶୁଝି ଯୁଆଡେ ଯାଉଛ ଯାଅ। ଦେଖିବା କ'ଣ କରିବା !

–ତେବେ ତୁମେଦୁଇ ପ୍ରାଣୀ, ଦୁଇଟା ଛୁଆ ଏବେ କିଛି ତ ବଞ୍ଚିବାର ଉପାୟ ଭାବୁଥିବ ? ଧାନ ଗଲା ତ' ଗଲା, ଦଇବ ଦଣ୍ଡକୁ କାହାର କଳବଳ ଅଛି ?

ଭାସିଆ ଲୁହ ଦି'ଟୋପା ଗଡେଇ କହିଲା– ଗୋସେଇଁ! ମୋର ଆତ୍ମହତ୍ୟା ଛଡା ଆଉ କିଛି ଉପାୟ ଦେଖା ଯାଉନାହିଁ।

–ଭାସିଆକୁ ମୁଁ ଠିକ୍ ଜାଣିଥିଲି। ସିଏ ମାଇଚିଆ ବୁରୁନ୍ଦା ଭଳି ନିଶ୍ଚୟ ବିଷ ପିଇବ ନ ହେଲେ ଦଉଡି ଦବ। ପାଖକୁ ଆ, ଆ କହୁଛି, ତୁ ମରିଗଲେ ତୋ ଋଣ ଛାଡ଼ ହୋଇଯିବ ? ତୋତେ ଆର ଜନ୍ମରେ ବି ଶୁଝିବାକୁ ପଡିବ। ସିଏ ସବୁ ତତ୍ତ୍ୱକଥା ତୋ ମୁଣ୍ଡରେ ପଶିବନି। ମୂର୍ଖଲୋକ ଭାବନ୍ତି ମରିଗଲେ ତରିଗଲେ। କିନ୍ତୁ ଏହା ସମ୍ପୂର୍ଣ୍ଣ ମିଛ। ଭଗବାନଙ୍କର ସୃଷ୍ଟିକୁ ଅନାଦର କରି ଯିଏ ମରେ ତା'ର ଚଉଦ ପୁରୁଷ କୁମ୍ଭୀପାକ ନର୍କ ଭୋଗ କରନ୍ତି।

–ଗୋସେଇଁ! ଘରେ ଖାଇବାକୁ କିଛି ନାହିଁ, ଛୁଆଙ୍କର ଭୋକିଲା ମୁହଁ ମୁଁ କେମିତି ସହିବି ? ସମବାୟ ସମିତି ସଭାପତି ରଜତବାବୁ ଦିନକୁ ଦୁଇବେଳା ଆସି ତାଗିଦ୍ କରୁଛନ୍ତି। ଏକଥା ବି କହି ସାରିଲେଣି– ମହନା ଦୋକାନରେ ବିଷ ମିଳୁଛି। ଦଶ ଟଙ୍କାରେ କାମ ଖତମ। ଝିଅର ଅଷ୍ଟମ ହେଲାଣି, ବାହାଘରକୁ ପଇସା ଦରକାର। ପୁଅର ପଢାପଢି ପାଇଁ ଖର୍ଚ୍ଚ ଅଛି। ଗତବର୍ଷ ଓ ଏ ବର୍ଷର ସମୁଦାୟ ଋଣ ଷାଠିଏ ହଜାର। ଆତ୍ମହତ୍ୟା କଲେ ସରକାର ଚାଷୀ ପ୍ରତି ଦୁଇଲକ୍ଷ ଦେଉଛନ୍ତି। ସେଥିରେ ସବୁ ଶୁଝାଶୁଝି ଓ ଶୁଦ୍ଧିକ୍ରିୟା ସରିଲା ପରେ ଗୁରେଇ ମା' ପାଖରେ ଲକ୍ଷେ ଟଙ୍କା ବଞ୍ଚିବ।

ଭାସିଆର ଏସବୁ କଥା ଶୁଣି ହାଡୁ ପୁରୋହିତଙ୍କର ଜ୍ଞାନଚକ୍ଷୁ ଖୋଲିଗଲା। ଭାବିଲେ ଜଣକୁ ବୁଝାଇ କିଛି ଲାଭ ନାହିଁ। ସବୁ ଚାଷୀଙ୍କର ସମଦଶା। ସମସ୍ତଙ୍କ ମନରେ ଏଇ ଏକା କଥା। ମରିଗଲେ ଗଲା। ଏସବୁ ଚିନ୍ତାରୁ ମୁକ୍ତି। ନିର୍ବାଚନ ଅଳ୍ପଦିନ ବାକି, ଚାଷୀଋଣ ଛାଡହେବାଟା ଥୟ। ସର୍ପେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଗୋଟିଏ ସଂକୀର୍ତ୍ତନ ସମାବେଶ କରି ସବୁ ଚାଷୀଙ୍କୁ ଗୋସେଇଁ ଏକାଠି କଲେ। କିଛି ଭଦ୍ରବ୍ୟକ୍ତି ବୁଝାଇଲେ ମଧ୍ୟପ୍ରଦେଶ, ଛତିଶଗଡ଼ରେ ଚାଷୀଋଣ ଛାଡ ହୋଇସାରିଲାଣି। ଊଣେଇଶ ଆସିଲେ ଯିଏ ଜିତୁ, ଚାଷୀଙ୍କ ଋଣଛାଡ଼ କରିବ ହିଁ କରିବ। ତେଣୁ କେହି ଚାଷୀ ଅତର୍ଚ୍ଛା ହୋଇ ଆତ୍ମହତ୍ୟା କରିବାକୁ ମନ ନ ବଳାଇ ଧୈର୍ଯ୍ୟର ସହ ଅପେକ୍ଷା କରନ୍ତୁ। ଅନ୍ନଦାତା ହୋଇ ଆତ୍ମହତ୍ୟା ମହାପାପରୁ ନିବୃତ୍ତ ରୁହନ୍ତୁ। ସବୁକିଛି ସମୟ ଆସିଲେ ଠିକ୍ ହୋଇଯିବ।

ଏଲ୍–୧୭/୧୫, ପଞ୍ଚସଖା ନଗର, ଡୁମୁଡୁମା, ଖଣ୍ଡଗିରି, ଭୁବନେଶ୍ୱର, ମୋ– ୯୪୩୯୧୨୮୦୫୦, ଇମେଲ: bdpanda1@gmail.com

# ସୂର୍ଯ୍ୟ ନମସ୍କାର

ଅଲେଖ ଚନ୍ଦ୍ର ମିଶ୍ର

ସକଳ ଶକ୍ତିର ଉତ୍ସ ସୂର୍ଯ୍ୟଙ୍କୁ କେଉଁ ଆଦିମ କାଳରୁ ଏକ ସ୍ୱତନ୍ତ୍ର ସ୍ଥାନ ଦିଆ ହୋଇଛି। ଋତୁଚକ୍ର, ଦିନରାତି, ମେଘ, ରଙ୍ଗ, ଅଗ୍ନି, ତାପଶକ୍ତି ଇତ୍ୟାଦି ସୂର୍ଯ୍ୟଙ୍କ ଯୋଗୁ ସମ୍ଭବ। ସୂର୍ଯ୍ୟଙ୍କ ନାମ ସହିତ ଅନେକ ଦେଶର ଭୌଗୋଳିକ ସ୍ଥିତିକୁ ଯୋଡାଯାଇଛି, ଯଥା ନିଶିଥସୂର୍ଯ୍ୟର ଦେଶ (ନରୱେ), ସୂର୍ଯ୍ୟୋଦୟର ଦେଶ (ଜାପାନ) ଇତ୍ୟାଦି। ସାରା ପୃଥିବୀରେ ରବିବାର (ସନ୍‌ଡେ)ର ଏକ ସ୍ୱତନ୍ତ୍ର ଆକର୍ଷଣ ରହିଛି। ସମ୍ପ୍ରତି 'ସୂର୍ଯ୍ୟ ନମସ୍କାର' ଶବ୍ଦ ଅକ୍ସଫୋର୍ଡଇଂଲିଶ ଡିକ୍ସନାରୀରେ ସନ୍ନିବିଷ୍ଟ ହୋଇ ଏହାର ବିଶେଷ ବ୍ୟାଖ୍ୟାନ କରାଯାଇଛି, ଯାହା ଏ ଦିଗରେ ଏକ ମାଇଲ ଖୁଣ୍ଟ।

ଆମ ଦେଶରେ କେଉଁ ଅନନ୍ତ କାଳରୁ ସୂର୍ଯ୍ୟ ଉପାସନା ବିଧି ପ୍ରଚଳିତ। ସୃଷ୍ଟି, ସ୍ଥିତି ଓ ବିଲୟର ପ୍ରତୀକ ସୂର୍ଯ୍ୟ ଉଦୟରେ ବ୍ରହ୍ମା, ମଧ୍ୟାହ୍ନରେ ମହେଶ୍ୱର ଓ ଅସ୍ତକାଳେ ବିଷ୍ଣୁଙ୍କ ସଦୃଶ। ସମସ୍ତ ପର୍ବପର୍ବାଣିରେ ସୂର୍ଯ୍ୟପୂଜାର ଏକ ବିଶେଷ ଭୂମିକା ଥାଏ। ଏପରିକି ବିବାହ ବ୍ରତାଦି ମାଙ୍ଗଳିକ ଅନୁଷ୍ଠାନ ରବି ଶୁଦ୍ଧି ବିନା ସମ୍ଭବ ହୁଏ ନାହିଁ। ସୂର୍ଯ୍ୟଙ୍କୁ ନମସ୍କାର କଲେ ମାନସିକ ଶାନ୍ତି ମିଳେ, ଶରୀର ସୁସ୍ଥ ରହେ ଓ ମାଂସପେଶୀ ମଜଭୁତ ହୁଏ। ସୂର୍ଯ୍ୟକିରଣରେ ପ୍ରଭୂତ ରୋଗ ପ୍ରତିରୋଧକ ଶକ୍ତି ଥାଏ ବୋଲି ଚିକିତ୍ସାବିଜ୍ଞାନୀମାନେ କହନ୍ତି। ସୂର୍ଯ୍ୟ ଆରାଧନାର ବିଧିବିଧାନ ମଧ୍ୟରେ ପ୍ରମୁଖ ହେଲା ରବିନାରାୟଣ ବ୍ରତ, ଆଦିତ୍ୟ ହୃଦୟ ପାଠ ଓ ରବିବାର ଦିନ ଆମିଷ ବର୍ଜନ। ରବିବାର ଆମିଷ ଭୋଜନ କଲେ ସାତଜନ୍ମ ଯାଏ ରୋଗୀ ଓ ଦରିଦ୍ର ହୁଅନ୍ତି ବୋଲି ଶାସ୍ତ୍ରରେ ଅଛି। ସୂର୍ଯ୍ୟ ଉପାସନାର ଏକ ପ୍ରମୁଖ ଉପଚାର ହେଉଛି ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦାନ। ଶାସ୍ତ୍ରରେ ଅଛି– ''ଆଦିତ୍ୟସ୍ୟ ନମସ୍କାରଂ ଯେ କୁର୍ବନ୍ତି ଦିନେଦିନେ। ନ ବ୍ୟାଧିର୍ନ ଶୋକସ୍ତେଷାଂ ଦାରିଦ୍ର୍ୟଂ ନୋପଜାୟତେ॥''

ମୋ–୯୪୩୮୬୭୩୮୯୮

## ଏଇ ଭାରତରେ

ଭାରତର ଅନେକ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ବାସ କରନ୍ତି। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବାରୁ ଅନେକେ ଭିକ୍ଷାବୃତ୍ତି କରି ପେଟ ପୋଷିଥାନ୍ତି। ତେବେ ଭାରତର ଏକ ଗାଁ ରହିଛି, ଯେଉଁଠି ଭିକ ମାଗିବା ଲୋକଙ୍କର ପେସା। ଉତ୍ତରପ୍ରଦେଶର କାନପୁର ଜିଲାରେ ରହିଛି ଏକ କପାଡିଆ ବସ୍ତି। ଏଠାରେ ବାସ କରୁଥିବା ଲୋକେ ଭିକ୍ଷାବୃତ୍ତି କରି ଚଳନ୍ତି। ଏହା ତାଙ୍କର କୌଳିକ ବୃତ୍ତି। ବସ୍ତିର କୌଣସି ଲୋକ ଭିକ ମାଗିବାକୁ କୁଣ୍ଠିତ ହେଲେ ସମ୍ପୃକ୍ତ ବ୍ୟକ୍ତିକୁ ବିବାହ କରିବାକୁ ଅନୁମତି ଦିଆଯାଏ ନାହିଁ। ଦୀର୍ଘ ୨ଶହରୁ ଅଧିକ ବର୍ଷ ହେଲା କପାଡିଆ ସମ୍ପ୍ରଦାୟର ଲୋକେ ଏଠାରେ ବସବାସ କରିଆସୁଛନ୍ତି। ସେମାନଙ୍କୁ କାନପୁରର ତତ୍କାଳୀନ ଜମିଦାର ମାନ ସିଂ ଏଠାରେ ଥଇଥାନ କରାଇଥିଲେ। ସେବେଠାରୁ କପାଡିଆ ଲୋକେ ଭିକ୍ଷାବୃତ୍ତିକୁ ପେସା ଭାବେ ଗ୍ରହଣ କରିଛନ୍ତି। ଆଧୁନିକତା କିମ୍ବା ବିଭିନ୍ନ ସରକାରୀ ଯୋଜନାର ପ୍ରଭାବ ଏହି ଲୋକଙ୍କ ଉପରେ କିଛି ପ୍ରଭାବ ପକାଇ ପାରି ନ ଥାଏ। ସମସ୍ତଙ୍କ ଘରେ ଆଧୁନିକ ଆସବାବପତ୍ର ଥିଲେ ମଧ୍ୟ ସେମାନେ ଭିକ୍ଷାବୃତ୍ତି କରି ଆସୁଛନ୍ତି।

# ପାଠକ ଶ୍ରେଷ୍ଠ ବିଚାରକ

## ଶ୍ରୀମନ୍ଦିରରେ ଟିକେଟ ଦର୍ଶନ ବ୍ୟବସ୍ଥା

ମହାଶୟ,

ଶ୍ରୀମନ୍ଦିର ମଧ୍ୟରେ ଭିତରକାଠ ନିକଟରେ ପରମାଣିକ ଦର୍ଶନ ବ୍ୟବସ୍ଥା ବହୁତ ଆଗରୁ ଥିଲା, ମାତ୍ର ଏଥିରୁ ଆଦାୟ ଅର୍ଥରାଶି ଶ୍ରୀମନ୍ଦିର ହୁଣ୍ଡି କିମ୍ବା ମନ୍ଦିର ଟ୍ରଷ୍ଟ ବୋର୍ଡକୁ ଯାଉ ନ ଥିଲା। ରାଜ୍ୟ ଉଚ୍ଚ ନ୍ୟାୟାଳୟର ବି.ପି. ଦାସଙ୍କ କମିଶନ ଏହି ପରମାଣିକ ଦର୍ଶନ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ରୂପେ ଉଠାଇ ଦେବା ନିମନ୍ତେ ରିପୋର୍ଟରେ ଉଲ୍ଲେଖ କରିଥିଲେ। ଏହାପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହାକୁ ବନ୍ଦ କରାଯାଇଥିଲା। ପଡୋଶୀ ଆନ୍ଧ୍ରପ୍ରଦେଶରେ ଥିବା ତିରୁପତି ବାଲାଜୀ ମନ୍ଦିରକୁ ଅନୁସରଣ କରି ଶ୍ରୀମନ୍ଦିର ପ୍ରଶାସନ ପୁନଶ୍ଚ ଏହି ଟିକେଟ ଦର୍ଶନ ବ୍ୟବସ୍ଥାକୁ ଲାଗୁ କରିଛନ୍ତି। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ସମସ୍ତ ଭକ୍ତ ସମାନ। ଏହି ଆଧାରରେ ଦେଖିବାକୁ ଗଲେ ଜଣେ ଭକ୍ତ ଲମ୍ବା ଲାଇନରେ ଆସି ବିଳମ୍ବରେ ଦର୍ଶନ କରିବ, ମାତ୍ର ଆଉ ଜଣେ ଟିକେଟ କରି ଶୀଘ୍ର ଦର୍ଶନ କରିବ– ଏହି ଦର୍ଶନ ବ୍ୟବସ୍ଥାରେ ଶ୍ରଦ୍ଧାଳୁ ଭକ୍ତମାନଙ୍କ ମଧ୍ୟରେ ପାତର ଅନ୍ତର କରାଯାଉ ନାହିଁକି ? ମହାପ୍ରସାଦର ମୂଲ୍ୟ ନିର୍ଦ୍ଧାରଣ କରି ବିକ୍ରୟ କରିବା ଏକ ଉତ୍ତମ ବ୍ୟବସ୍ଥା, ଏଥିରୁ ଶ୍ରୀମନ୍ଦିରର ଆୟ ଆଶାଜନକ ହୋଇପାରିବ। ମାତ୍ର ଟିକେଟ ଦର୍ଶନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ନିନ୍ଦନୀୟ।

ମନୋଜ କୁମାର ବସନ୍ତରାୟ, ନୂଆପଡା, ଲେବର କଲୋନୀ, କଟକ

## କହନ୍ତି ଯେଡ଼େ ନୁହନ୍ତି ତେଡ଼େ

ଏବେ ରାଜନୀତି ଗୋଟିଏ ବଡ ବ୍ୟବସାୟରେ ପରିଣତ ହୋଇଛି। ନେତାଏ ନିଜ ନିଜର ସ୍ୱାର୍ଥ ପାଇଁ ଏ ଦଳରୁ ସେ ଦଳ ହେଉଛନ୍ତି। ନାମୀ ଦାମୀ ପ୍ରଶାସକ ଚାକିରି ଛାଡି ବା ଅବସର ପରେ ରାଜନୀତିରେ ପାଦ ଥାପିବାକୁ ଶ୍ରେୟଃ ମଣୁଛନ୍ତି। କୁଆଡେ ଜନସେବା କରିବେ ! ଏତେବର୍ଷ ହେଲା ଦେଶ ସ୍ୱାଧୀନ ହେବା ପରେ ମଧ୍ୟ କୋଟା ବ୍ୟବସ୍ଥା ବଳବତ୍ତର ରହିଛି ଏବଂ କଂଗ୍ରେସ ଅର୍ଦ୍ଧଶତକରୁ ଅଧିକ ଦେଶ ଶାସନ କରି ମଧ୍ୟ ଏବେ କହୁଛନ୍ତି ଦଳିତମାନଙ୍କର ଉନ୍ନତି କରିବେ। ଆଉ କେତେବର୍ଷ ଶାସନ କରିଥିଲେ ଦଳିତମାନଙ୍କ ଅବସ୍ଥାରେ ଉନ୍ନତି ଆଣିପାରିଥାନ୍ତେ ? ଏମାନେ କହନ୍ତି ଯେଡ଼େ ନୁହନ୍ତି ତେଡ଼େ।

ସଚ୍ଚିଦାନନ୍ଦ ମିଶ୍ର, ଗଡହଳଦିଆ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ବଲାଙ୍ଗୀର ପାର୍ସଲ ବୋମା ବିସ୍ଫୋରଣ ମାମଲା

## ପୁଞ୍ଜିଲାଲଙ୍କ ଜାମିନ ଆବେଦନ ଶୁଣାଣି ଘୁଞ୍ଚିଲା

**କଟକ ଅଫିସ,୧୮।୧୨:** ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣାର ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କ ଜାମିନ ଆବେଦନର ଶୁଣାଣିକୁ ହାଇକୋର୍ଟ ଘୁଞ୍ଚାଇ ଦେଇଛନ୍ତି। ମଙ୍ଗଳବାର ପୁଞ୍ଜିଲାଲଙ୍କ ଜାମିନ ଆବେଦନର ଶୁଣାଣି ବିଚାରପତି ଜଷ୍ଟିସ ଜେ.ପି. ଦାସଙ୍କ କୋର୍ଟରେ ହୋଇଥିଲା। ତେବେ ଜଷ୍ଟିସ ଦାସ ଏହି ଶୁଣାଣିକୁ ଜାନୁୟାରୀ ୧୭ ତାରିଖକୁ ଘୁଞ୍ଚାଇ ଦେଇଛନ୍ତି। ସୂଚନାଥାଉକି, ବଲାଙ୍ଗୀର ଜିଲା ପାଟଣାଗଡ଼ ଅଞ୍ଚଳରେ ଗତ ଫେବୃୟାରୀ ୨୩ରେ ଏହି ଘଟଣାଟି ଘଟିଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳର ନବବିବାହିତ ସୌମ୍ୟଶେଖର ସାହୁ ଓ ତାଙ୍କ ଜେଜେମା' ଜେମାମଣୀଙ୍କ ମୃତ୍ୟୁ ଘଟିଥିଲା। ନବବଧୂ ରୀମାରାଣି ଗୁରୁତର ଆହତ ହୋଇଥିଲେ। ସୌମ୍ୟଶେଖର ଓ ରୀମାମଣିଙ୍କ ବିବାହର ୫ଦିନ ପରେ ଘରକୁ କୋରିୟରରେ ଏକ ଉପହାର ଆସିଥିଲା। ତାହାକୁ ଖୋଲିବାମାତ୍ରେ ବିସ୍ଫୋରିତ ହୋଇଥିଲା। ଉକ୍ତ ଘଟଣାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଏପ୍ରିଲ ୨୫ରେ ଅଧାପକ ପୁଞ୍ଜିଲାଲ ମେହେରଙ୍କୁ ଗିରଫ କରାଯାଇଥିଲା। ଇତିମଧ୍ୟରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଉକ୍ତ ମାମଲା ସମ୍ପର୍କିତ ପ୍ରାଥମିକ ଚାର୍ଜଶିଟ ଦାଖଲ କରାଯାଇଛି।

## ଓଲଟିଲା କୋଇଲା ବୋଝେଇ ଟ୍ରକ୍



ଆମ୍ବାଦୋଳା, ୧୮।୧୨ (ଡି.ଏନ୍.ଏ)- ଆମ୍ବାଦୋଳା ଥାନା ଅନ୍ତର୍ଗତ ରାଣିପିଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ମଙ୍ଗଳବାର ଏକ କୋଇଲା ବୋଝେଇ ଟ୍ରକ୍ ଓଲଟି ପଡିଛି। ଫଳରେ ଡ୍ରାଇଭର ଓ ହେଲ୍ପର ଅଳ୍ପକେ ବର୍ତ୍ତିଯାଇଛନ୍ତି। ଉକ୍ତ ଟ୍ରକ୍ (ଏପି.୨୭.ଟିୱାଇ-୭୨୬୯) ବିଶାଖାପାଟଣାରୁ ରାୟପୁର ଯାଉଥିବା ବେଳେ ଭାରସାମ୍ୟ ହରାଇ ରାସ୍ତାକଡକୁ ଓଲଟି ପଡିଥିଲା।

# ନୂଆଦିଲ୍ଲୀରେ ବିକ୍ଷୋଭ ପାଇଁ ବିଜେଡିର ପ୍ରସ୍ତୁତି

### ଏମ୍ଏସ୍ପି ବୃଦ୍ଧି ପ୍ରସଙ୍ଗ

ଭୁବନେଶ୍ୱର,୧୮।୧୨(ବ୍ୟୁରୋ)

ଚାଷୀମାନଙ୍କୁ ଧାନ କୁଇଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍ପି)୨୯୩୦ ଟଙ୍କା ଦେବା ଦାବିରେ ବିଜୁ କୃଷକ ଜନତା ଦଳ ଆସନ୍ତା ଜାନୁୟାରୀ ୮ ତାରିଖରେ ନୂଆଦିଲ୍ଲୀରେ ବିକ୍ଷୋଭ କରିବ। ଏହି କାର୍ଯ୍ୟକ୍ରମକୁ କିପରି ସୂଚାରୁ ରୂପେ କରି ହେବ ସେ ନେଇ ମଙ୍ଗଳବାର ବିଜୁ ଜନତା ଦଳ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସ୍ୱାସ୍ଥ୍ୟ ମନ୍ତ୍ରୀ ପ୍ରତାପ ଜେନା, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ସମେତ ବିଜେଡିର କେତେଜଣ ବିଧାୟକ, ଲୋକ ସଭା ଏମପି ଓ ରାଜ୍ୟ ସଭା ସଦସ୍ୟ ଯୋଗ ଦେଇଥିଲେ।

ବୈଠକ ଶେଷରେ ବିଜୁ କୃଷକ ଜନତା ଦଳ ସଭାପତି ତଥା ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ ଯେ ନୂଆଦିଲ୍ଲୀଠାରେ ଆମେ ଦିନତମାମ ପ୍ରତିବାଦ କରିବୁ। ବିଧାୟକ, ଏମପି, ବିଭିନ୍ନ ଚାଷୀ ସଂଗଠନ ସଦସ୍ୟ ଏବଂ ପଞ୍ଚାୟତ ପ୍ରତିନିଧିମାନେ ଏହି ବିକ୍ଷୋଭରେ ସାମିଲ ହେବେ। ଏଥିସହିତ ଆମେ ସେହିଦିନ ରାଷ୍ଟ୍ରପତିଙ୍କୁ ସାକ୍ଷାତ୍ କରି ସ୍ମାରକପତ୍ର ପ୍ରଦାନ କରିବୁ। ତେବେ ପ୍ରତିବାଦ କରିବା ପାଇଁ ଏପର୍ଯ୍ୟନ୍ତ ସ୍ଥାନ ଚୂଡାନ୍ତ ହୋଇ ନାହିଁ। ବିକ୍ଷୋଭ ପାଇଁ ଉପଯୁକ୍ତ ସ୍ଥାନ ଚିହ୍ନଟ କରାଯିବ ବୋଲି ସେ କହିଛନ୍ତି। ବିଜେଡି ଏମ୍ପିମାନେ ଭାଜପା ନିର୍ବାଚନ ଇସ୍ତାହାରରେ ଦେଇଥିବା ପ୍ରତିଶ୍ରୁତି ପାଳନ କରି ନ ଥିବା ଅଭିଯୋଗ କରିଛନ୍ତି। ଦେଶରେ ତଥା ରାଜ୍ୟର ଚାଷୀମାନଙ୍କ ପାଇଁ ଧାନର ଏମ୍ଏସପି ବୃଦ୍ଧି କରିବା ସହ ସ୍ୱାମୀନାଥନ୍ କମିଶନ ରିପୋର୍ଟ କାର୍ଯ୍ୟକାରୀ କରିବାକୁ ଭାଜପା ପ୍ରତିଶ୍ରୁତି ଦେଇଥିଲା। ମାତ୍ର ଏ ପର୍ଯ୍ୟନ୍ତ ତାହା ପାଳନ କରି ପାରିଲା ନାହିଁ। ଧାନର ଏମ୍ଏସ୍ପି କୁଇଣ୍ଟାଲ ପିଛା କେନ୍ଦ୍ର ସରକାର ୧୭୫୦ ଟଙ୍କା ଧାର୍ଯ୍ୟ କରିଥିବା ବେଳେ ଆମେ ୨୯୩୦ ଟଙ୍କା ଦାବି କରୁଛୁ ବୋଲି ଆଚାର୍ଯ୍ୟ କହିଛନ୍ତି।



ନୂଆଦିଲ୍ଲୀଠାରେ ମଙ୍ଗଳବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଉପସ୍ଥିତ ବିଜେଡି ନେତାମାନେ ।

### ■ ସିଡିଏମ୍ଓଙ୍କ ରାଜ୍ୟସ୍ତରୀୟ ସମ୍ମିଳନୀ

# ସ୍ୱାସ୍ଥ୍ୟସେବାରେ ଅବହେଳାକୁ ପ୍ରଶ୍ରୟ ଦିଆଯିବ ନାହିଁ

ଭୁବନେଶ୍ୱର, ୧୮।୧୨(ବ୍ୟୁରୋ)

ସ୍ୱାସ୍ଥ୍ୟସେବା ଏକ ମୌଳିକ ଅତ୍ୟାବଶ୍ୟକ ସେବା। ଏଥିରେ କୌଣସି ପ୍ରକାର ଅବହେଳାକୁ ପ୍ରଶ୍ରୟ ଦିଆଯାଇ ପାରିବ ନାହିଁ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଭଲକାମ କରି ଆମେ ସର୍ବଭାରତୀୟ ସ୍ତରରେ ପ୍ରଶଂସନୀୟ ହୋଇଛେ। ତଥାପି ଆମକୁ ଆହୁରି ଅଧିକ ଭଲକାର୍ଯ୍ୟ କରିବାକୁ ପଡ଼ିବ। ସେ ନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ(ସିଡିଏମ୍ଓ)ମାନଙ୍କ ସହିତ ସମସ୍ତ ଡାକ୍ତର ଏବଂ ଅନ୍ୟ ପଦାଧିକାରୀମାନେ ଆନ୍ତରିକତାର ସହ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା କହିଛନ୍ତି। ସ୍ଥାନୀୟ ଏକ ହୋଟେଲରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ସିଡିଏମ୍ଓମାନଙ୍କ ୨ ଦିନିଆ ରାଜ୍ୟସ୍ତରୀୟ ସମ୍ମିଳନୀରେ ଡା. ମେହେର୍ଦ୍ଦା ଯୋଗଦେଇ ଏହା କହିଥିଲେ। ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲାଗି ଯେଉଁସବୁ ଯୋଜନା କରାଯାଇଛି, ସେସବୁର ସଫଳତା ଦିଗରେ ସିଡିଏମ୍ଓମାନେ ନିଷ୍ଠାପର ଉଦ୍ୟମ କରିବାକୁ ଡା. ମେହେର୍ଦ୍ଦା ପରାମର୍ଶ ଦେଇଥିଲେ।

ରାଜ୍ୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଅଗ୍ରଗତି ଏବଂ କାର୍ଯ୍ୟକାରିତାରେ ସୃଷ୍ଟି ହେଉଥିବା ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ମେହେର୍ଦ୍ଦା କହିଥିଲେ ଯେ, ରାଜ୍ୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସଫଳତା ଆମ ସମସ୍ତଙ୍କ ପାଇଁ ଆହ୍ୱାନ। ହିତାଧିକାରୀମାନେ ଏହି ଯୋଜନାରେ ଉପକୃତ ହେବା ଦିଗରେ ଯେପରି କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ସେଥିପ୍ରତି ଦୃଷ୍ଟିଦେବା ଜରୁରୀ।

ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ସମ୍ମିଳନୀ ଆୟୋଜନର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିବା ସହିତ ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ। ଜିଲାଗୁଡ଼ିକୁ ସ୍ୱାସ୍ଥ୍ୟସେବାର ବିଭିନ୍ନ କ୍ଷେତ୍ରରେ ଦିଆଯାଇଥିବା ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବା ପାଇଁ ପଦକ୍ଷେପ ନେବାକୁ ପଣ୍ଡିତ କହିଛନ୍ତି। ସମ୍ମିଳନୀରେ ରାଜ୍ୟ ମେଡିକାଲ ନିଗମ ପରିଚାଳନା ନିର୍ଦ୍ଦେଶିକା ଅର୍ଚ୍ଚନା ପଟ୍ଟନାୟକ, ସ୍ୱତନ୍ତ୍ର ସଚିବ ଡା. ବି. କେ. ବ୍ରହ୍ମା, ସାର୍ବଜନୀନ ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର କ୍ଷମତା ସମ୍ପନ୍ନ କମିଟି ଅଧ୍ୟକ୍ଷ ଡା. ଟି.ପି. ଦାଶ, ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ହରପ୍ରସାଦ ପଟ୍ଟନାୟକ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ସ୍ୱପ୍ନେଶ୍ୱର ଗଡ଼ନାୟକଙ୍କ ସମେତ ସବୁ ଜିଲାର ସିଡିଏମଓ ଏବଂ ବିଭାଗୀୟ ପଦସ୍ଥ ଅଧିକାରୀ ଯୋଗଦେଇଥିଲେ।




ସମ୍ମିଳନୀରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ସମ୍ବୋଧନ କରୁଛନ୍ତି।

# ଟପ୍ ଷ୍ଟାର ତାଲିକା ଶୀର୍ଷରେ ଦୀପିକା




ମୁମ୍ବାଇ

ଭାରତୀୟ ସିନେମା–୨୦୧୮ର ଟପ୍ ଷ୍ଟାର ତାଲିକା ଶୀର୍ଷରେ ରହିଛନ୍ତି ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ୍। ତାଙ୍କ ଅଭିନୀତ 'ଓମ୍ ଶାନ୍ତି ଓମ୍'ର ସହ–ଅଭିନେତା ଶାହରୁଖ୍ ଖାନ୍ଙ୍କୁ ମଧ୍ୟ ସେ ଟପିଯାଇଥିବା ପ୍ରମୁଖ ଗ୍ଲୋବାଲ ମୁଭି ୱେବ୍ସାଇଟ୍ ଆଇଏମ୍ଡିବି ପକ୍ଷରୁ ସୂଚନା ମିଳିଛି।

ମଙ୍ଗଳବାର ଆଇଏମ୍ଡିବି '୨୦୧୮ ଟପ୍ ଟେନ୍ ଷ୍ଟାର୍ସ ଅଫ୍ ଇଣ୍ଡିଆନ୍ ସିନେମା' ତାଲିକା ପ୍ରକାଶ କରିଛି। ଆଇଏମ୍ଡିବିପ୍ରୋ ଷ୍ଟାରମିଟର ର୍ୟାଙ୍କିଙ୍ଗ୍ସର ତଥ୍ୟ ବ୍ୟବହାର କରି ଉକ୍ତ ତାଲିକା ପ୍ରସ୍ତୁତ କରାଯାଇଛି। ସୁପରଷ୍ଟାର ଶାହରୁଖ୍ ଖାନ୍ ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ତାଙ୍କ ପଛକୁ ରହିଛନ୍ତି ଅମିର ଖାନ୍, କ୍ୟାଟ୍ରିନା କୈଫ୍, କୁବ୍ରା ସେଟ୍, ଇରଫାନ୍ ଖାନ୍, ରାଧିକା ଆପ୍ଟେ ଏବଂ ଅକ୍ଷୟ କୁମାର। ଚଳିତ ବର୍ଷ 'ପଦ୍ମାବତ୍'ରେ ଦୀପିକା ପାଦୁକୋନ୍ଙ୍କ ବଳିଷ୍ଠ ଅଭିନୟ ତାଙ୍କୁ '୨୦୧୮ ଆଇଏମ୍ଡିବି ଟପ୍ ଷ୍ଟାର୍ସ ଅଫ୍ ଇଣ୍ଡିଆନ୍ ସିନେମା ଲିଷ୍ଟ'ର ଶୀର୍ଷ ସ୍ଥାନରେ ରଖିପାରିଛି ବୋଲି ଆଇଏମ୍ଡିବିର ଅନ୍ତର୍ଜାତୀୟ ମୁଖ୍ୟା ନେହା ଗୁରେଜା ପ୍ରକାଶ କରିଛନ୍ତି।

ରାଧିକା ଆପ୍ଟେ ଅଭିନୟ କରିଥିବା 'ଅନ୍ଧାଧୁନ୍' ଇଣ୍ଡିଆନ୍ ମୁଭିଜ୍ ଅଫ୍ ୨୦୧୮ର ପ୍ରଥମ ସ୍ଥାନରେ ରହିଥିବା ବେଳେ 'ପଦ୍ମନ୍' ଷଷ୍ଠ ସ୍ଥାନରେ ରହିଛି। ଏଥିରେ ମୁଖ୍ୟ ଚରିତ୍ରରେ ଅଭିନୟ କରିଥିବା ଅକ୍ଷୟ କୁମାର ଉକ୍ତ ତାଲିକାର ୧୦ମ ସ୍ଥାନରେ ରହିଥିବା ସେ ପ୍ରକାଶ କରିଥିଲେ।

# ବଦଳିଲେ ୭ ଏଏସ୍ପି, ପଦୋନ୍ନତି ପାଇଲେ ୧୦ ଅଧିକାରୀ



କଟକ ଅଫିସ,୧୮।୧୨

ଓଡ଼ିଶା ପୋଲିସରେ କାର୍ଯ୍ୟରତ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ପୋଲିସ (ଡିଏସ୍ପି) ର୍ୟାଙ୍କର ୧୦ ଅଧିକାରୀଙ୍କୁ ଅତିରିକ୍ତ ସୁପରିଣ୍ଟେଣ୍ଡେଣ୍ଟ୍ ପୋଲିସ (ଏଏସ୍ପି)କୁ ପଦୋନ୍ନତି ମିଳିଛି। ଅନ୍ୟପକ୍ଷରେ ୭ଜଣ ଏଏସ୍ପିଙ୍କର ବଦଳ ହୋଇଛି। ଏନେଇ ମଙ୍ଗଳବାର ଓଡ଼ିଶା ପୋଲିସ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି।

ଏସିପି ଅସୀମ ମିଶ୍ରଙ୍କୁ ପଦୋନ୍ନତି ଦିଆଯାଇ କମିଶନରେଟ ପୋଲିସର ଅତିରିକ୍ତ ଡିସିପି ଭାବେ ନିଯୁକ୍ତ କରାଯାଇଛି। ସେହିପରି ସୁନ୍ଦରଗଡ଼ର ପିସିଆର ସେଲ୍ ଡିଏସ୍ପି ସବିତାରାଣୀ ପଣ୍ଡାଙ୍କୁ ସେହି ଜିଲାର ଏଏସ୍ପି, କଳାହାଣ୍ଡି ଡିଆଇବି ଡିଏସ୍ପି ସୁନିଲ ଆଚାର୍ଯ୍ୟଙ୍କୁ ନୂଆପଡ଼ା ଏଏସ୍ପି, ଖୋର୍ଦ୍ଧା ଡିଏସ୍ପି ଅମରେଶ ପଣ୍ଡାଙ୍କୁ ଗଞ୍ଜାମ ଏଏସ୍ପି, ମୟୂରଭଞ୍ଜ ଡିଆଇବି ଡିଏସ୍ପି ଦିଲୀପ ପଟେଲଙ୍କୁ ମୟୂରଭଞ୍ଜ ଆଇୟୁସିଏଡବ୍ଲ୍ୟୁ ଏଏସ୍ପି, ଗୋଇନ୍ଦା ବିଭାଗ ଡିଏସ୍ପି ସନ୍ତୋଷ ଦାସଙ୍କୁ ଭଞ୍ଜନଗର ଗୋଇନ୍ଦା ବିଭାଗ ଏଏସ୍ପି, କମିଶନରେଟ ପୋଲିସ ଟ୍ରାଫିକ୍ ଏସିପି ତ୍ରିନାଥ ମିଶ୍ରଙ୍କୁ କମିଶନରେଟ ପୋଲିସ ଆଇୟୁସିଏଡବ୍ଲ୍ୟୁ ଏଏସ୍ପି, ଭୁବନେଶ୍ୱର ବିପିଏସ୍ପିଏ ଡିଏସ୍ପି ପ୍ରଶାନ୍ତ ମହାନ୍ତିଙ୍କୁ ବିପିଏସ୍ପିଏ ଏଏସ୍ପି,ଏଚ୍ଆର୍ପିସି ଡିଏସ୍ପି ଅମିତା ପଟ୍ଟନାୟକଙ୍କୁ କେନ୍ଦ୍ରପଡା ଆଇୟୁସିଏଡବ୍ଲ୍ୟୁ ଏଏସ୍ପି, ଖୋର୍ଦ୍ଧା ଡିଆଇବି ଡିଏସ୍ପି ଅର୍ଜୁନ ବାରିକଙ୍କୁ ଭୁବନେଶ୍ୱର ବିପିଏସ୍ପିଏ ଏଏସ୍ପି, ଗୋଇନ୍ଦା ବିଭାଗ ଡିଏସ୍ପି ସୁବାଶ ଚନ୍ଦ୍ର ସ୍ୱାଇଁ ଓ ଆଲୋକ ଦେଓଙ୍କୁ ଗୋଇନ୍ଦା ବିଭାଗର ଏଏସ୍ପି ଭାବେ ନିଯୁକ୍ତ ଭାରାଯାଇଛି ।

ଅନ୍ୟପକ୍ଷରେ କମିଶନରେଟ ପୋଲିସର ଅତିରିକ୍ତ ଡିସିପି ସୀତାରାମ ଶତପଥୀଙ୍କୁ ଗଞ୍ଜାମ ଏଏସ୍ପି ଓ ଗୁଣୁପର ଏଏସ୍ପି ପତିତପାବନ ଚୌଧୁରୀଙ୍କୁ ଗଞ୍ଜାମ ଆଇୟୁସିଏଡବ୍ଲ୍ୟୁର ଏଏସ୍ପି ଭାବେ ବଦଳି କରାଯାଇଛି। ସେହିପରି କୋରାପୁଟ ଏଏସ୍ପି ରଘୁନାଥ ରାଓଙ୍କୁ ରାୟଗଡା ଏଏସ୍ପି, ଭୁବନେଶ୍ୱର ଗୋଇନ୍ଦା ବିଭାଗ ଏସ୍ଆଇଡବ୍ଲ୍ୟୁ ଏଏସ୍ପି ସୁବଳ ଚନ୍ଦ୍ର କରଙ୍କୁ ପୋଲିସ ମୁଖ୍ୟ କାର୍ଯ୍ୟାଳୟର ଅଭିଯୋଗ ବିଭାଗ ଏଏସ୍ପି, ଗୋଇନ୍ଦା ବିଭାଗର ସ୍ପେଶାଲ ବ୍ରାଞ୍ଚ ଏଏସ୍ପି ବିପିନ ବିହାରୀ ମଲ୍ଲିକଙ୍କୁ ଭୁବନେଶ୍ୱର ଗୋଇନ୍ଦା ବିଭାଗ ଏସ୍ଆଇଡବ୍ଲ୍ୟୁ ଏଏସ୍ପି, କେନ୍ଦ୍ରପଡା ଆଇୟୁସିଏଡବ୍ଲ୍ୟୁ ଏଏସ୍ପି ଅରୁଣ ଜେନାଙ୍କୁ କେନ୍ଦ୍ରାପଡା ଏଏସ୍ପି, ଭଞ୍ଜନଗର ଏଏସ୍ପି ପ୍ରଦୀପ ମହାପାତ୍ରଙ୍କୁ ସମ୍ବଲପୁର ବଦଳି କରାଯାଇଛି।

# ବିଲରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ଟିକିରି, ୧୮।୧୨(ଡି.ଏନ୍.ଏ)

କାଶୀପୁର ବ୍ଲକ୍ ଟିକିରି ଅନ୍ତର୍ଗତ ମୁଣ୍ଡାଗାଁ ଗ୍ରାମ ନିକଟସ୍ଥ ଏକ ଧାନ ବିଲରୁ ଜଣେ ବୃଦ୍ଧଙ୍କ ମୃତ ଦେହ ଉଦ୍ଧାର କରାଯାଇଛି। ବୃଦ୍ଧ ଜଣକ ହେଲେ ବୁଦୁ ଝୋଡିଆ । ସେ ରବିବାର ସାନମାଟିକଣା ଗ୍ରାମକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ହେଲେ ମଙ୍ଗଳବାର ମୁଣ୍ଡାଗାଁ ନିକଟ ବିଲ ହୁଡାରେ ତାଙ୍କ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା। ପରେ ପରିବାର ଲୋକେ ଗ୍ରାମବାସୀଙ୍କ ସହ ଶବ ସତ୍କାର କରିଛନ୍ତି । ଏନେଇ ଥାନାରେ ଅଭିଯୋଗ ହୋଇ ନ ଥିବା ଆଇଆଇସି ସୁଜାନି ସାହୁ କହିଛନ୍ତି।


## ୨୦୧୮-୧୯ ଖରିଫ ବର୍ଷ ପାଇଁ ଧାନ କ୍ରୟ ବ୍ୟବସ୍ଥା- ମାଲକାନଗିରି

ସୂଚନା

ଏତଦ୍ୱାରା ମାଲକାନଗିରି ଜିଲ୍ଲାର ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଚଳିତ ୨୦୧୮–୧୯ ଖରିଫ ବର୍ଷ ପାଇଁ ସରକାର ନିମ୍ନ ପ୍ରକାରେ ଧାନ ଦର ସ୍ଥିର କରିଛନ୍ତି।

| କ୍ର. ନଂ. | ଧାନ | କ୍ୱିଣ୍ଟାଲ ପିଛା: ନିର୍ଦ୍ଧାରିତ ମାନର ଦର | କ୍ୱିଣ୍ଟାଲ ପିଛା: ମୋଟ |
|---|---|---|---|
| କ. | ସାଧାରଣ ଧାନ (FAQ) | ୧୭୫୦.୦୦ | ୧୭୫୦.୦୦ |
| ଖ. | ଗ୍ରେଡ୍ 'ଏ' ଧାନ (FAQ) | ୧୭୭୦.୦୦ | ୧୭୭୦.୦୦ |

ନିମ୍ନରେ ସାଧାରଣ ଧାନ ଓ ଗ୍ରେଡ୍ 'ଏ' ଧାନର ମାନ ଦିଆଗଲା।

| କ୍ର. ନଂ. | ଧାନର ଅନୁମୋଦିତ ବାହ୍ୟ ପଦାର୍ଥ | ନିର୍ଦ୍ଧାରିତ ମାନ |
|---|---|---|
| ୧ | କ) ବାହ୍ୟ ପଦାର୍ଥ– ମାଟି, ଗୋଡ଼ି, ବାଲି ଓ ଗୁଣ୍ଡ ଇତ୍ୟାଦି | ୧% |
| | ଖ) ବାହ୍ୟ ପଦାର୍ଥ– କାଠି, କୁଟା ଓ ଅଗାଡ଼ି | ୧% |
| ୨ | ନିକୃଷ୍ଟ ବେରଙ୍ଗୀ, ପୋକଖିଆ ଓ ପାଣିଫୁଲା ଧାନ | ୫% |
| ୩ | ଅପରିପକ୍ୱ, ମଲା ବା ଚାଉଳ ବାହାରୁ ନ ଥିବା ଧାନ | ୩% |
| ୪ | ସରୁ ଧାନରେ ମିଶ୍ରିତ ମୋଟା ଧାନ | ୬% |
| ୫ | ଜଳୀୟ ଅଂଶ | ୧୭% |

(କ) ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ, ଦିଆଯାଇଥିବା ନିର୍ଦ୍ଧାରିତ ଦିନରେ ସଫା ଶୁଖିଲା ଓ ନିର୍ମଳ ଧାନ ସହ ନିଜ ପରିଚୟର ପ୍ରମାଣ ପାଇଁ ଭୋଟର ପରିଚୟ ପତ୍ର କିମ୍ବା କିଷାନ କ୍ରେଡିଟ୍ କାର୍ଡ କିମ୍ବା ବିଜୁ କୃଷକ କଲ୍ୟାଣ ଯୋଜନା କାର୍ଡ କିମ୍ବା ଆଧାର କାର୍ଡର ନକଲ ଧରି ଆସିବେ।
(ଖ) ଆସନ୍ତା ୨୫।୧୨।୨୦୧୮ ତାରିଖଠାରୁ ମାଲକାନଗିରି ଜିଲ୍ଲାରେ ଧାନ କିଣା ଆରମ୍ଭ ହେବ।
(ଗ) ଧାନ ମଣ୍ଡିକୁ ଆଣିବା ସମୟ ସକାଳ ୮ ଘଣ୍ଟାଠାରୁ ଦିନ ୨ ଘଣ୍ଟା ପର୍ଯ୍ୟନ୍ତ
(ଘ) ଧାନ ବିକ୍ରି ପାଇଁ ଆଗୁଆ ଟୋକେନ ସାତ ଦିନ ଆଗରୁ ସମ୍ପୃକ୍ତ LAMPCS ରୁ ପାଇପାରିବେ।
(ଙ) ଜଳସେଚିତ ଜମି ଏକର ପିଛା ୧୯ କ୍ୱିଣ୍ଟାଲ ଏବଂ ଅଣ ଜଳସେଚିତ ଜମି ଏକର ପିଛା ୧୩ କ୍ୱିଣ୍ଟାଲ, ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ କରାଯାଇଅଛି।
(ଚ) ପ୍ରତ୍ୟେକ ଚାଷୀ ଗୋଟିଏ ଦିନରେ ୩୦ କ୍ୱିଣ୍ଟାଲ ପର୍ଯ୍ୟନ୍ତ ଧାନ ଗୋଟିଏ ମଣ୍ଡିରେ ବିକ୍ରି କରି ପାରିବେ।

ବି.ଦ୍ର. Sub-Collector, Malkangiri, Mob: 8763128797, 7656970605, Office: 06861-230868, C.S.O. Malkangiri, Mob No: 9438200051, Off: 06861-230358. Secretary RMC, Mob: 9438064330

ସୌଜନ୍ୟ
ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ମାଲକାନଗିରି








## ଜିଲ୍ଲା ଯୋଗାଣ ନିଗମ ଲିଃ. କେନ୍ଦ୍ରାପଡା
## ଧାନ କ୍ରୟ ନିମନ୍ତେ ବିଜ୍ଞାପନ

କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ନିଷ୍ପତ୍ତି କ୍ରମେ, ଚଳିତ ଖରିଫ ବର୍ଷ ୨୦୧୮–୧୯ ନିମନ୍ତେ ତା. ୧୫.୧୨.୨୦୧୮ରିଖ ଠାରୁ ଯୋଗାଣ ନିଗମ ଜରିଆରେ ଜିଲ୍ଲାର ନିମ୍ନଲିଖିତ ୧୧୫ ଗୋଟି ପ୍ରାଥମିକ କୃଷି ସମବାୟ ସମିତି (PACS) ମାଧ୍ୟମରେ ଧାନକ୍ରୟ ମଣ୍ଡିମାନ ଖୋଲାଯାଇଅଛି। ଧାନକ୍ରୟ କେନ୍ଦ୍ରର ନାମ ଓ ସଂପୃକ୍ତ ଅଧିକାରୀଙ୍କ ଫୋନ୍ ନଂ, କ୍ରୟ ଦିବସ ଓ କ୍ରୟ କେନ୍ଦ୍ରକୁ ସଂଯୁକ୍ତ କରାଯାଇଥିବା ଗ୍ରାମ ପଞ୍ଚାୟତଗୁଡିକର ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ କରାଗଲା।
ଏଣୁ ଜିଲ୍ଲାର ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ, ସେମାନେ ସେମାନଙ୍କର ଉତ୍ପାଦିତ ବଳକା ଧାନ (FAQ) ମାନର କରାଇ ସେମାନଙ୍କର ସଂପୃକ୍ତ ଅଞ୍ଚଳର (PACS) ଗୁଡିକରେ ସରକାରଙ୍କର ନିୟମାନୁଯାୟୀ ସରକାରଙ୍କ ଦ୍ୱାରା ଘୋଷିତ ସର୍ବନିମ୍ନ ସହାୟକ ମୂଲ୍ୟରେ, ଗୁରୁବାର ଓ ଜାତୀୟ ଛୁଟି ଦିବସ ବ୍ୟତୀତ, ଅନ୍ୟ ସମସ୍ତ ଦିବସରେ ଧାନ ବିକ୍ରୟ କରିପାରିବେ। ଧାର୍ଯ୍ୟ ଦିନ ଗୁଡିକରେ ସକାଳ ୮ ଘଟିକା ଠାରୁ ୨ ଘଟିକା ପର୍ଯ୍ୟନ୍ତ ବିକ୍ରୟ କରିପାରିବେ। ଆବଶ୍ୟକ ହେଲେ ଧାର୍ଯ୍ୟ ଦିନ ଓ ସମୟ ପରିବର୍ତ୍ତନ କରାଯାଇପାରିବ। (FAQ) ଧାନର ଗୁଣାତ୍ମକ ମାନ ନିମ୍ନରେ ପ୍ରଦାନ କରାଗଲା।

| ଧାନରେ ମିଶ୍ରିତ ନିକୃଷ୍ଟ ବା ବାହ୍ୟ ପଦାର୍ଥ | ଏଫ୍.ଏ.କ୍ୟୁ. ମାନର ଧାନ ପାଇଁ ସର୍ବୋଚ୍ଚ ଗ୍ରହଣୀୟ ସୀମା |
|---|---|
| • ବାଲି, ମାଟି, ଗୋଡ଼ି ବା ଧୂଳି ଇତ୍ୟାଦି ଅଜୈବିକ ବାହ୍ୟ ପଦାର୍ଥ | ୧.୦% |
| • କାଠି, କୁଟା, ଧୂଷ, ଅଗାଡ଼ି ବା ପୋଲା ଇତ୍ୟାଦି ଜୈବିକ ବାହ୍ୟ ପଦାର୍ଥ | ୧.୦% |
| • ଖରାପ, ବେରଙ୍ଗୀ, ପାଣିଫୁଲା ବା ପୋକା ଇତ୍ୟାଦି | ୫.୦% |
| • ଅପରିପକ୍ୱ, କଞ୍ଚା, ସବୁଜ, ବଙ୍କା ବା ସଙ୍କୁଚିତ ଇତ୍ୟାଦି | ୩.୦% |
| • ସରୁଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ୍ 'ଏ' ଧାନ ନିମନ୍ତେ) | ୬.୦% |
| • ଆର୍ଦ୍ରତା ବା ଜଳୀୟ ଅଂଶ | ୧୭.୦% |
| • ସରକାରଙ୍କ ଦ୍ୱାରା ଘୋଷିତ ହୋଇଥିବା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ:– | |
| • ଏଫ୍.ଏ.କ୍ୟୁ. ମାନର ସାଧାରଣ ଧାନ କୁଇଣ୍ଟାଲ୍ ପ୍ରତି ଦର | ଟ. ୧୭୫୦.୦୦ |
| • ଗ୍ରେଡ୍ 'ଏ' ଧାନ କୁଇଣ୍ଟାଲ ପ୍ରତି ଦର | ଟ. ୧୭୭୦.୦୦ |


ପ୍ରାଥମିକ କୃଷି ସମବାୟ ସମିତିର ତାଲିକା

| କ୍ରମିକ ନମ୍ବର | (PACS) ଧାନ କ୍ରୟ କେନ୍ଦ୍ରର ନାମ ଓ ସଂପୃକ୍ତ ଅଧିକାରୀଙ୍କ ଫୋନ୍ ନଂ | | ସଂଲଗ୍ନ ଗ୍ରାମ ପଞ୍ଚାୟତ |
|---|---|---|---|
| | ୧. କେନ୍ଦ୍ରାପଡ଼ା ବ୍ଲକ– | | |
| ୧ | ଆୟେବା – ୯୪୩୭୭୯୪୫୫୪ | : | ଆୟେବା, ପୁରୁଷୋତ୍ତମପୁର, ଗଙ୍ଗାରାମପୁର |
| ୨ | ବଗଡା – ୯୦୯୦୨୬୧୪୭୨ | : | ବଗଡା, କଳପଡା |
| ୩ | ବାରୋ– ୯୫୫୬୦୩୬୯୬୬ | : | ବାରୋ, କୋରୋ |
| ୪ | ଭରତପୁର – ୯୯୩୭୭୫୨୮୨୧ | : | ଭରତପୁର, ଶ୍ୟାମସୁନ୍ଦରପୁର, ଚକୋଡା |
| ୫ | ଚଉଦକୁଲାଟ – ୯୪୩୯୬୯୮୪୨୨ | : | ଚନ୍ଦନପୁର, କେଶପୁର, ସାନମାଣିଆ, ପଳସିଂହା |
| ୬ | ଗୁଲନଗର – ୯୭୭୭୮୯୪୨୪୧ | : | ଗୁଲନଗର, କପାଳେଶ୍ୱର |
| ୭ | ଇନ୍ଦୁପୁର – ୯୧୭୮୯୫୩୭୬୮ | : | ଇନ୍ଦୁପୁର, ଧୁମାନ୍ତ, ଚାରିଗାଁ, ନିକିରାଇ |
| ୮ | ଜମଧର – ୮୩୨୮୬୪୮୬୯ | : | ଜମଧର, ଭାଗବତପୁର, ଚକୋଡା, ଶ୍ୟାମସୁନ୍ଦରପୁର |
| ୯ | କୋର – ୯୧୭୮୯୫୩୭୫୯ | : | କୋର |
| ୧୦. | ଓସ୍ତପୁର – ୯୯୩୭୯୪୩୧୨୬ | : | ଓସ୍ତପୁର, କଂସାର |
| ୧୧. | କୁତୁରଙ୍ଗ – ୯୯୩୭୯୩୪୦୪୨ | : | ଡୋଳ, ନିକିରାଇ, କୁତୁରଙ୍ଗ |
| | ୨. ଡେରାବିଶ ବ୍ଲକ | | |
| ୧୨. | ଦାନପୁର – ୯୯୩୮୨୮୭୭୮୪ | : | ଦାନପୁର, ଚାନ୍ଦୋଳ, ଖମୋଳ, ମୁକୁନ୍ଦପୁର, ଜଆଁରାବାରିମୂଳ |
| ୧୩. | ଗୋଲରାହାଟ – ୮୯୦୮୦୫୭୭୮୯ | : | ଗୋଲରାହାଟ, ବାଲିଆ, ଲକ୍ଷ୍ମୀନାରାୟଣପୁର |
| ୧୪. | କପିଳେଶ୍ୱର – ୯୯୩୮୦୬୧୯୬୧ | : | ଜଆଁରା ବାରିମୂଳ, ଇନ୍ଦୋଳ, ହରିଅଙ୍କ |
| ୧୫. | କୁଶିଆପାଳ – ୯୪୩୭୩୧୪୦୧୫ | : | କୁଶିଆପାଳ, ଗୁହାଳସିଂହ, ବାରିମୂଳ |
| ୧୬. | କାଉପଡା – ୯୪୩୭୦୬୩୮୯୨ | : | କାଉପଡା, ଚାଟରାଚକଡା, ଗୋଲରାହାଟ, କୁରୁଜଙ୍ଗା |
| ୧୭. | ଏଣ୍ଡର – ୯୭୭୭୩୨୮୯୪୯ | : | ଏଣ୍ଡର, ନରସିଂହପୁର, ଲକ୍ଷ୍ମୀନାରାୟଣପୁର |
| ୧୮. | ନହଙ୍ଗ – ୯୪୩୭୧୩୦୬୩୯ | : | ନହଙ୍ଗ, ଛୋଟି, କୁରୁଜଙ୍ଗା |
| ୧୯. | ପଲ୍ଲେଇ – ୮୮୪୭୮୩୨୯୪୨ | : | ପଲ୍ଲେଇ, ଗୋଲରାହାଟ, ଚାନ୍ଦୋଳ, ଖମଳ |
| ୨୦. | ରଘୁଦେଇପୁର – ୯୦୯୦୩୩୯୪୯୧ | : | ବେଣୀପୁର, ମଙ୍ଗଳପୁର, କୁରୁଜଙ୍ଗ, ରଘୁଦେଇପୁର, ଲକ୍ଷ୍ମୀନାରାୟଣପୁର |
| ୨୧ | ରତାଦିଆ ଖଣ୍ଡସାହି – ୯୯୩୭୧୭୦୬୬୯ | : | ରତାଦିଆ, ଖଣ୍ଡସାହି, ବସପୁର, ଦାନପୁର |
| | ୩. ମହାକାଳପଡା ବ୍ଲକ | | |
| ୨୨ | ଅଳାଇଲୋ – ୯୯୩୭୭୨୨୨୫୨ | : | ଅଳାଇଲୋ, ରାଜଗଡ, ଦେଉଳପଡା |
| ୨୩ | ବାରଡାଙ୍ଗ – ୯୭୭୭୧୬୪୭୨୮ | : | ବାରଡାଙ୍ଗ, ବଉଳକଣି, ଜମ୍ବୁ |
| ୨୪. | ବେଣାକନ୍ଦା – ୯୯୩୮୨୦୩୪୭୨ | : | ବହଡିହ, ସୁନିତି, ଗୋଗୁଆ |
| ୨୫ | ବିଜୟନଗର – ୯୯୩୮୫୦୯୭୩୩ | : | ବିଜୟ ନଗର, ଦେଉଳିପଡା, ବଳିପାଳ |
| ୨୬ | ଛତର – ୯୯୩୮୨୮୦୨୫ | : | ବହଡିହ, ବଳିପାଳ |
| ୨୭ | ଯଦୁପୁର – ୯୯୩୮୬୪୮୬୩୫ | : | ଯଦୁପୁର, ଜୟଚନ୍ଦ୍ରପୁର, ତେରଗାଁ |
| ୨୮ | କରମକୁଳ – ୯୧୭୮୪୬୧୮୮୪ | : | ବଡକୁଳ |
| ୨୯ | କୋଟିଳା – ୭୬୫୩୦୧୨୫୯୯ | : | ରାମନଗର, ବରକନ୍ଦା |
| ୩୦ | ମହାକାଳପଡା – ୯୭୭୭୭୨୧୩୬୨ | : | ମହାକାଳପଡା |
| ୩୧ | ମଙ୍ଗଳପୁର – ୭୩୮୧୯୦୫୮୩୫ | : | ମଙ୍ଗଳପୁର, ବରକନ୍ଦା, ଖରନାସୀ, ବଡୀଘର |
| ୩୨ | କୋରଟପଙ୍ଗା – ୯୯୩୭୫୯୭୪୩୩ | : | ପାଟଲିପଙ୍କ, ଟିକରପଙ୍ଗା, ଖୁରୁସିଆ |
| ୩୩ | ରତିଆ – ୯୯୩୮୧୭୮୦୮୩ | : | ବଡିହ, ବିଜୟନଗର |
| ୩୪ | ବରକନ୍ଦା – ୭୩୨୭୯୪୭୬୪୬ | : | ବରକନ୍ଦା, ଖରନାସି, ମଙ୍ଗଳପୁର, ବଡୀଘର |
| ୩୫ | ପାଟଲିପଙ୍କ – ୮୬୫୮୦୪୨୨୦୩ | : | ପାଟଲିପଙ୍କ, ଖୁରୁସିଆ |
| ୩୬ | ନାଞ୍ଜୁରା – ୭୮୯୪୫୭୩୦୫୦ | : | ଗୋଗୁଆ, ସୁନିତୀ |
| ୩୭ | ଅମେଇପାଳ – ୮୮୪୭୮୨୬୧୫୧ | : | ତିଖିରୀ, ଅମେଇପାଳ |
| ୩୮ | ତରାଦେଇପୁର – ୭୭୫୦୦୫୧୨୯୯ | : | ଟିକରପଙ୍ଗା, ତେରଗାଁ |
| ୩୯ | ଗଡରୋମିତ – ୮୮୯୫୬୧୧୪୫୮ | : | ଟିକରପଙ୍ଗା, ତେରଗାଁ |
| ୪୦ | କରଞ୍ଜ – ୯୯୩୮୬୨୯୬୬୫ | : | କରଞ୍ଜ |
| ୪୧ | ମଧୁରଗଣ୍ଡ – ୭୮୯୪୮୫୩୬୪୦ | : | ଅମେଇପାଳ, ଖୁରୁସିଆ |
| ୪୨ | ନୂଆଗାଁ – ୮୧୧୭୮୬୬୪୪୧ | : | ତିଖିରୀ ଅମେଇପାଳ |
| ୪୩ | ତେରଗାଁ – ୯୭୭୭୪୭୧୦୪୧ | : | ତେରଗାଁ |
| ୪୪ | ବଡକୁଳ – ୯୫୫୬୩୮୯୬୨୬ | : | ବଡକୁଳ, କରଞ୍ଜ |
| ୪୫ | ବେନୁପାଳ : ୯୯୩୭୦୭୩୮୮୧ | : | ବଡକୁଳ, କରଞ୍ଜ |
| | ୪. ମାର୍ଶାଘାଇ ବ୍ଲକ | | |
| ୪୬ | ଅନ୍ତେଇ – ୯୭୭୬୭୭୧୪୨୫ | : | ଅନ୍ତେଇ, ତାଳସଙ୍ଗା, ମଙ୍ଗରାଜପୁର, ବେରୁହାଁ |
| ୪୭ | ବଟିରା – ୭୮୯୪୪୬୬୯୧୧ | : | ବଟିରା, ଅନ୍ତେଇ, ମଙ୍ଗରାଜପୁର |
| ୪୮ | ଦୁମୁକା – ୭୮୯୪୩୫୭୩୩୭ | : | ଦୁମୁକା, ଦଣ୍ଡିପୁର, ମାର୍ଶାଘାଇ |
| ୪୯ | ଗରଜଙ୍ଗା – ୮୬୫୮୩୨୭୮୬୭ | : | ଗରଜଙ୍ଗା, ତାଳସଙ୍ଗା, ବେରୁହାଁ |
| ୫୦ | ଜମପଡା – ୯୯୩୮୧୫୨୩୯୭ | : | ଜମପଡା, ମେହେନ୍ଦିନଗର, ଆଇତିପୁର |
| ୫୧ | ମାର୍ଶାଘାଇ – ୯୦୯୦୧୯୩୦୬୫ | : | ମାର୍ଶାଘାଇ, ମଣିକୁଣ୍ଡା, ଶିଳିପୁର, ପରକୁଳା |
| ୫୨ | କୁହୁଡି – ୯୪୩୭୧୮୩୩୧୨ | : | କୁହୁଡି, ଅଙ୍ଗୁଳାଇ |
| ୫୩ | କରିଲୋପାଟଣା – ୯୯୩୭୧୬୨୭୯୪ | : | କରିଲୋପାଟଣା, ଜଳପୋକ, ଆଇତିପୁର |
| ୫୪ | ବଛରାଇ – ୯୯୩୭୩୦୭୫୬୧ | : | ବଛରାଇ, ବନ୍ଧକଟା, ମଣିକୁଣ୍ଡା |
| ୫୫ | ଆଖୁଆ ଦକ୍ଷିଣ – ୯୯୩୮୩୦୬୨୧୧ | : | ଆଖୁଆ ଦକ୍ଷିଣ, ରାଘବପୁର, ପରକୁଳ |
| | ୫. ରାଜନଗର ବ୍ଲକ | | |
| ୫୬ | ବଡନୌକଣା – ୯୯୩୭୩୧୦୮୫୪ | : | ବ୍ରାହ୍ମଣସାହି |
| ୫୭ | ଭାଟପଡା – ୭୩୭୭୪୯୮୭୯୪ | : | ବନ୍ଧପଡା, ସାନବଡା,ଗୋପାଳପୁର |
| ୫୮ | ଚାନ୍ଦିବାଉଁଶମୂଳ – ୯୯୩୭୨୩୩୧୪୧ | : | ଚାନ୍ଦିବାଉଁଶମୂଳ, କଣ୍ଡିଆ |
| ୫୯ | ଡାଙ୍ଗମାଳ – ୯୯୩୮୦୫୩୫୬୭ | : | ଈଶ୍ୱରପୁର, ଡାଙ୍ଗମାଳ, କଣ୍ଡିଆ |
| ୬୦ | ଡେରା – ୯୧୭୮୨୦୫୭୪୬ | : | ଡେରା, ବ୍ରାହ୍ମଣସାହି |
| ୬୧ | କୋଇଲିପୁର – ୯୪୩୮୪୩୩୮୫୭ | : | କୋଇଲିପୁର |
| ୬୨ | କୁରୁଣ୍ଡି – ୯୯୩୭୯୫୦୮୧୨ | : | କୁରୁଣ୍ଡି, ମହୁଲିଆ, ଡେରା, ବ୍ରାହ୍ମଣସାହି |
| ୬୩ | ନୋଧାବସନ୍ତ – ୯୯୩୭୨୮୨୫୬୯ | : | କୁରିଣ୍ଡି, ଡେରା, ଚାନ୍ଦିବାଉଁଶମୂଳ |
| ୬୪ | ତାଳଚୁଆ – ୯୪୩୭୯୦୦୫୫୯ | : | ତାଳଚୁଆ, ରଙ୍ଗଣି |
| ୬୫ | ଓସ୍ତିଆ – ୮୯୦୮୩୧୭୦୫୭ | : | ଓସ୍ତିଆ, ବାଲିସାହିପାଟଣା, ବନ୍ଧପଡା |
| ୬୬ | ରାଜନଗର – ୯୧୭୮୫୦୧୫୨୯ | : | ରାଜନଗର, ମହୁଲିଆ |
| ୬୭ | ଗୋପାଳପୁର – ୯୯୩୭୦ ୯୩୯୯୮ | : | ଗୁପ୍ତି, ସାତଭାୟା |
| ୬୮ | ବାଲିସାହିପାଟଣା – ୯୪୩୭୬୦୫୦୩୯ | : | ବାଲିସାହିପାଟଣା, ଓସ୍ତିଆ, ସାନବଡଗୋପାଳପୁର |
| | ୬. ପଟ୍ଟାମୁଣ୍ଡାଇ ବ୍ଲକ୍ – | | |
| ୬୯ | ବଡମୂଳବସନ୍ତ – ୭୬୫୩୯୯୨୯୨୦ | : | ବଡମୂଳବସନ୍ତ, ଗଙ୍ଗପଡା, ନୀଳକଣ୍ଠପୁର, ପେଣ୍ଠପାଳ, ତରଡିପାଳ, ଅଳପୁଆ, ସିଂଗଗାଁ, ଅଣ୍ଡରା, ଅମୃତମଣୋହି, ବଲରିଆ |
| ୭୦ | ଖଡିଅଣ୍ଟା – ୯୯୩୮୩୧୧୬୦୭ | : | ଖଡିଅଣ୍ଟା, ବାଲିପାଟଣା, ପଟ୍ଟାମୁଣ୍ଡାଇ, ଏନ୍ଏସି |
| ୭୧ | ଡାମରପୁର – ୯୭୭୭୭୪୪୨୨୩ | : | ଡାମରପୁର, ଶ୍ରୀରାମପୁର, ବଳଭଦ୍ରପୁର |
| ୭୨ | ଶ୍ୟାମସୁନ୍ଦରପୁର – ୯୯୩୮୯୧୦୮୪୯ | : | ଦୋସିଆ, ବିଲିକଣା, |
| ୭୩ | ସଂସାରଫଳ – ୯୭୭୭୧୪୮୨୯୩ | : | ସଂସାରଫଳ, ଖନତା |
| ୭୪ | ଓଡପଡା – ୯୯୩୭୩୪୨୨୪୬ | : | ଓଡପଡା, ଖନତା, ବିଲିକଣା |
| ୭୫ | ନରସିଂହପୁର – ୯୯୩୮୭୯୫୭୪୯ | : | ନରସିଂହପୁର, ଡିହପଡା |
| ୭୬ | ଅଳଭା – ୯୮୫୩୧୬୩୧୭୩ | : | ଶାସନ, ପଟ୍ଟାମୁଣ୍ଡାଇ ଏନ୍.ଏ.ସି. |
| ୭୭ | ଚନ୍ଦନନଗର – ୯୯୩୮୦୦୧୭୮୮ | : | ଚନ୍ଦନନଗର, ଶାସନ, ସଂସାରଫଳ, ଖନତା |
| ୭୮ | ସାନଜରିଆ : ୯୯୩୭୫୭୮୯୧୮ | : | ସାନଜରିଆ, ଅରଡାପଲ୍ଲୀ, ବଡମୋହନପୁର |
| ୭୯ | ବଡପଡା – ୯୯୩୭୨୭୬୮୧୪ | : | ବଡାପଡା, ଦେହୁଡିପୁର, ଦୋଷିଆ |
| ୮୦ | ତେରୋହି : ୯୯୩୮୦୯୯୬୪୩ | : | ବିଲିକଣା |
| | ୭. ଆଳି ବ୍ଲକ୍ – | | |
| ୮୧ | ଦେମାଳ – ୯୭୭୭୬୦୬୦୭୮ | : | ଦେମାଳ, ନିଆଳ, ତୁଙ୍ଗ |
| ୮୨ | ବାଟିପଡା – ୭୮୯୪୯୭୦୮୭୫ | : | ବାଟିପଡା, ସାନମଙ୍ଗ, ନୂଆପଡା, ସହିରା, ଡିମିରିପାଳ, ଅଙ୍ଗୀଳ, ଭୁଇଁପୁର, ଗୋବିନ୍ଦପୁର, କୁଆଁଣିଆ, ପେଟପଡା, ଏରଡାଙ୍ଗ, କେନ୍ତୁଆପାଳ |
| ୮୩ | ପଡପୁର – ୯୯୩୭୯୭୧୩୩୨ | : | ପଡପୁର, ନରେନ୍ଦ୍ରପୁର, ସହିରା, ସିଙ୍ଗିରି, ବଲ୍ଲରା |
| ୮୪ | ସିଙ୍ଗିରି – ୯୯୩୮୧୨୮୯୧୭ | : | ସିଙ୍ଗିରି, ଚଣ୍ଡିଆଗଡ, ମାଣିକପାଟଣା, ଅରେଇକଣା |
| ୮୫ | ନୂଆଗାଁ – ୯୭୭୬୫୩୫୯୫୫ | : | ବାଲକାଟି, ବାଦାମବିଲ |
| ୮୬ | ଭୁଇଁପୁର – ୯୪୩୯୫୬୩୭୧୪ | : | ସାନସିତ, ଭୁଇଁପୁର, କଳାସପୁର, ତୁଙ୍ଗ |
| ୮୭ | ମହୁ – ୯୪୩୭୫୪୦୭୨୩ | : | ମହୁ, କଲଡିହ, ଅଟଳ, ବାଳକାଟି |
| ୮୮ | କଣ୍ଟିପୁର – ୯୪୩୯୭୦୩୨୯୭ | : | ମେଣ୍ଢାପୁର, ନିଆଳ, ବାଳକାଟି, ଅରେଇକଣା |
| ୮୯ | ଦେସାହି – ୯୯୩୮୪୧୫୭୦୨ | : | ଦେସାହି, ଏରଡାଙ୍ଗ, କେନ୍ତୁଆପାଳ, ପାଳିମି |
| ୯୦ | ଗୋବିନ୍ଦପୁର – ୮୦୧୮୮୬୩୭୩୩ | : | ଗୋବିନ୍ଦପୁର, କୁଆଁଣିଆ, ପେଟପଡା, ଏରଡାଙ୍ଗ, କେଣୁଆପାଳ |
| | ୮. ରାଜକନିକା ବ୍ଲକ୍ | | |
| ୯୧ | ବରାଡିଆ – ୯୬୫୮୫୩୦୮୫୩ | : | ବରାଡିଆ, ଜୟନଗର |
| ୯୨ | କଣ୍ଟପଡା – ୯୧୭୮୯୪୯୪୮୪ | : | କଣ୍ଟପଡା, ବାଘବୁଦା, ଜାଗୁଲାଇପଡା |
| ୯୩ | ସିକୋ – ୭୮୭୩୮୧୬୯୮୨ | : | ସିକୋ, କୋରଣ୍ଡା |
| ୯୪ | ଚରପଡା –– ୯୧୭୮୨୦୯୮୦୨ | : | ଚରପଡା, ନନ୍ତରା, ଦେଉଳପଡା, ପଦନିପାଳ |
| ୯୫ | ସିଙ୍ଗିଡି – ୯୯୩୮୨୬୫୭୩୫ | : | କାଟଣବଣିଆ, କୋଇଲିପୁର |
| ୯୬ | କାଟଣବଣିଆ – ୯୪୩୯୬୫୦୦୫୬ | : | କାଟଣବଣିଆ, ଜୟନଗର, କୋଇଲିପୁର |
| ୯୭ | ସିହୋପଡା – ୭୭୪୯୯୬୦୯୪୦ | : | ସିହୋପଡା, ଦେଉଳପଡା, ପ୍ରଧାନପଡା, ବରାହମଣ୍ଡା, ପାରିନୂଆପଡା |
| ୯୮ | ହାଟସାହି – ୭୮୯୪୩୨୪୬୮୭ | : | ହାଟସାହି, ଅବ୍ଦୁଲପୁର, ପ୍ରଧାନପଡା, ପଣସଗଣ୍ଡ |
| ୯୯ | ବଡାଘର – ୬୩୭୦୪୬୧୦୭ | : | ବାଘବୁଦା, କଣ୍ଟପଡା |
| ୧୦୦ | ଲହୁଣି – ୯୭୭୬୯୪୪୯୨୫ | : | ଲହୁଣି, ଜାଗୁଲାଇପଡା, ବାରହି ଦୋମୁଣ୍ଡା, ପେଗରପଡା |
| ୧୦୧ | ଭାରିଗଦା – ୯୧୭୮୨୦୯୭୨୪ | : | ଭାରିଗଦା, ବରୁଣଡିହା |
| ୧୦୨ | ବରୁଣା – ୮୮୪୭୮୬୬୮୦୬ | : | ବରୁଣା, ପାରିନୂଆପଡା, ବଳରାମପୁର, ଓଳାଭର, ହାବଳଗଣ୍ଡ, ପେଗରପଡା |
| ୧୦୩ | ତ୍ରୈଲୋକ୍ୟପୁର – ୮୬୫୮୮୦୧୧୧୩ | : | ତ୍ରୈଲୋକ୍ୟପୁର, ଆକୁଳିପଡା, କୋଇଲିପୁର, ବରାଡିଆ, ଜୟନଗର |
| ୧୦୪ | କୋରଣ୍ଡ – ୮୮୪୭୮୬୯୯୯୨ | : | କୋରଣ୍ଡ, ତ୍ରୈଲୋକ୍ୟପୁର, ଆକୁଳିପଡା |
| ୧୦୫ | ଦେଉଳି – ୭୩୮୧୧୨୧୭୧୦ | : | ବରାଡିଆ, କଣ୍ଟପଡା, ଆକୁଳିପଡା |
| ୧୦୬ | ତରାସ – ୭୭୪୯୯୬୩୮୩୭ | : | ତରାସ, ଆକୁଳିପଡା, ବରାଡିଆ |
| | ୯. ଗରଦପୁର ବ୍ଲକ୍ | | |
| ୧୦୭ | ଗରଦପୁର – ୭୨୦୫୬୦୬୦୭୦ | : | ଗରଦପୁର, କଳାବୁଦା, ପାଟକୁରା |
| ୧୦୮ | ବଡବେତରା – ୯୧୭୮୨୦୯୩୪୨ | : | ବଡବେତରା, ମଧୁଶାସନ, ଭଗବାନପୁର |
| ୧୦୯ | ପାଖିଡ– ୭୭୪୯୯୨୫୨୫୨ | : | ପାଖିଡ, ପାଟକୁରା |
| ୧୧୦ | ତେଣ୍ଡାକୁଡା – ୯୪୩୯୦୮୧୫୫୦ | : | ତେଣ୍ଡାକୁଡା, ପଳସୁଧା, ବନ୍ତଳା |
| ୧୧୧ | ବଙ୍ଗାଳପୁର – ୮୭୬୩୫୨୮୧୯୩ | : | ବଙ୍ଗାଳପୁର, ଭଗବାନପୁର |
| ୧୧୨ | ବେତାରି – ୮୪୫୫୦୨୦୬୬୬ | : | ବେତାରି, ପଦ୍ମପୁର |
| ୧୧୩ | ତଳକୁସୁମା – ୯୪୩୮୩୬୭୫୮୬ | : | ତଳକୁସୁମା, ବନ୍ତଳା, କଳାବୁଦା |
| ୧୧୪ | ନଡିଆବରେଇ – ୯୪୩୮୧୪୧୭୦୦ | : | ନଡିଆବରେଇ, ରାମଚନ୍ଦ୍ରପୁର, ଟିକନପୁର |
| ୧୧୫ | ସାନଅଡଙ୍ଗା – ୯୯୩୮୫୩୨୭୭୨ | : | ସାନଅଡଙ୍ଗା, ଟିକନପୁର, ଭଗବାନପୁର, ମଧୁଶାସନ |

ଚାଷୀମାନଙ୍କ ନିମନ୍ତେ ଧାନ ବିକ୍ରୟ ବିଷୟରେ କେତୋଟି ଜାଣିବା କଥା :–
୧. ସେମାନେ ଦଲାଲଙ୍କ ମାଧ୍ୟମରେ ଧାନ ବିକ୍ରୟ ନକରି ସିଧାସଳଖ ଧାନ କ୍ରୟ କେନ୍ଦ୍ରରେ ଧାନ ବିକ୍ରୟ କରିବାକୁ ଅନୁରୋଧ।
୨. ସୁବିଧାରେ ଧାନ ବିକ୍ରି କରିବା ନିମିତ୍ତ ଚାଷୀଭାଇମାନଙ୍କର (PACS) ରେ ନାମ ପଞ୍ଜୀକରଣ କରିବା ବାଧ୍ୟତା ମୂଳକ ଅଟେ।
୩. ସେମାନେ ଧାନ ବିକ୍ରୟ କରିବାରେ କୌଣସି ଅସୁବିଧାର ସମ୍ମୁଖୀନ ହେଲେ, ନିମ୍ନ ଟେଲିଫୋନ୍ ନମ୍ବର ଗୁଡିକର ସହାୟତା ନେଇପାରିବେ।
ଜିଲ୍ଲା କଣ୍ଟ୍ରୋଲ ରୁମ୍ – ୨୨୦୫୪୪ (୦୬୭୨୭)
ଉପ ଜିଲ୍ଲାପାଳ, କେନ୍ଦ୍ରାପଡା – ୨୩୨୨୦୧ (୦୬୭୨୭)
ଜିଲ୍ଲା ଯୋଗାଣ ଅଧିକାରୀ, କେନ୍ଦ୍ରାପଡା – ୯୪୩୮୨୦୦୦୪୭ / ୯୪୩୮୮୭୮୫୪୪
ଏ.ଆର୍.ସି.ଏସ୍., କେନ୍ଦ୍ରାପଡା – ୨୩୨୦୫୮ (୦୬୭୨୭) / ୯୯୩୭୮୧୨୦୧୫
ସି.ସି.ସି.ବି., ନୋଡାଲ ଅଫିସର, କେନ୍ଦ୍ରାପଡା – ୯୪୩୭୪୨୩୧୦୦
ସମ୍ପାଦକ, ଆର୍.ଏମ୍.ସି, କେନ୍ଦ୍ରାପଡା – ୯୪୩୮୩୩୧୧୦୩
ଇନିସ୍ପେକ୍ଟର, ଆର୍.ଏମ୍.ସି, କେନ୍ଦ୍ରାପଡା – ୯୪୩୭୪୯୩୦୭୪
ଉପରୋକ୍ତ ସୂଚନାଗୁଡିକ ମଧ୍ୟ ନିୟନ୍ତ୍ରିତ ବଜାର କମିଟି, କେନ୍ଦ୍ରାପଡ଼ାର ୱେବ୍ସାଇଟ୍ (www.rmckendrapara.com)ରେ ଉପଲବ୍ଧ ହୋଇପାରିବ।

ଜିଲ୍ଲା ପ୍ରଶାସନ, କେନ୍ଦ୍ରାପଡା

ସୌଜନ୍ୟ : ନିୟନ୍ତ୍ରିତ ବଜାର କମିଟି, କେନ୍ଦ୍ରାପଡ଼ା



ଅହଂକାରୀ ଲୋକ ଅନ୍ୟର ପରାମର୍ଶ ଗ୍ରହଣ କରେନାହିଁ। କାରଣ ସେ ସବୁକିଛି ଜାଣିଛି ବୋଲି ଧରିନେଇଥାଏ।
- ସକ୍ରେଟିସ





କୋରାପୁଟ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଛକରେ ରାସ୍ତାରୋକୋ ।



ଜୟପୁରରେ ଆନ୍ଦୋଳନକାରୀମାନେ ଟ୍ରେନ୍ ଅଟକାଇଛନ୍ତି ।



ଜୟପୁର ବନ୍ଦ ପାଳନରେ ବିଭିନ୍ନ ରାଜନୈତିକ ଦଳର ନେତା ଓ ଅନ୍ୟମାନେ ।





କୁନ୍ଦୁରା ଆଇନଜୀବୀଙ୍କ ବିକ୍ଷୋଭ ପ୍ରଦର୍ଶନ ।



କୋଟପାଡ଼ ବନ୍ଦରେ ସାମିଲ ହୋଇଥିବା ଆଇନଜୀବୀ ଓ ସାଧାରଣ ଲୋକେ ।

## ସଂକ୍ଷେପରେ

### କରଣ ସମାଜର ମହାସମ୍ମିଳନୀ ପ୍ରସ୍ତୁତି ବୈଠକ

**ଜୟପୁର,୧୮।୧୨ (ଡି.ଏନ୍.ଏ.):** ଜିଲା କରଣ ସମାଜର ମହାସମ୍ମିଳନୀ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜୟପୁରସ୍ଥିତ ସ୍ୱରଘୁଙ୍ଗୁର ପ୍ରେକ୍ଷାଳୟରେ ଜିଲା ଅଧକ୍ଷ ଧୀରେନ ମୋହନ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବାମୁଣି ଗାଁ ଆମ୍ବତୋଟାରେ ଆସନ୍ତା ୬ ତାରିଖରେ କରଣ ସମାଜର ମହାସମ୍ମିଳନୀ ଅନୁଷ୍ଠିତ ହେବ। ଏହା ପୂର୍ବରୁ ସ୍ଥାନୀୟ ନାରାୟଣୀ ଜୁନିୟର କଲେଜରେ ସଙ୍ଗୀତ, କୌତୁକ ପୋଷାକ, ମ୍ୟୁଜିକ ଚେୟାର ଏବଂ କୁଇଜ୍ ପ୍ରତିଯୋଗିତା ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବିଭିନ୍ନ ପ୍ରତିଯୋଗିତାର ନାମ ପଞ୍ଜୀକରଣ ଦାୟିତ୍ୱ ସାଗରିକା ପଟ୍ଟନାୟକ ଏବଂ ରଞ୍ଜିତ ପଟ୍ଟନାୟକଙ୍କୁ ଦିଆଯାଇଛି। ଏହାଛଡା କରଣ ସମାଜର ରହିଥିବା ବିଭିନ୍ନ ସମସ୍ୟା ନେଇ ବୈଠକରେ ଆଲୋଚନା ହୋଇଥିଲା। ଏହି ପ୍ରସ୍ତୁତି ବୈଠକରେ ହରିହର କରସୁଧା ପଟ୍ଟନାୟକ, ପ୍ରମୋଦ ଦାଶ, ଅତୁଲ୍ୟ ପଟ୍ଟନାୟକ, ତ୍ରିପତି ଗନ୍ତାୟତ, ଆଶୁତୋଷ ସାନ୍ତ୍ରାପାତ୍ର, ସୁରେନ୍ଦ୍ର ମହାନ୍ତି, ବାଲ୍ୟ ପଟ୍ଟନାୟକ, ଶିବ ପଟ୍ଟନାୟକ ଉପସ୍ଥିତ ଥିଲେ।

### ପେଥାଇ ପ୍ରଭାବ
### କୋହଲା ପାଗ ସାଙ୍ଗକୁ ବର୍ଷା, କୁହୁଡି

**କୋରାପୁଟ,୧୮।୧୨(ସ୍ୱ.ପ୍ର.):** ପେଥାଇ ପ୍ରଭାବରେ କୋରାପୁଟ ଜିଲାର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି। ପଟ୍ଟାଙ୍ଗୀ ବ୍ଲକରେ ସର୍ବାଧିକ ୭୯.୨ ମିମି ବର୍ଷା ହୋଇଥିବା ଜିଲା ଜରୁରିକାଳୀନ ବିଭାଗ ପକ୍ଷରୁ ସୂଚନା ମିଳିଛି। ବିଭାଗ ପକ୍ଷରୁ ମିଳିଥିବା ରିର୍ପୋଟ ଅନୁଯାୟୀ ମଙ୍ଗଳବାର କୋରାପୁଟ ଜିଲାର ଲମତାପୁଟ ବ୍ଲକରେ ୪୯ ମିମି, କୋରାପୁଟରେ ୫୭.୪ ମିମି, ବନ୍ଧୁଗାଁରେ ୫୦ ମିମି, ନନ୍ଦପୁର ବ୍ଲକରେ ୫୪ ମିମି, ଦଶମନ୍ତପୁର ବ୍ଲକରେ ୪୬ ମିମି, ନାରାୟଣପାଟଣା ବ୍ଲକରେ ୭୧.୨ ମିମି, ଲକ୍ଷ୍ମୀପୁର ବ୍ଲକରେ ୫୦ ମିମି, ସେମିଳିଗୁଡା ବ୍ଲକରେ ୪୬.୬ ମିମି, ଜୟପୁର ବ୍ଲକରେ ୩୮.୬ ମିମି, କୋଟପାଡ ବ୍ଲକରେ ୧୧ ମିମି, କୁନ୍ଦ୍ରା ବ୍ଲକରେ ୧୯ ମିମି, ବୋରିଗୁମ୍ମା ବ୍ଲକରେ ୨୫.୨ ମିମି ଓ ବୈପାରିଗୁଡା ବ୍ଲକରେ ୩୨ ମିମି ବର୍ଷା ହୋଇଛି। ମଙ୍ଗଳବାର କୋରାପୁଟ ତାପମାତ୍ରା ୫ରୁ ୮ଡିଗ୍ରୀ ରହିଛି। ଅପରାହ୍ନ ପର୍ଯ୍ୟନ୍ତ କୁହୁଡି କମି ନ ଥିଲା। ବହୁ ବର୍ଷ ପରେ ଏତେ ମାତ୍ରାରେ କୁହୁଡି ହୋଇଥିବା ଯୋଗୁ ସହରବାସୀ ଓ ପର୍ଯ୍ୟଟକ ଏହାର ମଜା ନେଇଥିଲେ।

### ଆର୍‌ଏସ୍‌ଏସ୍ ବୈଠକ

**ବୈପାରୀଗୁଡା, ୧୮।୧୨(ଡି.ଏନ୍.ଏ.):** ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ଏକ ବୈଠକ ମଙ୍ଗଳବାର ସ୍ଥାନୀୟ ହାଟପଦାରେ ଅନୁଷ୍ଠିତ ହୋଇଛି। ବିଭାଗ ପ୍ରଚାରକ ସୁରେନ୍ଦ୍ର ପଣ୍ଡା, ଧର୍ମରକ୍ଷା ସେନାର ରାଜ୍ୟ ସମ୍ପାଦକ ସୁଧାଂଶୁ ଶେଖର ଜେନା ଓ ଜିଲା ପ୍ରଚାରକ ସ୍ୱପ୍ନେଶ୍ୱର ପ୍ରଧାନ ଉପସ୍ଥିତ ଥିଲେ। ଅଯୋଧାରେ ରାମ ମନ୍ଦିର ନିର୍ମାଣ ନେଇ ଆସନ୍ତା ୩୧ ତାରିଖରେ ଜୟପୁରରେ ଏକ ସମାବେଶ ଅନୁଷ୍ଠିତ ହେବ। ଏଥିରେ ବହୁ ସଂଖ୍ୟକ ଲୋକେ ଯୋଗ ଦେବାକୁ ବୈଠକରେ ଆଲୋଚନା ହୋଇଛି। ସଂଘ କର୍ମକର୍ତ୍ତା ଉମେଶ ପଟ୍ଟନାୟକ ଓ ଡମ୍ବରୁ ବାବାଙ୍କ ସମେତ ବ୍ଲକର ବିଭିନ୍ନ ପ୍ରାନ୍ତରୁ ଶତାଧିକ ଲୋକେ ଯୋଗ ଦେଇଥିଲେ।

### ସ୍କୁଲ ଛାତ୍ରଙ୍କଠୁ ଗୁଟ୍‌ଖା, ଖଇନି ଜବତ

**ନନ୍ଦପୁର, ୧୮।୧୨(ଡି.ଏନ୍. ଏ. ):** ନନ୍ଦପୁର ବ୍ଲକ ଭେଜା ରେଳ ଷ୍ଟେଶନରେ ରେଳ କର୍ମଚାରୀମାନେ ମଙ୍ଗଳବାର କେତେକ ସ୍କୁଲ ଛାତ୍ରଙ୍କୁ ଯାଞ୍ଚ କରି ତାଙ୍କଠାରୁ ଗୁଟ୍‌ଖା ଏବଂ ଖଇନି ଉଦ୍ଧାର କରିଛନ୍ତି। ସମ୍ପୃକ୍ତ ଛାତ୍ରମାନେ ଲମତାପୁଟର ଏକ ସ୍କୁଲରେ ଦଶମ ଶ୍ରେଣୀରେ ପାଠ ପଢନ୍ତି। ପ୍ରକାଶ ଯେ, ଏହି ଛାତ୍ରମାନେ ଷ୍ଟେଶନରେ ଟ୍ରେନକୁ ଅପେକ୍ଷା କରିଥିବା ବେଳେ ଗୁଟ୍‌ଖା ଓ ଖଇନି ଖାଇ ପ୍ଲାଟଫର୍ମରେ ଛେପ ପକାଉଥିଲେ। ଏହାଦେଖି ରେଳ ବିଭାଗ କର୍ମଚାରୀମାନେ ସେମାନଙ୍କୁ ତାଗିଦା କରିବା ସହ ତାଙ୍କ ବ୍ୟାଗ ଯାଞ୍ଚ କରି ସେଥିରୁ ଗୁଟ୍‌ଖା ଓ ଖଇନି ଉଦ୍ଧାର କରିଥିଲେ।

# କୋରାପୁଟ ଜିଲା ୧୨ ଘଣ୍ଟା ବନ୍ଦ

- ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି
- ପ୍ରମୁଖ ରାଜନୈତିକ ଦଳ ସହ ୩୦ ସଂଗଠନ ସାମିଲ

**କୋରାପୁଟ,୧୮।୧୨(ସ୍ୱ.ପ୍ର)**

ଆଇନଜୀବୀଙ୍କ ୧୨ ଘଣ୍ଟିଆ ଅବିଭକ୍ତ କୋରାପୁଟ ଜିଲା ବନ୍ଦ ପାଳନ ସଫଳ ହୋଇଛି। ଏହି ବନ୍ଦକୁ ବିଜେଡି, ଭାଜପା, କଂଗ୍ରେସ, ସିପିଆଇ ସମର୍ଥନ କରିଥିବାବେଳେ ଟ୍ରକ ଓ ଅଟୋ ସଂଘ, କୋରାପୁଟ ପ୍ରେସ୍ କ୍ଲବ, କୋରାପୁଟ ଜିଲା ଚାମ୍ବର୍ସ ଅଫ କମର୍ସ, କୋରାପୁଟ ଯୁବ ବିକାଶ ମଞ୍ଚ, ଜିଲା ଆଦିବାସୀ ମଞ୍ଚ ଆଦି ୩୦ରୁ ଊର୍ଦ୍ଧ୍ୱ ସଂଗଠନ ସମର୍ଥନ କରି ବନ୍ଦରେ ସାମିଲ ହୋଇଥିଲେ । ଅବିଭକ୍ତ କୋରାପୁଟ ଜିଲାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ମଙ୍ଗଳବାର ଆଇନଜୀବୀଙ୍କ କେନ୍ଦ୍ରୀୟ କ୍ରିୟା ଅନୁଷ୍ଠାନ କମିଟି ବନ୍ଦ ଡାକରା ଦେଇଥିଲା । ଏହାର ପ୍ରଭାବରେ ଗାଡ଼ି ଚଳାଚଳ ଓ ଦୋକାନ ବଜାର ବନ୍ଦ ରହିଥିଲା। ପେଟ୍ରୋଲ ପମ୍ପ, ଜିଲାପାଳଙ୍କ କାର୍ଯ୍ୟାଳୟ ସହିତ ସମସ୍ତ ସରକାରୀ କାର୍ଯ୍ୟାଳୟରେ ତାଲା ଝୁଲୁଥିଲା ।ଜରୁରୀ ସେବା ମେଡ଼ିସିନ ଷ୍ଟୋର, ଆମ୍ବୁଲାନସ ସେବା, ମେଡ଼ିକାଲ, ଧମକଳ କାର୍ଯ୍ୟାଳୟ ଖୋଲା ରହିଥିଲା । ସେହିପରି ଏହି ବନ୍ଦ ଯୋଗୁ ସମସ୍ତ ଟ୍ରେନ ଚଳାଚଳ ବ୍ୟାହତ ହୋଇଥିଲା । କୋରାପୁଟ ସହରର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ୨୬ ନମ୍ବର ଜାତୀୟ ରାଜପଥରେ ଆଇନଜୀବୀମାନେ ରାସ୍ତାରେ ବସିଥିଲେ ।

ଏହି ବନ୍ଦରେ ଜିଲା ଓକିଲ ସଂଘ ସଭାପତି ତଥା କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ଉପସଭାପତି ସୁଦର୍ଶନ ଗୌଡ଼ଙ୍କ ସମେତ ସମ୍ପାଦକ ସୁନୀଲ ଜେନା, ରାଜ୍ୟ ଯୋଜନା ବୋର୍ଡର ସଦ୍ୟ ଈଶ୍ୱର ପାଣିଗ୍ରାହୀ, ବିନୋଦ ନାୟକ, ଶଙ୍କର ଦୁରିଆ, ବିଜେଡି ଜିଲା ଯୁବ ସଭାପତି ଅମିତ ଅଗ୍ରୱାଲ, କଂଗ୍ରେସର ଜିଲା କାର୍ଯ୍ୟକାରୀ ସଭାପତି ରୂପକ ତୁରୁକ, ପୂର୍ବତନ ବିଧାୟକ ନିମାଇଁ ସରକାର, ଶିବ ପଟ୍ଟନାୟକ, ବାବୁଲା ବେନିଆ, ଭାଜପା ଜିଲା ସଭାପତି ବିଜୟ ମିଶ୍ର ସାମିଲ ଥିଲେ । ସେହିପରି କୋରାପୁଟ ସହରର ଟ୍ରାଫିକ ଛକ, ବାଟ ମଙ୍ଗଳା ଛକ, ସରକାରୀ ମହିଳା କଲେଜ ଛକଠାରେ ମଧ ରାସ୍ତାରେ ଗାଡ଼ି ରଖି ଆଇନଜୀବୀମାନେ ବନ୍ଦ ପାଳନ କରିଥିଲେ । ମାତ୍ର ସରକାରୀ ମହିଳା ବିଦ୍ୟାଳୟ ଛକରେ ଆୟୋଜିତ ବନ୍ଦରେ ବାଇକଗୁଡ଼ିକୁ ନ ଛାଡ଼ିବାରୁ କିଛି ସମୟ ପାଇଁ ସଂଘ କର୍ମକର୍ତ୍ତା ଓ ସାଧାରଣ ଲୋକଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ସକାଳ ୬ ଟାରୁ ସନ୍ଧ୍ୟା ୬ ଟା ଯାଏ ବନ୍ଦ ପାଳନ ଜରି ରହିଥିଲା। ୨୬ ନମ୍ବର ଜାତୀୟ ରାଜପଥ ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ିମୋଟର ଅଟକି ରହିଥିଲା ।

## ଗଡ଼ିଲାନି ଚକ, ଅଖ



ଲମତାପୁଟରେ ଟାୟାର ଜାଳି ରାସ୍ତାରୋକୋ କରାଯାଇଛି ।

**ଜୟପୁର, ବୈପାରୀଗୁଡ଼ା, ବନ୍ଧୁଗାଁ, ବୋରିଗୁମ୍ମା, ସେମିଳିଗୁଡ଼ା, ସୁନାବେଡ଼ା, କୋଟପାଡ଼, କୁନ୍ଦୁରା, ଲମତାପୁଟ ୧୮।୧୨ (ଡି.ଏନ.ଏ/ ନି.ପ୍ର./ସ୍ୱ.ପ୍ର.)**

ଆଇନଜୀବୀ ସଂଘର ସଦସ୍ୟମାନେ ଜୟପୁର ସହରର ପ୍ରବେଶ ପଥ ଗାନ୍ଧିଛକ, ବାମୁଣି ଗାଁ, ଜୟନଗର ଏବଂ ଆରଏମ୍‌ସି ଛକଠାରେ ରାସ୍ତା ଅବୋରୋଧ କରିଥିଲେ। ଏହାଦ୍ୱାରା ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି, ନରେନ୍ଦ୍ର ମହାନ୍ତି, ନିହାର ବିଶୋୟୀ, ପ୍ରଫୁଲ୍ଲ ଭତ୍ରା, ଗଙ୍ଗାଧର ସାହୁ, ବିଜେଡିର ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ, ରମାକାନ୍ତ ରାଉଳ, ଧର୍ମେନ୍ଦ୍ର ଅଧିକାରୀ, ଭାଜପାର ଦେବେନ୍ଦ୍ର ବାହିନୀପତି , ଅକ୍ଷୟ ସାହୁ, ଅନୁପ ପାତ୍ର, ସିପିଆଇର ପ୍ରମୋଦ ମହାନ୍ତି, ଯୁଧିଷ୍ଠିର ରାଉଳ, ବିଏସପିର ସୋରଜ ଭତ୍ରା, ସଦା ନାୟକ ଯୋଗ ଦେଇଥିଲା । ସେହିପରି ଜିଲା କୃଷକ କଲ୍ୟାଣ ମଞ୍ଚର ସମ୍ପାଦକ ନରେନ୍ଦ୍ର ପ୍ରଧାନ, ରାଧାନାଥ ଭଞ୍ଜ, ବିଶ୍ୱନାଥ ଗୌଡ଼, ସୁକାନ୍ତ ରାଉତ, ରବିନ୍ଦ୍ର ଚୌଧୁରୀ, ଶିବ ପରଜା, ଆନନ୍ଦ ପ୍ରଧାନ, ନିରଞ୍ଜନ ପାତ୍ର ସାମିଲ ଥିଲେ । ଆମ୍ବଗୁଡ଼ାଠାରେ ୨୬ ନମ୍ବର ଜାତୀୟ ରାଜପଥ ଅବୋରୋଧ କରାଯାଇଥିଲା। ଆଇନଜୀବୀ ସଂଘର ସଭାପତି ବୀରେଶ୍ ପଟ୍ଟନାୟକ, ସମ୍ପାଦକ ରବୀନ୍ଦ୍ର ପାତ୍ର, ଉପ ସଭାପତି ଶରତ ମାଝି, ସହସମ୍ପାଦକ ଗିରିଧର ଖରା, କୋଷାଧକ୍ଷ ହରିଶ ମୁଦୁଲୀ, ବରିଷ୍ଠ ଆଇନଜୀବୀ ପ୍ରଭାକର ପଟ୍ଟନାୟକ, ପ୍ରଶାନ୍ତ ତ୍ରିପାଠୀ, ଶଶାନନ୍ଦ ମିଶ୍ର, ଦାଶରଥି ପଟ୍ଟନାୟକ, ବିଷ୍ଣୁ ପ୍ରସାଦ ପାତ୍ର, ରାମନାଥ ମିଶ୍ର, ଆନନ୍ଦ ରଥ, ସଚ୍ଚିଦାନନ୍ଦ ମିଶ୍ର ନେତୃତ୍ୱ ନେଇଥିଲେ । ସେହିପରି ବୈପାରୀଗୁଡ଼ା, ବୋରିଗୁମ୍ମା, ସେମିଳିଗୁଡ଼ା, କୋଟପାଡ଼, କୁନ୍ଦୁରା, ଲମତାପୁଟ ବ୍ଲକ୍ ଅଞ୍ଚଳରେ ଆଇନଜୀବୀଙ୍କ ବନ୍ଦ ପାଳନକୁ ବିଭିନ୍ନ ସଂଗଠନ ଏବଂ ଦଳ ତରଫରୁ ସମର୍ଥନ ମିଳିଥିଲା। ଗୌରଚନ୍ଦ୍ର ପାତ୍ର, ପ୍ରସନ୍ନ ଗୌଡ଼ ,ଚିତ୍ତରଞ୍ଜନ ପାଲ, ଦିଲିପ ମହାନ୍ତି ,ଭୁବନେଶ୍ୱର ପଣ୍ଡା, ବିଶ୍ୱଜିତ ନାୟକ ,ପ୍ରଦୀପ ପ୍ରଧାନ ନେତୃତ୍ୱ ନେଇଥିବାବେଳେ ସ୍ଥାନୀୟ ସରପଞ୍ଚ ଭାଗିରଥି ମୁର୍ଜିଆ ,ବିଜେଡି ନେତା ସୁରେନ୍ଦ୍ର ପ୍ରଧାନି, ଚୁନା ନାୟକ ,କାଳିଆ ଜେନା , ମୁରଲି ଆଚାରୀ ସାମିଲ ଥିଲେ ।

ସେହିପରି ବନ୍ଧୁଗାଁ ବ୍ଲକର ଆଇନ୍‌ଜୀବୀ କାମେଶ୍ୱର ରଡ୍ଡାଲୁ , ବି. ଶ୍ରୀନିବାସ ପଟ୍ଟନାୟକ, କଂଗ୍ରେସ ବ୍ଲକ୍ ସଭାପତି ଡି.ଏସ୍ ଏଙ୍କେଟି, ବିଜେଡି ସ୍ଥାନୀୟ ସଭାପତି ବାଲା ନାଗ ସାମିଲ ଥିଲେ। ବୋରିଗୁମ୍ମା ଓକିଲ ସଂଘ ସଭାପତି ଗୋରାଙ୍ଗ ପାଣିଗ୍ରାହୀଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିଲା। ବୋରିଗୁମ୍ମାଠାରେ ଜେଏମ୍‌ଏଫ୍‌ସି କୋର୍ଟ ପ୍ରତିଷ୍ଠା ନିମନ୍ତେ ବରିଷ୍ଠ ଆଇନଜୀବୀ ଲାଲୁ ଷଡ଼ଙ୍ଗୀ ଦାବି କରିଛନ୍ତି। ସୁବାସ ନାୟକ, ଚନ୍ଦଶେଖର, ଏନ୍‌ଏନ୍ ପଣ୍ଡା, କିଶୋର ନାୟକ, ମୁନ୍ନା ଦୋରା, ଆଶୋକ ଗନ୍ତାୟତ, ଗୁପ୍ତେଶ୍ୱର ଗନ୍ତାୟତ ସାମିଲ ଥିଲେ। ସେମିଳିଗୁଡ଼ା ଦେଇ ଯାଇଥିବା ୨୬ ନଂ ଜାତୀୟ ରାଜପଥରେ ଓକିଲ ସଂଘ ତରଫରୁ ଅବୋରୋଧ କରାଯାଇଥିଲା। ଏଥିରେ ପ୍ରମୁଖ ରାଜନୈତିକ ଦଳର ନେତାଙ୍କ ସହିତ ସେମିଳିଗୁଡ଼ା ବରିଷ୍ଠ ନାଗରିକ ମଞ୍ଚ, ଶିବଶକ୍ତି ବଣିକ ସଂଘ, ଏସ୍‌ଟିଓଏ, ଦଳିତ ସମାଜର କର୍ମକର୍ତ୍ତା ସାମିଲ ଥିଲେ। ଓକିଲ ସଂଘର ସୁରେଶ ଦାସ, ପୀତାମ୍ବର ସାହୁ, ଜେ ପ୍ରସାଦ, ସରୋଜ ପଣ୍ଡା, ସୂର୍ଯ୍ୟ ପଣ୍ଡା, ଧାନି ପ୍ରଧାନ, ରମେଶ ସାହୁ, ବସନ୍ତ ନନ୍ଦ, ସତ୍ୟବ୍ରତ ପାଢ଼ୀ, ସୁବାସ ଭୋଇ, ପ୍ରଶାନ୍ତ ସିଓକ, ଦାମୋଦର ଚୌଧୁରୀ, ସନ୍ତୋଷ ଦାସ, ରାଜେନ୍ଦ୍ର ପାତ୍ର, ବିଧାୟକ ପ୍ରଫୁଲ୍ଲ ପାଙ୍ଗି, ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମା, ରଘୁନାଥ ପାଣିଗ୍ରାହୀ, ଦଳିତ ସମାଜର କ୍ରୀଷ୍ଣା ଗଦିସାମ ସାମିଲ ଥିଲେ। ଆଇନଜୀବୀଙ୍କ ବନ୍ଦ ପାଳନରେ କୋଟପାଡ଼ ହାଟ ଜନଶୂନ୍ୟ ହୋଇଥିଲା। ସ୍ଥାନୀୟ ଓକିଲ ସଂଘ ସଭାପତି ମଣି ପ୍ରସାଦ ପଟ୍ଟନାୟକ ବନ୍ଦ ପାଳନ ନେତୃତ୍ୱ ନେଇଥିଲେ। ସମ୍ପାଦକ ଗୁପ୍ତ କୈଳାସ ମହାନ୍ତି, ଉପସଭାପତି ରାଜେନ୍ଦ ପ୍ରଦାସ ନାୟକ, ସହ ସମ୍ପାଦକ ବାବୁଲି ନାୟକ, ଜିତେନ୍ଦ୍ର ନାଥ ମହାପାତ୍ର, କିଶୋର ମିଶ୍ର, ରବୀନ୍ଦ୍ର ବିଷୋଇ, ଶଙ୍କର ପ୍ରସାଦ ପଣ୍ଡା, ବିଦ୍ୟୁତ୍‌ଲତା ବକ୍ସି, ସୁଧିର ମହାନ୍ତି, ପଙ୍କଜ ପାତ୍ର, ପ୍ରଦୀପ ବକ୍ସି, ରାମେଶ୍ୱର ଜେନା, ଲିଙ୍ଗରାଜ ନାୟକ, ଘନଶ୍ୟାମ ବିଷୋଇ, ଖଗପତି ପାତ୍ର, ଦୁର୍ଗାପ୍ରସନ୍ନ ସାହୁ, ଗୁପ୍ତ ବେହେରା ସାମିଲ ଥିଲେ।

କୁନ୍ଦୁର ବ୍ଲକ୍ ବନ୍ଦରେ ବ୍ୟବସାୟୀ ସଂଘର ସମର୍ଥନ ରହିଥିଲା। ଆଇନଜୀବୀ ତ୍ରିପତି ଗୁରୁ, କିଶୋର ଚନ୍ଦ୍ର ମିଶ୍ର, ବ୍ୟବସାୟୀ ବୃନ୍ଦାବନ ପାତ୍ର, ପ୍ରକାଶ ପଟ୍ଟନାୟକ ବନ୍ଦ ପାଳନରେ ସାମିଲ ଥିଲେ। ଲମତାପୁଟ ବ୍ଲକ ବନ୍ଦ ପାଳନରେ ଲମତାପୁଟ ଓକିଲ ସଂଘ ସଞ୍ଜୟ ଦାର୍ଲି, ପ୍ରଶାନ୍ତ ଦାର୍ଲି, କେ. ସନ୍ତୋଷ ପାତ୍ର, ଗୋବିନ୍ଦ ସାହୁ, ସଞ୍ଜୀବ ଦାଶ ସାମିଲ ରହି ବନ୍ଦ ପାଳନ ସଫଳ କରିଥିଲେ। ଫାଣ୍ଡି ଅଧିକାରୀ ଶିବ ପ୍ରସାଦ ଷଡଙ୍ଗୀଙ୍କ ନେତୃତ୍ୱରେ ଦଳ ଆଇନଶୃଙ୍ଖଳା ବ୍ୟବସ୍ଥା ସମ୍ଭାଳିଥିଲା।

■ ମାଓବାଦୀଙ୍କ ଗିରଫଦାରି ନେଲା ନୂଆ ମୋଡ଼

## ନିରପେକ୍ଷ ତଦନ୍ତ ପାଇଁ ଏସ୍‌ପିଙ୍କୁ ଅନୁରୋଧ

**ପଟ୍ଟାଙ୍ଗି,୧୮।୧୨(ଡି.ଏନ.ଏ)**

କୋରାପୁଟ ଜିଲା ପଟ୍ଟାଙ୍ଗି ପୋଲିସ ଗତ ୧୬ ତାରିଖରେ ଦୁଇ ଜଣଙ୍କୁ ମାଓବାଦୀ କାର୍ଯ୍ୟକଳାପ ସମ୍ପୃକ୍ତି ଅଭିଯୋଗରେ ଗିରଫ କରିବା ଘଟଣାର ନୂଆମୋଡ଼ ନେଇଛି। ତାମାଲ ନାଗେସ ଓ ଗେମେଲ ରାମାନାଙ୍କ ଗିରଫଦାରୀକୁ ଗ୍ରାମବାସୀ ଏବଂ ତାଙ୍କ ପରିବାର ଲୋକେ ଏକ ଚକ୍ରାନ୍ତ ବୋଲି କହିଛନ୍ତି। ସ୍ଥାନୀୟ ଅଞ୍ଚଳର ଜଣେ ଠିକାଦାରଙ୍କ ଚାପରେ ପୋଲିସ ଏହି ଦୁଇ ନିରୀହ ଲୋକଙ୍କୁ ଗିରଫ କରିଛି ବୋଲି ସମ୍ପର୍କୀୟ ଡାଉଡୁ ଦୋରା ଓ ବୈଦ୍ୟନାଥ ଗେମେଲ ଅଭିଯୋଗ କରିଛନ୍ତି। ଜଣେ ଠିକାଦାରଙ୍କ ଚକ୍ରାନ୍ତରେ ସେମାନଙ୍କୁ ଫସାଯାଇଛି। ଏକଥା ସେମାନେ ପୋଲିସ ସମ୍ମୁଖରେ କହିଛନ୍ତି । କିନ୍ତୁ ଉକ୍ତ ଘଟଣାର ସଠିକ୍ ତଦନ୍ତ କରା ନ ଯାଇ ଏକତରଫା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ସମ୍ପର୍କୀୟ ଅଭିଯୋଗ କରିଛନ୍ତି।

ଠିକାଦାର ଏବଂ ଅନ୍ୟ ଦୁଇ ଜଣଙ୍କ ବିରୋଧରେ ଲିଖିତ ଅଭିଯୋଗପତ୍ର ଜିଲା ଆରକ୍ଷୀ ଅଧିକ୍ଷକଙ୍କୁ ପ୍ରଦାନ କରି ସଠିକ ତଦନ୍ତ କରିବାକୁ ଅନୁରୋଧ କରିଛନ୍ତି । ଠିକାଦାର ଜଣଙ୍କ ସ୍ଥାନୀୟ ଅଞ୍ଚଳ ଶ୍ରମିକମାନଙ୍କୁ କାର୍ଯ୍ୟରେ ଲଗାଇ ପାରିଶ୍ରମିକ ଦେଉ ନାହାନ୍ତି। ଏହାସହ ସେ ଅନେକ ବେଆଇନ୍ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ଏହାକୁ ନେଇ ଗିରଫ ତାମାଲ ଓ ଗେମେଲ ଠିକାଦାରଙ୍କୁ ବିରୋଧ କରିଆସୁଥିଲେ। ଏଥିପାଇଁ ଠିକାଦାର ଜଣଙ୍କ ଚକ୍ରାନ୍ତ କରି ତାଙ୍କୁ ଫସେଇ ଦେଇଛନ୍ତି ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ଏହି ଘଟଣାର ନିରପେକ୍ଷ ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପର୍କୀୟ ଏବଂ ଗ୍ରାମବାସୀ ଏସ୍‌ପିଙ୍କୁ ଅନୁରୋଧ କରିଛନ୍ତି।

## ଭତ୍ତା ରାଶି ବୃଦ୍ଧି ପାଇଁ ଦାବି



ଅଭିଯୋଗ କରିବାକୁ ଆସିଥିବା ହିତାଧିକାରୀ।

**ଦଶମନ୍ତପୁର,୧୮।୧୨(ଡି.ଏନ୍.ଏ.)**

ଦଶମନ୍ତପୁର ବ୍ଲକସ୍ଥିତ ପରଜା ବାରିକଣ୍ଡା ଗ୍ରାମରେ ହିତାଧିକାରୀ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି। ଉତ୍ତମ ମୁଦୁଲି (୮୭), ହାରାବତୀ କମାର (୭୯),ଶଶି ମୁଦୁଲି (୮୯), ତାରାଇ ପରଜା (୯୦), କରୁଣା ବାଘ (୮୫), ମଲକି ଜାନୀ(୮୫), କମସୁଲା ବାଘ (୮୦), ଦୀପ ଜାନି (୮୦), ସୁଆଇ ପରଜା (୯୫), କନ୍ଦୁ ଜାନୀ (୮୨), ଆଲୁ ଜାନୀ (୯୫) ଏବଂ ଖତୁ ଜାନୀ (୯୮) ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ହିତାଧିକାରୀଙ୍କ କହିବାନୁସାରେ ଆମ ପଞ୍ଚାୟତରେ ଅନେକ ହିତାଧିକାରୀ ୫ଶହ ଟଙ୍କାର ଭତ୍ତା ପାଉଛନ୍ତି। କିନ୍ତୁ ଆମକୁ ପ୍ରଶାସନ ନିରାଶ କରୁଛି। ଅନେକ ଥର ଏସ୍‌ଇଓ, ବିଡିଓଙ୍କୁ ମଧ୍ୟ ଲିଖିତ ଓ ମୌଖିକ ଅଭିଯୋଗ କରି ନିରାଶ ହେଲୁଣି । କିନ୍ତୁ ପ୍ରଶାସନ ଶୁଣୁ ନାହିଁ । ଆମକୁ ଉପଯୁକ୍ତ ବିଧବା ଏବଂ ବାର୍ଦ୍ଧକ୍ୟ ଭତ୍ତା ଯୋଗାଇ ନ ଦେଲେ ଏସ୍‌ଇଓ ଓ ବ୍ଲକ କାର୍ଯ୍ୟାଳୟରେ ତାଲା ଠୁଙ୍କିବା ସହ ଧାରଣାରେ ବସିବୁ ବୋଲି ହିତାଧିକାରୀମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଏସ୍‌ଇଓ କାର୍ତ୍ତିକ ପାଢ଼ୀଙ୍କୁ ଯୋଗାଯୋଗ କରିବାରୁ ଆଧାର କାର୍ଡରେ ତ୍ରୁଟି ଥିବା ଯୋଗୁ ସେମାନେ ଉପଯୁକ୍ତ ଭତ୍ତା ପାଇପାରୁ ନାହାନ୍ତି ବୋଲି କହିଛନ୍ତି।

■ ବର୍ଷା ବଢାଇଲା ଚାଷୀଙ୍କ ଦୁଃଖ

## ଖଳାରେ ଭିଜୁଛି ଧାନ ଫସଲ

**ଜୟପୁର,୧୮।୧୨ (ଡି.ଏନ୍.ଏ)**



ବର୍ଷାରେ ଭିଜୁଛି ଖଳାରେ ଗଦା ହୋଇଥିବା ଧାନ ।

ବାତ୍ୟ ପେଥାଇ ପ୍ରଭାପରେ ହୋଇଥିବା ବର୍ଷା ଏବେ ଚାଷୀଙ୍କ ଦୁଃଖର କାରଣ ପାଲଟିଛି। ଜମିରେ ଧାନ ପାଚିଯାଇଥିଲେ ମଧ ବହୁ ସ୍ଥାନରେ ଏହାକୁ କଟାଯାଇ ପାରିନାହିଁ। ଫଳରେ ଧାନ ଝଡିଯିବାର ଭୟ ରହିଛି। ସେହିପରି କିଛି ଧାନ କଟାଯାଇଛି ତାହାକୁ ସୁରକ୍ଷିତ ରଖିବା ଏବେ ବଡ ସମସ୍ୟା। ଖଳାରେ ମାଟି ଓଦା ରହିଥିବା ଯୋଗୁ କଟାଯାଇଥିବା ଧାନକୁ ନଡା ସହିତ ଦୁଇଦିନ ଶୁଖାଇବା ପରେ ଏହାକୁ ମଳାଯିବ ବୋଲି ଚାଷୀ ଏକଟାଗୁଡାର ଗୌରାଙ୍ଗ ପାଇକ କହିଛନ୍ତି। ସେଥିନିମନ୍ତେ ୨ରୁ ୩ଦିନ ଟାଣ ଖରା ଦରକାର। ସେହିପରି ଧାନକୁ ନଡାରୁ ମଳା ଯାଇ ଘୋଡାଇ ରଖାଯାଇଛି। କିନ୍ତୁ ମାଟିରେ ଆଦ୍ରତା ଯୋଗୁ ଏହା ଗଜା ହୋଇଯିବାର ଆଶଙ୍କା ରହିଛି ବୋଲି ଚାଷୀ ଯୁଧିଷ୍ଠିର ମାଝି କକହିଛନ୍ତି। ବର୍ଷା ଯୋଗୁ କେବଳ ଧାନ ନୁହେଁ ବରଂ ପନିପରିବା ଚାଷ ବ୍ୟାପକ ପ୍ରଭାବିତ ହୋଇଛି। ଜିଲାର ସେମିଳିଗୁଡା, ପଟାଙ୍ଗି, ଜୟପୁର, ଲମତାପୁଟ, କୁନ୍ଦୁରା, ବୋରିଗୁମ୍ମା,ନନ୍ଦପୁର ବ୍ଲକରେ ହୋଇଥିବା ପରିବା ଚାଷ ବର୍ଷାରେ ନଷ୍ଟ ହୋଇଯିବା ଆଶଙ୍କା ବୃଦ୍ଧି ପାଇଛି।

## ଥଣ୍ଡାରେ ଶତାଧିକ ଚଢ଼େଇଙ୍କ ମୃତ୍ୟୁ

**ଜୟପୁର,୧୮।୧୨(ଡି.ଏନ.ଏ)**

କୋରାପୁଟ ଜିଲା ଜୟପୁର ବ୍ଲକର ବାଲିଆ ଗ୍ରାମ ପଞ୍ଚାୟତ ଅଞ୍ଚଳରେ ଶହେରୁ ଊର୍ଦ୍ଧ୍ୱ କନିଅର ଚଢ଼େଇଙ୍କ ମୃତ୍ୟୁ ହୋଇଛି। ଗତ ସୋମବାର ଏବଂ ମଙ୍ଗଳବାର ଦୁଇ ଦିନ ଧରି ବାତ୍ୟା ଜନିତ ବର୍ଷା ଯୋଗୁ ପ୍ରବଳ ଥଣ୍ଡାରୁ ଏମାନଙ୍କ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ସେହିପରି ରାଜ୍ୟର ବିଭିନ୍ନ ସ୍ଥାନରେ ବାର୍ଡ ଫ୍ଲୁ ଘଟଣା ଦେଖାଦେଇଥିବାରୁ ଏହା ଉକ୍ତ ଚଢ଼େଇଙ୍କ ମୃତ୍ୟୁର କାରଣ ହୋଇଥାଇପାରେ ବୋଲି ଗ୍ରାମବାସୀ ଆଶଙ୍କା କରିଛନ୍ତି। ଅନ୍ୟ ପକ୍ଷରେ ଏଥିନେଇ କୌଣସି ପଶୁପକ୍ଷୀ ଡାକ୍ତରଙ୍କୁ ଯୋଗାଯୋଗ କରାଯାଇ ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି ।



ମରିପଡ଼ିଥିବା ପକ୍ଷୀ ।

## ବର୍ଷାରେ ଗୋରୁ ମୃତ

**ଗୁଣପୁର,୧୮।୧୨(ଡି.ଏନ.ଏ)**

ସାମୁଦ୍ରିକ ଝଡର ପ୍ରଭାବରେ ରାୟଗଡା ଜିଲା ଗୁଣପୁରର ବିଭିନ୍ନ ଅଞ୍ଚଳରେ ବ୍ୟାପକ ଫସଲ ସହ ଧାନ,କପା ନଷ୍ଟ ହୋଇଛି । ଏମିତି କି ବହୁ ଗୋରୁ ମଧ୍ୟ ମୃତ୍ୟୁବରଣ କରିଛନ୍ତି। ପଦ୍ମପୁରର ଜିରା ଗ୍ରାମର ଗୋରୁ ମୁଚୁକିପଦର ଅଞ୍ଚଳରେ ରହି ଚରାବୁଲା କରୁଥିଲେ । ବର୍ଷାରେ ଭିଜିବାରୁ ବହୁ ଗୋରୁଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । ସେହିପରି ଗୁଣପୁର କଲେଜ ନିକଟ ଶିବରାମ ରଥଙ୍କ ବାଛୁରି ମଧ୍ୟ ବର୍ଷାରେ ମୃତ୍ୟୁ ହୋଇଛି । ଅନ୍ୟପଟେ ଧାନ ଜମିରେ ମଧ୍ୟ ପାଣି ଜମି ରହିଛି । ଏହା ଚାଷୀଙ୍କ ମୁଣ୍ଡବ୍ୟଥାର କାରଣ ହୋଇଛି ।





ସେମିଳିଗୁଡ଼ାରେ ଓକିଲ ସଂଘ ପକ୍ଷରୁ ରାସ୍ତାରୋକୋ କରାଯାଇ ବନ୍ଦ ପାଳନ କରାଯାଇଛି ।

## ଜୟପୁରରେ ହେବ ରାଜ୍ୟସ୍ତରୀୟ କରାଟେ ଚାମ୍ପିୟନଶିପ୍

**ଜୟପୁର, ୧୮।୧୨(ନି.ପ୍ର.)**

ଉତ୍କଳ କରାଟେ ସ୍କୁଲ ଆନୁକୂଲ୍ୟରେ ଜୟପୁର ଇନ୍‌ଡୋର ଷ୍ଟାଡିୟମରେ ୩୦ତମ ରାଜ୍ୟ କରାଟେ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ ବୋଲି ସ୍ଥାନୀୟ ବିଧାୟକ ତଥା ଚାମ୍ପିୟନଶିପ୍ ଅଧକ୍ଷ ତାରା ପ୍ରସାଦ ବାହିନୀପତି ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଆସନ୍ତା ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଚାମ୍ପିୟନଶିପ୍‌ରେ ରାଜ୍ୟର ସମସ୍ତ ଜିଲାରୁ ୩ଶହ ପ୍ରତିଯୋଗୀ ଭାଗ ନେବେ। ୨୧ ତାରିଖରେ ରଜାନହରଠାରୁ ମୁଖ୍ୟ ଟ୍ରାଫିକ ଛକ ପଯ୍ୟନ୍ତ ଏକ ମଶାଲ ଶୋଭାଯାତ୍ରା କରାଯିବ। ଏହି ଚାମ୍ପିୟନଶିପରେ ଓସ୍କା ସମ୍ପାଦକ ହରି ପ୍ରସାଦ ପଟ୍ଟନାୟକ ଓ ଟିମ ଉପସ୍ଥିତ ରହିବେ। ଗୋଟିଏ ଗୋଲ୍ଡ, ଗୋଟିଏ ସିଲିଭର ଓ ୨ଟି ବ୍ରୋଞ୍ଜ ପଦକ ସହ ୫୬ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ୮ରୁ ୧୭ ବର୍ଷ ମଧ୍ୟରେ ପ୍ରତିଯୋଗୀ କନିଷ୍ଠ ବର୍ଗ, ୧୮ବର୍ଷରୁ ଅଧିକ ମହିଳା ଓ ପୁରୁଷ ବରିଷ୍ଠ ବର୍ଗ ପ୍ରତିଯୋଗିତାରେ ଭାଗ ନେଇପାରିବେ। ବରିଷ୍ଠ ମହିଳା ବର୍ଗରେ ୪୫ କେଜିରୁ କମ, ୫୦ କେଜିରୁ କମ, ୫୫ କେଜିରୁ କମ, ୬୧ କେଜିରୁ କମ୍, ୬୮ କେଜିରୁ କମ ଓ ୬୮ କେଜିରୁ ଅଧିକ ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେହିଭଳି ପୁରୁଷ ବର୍ଗରେ ୫୦ କେଜିରୁ କମ୍, ୫୫ କେଜିରୁ କମ, ୬୧ କେଜିରୁ କମ, ୬୭ କେଜିରୁ କମ, ୮୪ କେଜିରୁ କମ ଓ ୮୪ କେଜିରୁ ଅଧିକ ବିଭାଗରେ ପ୍ରତିଯୋଗିତା କରାଯିବ। ଖବରଦାତା ସମ୍ମିଳନୀରେ ଚାମ୍ପିୟନଶିପ ବରିଷ୍ଠ ପରିଚାଳନା ସମ୍ପାଦକ ମୁନା ସିଂ ଲାଲ, ରବି ନାୟକ, ମାଧବ ରଥ, କୃଷ୍ଣ ଚନ୍ଦ୍ର ଦାସ,ୱାଇ.ପ୍ରସାଦ ରାଓ ପ୍ରମୁଖ ଉପସ୍ଥିତ ଥିଲେ । ଏଥିରୁ ମନୋନୀତ ହୋଇଥିବା ପ୍ରତିଯୋଗୀ ଜାତୀୟସ୍ତରରେ ଭାଗ ନେବେ। ଉତ୍କଳ କରାଟେ ସ୍କୁଲର ଛାତ୍ରୀଛାତ୍ର ଚମ୍ପିୟାନଶିପ ପରିଚାଳନାରେ ସହଯୋଗ କରିବେ।

## ସମୁଦ୍ରରେ ବୁଡ଼ି ଇଞ୍ଜିନିୟରିଂ ଛାତ୍ର ମୃତ

**ପୁରୀ ଅଫିସ,୧୮।୧୨:** ସମୁଦ୍ରରେ ବୁଡ଼ି ଜଣେ ଇଞ୍ଜିନିୟରିଂ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରାଞ୍ଚିର ଶ୍ରୀକ୍ରିଷ୍ଣା କୁମାର(୧୮)। ସେ ବୋକାରୋସ୍ଥିତ ଘରୋଇ ଇଞ୍ଜିନିୟରିଂ କଲେଜର ଛାତ୍ର ଥିଲେ। ସମୁଦ୍ରକୂଳ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଶ୍ରୀକ୍ରିଷ୍ଣାଙ୍କ ବଡ଼ଭଉଣୀ ଜୟୀ କୁମାରୀ ଭୁବନେଶ୍ୱରରେ ରହୁଛନ୍ତି। ସୋମବାର ଶ୍ରୀକ୍ରିଷ୍ଣା ଓ ତାଙ୍କ ତିନି ସାଙ୍ଗ ବଡ଼ଭଉଣୀଙ୍କ ସହ ପୁରୀ ଆସି ସିଜିରୋଡସ୍ଥିତ ଏକ ହୋଟେଲରେ ରହିଥିଲେ। ମଙ୍ଗଳବାର ଅପରାହ୍ନରେ କୋଣାର୍କ ବୁଲି ଭୁବନେଶ୍ୱର ଫେରିବା ଯୋଜନା ଥିଲା। ପୂର୍ବାହ୍ନରେ ହୋଟେଲ ହଲିଡେ ରିସର୍ଟ ପଛପଟ ସମୁଦ୍ରରେ ଗାଧୋଇବାକୁ ଯାଇଥିଲେ। ତିନିଜଣ ବେଳାଭୂମିରେ ବସିଥିବା ବେଳେ ଶ୍ରୀକ୍ରିଷ୍ଣା ଏବଂ ଅନ୍ୟ ଜଣେ ସମୁଦ୍ରରେ ସ୍ନାନ କରୁଥିଲେ। ଏହି ସମୟରେ ଶ୍ରୀକ୍ରିଷ୍ଣା ସମୁଦ୍ର ଗଭୀରକୁ ଚାଲି ଯାଇଥିଲେ। ଅନ୍ୟମାନଙ୍କ ପାଟି ଶୁଣି ସେଠାରେ ଉପସ୍ଥିତ ଥିବା ଲାଇଫଗାର୍ଡ ଦୀର୍ଘ ସମୟ ଧରି ଖୋଜାଖୋଜି କରି ବିଫଳ ହୋଇଥିଲେ। ଦୁଇ ଘଣ୍ଟା ପରେ ହୋଟେଲ ସି-ହକ୍ ସମ୍ମୁଖ ସମୁଦ୍ରରେ ତାଙ୍କ ମୃତଦେହକୁ ଲାଇଫଗାର୍ଡ ଉଦ୍ଧାର କରିଥିଲେ।

■ ମହାପ୍ରସାଦ ପ୍ରତି ଅସମ୍ମାନ

# ଜୋତା ପିନ୍ଧି କାର ବନେଟ୍ ଉପରେ ଖାଇଲେ

**ପୁରୀଅଫିସ,୧୮।୧୨**

ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତଙ୍କ ମଧ୍ୟରୁ ପ୍ରାୟ ସମସ୍ତେ ମହାପ୍ରସାଦ ପାଇବାକୁ ଇଚ୍ଛା କରିଥାନ୍ତି। ଅବଢା ପାଇଁ ଦୀର୍ଘ ସମୟ ଧରି ଅପେକ୍ଷା କରନ୍ତି। ଆନନ୍ଦ ବଜାରରେ ବସି ମହାପ୍ରସାଦ ସେବନ ଭାଗ୍ୟରେ ଥିଲେ ମିଳେ। ପ୍ରତିଟି ଜଗନ୍ନାଥପ୍ରେମୀଙ୍କ ମହାପ୍ରଭୁଙ୍କ ମହାପ୍ରସାଦ ପ୍ରତି ରହିଛି ଗଭୀର ଭକ୍ତି ଏବଂ ବିଶ୍ୱାସ। ହେଲେ ଏମିତି ବିଶ୍ୱାସରେ ଶକ୍ତ ଆଘାତ ପହଞ୍ଚାଇଲା ଭଳି ଘଟଣା ନଜରକୁ ଆସିଛି। ଜୋତା ପିନ୍ଧି ମହାପ୍ରସାଦ ସେବନ କରିବାର ଦୃଶ୍ୟ ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏଭଳି ବିଧର୍ମୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ଉଠିଛି।

କୋଲକାତାର ମାନସ ଦାସ ନାମକ ଜଣେ ବ୍ୟକ୍ତିଙ୍କ ଫେସ୍‌ବୁକ ଆକାଉଣ୍ଟରେ ସୋମବାର ଅପରାହ୍ନରେ ଶ୍ରୀକ୍ଷେତ୍ର ଏବଂ ଶ୍ରୀମନ୍ଦିର ସମ୍ପର୍କିତ ୨୧ ଫଟୋ ପୋଷ୍ଟ କରାଯାଇଥିଲା। ଏଥିରେ ମହାପ୍ରସାଦକୁ ନେଇ ଥିବା ୯ଟି ଫଟୋ ଭକ୍ତ, ସେବାୟତ ଏବଂ ଜଗନ୍ନାଥପ୍ରେମୀଙ୍କୁ ଶକ୍ତ ଆଘାତ ଦେଇଛି। ଜଣେ ମହିଳାଙ୍କ ସମେତ ୭ ଜଣ ବ୍ୟକ୍ତି ଜଗନ୍ନାଥବଲ୍ଲଭ ପରିସରରେ ଠିଆ ହୋଇ ଏକ କାର ବନେଟ୍ ଉପରେ ମହାପ୍ରସାଦ ସେବନ କରୁଛନ୍ତି। ସବୁଠୁ ସଙ୍ଗିନ କଥା ହେଉଛି ସମସ୍ତେ ଜୋତା ପିନ୍ଧିଛନ୍ତି। ଏହି ଘଟଣା ଜଣାପଡିବା ପରେ ଏହାକୁ ନେଇ ଭକ୍ତଙ୍କ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଫଳରେ ମଙ୍ଗଳବାର ମାନସଙ୍କ ଆକାଉଣ୍ଟରୁ ମହାପ୍ରସାଦ ସମ୍ପର୍କିତ ଫଟୋଗୁଡ଼ିକ ଡିଲିଟ୍ ହୋଇଯାଇଥିବା ବେଳେ ଶ୍ରୀମନ୍ଦିର ସମ୍ମୁଖରେ ଏବଂ ପୁରୀ ବେଳାଭୂମିରେ ସେମାନେ ଉଠାଇଥିବା କେତେକ ଫଟୋ ରହିଛି।

ତେବେ ଏହାକୁ ନେଇ ପୁରୀରେ ଭକ୍ତ, ସେବାୟତ ତୀବ୍ର ପ୍ରତିକ୍ରିୟା ରଖିଛନ୍ତି। ତୁରନ୍ତ ମାନସଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଛନ୍ତି, କୌଣସି ଲୋକ ମହାପ୍ରସାଦ ସେବନ କରିବା ପୂର୍ବରୁ ଜଗନ୍ନାଥ ସଂସ୍କୃତି ଏବଂ ପରମ୍ପରା ବିଷୟରେ ପ୍ରଥମେ ଜାଣିବା ଦରକାର। ତଳେ ବସି କଦଳୀ ପତ୍ରରେ ମହାପ୍ରସାଦ ଖାଇବା କଥା। ଯିଏ ଖାଉଛି ଏବଂ ଯିଏ ବାଢୁଛି ସେମାନେ ସଚେତନ ହେବା ଜରୁରୀ। ବିଶେଷକରି ବାଢିବା ଲୋକ ମହାପ୍ରସାଦ ଖାଇବାର ପରମ୍ପରା ସମ୍ପର୍କରେ ଦେଉଥିବା ଲୋକଙ୍କୁ ବୁଝାଇବା ଦରକାର।



ଜୋତା ପିନ୍ଧି କାର୍ ବନେଟ୍ ଉପରେ ମହାପ୍ରସାଦ ସେବନ କରୁଛନ୍ତି।

ଗଜପତି ଜିଲାରେ ୬୬.୫୫ ମିମି ବୃଷ୍ଟିପାତ

## ‘ଚାଷୀଙ୍କ ପେଟରେ ଲାତ ମାରିଛି ପେଥାଇ’



ଜମିରେ ଗଦାଯାଇଥିବା ଧାନ ଭିଜିଯାଇଛି।

**ପାରଳାଖେମୁଣ୍ଡି, ୧୮।୧୨(ସ୍ୱ.ପ୍ର.)**

ସାମୁଦ୍ରିକ ଝଡ ‘ପେଥାଇ’ ପ୍ରଭାବରେ ଗଜପତି ଜିଲାରେ ଗତ ଦୁଇଦିନ ଧରି ପ୍ରବଳ ବର୍ଷା ହୋଇଛି। ଜିଲା ଜରୁରୀକାଳୀନ ବିଭାଗ ସୂଚନା ଅନୁଯାୟୀ, ମୋଟ ୬୬.୫୫ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ପାରଳାଖେମୁଣ୍ଡିରେ ୭୨ମିମି, ରାୟଗଡ ବ୍ଲକରେ ୬୪.୨୦ମିମି, ଗୁମ୍ମା ବ୍ଲକରେ ୭୦ମିମି, ନୂଆଗଡ ବ୍ଲକରେ ୮୬.୨୦ମିମି, ଆର୍.ଉଦୟଗିରି ବ୍ଲକରେ ୫୦.୪୦ମିମି, ମୋହନା ବ୍ଲକରେ ୪୬.୨୦ମିମି, ଗୋଷାଣୀ ବ୍ଲକରେ ୪୮.୪୦ମିମି ଏବଂ କାଶୀନଗର ବ୍ଲକରେ ସର୍ବାଧିକ ୯୫ମିମି ବୃଷ୍ଟିପାତ ହୋଇଛି। ପ୍ରଶାସନ ପକ୍ଷରୁ ୨୧୮ଟି ଆଶ୍ରୟସ୍ଥଳରେ ୧୪,୨୮୫ ଲୋକଙ୍କୁ ରଖାଯାଇ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଥିଲା । ବର୍ଷା, ପବନରେ ଶହ ଶହ ହେକ୍ଟର ଚାଷଜମିରେ ଧାନ ଓ ପନିପରିବା ଫସଲ କ୍ଷତିଗ୍ରସ୍ତ ହୋଇଛି। ପାଣିରେ ଧାନଗଛ ବୁଡ଼ିଥିବା ଦେଖିବାକୁ ମିଳିଛି। ତିତ୍‌ଲି ବାତ୍ୟାରେ ଚାଷୀମାନେ ଅନେକ କ୍ଷୟକ୍ଷତି ସହିଥିଲେ, ଏପର୍ଯ୍ୟନ୍ତ ତା’ର ଭରଣା ହୋଇନଥିବାବେଳେ ପୁଣି ପେଥାଇ ସେମାନଙ୍କ ପେଟରେ ଲାତ ମାରିଛି ବୋଲି ଜିଲା କୃଷକ ସଂଘ ସଭାପତି ସୂର୍ଯ୍ୟନାରାୟଣ ପଟ୍ଟନାୟକ କହିଛନ୍ତି। ପ୍ରଶାସନ ପକ୍ଷରୁ ଶୀଘ୍ର କ୍ଷୟକ୍ଷତିର ଠିକ୍ ଆକଳନ କରାଯାଇ କ୍ଷତିପୂରଣ ଦେବାକୁ ପଟ୍ଟନାୟକ ଦାବି କରିଛନ୍ତି।

## ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ

**କନିଷ୍ଠ କିରାଣିଙ୍କ ଘରେ ଭିଜିଲାନ୍ସ ଯାଞ୍ଚ**

**କଟକ ଅଫିସ,୧୮।୧୨:** ରାଜସ୍ୱ ପର୍ଷଦଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ କନିଷ୍ଠ କିରାଣୀ କିରଣ କୁମାର ସାମନ୍ତରାୟଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା। କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତଙ୍କ ପକ୍ଷରୁ ଜାରି ତଲାସି ୱାରେଣ୍ଟ ବଳରେ ଭିଜିଲାନ୍ସ ପକ୍ଷରୁ ମଙ୍ଗଳବାର କିରାଣୀ ସାମନ୍ତରାୟଙ୍କ ଘର, ଅଫିସ ସମେତ ମୋଟ ୫ଟି ସ୍ଥାନରେ ଏକକାଳୀନ ଯାଞ୍ଚ କରାଯାଇଛି। ଯାଞ୍ଚ ସ୍ଥାନଗୁଡ଼ିକ ମଧ୍ୟରେ କଟକ ବିଡ଼ାନାସୀଠାରେ ଥିବା ଦୁଇ ମହଲା କୋଠା, ସହରର ସେକ୍‌ବଜାରସ୍ଥିତ ତିନି ମହଲା କୋଠା, ଦେଉଳସାହିଠାରେ ଥିବା ତିନି ମହଲା କୋଠା, ସିଡିଏଠାରେ ଥିବା ୪ ମହଲା କୋଠା ଓ ରାଜସ୍ୱ ପର୍ଷଦଙ୍କ କାର୍ଯ୍ୟାଳୟ ରହିଛି। ତେବେ ଯାଞ୍ଚରୁ ମୋଟ ୨ କୋଟି ୩୯ ଲକ୍ଷ ୩୯ହଜାର ୨୧୬ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି।

## ଶୀତ ପ୍ରକୋପରେ ବୃଦ୍ଧାଙ୍କ ମୃତ୍ୟୁ

**ଝରିଗାଁ,୧୮।୧୨(ସ୍ୱ.ପ୍ର)**

ପେଥାଇ ପ୍ରଭାବରେ ନବରଙ୍ଗପୁର ଜିଲାରେ ଲଗାଣ ବର୍ଷା ସହ ଶୀତର ପ୍ରକୋପ ବୃଦ୍ଧି ପାଇଛି। ଏଥିଯୋଗୁ ଜିଲାରେ ପ୍ରବଳ ଥଣ୍ଡା ଅନୁଭୂତ ହୋଇଛି। ଶୀତ ପ୍ରକୋପରେ ଝରିଗାଁ ବ୍ଲକ ଭାଲୁକୁନାଡି ପଞ୍ଚାୟତ ସଦରରେ ଜଣେ ଅଜଣା ବୃଦ୍ଧାଙ୍କ ମଙ୍ଗଳବାର ମୃତ୍ୟୁ ହୋଇଛି। ଏ ସମ୍ପର୍କରେ ଖବର ପାଇଁ ବିଡିଓ ଦେବେନ୍ଦ୍ର ବାହାଦୂରସିଂ ଧ୍ରୁଆ, ଥାନା ଅଧିକାରୀ ପ୍ରମୋଦ କୁମାର ନାୟକ, ପିଇଓ ନରେଶ କୁମାର ଜାଲ, ଭାଲୁକୁନାଡି ପଞ୍ଚାୟତ ନୋଡାଲ ଅଧିକାରୀ ଗିରିଜା ଶଙ୍କର ପଟ୍ଟନାୟକ ପହଞ୍ଚି ବୃଦ୍ଧାଙ୍କ ମୃତଦେହ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ପରେ ବୃଦ୍ଧା ଜଣକ ଝରିଗାଁ ବ୍ଲକ ସିଉନାଗୁଡା ଗ୍ରାମର ଯମୁନା ହରିଜନ(୬୦) ବୋଲି ଜଣାପଡିଥିଲା। ସେ ଦୀର୍ଘ ଦିନ ଧରି ଭିକ୍ଷାବୃତ୍ତି କରୁଥିଲେ। ତେବେ ପରିବାର ଲୋକ କେହି ନ ପହଞ୍ଚିବାରୁ ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସ, ପ୍ରଶାସନ ସହାୟତାରେ ଅନ୍ତିମ ସତ୍କାର କରାଯାଇଥିଲା।

## ଥଣ୍ଡାରେ ପ୍ରସୂତିଙ୍କ ମୃତ୍ୟୁ

**ରାୟଗଡ (ଗଜପତି), ୧୮।୧୨(ଡି.ଏନ.ଏ.)**

ଗଜପତି ଜିଲା ରାୟଗଡ ବ୍ଲକ ଡମ୍ବାଳ ପଞ୍ଚାୟତ ଅନ୍ତର୍ଗତ ମୁନିସିଂ ଗ୍ରାମ ଖୋଲାସାହିରେ ପ୍ରବଳ ଥଣ୍ଡା ପ୍ରକୋପରେ ଜଣେ ପ୍ରସୂତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବିଜୁ ରଇତଙ୍କ ସ୍ତ୍ରୀ ସାବିତ୍ରୀ ରଇତ(୨୫)। ତାଙ୍କର ୧ମାସ ୬ଦିନର ଶିଶୁକନ୍ୟା ସମେତ ୩ବର୍ଷର ପୁଅଟିଏ ରହିଛି। ଏବେ ପିଲା ଦୁଇଟି ମା’ ଛେଉଣ୍ଡ ହୋଇଯାଇଛନ୍ତି। ତାଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ରାୟଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ବିଜୟକୃଷ୍ଣ ଦାସ କହିଛନ୍ତି ଯେ, ନଭେମ୍ବର ୧୨ରେ ସାବିତ୍ରୀ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ତେବେ ପାଥୋଇ ପ୍ରଭାବରେ ରବିବାର ଝଡ଼ବର୍ଷା ହେବା ସହ ପ୍ରବଳ ଥଣ୍ଡା ଅନୁଭୂତ ହୋଇଥିଲା। ସାବିତ୍ରୀ ଥଣ୍ଡା ସହି ନ ପାରି ସନ୍ନିପାତରେ ପ୍ରାଣ ହରାଇଥିବା ଅନୁମାନ କରାଯାଉଛି।

## ଶୀତରେ ୨୨ ଗୃହପାଳିତ ପ୍ରାଣୀ ମୃତ

**ଝରିଗାଁ/ତେନ୍ତୁଳିଖୁଣ୍ଟି ,୧୮।୧୨(ସ୍ୱ.ପ୍ର)**

ପେଥାଇ ପ୍ରଭାବରେ ନବରଙ୍ଗପୁର ଜିଲାରେ ଶୀତର ଲହରୀ ଅତ୍ୟଧିକ ହୋଇଛି। ପ୍ରବଳ ଥଣ୍ଡାରେ ଝରିଗାଁ ଓ ତେନ୍ତୁଳିଖୁଣ୍ଟି ବ୍ଲକରେ ୨୨ ଗୃହପାଳିତ ପ୍ରାଣୀଙ୍କ ମୃତ୍ୟୁ ଘଟିଛି। ଝରିଗାଁ ବ୍ଲକରେ ୫ ମଇଁଷି, ୫ ଗୋରୁ ଓ ୪ ଛେଳି ଓ ତେନ୍ତୁଳିଖୁଣ୍ଟିରେ ୮ ମଇଁଷିଙ୍କ ମୃତ୍ୟୁ ଘଟିଛି। ଝରିଗାଁ ବ୍ଲକ କୁଟ୍ରିଛାପର ପଞ୍ଚାୟତ କଲେଗାଁ ଗ୍ରାମର ପଦଲାମ ଗୌଡଙ୍କ ୫ଟି ମଇଁଷି ମୃତ୍ୟୁ ହୋଇଛି। କାନାକୋଟ ପଞ୍ଚାୟତ ନିରୋଣ୍ଡି ଗ୍ରାମର ଘେନୁଆ ଭତ୍ରାଙ୍କ ୨ ଗାଈର ମୃତ୍ୟୁ ହୋଇଥିବା ବେଳେ ରାମନାଥ ଭତ୍ରାଙ୍କ, ରବିସିଂ ଭତ୍ରା ଏବଂ ରୁପଧର ଭତ୍ରାଙ୍କ ଗୋଟିଏ ଲୋଖାଏଁ ବାଛୁରିର ମୃତ୍ୟୁ ହୋଇଛି। ସେହିପରେ ଶ୍ରୀପତି ଗଣ୍ଡଙ୍କ ୨ଟି ଛେଳି, ଗଣପତି ଭତ୍ରା ଏବଂ ଜଗଦିଶ ଭତ୍ରାଙ୍କ ଗୋଟିଏ ଲେଖାଏଁ ଛେଳି ମୃତ୍ୟୁ ହୋଇଛି। ମୃତ ମଇଁଷି, ଗାଈ, ବାଛୁରୀ ଏବଂ ଛେଳିର ବ୍ୟବଚ୍ଛେଦ କରାଯାଇଥିଲା। ସମସ୍ତ ଗାଈଗୋରୁ, ଛେଳି ନିମୋନିଆ ଯୋଗୁଁ ମୃତ୍ୟୁ ହୋଇଥିବା ପ୍ରାଣୀ ଚିକିତ୍ସକ ଡାକ୍ତର ଅନୁଗତ ଜେନା ପ୍ରକାଶ କରିଛନ୍ତି। ସେହିପରି ତେନ୍ତୁଳିଖୁଣ୍ଟି ବ୍ଲକ ତେନ୍ତୁଳିଖୁଣ୍ଟି ପଞ୍ଚାୟତର ଝାଡ଼ବନ୍ଧ ଗ୍ରାମର ତ୍ରିନାଥ ଗୌଡ଼ଙ୍କ ୮ ମଇଁଷିଙ୍କ ମୃତ୍ୟୁ ଘଟିଛି। ଥଣ୍ଡାରେ ମୃତ୍ୟୁ ଘଟିଥିବା ପ୍ରାଣୀ ଚିକିତ୍ସାଧିକାରୀ କହିଛନ୍ତି। ତେବେ ସଂକ୍ରମଣ ଜନିତ କି ଅନ୍ୟ କେଉଁ କାରଣରୁ ମୃତ୍ୟୁ ଘଟିଛି ଏହାର ଅନୁଧ୍ୟାନ କରିବାକୁ ଗ୍ରାମବାସୀ ମତ ଦେଇଛନ୍ତି।

## ଧାନ ଖଳାରେ ପାଣି

**ଟିକିରି,୧୮।୧୨(ଡି.ଏନ୍.ଏ.)**

ସାମୁଦ୍ରିକ ଝଡ଼ ପେଥାଇ ଯୋଗୁ କାଶିପୁର ବ୍ଲକରେବର୍ଷା ହୋଇଛି । ଫଳରେ ଅଧିକାଂଶ ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି । ବ୍ଲକର ମୁଣ୍ଡାଗାଁ ସୋରିଷପଦର, ନକଟିଗୁଡା, ଅହର୍ଣ୍ଣ ଆଦି ବିଭିନ୍ନ ସ୍ଥାନରେ ଥିବା ଖଳାରେ ଧାନଗଦାରେ ବର୍ଷା ପାଣି ପଶିଯାଇଛି । କିଛି ଖଳାରେ ଧାନ ପାଣିରେ ବୁଡି ରହିଛି । ଧାନ ସବୁ ଗଜା ହୋଇ ନଷ୍ଟ ହେବାର ଆଶଙ୍କା କରାଯାଉଛି । ସରକାର ତୁରନ୍ତ କ୍ଷୟକ୍ଷତି ଆକଳନ କରି ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି ।



ଖଳାରେ ପାଣି ଜମି ରହିଛି ।

ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରଣାଳୟ
ଭାରତ ସରକାର

ସୁସ୍ଥ ଶ୍ରମ-ଶକ୍ତି
ଓଡ଼ିଶାର ଆର୍ଥିକ ପ୍ରଗତିକୁ
ଦେବ ଗତି






ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପଣ
ପୁନଃ ନିର୍ମିତ ଏବଂ ନବୀକୃତ
୧୦୦-ଶଯ୍ୟା ବିଶିଷ୍ଟ ଇଏସ୍ଆଇ (ESI) ଚିକିତ୍ସାଳୟ, ଭୁବନେଶ୍ୱର
ଶଯ୍ୟା ସଂଖ୍ୟା ୫୦ରୁ ୧୦୦କୁ ବୃଦ୍ଧି
ନୂତନ ବ୍ଲକ ଓ ଅତିରିକ୍ତ ମହଲାର ନିର୍ମାଣ
ପ୍ରକଳ୍ପରେ ପ୍ରାୟ ୭୩.୫୧ କୋଟି ଟଙ୍କା ନିବେଶ
ସିଏସ୍ଏସ୍‌ଡି, ଟିଏସ୍ଏସ୍‌ୟୁ, ନର୍ସ କଲ ସିଷ୍ଟମ, ଅପରେସନ ଥିଏଟର, ସମସ୍ତ ମେସିନ୍ ସହିତ ଅତ୍ୟାଧୁନିକ ମେଡିକାଲ ଗ୍ୟାସ୍ ପାଇପ୍‌ଲାଇନ୍, ସଡ଼କ ବିକାଶ ଓ ସବ୍‌ଷ୍ଟେସନ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସେବା ପରି ଅତ୍ୟାଧୁନିକ ସୁବିଧା
ପ୍ରାୟ ଏକଲକ୍ଷ ଇଏସ୍ଆଇ ହିତାଧିକାରୀଙ୍କୁ ଲାଭ

ନରେନ୍ଦ୍ର ମୋଦି
ପ୍ରଧାନମନ୍ତ୍ରୀଙ୍କ
କରକମଳରେ

ସୋମବାର, ୨୪ ଡିସେମ୍ବର ୨୦୧୮ ଅପରାହ୍ନ ୨ ଘଟିକା
ଆଇଆଇଟି କ୍ୟାମ୍ପସ, ଭୁବନେଶ୍ୱର, ଓଡ଼ିଶା

ଗରିମାମୟ ଉପସ୍ଥିତି

ପ୍ରଫେସର ଗଣେଶୀ ଲାଲ – ରାଜ୍ୟପାଳ, ଓଡ଼ିଶା
ନବୀନ ପଟ୍ଟନାୟକ – ମୁଖ୍ୟମନ୍ତ୍ରୀ, ଓଡ଼ିଶା
ନିତିନ ଗଡ଼କରି – ଜାହାଜ, ସଡ଼କ ପରିବହନ ଏବଂ ରାଜମାର୍ଗ, ଜଳ ସମ୍ପଦ, ନଦୀ ବିକାଶ ଏବଂ ଗଙ୍ଗା ସଂରକ୍ଷଣ ମନ୍ତ୍ରୀ, ଭାରତ ସରକାର
ପ୍ରକାଶ ଜାବଡ଼େକର – ମାନବ ସମ୍ବଳ ବିକାଶ ମନ୍ତ୍ରୀ, ଭାରତ ସରକାର
ଜୁଏଲ ଓରାମ – ଜନଜାତୀୟ କାର୍ଯ୍ୟ ମନ୍ତ୍ରୀ, ଭାରତ ସରକାର
ଧର୍ମେନ୍ଦ୍ର ପ୍ରଧାନ – ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ଏବଂ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ, ଭାରତ ସରକାର
ସନ୍ତୋଷ ଗଙ୍ଗୱାର – ଶ୍ରମ ଏବଂ ନିଯୁକ୍ତି ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ), ଭାରତ ସରକାର
ଡ. ମହେଶ ଶର୍ମା – ସଂସ୍କୃତି, ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ), ଭାରତ ସରକାର
ମନୋଜ ସିହ୍ନା – ସଞ୍ଚାର ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ), ଭାରତ ସରକାର

# DISTRICT PROJECT OFFICE, SAMAGRA SHIKHYA, ANGUL

Letter No. 5890/Estt. Date: 17.12.18

## OPEN TENDER CALL NOTICE

Sealed tenders are invited from registered manpower service provider having valid EPF, ESI, PAN & GST Registration Number for engagement of 08 No. Data Entry Operators (DEO). The tender paper containing detailed scope of work along with terms and conditions hosted at **www.opepa.in & www.anugul.nic.in**. **Last date of receipt of the tender papers is 10.01.2019**.

The authority reserves the right to cancel all or any / part of the tender without assigning any reason thereof.

By order of the Collector-cum-Chairman
**Sd./- District Project Coordinator**
**Samagra Shikhya, Angul**

# Office of the Chief Engineer

**Dam Safety Secha Sadan, Unit-V, Odisha, Bhubaneswar**
Phone: 0674 - 2531935 / Fax - 0674 - 2531934
E-mail: cedamsafety.odisha@gmail com
No-CE-DS-DRIP-160/2018- Dated the

## CANCELLATION OF E-PROCUREMENT NOTICE No. CEDS-01/2018-19

No.976-A: This is for the information of all concerned that the e-procurement Notice No CEDS- 01/2018-19 dated 16.11.2018 for the work "Supply, Installation, Operation & Maintenance of Integrated Security and Surveillance system of different dams in Odisha under DRIP" - for 5Nos. of works is here by cancelled on administrative ground.

32314/11/0025/1819 **Sd./- Chief Engineer, Dam Safety**

# ନିଲାମ ଇସ୍ତାହାର

No. 120-MM: ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଇଛି ଯେ, ବ୍ରହ୍ମପୁର ବନଖଣ୍ଡ ଅଧୀନସ୍ଥ ବିଭିନ୍ନ ଜଙ୍ଗଲ (Lot) ରେ ଥିବା ଲଙ୍କାଭାଲିଆ ଗଛର ମଞ୍ଜି (Cashew nut) ସଂଗ୍ରହ ନିମନ୍ତେ ଆସନ୍ତା ତା୦୭।୦୧।୨୦୧୯ରିଖ ଦିନ ପୂର୍ବାହ୍ନ ଘ.୧୧.୦୦ ସମୟରେ ବ୍ରହ୍ମପୁର ବନଖଣ୍ଡ ଅଧିକାରୀଙ୍କ କୋର୍ଟପେଟାସ୍ଥିତ କାର୍ଯ୍ୟାଳୟରେ ପ୍ରକାଶ୍ୟ ନିଲାମ କରାଯିବ। ଯଦି ଉପରୋକ୍ତ ତାରିଖରେ କୌଣସି ଲଙ୍କାଭାଲିଆ (Lot) ନିଲାମ ନହୋଇ ରହିଯାଏ ତାହା ପୁନର୍ବାର ତା୧୪।୦୧।୨୦୧୯ରିଖ ଦିନ ପୂର୍ବ ନିର୍ଦ୍ଧାରିତ ସ୍ଥାନ ଓ ସମୟରେ ନିଲାମ କରାଯିବ। ଯଦି ଉକ୍ତ ଦିନଗୁଡ଼ିକରେ ମଧ୍ୟ ନିଲାମ ନ ହୋଇ ରହିଯାଏ ତାହା ତା୧୮।୦୧।୨୦୧୯ରିଖ ଦିନ ପୂର୍ବ ନିର୍ଦ୍ଧାରିତ ସ୍ଥାନ ଓ ସମୟରେ ନିଲାମ କରାଯିବ। ଲଙ୍କାଭାଲିଆ ମଞ୍ଜିର ନିଲାମ ସମ୍ବନ୍ଧୀୟ ସବିଶେଷ ବିବରଣୀ ଓଡ଼ିଶା ଗେଜେଟ କିମ୍ବା ନିମ୍ନ ସ୍ଵାକ୍ଷରକାରୀଙ୍କ କାର୍ଯ୍ୟାଳୟରୁ ଯେ କୌଣସି କାର୍ଯ୍ୟ ଦିବସରେ ମିଳିପାରିବ।

**ବନଖଣ୍ଡ ଅଧିକାରୀ**
**ବ୍ରହ୍ମପୁର ବନଖଣ୍ଡ**

08038/11/0003/1819

# ପ୍ରସାର ଭାରତୀ

## ସିଭିଲ କନଷ୍ଟ୍ରକ୍ସନ୍ ୱିଙ୍ଗ୍ : ଅଲ୍ ଇଣ୍ଡିଆ ରେଡିଓ

### ଇ–ଟେଣ୍ଡର ଆହ୍ୱାନକାରୀ ପ୍ରେସ୍ ବିଜ୍ଞପ୍ତି

ଭାରତର ରାଷ୍ଟ୍ରପତିଙ୍କ ତରଫରୁ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ଇଲେକ୍ଟ୍ରିକାଲ୍), ସିଭିଲ୍ କନ୍‌ଷ୍ଟ୍ରକ୍ସନ୍ ୱିଙ୍ଗ୍, ଅଲ୍ ଇଣ୍ଡିଆ ରେଡିଓ, ଦୂରଦର୍ଶନ ଭବନ, ୫ମ ମହଲା, ଗଲ୍ଫ ଗ୍ରୀନ୍, କୋଲକାତା–୭୦୦୦୯୫ ନିମ୍ନଲିଖିତ କାର୍ଯ୍ୟ ପାଇଁ ସିପିଡବ୍ଲ୍ୟୁଡି/ ଏମ୍‌ଇଏସ୍/ ବିଏସ୍‌ଏନ୍‌ଏଲ୍/ ରେଳପଥ/ଓଡ଼ିଶା ରାଜ୍ୟ ପିଡବ୍ଲ୍ୟୁଡିର ଅନୁମୋଦିତ ଏବଂ ଯୋଗ୍ୟ ଠିକାଦାର ତଥା ସମ୍ପର୍କିତ କାର୍ଯ୍ୟ କ୍ଷେତ୍ରରେ ବିଶେଷଜ୍ଞତାଧାରୀ ଏଜେନ୍ସି/ଫାର୍ମଗୁଡ଼ିକଠାରୁ **"ଏଆଇଆର୍, ବଲାଙ୍ଗୀର (ଓଡ଼ିଶା)ଠାରେ ୨୫୦ କେଭିଏ ଟ୍ରାନ୍ସଫର୍ମର୍ ବଦଳାଇବା"** କାର୍ଯ୍ୟ ପାଇଁ ଦୁଇ ବିଡ୍ ପ୍ରଣାଳୀରେ ଅନ୍‌ଲାଇନ୍ ସାମଗ୍ରୀ ମୂଲ୍ୟ ଟେଣ୍ଡର ଆହ୍ୱାନ କରୁଛନ୍ତି।

ଏନ୍‌ଆଇଟି ନଂ. : ଇଇ(ଇ)/କେଓଏଲ୍/ଏନ୍‌ଆଇଟି/୩୦ ଅଫ୍ ୨୦୧୮–୨୦୧୯
ଅଟକଳ ମୂଲ୍ୟ : ଟ.୫,୨୫,୦୩୨.୦୦
ଅମାନତ ରାଶି : ଟ.୧୦,୫୦୧.୦୦
ସମାପ୍ତି ଅବଧି : ୦୨ (ଦୁଇ) ମାସ।

ଟେଣ୍ଡର ଫର୍ମ ଏବଂ ଅନ୍ୟାନ୍ୟ ବିବରଣୀ ୱେବ୍‌ସାଇଟ୍ www.tenderwizard.com/AIRରୁ ହାସଲ କରାଯାଇପାରିବ।

# JAWAHAR NAVODAYA VIDYALAYA, CHAMPATIMUNDA, ANGUL

## TENDER NOTICE

Sealed Tenders are invited from the Registered Firms and Authorized Dealers for supply of Vegetable, Furniture, Toilet items (Bathing & washing soap, Coconut oil, Paste, Brush etc.), Fire Extinguisher Refilling, Plumber items to **Jawahar Navodaya Vidyalaya, At/Po: Champatimunda, Via: Hulurusingha, Dist: Angul (Odisha).**

1. The tender forms can be obtained from the Vidyalaya Office from 9.00 hours to 13.00 hours in all working days from 19.12.2018 to 25.12.2018 on payment of Rs. 100/- in cash or Demand Draft drawn in favour of **Principal, JNV, Angul payable at Bank of Baroda, Badkera.**
2. The tender document to be received in the Vidyalaya by 16.00 hours of 25.12.2018 & opening on 26.12.2018 at 10.30 AM

The undersigned reserved the right to reject any or whole tender without assigning any reason thereof.

**Sd./- Principal**

# GOVERNMENT OF ODISHA

No.973-A

## DEPARTMENT OF WATER RESOURCES

### Office of the Executive Engineer Telengiri Canal Division, Bariniput

### e-Procurement notice No.04/18-19

**Bid Identification No.- TCD 01/2018-19 (ONLINE)**

1. No of Work :: 01 (One) nos
2. Type of Work :: Deployment of Security Personnel
3. Value of Work :: 4.97 Lakh
4. Class of Contractor :: Registered & Licensed Security Agencies
5. Period of completion :: 6 Months
6. Date & time of availability of bid documents on line :: 20.12.2018 at 11.00 hours to 29.12.2018 at 17.00hours
7. Date & Place of opening of Bid on line :: 31.12.2018 (11.30 hours) at office of the Executive Engineer, Telengiri Canal Division, Bariniput
8. Name of the officer inviting Bids :: Executive Engineer, Telengiri Canal Division, Bariniput

Further details can be seen in the Govt. of Odisha e-Procurement website **http://www.tendersodisha.gov.in**.

**Executive Engineer**
**Telengiri Canal Division, Bariniput**

32080/11/0011/1819

# ଓଡ଼ିଶା ସରକାର

# ଅନୁଗୋଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## ଅଧିସୂଚନା

No.L.A.-10/18 - 122 Dated: 15.03.2018

**No.XXIX-23:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅନୁଗୋଳ ଜିଲ୍ଲାର ତାଳଚେର–ସମ୍ବଲପୁର ଦୋହରା ରେଳପଥ ପ୍ରକଳ୍ପର ଦୋହରା ରେଳପଥ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା–ଜେରଙ୍ଗ ଦେହୁରୀ ସାହି, ଥାନା: ଜରପଡ଼ା, ତହସିଲ: ଛେଣ୍ଡିପଦା, ଜିଲ୍ଲା: ଅନୁଗୋଳରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୦.୨୨୦ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ଵଚ୍ଛତା ଆଇନ–୨୦୧୩ (RFCTLA R & R Act. 2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ଵାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ଵଚ୍ଛତା ଆଇନ–୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ଵତ୍ଵାଧିକାରୀ/ ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ଵରୂପ– ତାଳଚେର–ସମ୍ବଲପୁର ଦୋହରା ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ– ପୂର୍ବତଟ ରେଳପଥ ତରଫରୁ ଉପମୁଖ୍ୟ ଯନ୍ତ୍ରୀ ନିର୍ମାଣ(୧), ପୂର୍ବତଟ ରେଳପଥ, ଅନୁଗୋଳ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ– ସାର୍ବଜନୀନ ଉଦ୍ଦେଶ୍ୟରେ ତାଳଚେର–ସମ୍ବଲପୁର ଦୋହରା ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଏ ସମ୍ପର୍କରେ ରାଜସ୍ଵ ଓ ବିପର୍ଯ୍ୟୟ ପରିଚାଳନା ବିଭାଗଙ୍କ ଘୋଷଣା ସଂଖ୍ୟା ୨୯୭୩୧ ତା.୦୬।୦୯।୨୦୧୭ ରିଖ ଦ୍ରଷ୍ଟବ୍ୟ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସନଙ୍କ ବିବରଣୀ– ଉପଜିଲ୍ଲାପାଳ ତଥା ପ୍ରଶାସକ ପୁନର୍ବାସ ଓ ଥଇଥାନ ଅନୁଗୋଳ।
୬. ଜମିର ବିବରଣୀ –

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଅନୁଗୋଳ | ଛେଣ୍ଡିପଦା | ଜେରାଙ୍ଗ ଦେହୁରୀ ସାହି | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ୦.୨୨୦ | ଏଥି ସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ୦.୦୦୦ ସଂରକ୍ଷିତ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।
ଉକ୍ତ ଭୂମିର ଏକ ନକ୍ସା ଭୂ–ଅର୍ଜନ ଅଧିକାରୀ, ତାଳଚେର–ସମ୍ବଲପୁର ଦୋହରା ରେଳପଥ ସମ୍ବଲପୁରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଅନୁଗୋଳ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ଵା./- ଜିଲ୍ଲାପାଳ, ଅନୁଗୋଳ**

### ଭୂମି ଅନୁସୂଚୀ

**ମୌଜା: ଜେରାଙ୍ଗ ଦେହୁରୀ ସାହି, ତହସିଲ: ଛେଣ୍ଡିପଦା, ଥାନା: ଜରପଡ଼ା, ଜିଲ୍ଲା: ଅନୁଗୁଳରେ ସମ୍ବଲପୁର–ତାଳଚେର ଦୋହରା ରେଳପଥ ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ–**

| କ୍ର. ନଂ. | ଖାତା ନମ୍ବର | ପ୍ରଜାଂକର ନାମ ଓ ବାସସ୍ଥାନ | ପ୍ଲଟ ନମ୍ବର | କିସମ | ମୋଟ ରକବା | ଅଧିକୃତ ରକବା |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୬ | ଅକେଇ ସାହୁ, ପଦ୍ମନାଭ ସାହୁ, ପି: ପନୁ ସାହୁ, ଗୋବରୀ ସାହୁ, ପି: ଜଗୁ ସାହୁ, ଅନ୍ତର୍ଯ୍ୟାମୀ ସାହୁ, ଚିନ୍ତାମଣୀ ସାହୁ, କୁଳମ ସାହୁ, ପି: ଅରକ୍ଷିତ ସାହୁ, ଜା: ଚଷା, ବା: ନିଜଗାଁ | ୧୪୪୪<br>୧୪୪୫<br>୧୪୪୭ | ଶାରଦ–୩<br>ଶାରଦ–୨<br>ଶାରଦ–୩ | ୦.୩୯୦<br>୦.୧୩୦<br>୦.୮୬୦ | ୦.୦୯୦<br>୦.୦୩୦<br>୦.୦୫୦ |
| ୨ | ୧୧୨ | ନହିନ ସାହୁ, ପି: ବାସୁ ସାହୁ, ଜା: ଚଷା, ବା: ନିଜଗାଁ | ୧୪୦୦ | ଶାରଦ–୨ | ୨.୭୦୦ | ୦.୦୫୦ |
| | | | | ମୋଟ | | ୦.୨୨୦ |

**ସ୍ଵା./- ସ୍ଵତନ୍ତ୍ର ଭୂଅର୍ଜନ ଅଧିକାରୀ,**
**ତାଳଚେର-ସମ୍ବଲପୁର ଦୋହରା ରେଳପଥ, ସମ୍ବଲପୁର**

24012/14/0016/1819

# ଓଡ଼ିଶା ସରକାର

# ଅନୁଗୋଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## ଅଧିସୂଚନା

No.: L.A.4/18-86 Dated: 15.3.2018

No.: XXIX-28: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅନୁଗୋଳ ଜିଲ୍ଲାର ତାଳଚେର–ସମ୍ବଲପୁର ଦୋହରା ରେଳପଥ ପ୍ରକଳ୍ପର ଦୋହରା ରେଳପଥ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା– କନ୍ଧକୋରଡ଼ା, ଥାନା– ଜରପଡ଼ା, ତହସିଲ– ଛେଣ୍ଡିପଦା, ଜିଲ୍ଲା– ଅନୁଗୋଳରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୦.୮୯୦ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ଵଚ୍ଛତା ଆଇନ୍ ୨୦୧୩ (RFCTLA R & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ଵାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ଵଚ୍ଛତା ଆଇନ୍, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସତ୍ଵାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ଵରୂପ – ତାଳଚେର–ସମ୍ବଲପୁର ଦୋହରା ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ପୂର୍ବତଟ ରେଳପଥ ତରଫରୁ ଉପମୁଖ୍ୟ ଯନ୍ତ୍ରୀ ନିର୍ମାଣ(୧), ପୂର୍ବତଟ ରେଳପଥ, ଅନୁଗୋଳ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ତାଳଚେର–ସମ୍ବଲପୁର ଦୋହରା ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଏ ସମ୍ପର୍କରେ ରାଜସ୍ଵ ଓ ବିପର୍ଯ୍ୟୟ ପରିଚାଳନା ବିଭାଗଙ୍କ ଘୋଷଣା ସଂଖ୍ୟା ୨୯୭୩୧ ତା୦୬।୦୯।୨୦୧୭ରିଖ ଦ୍ରଷ୍ଟବ୍ୟ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ ଜିଲ୍ଲାପାଳ, ତଥା ପ୍ରଶାସକ ପୁନର୍ବାସ ଓ ଥଇଥାନ, ଅନୁଗୋଳ।
୬. ଜମିର ବିବରଣୀ –

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଅନୁଗୋଳ | ଛେଣ୍ଡିପଦା | କନ୍ଧକୋରଡ଼ା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ୦.୮୯୦ | ଏଥି ସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ୦.୦୦୦ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।
ଉକ୍ତ ଭୂମିର ଏକ ନକ୍ସା ସ୍ଵତନ୍ତ୍ର ଭୂ–ଅର୍ଜନ ଅଧିକାରୀ, ତାଳଚେର–ସମ୍ବଲପୁର ଦୋହରା ରେଳପଥ ସମ୍ବଲପୁରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଅନୁଗୋଳ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ଵା./– ଜିଲ୍ଲାପାଳ, ଅନୁଗୋଳ**

### ଭୂମି ଅନୁସୂଚୀ

**ମୌଜା: କନ୍ଧକୋରଡ଼ା, ତହସିଲ: ଛେଣ୍ଡିପଦା, ଥାନା: ଖମାର ନଂ. ୧୦, ଜିଲ୍ଲା: ଅନୁଗୁଳରେ ସମ୍ବଲପୁର–ତାଳଚେର ଦୋହରା ରେଳପଥ ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ**

| କ୍ର.ନଂ. | ଖାତା ନମ୍ବର | ପ୍ରଜାଙ୍କର ନାମ ଓ ବାସସ୍ଥାନ | ପ୍ଲଟ ନମ୍ବର | କିସମ | ମୋଟ ରକବା | ଅଧିକୃତ ରକବା |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୧୮ | ପୁନିଆ ପ୍ରଧାନ, ପି.– ମୁରାରୀ ପ୍ରଧାନ, ଜା: ମାହାରା, ବା: ନିଜଗାଁ | ୫<br>୬ | ତଇଲା – ୧<br>ଶାରଦ – ୩ | ୧.୯୩୦<br>୦.୨୯୦ | ୦.୩୧୦<br>୦.୦୮୦ |
| ୨ | ୨୪ | ବେଣୁ ପ୍ରଧାନ, ଲୋଚନ ପ୍ରଧାନ, ଗଣେଶ ପ୍ରଧାନ, କପିଳ ପ୍ରଧାନ, ପି.– ପୁନିଆ ପ୍ରଧାନ, ଜା: ମାହାରା, ବା: ନିଜଗାଁ | ୮ | ପୁରାତନ ପତିତ | ୧.୨୦୦ | ୦.୧୬୦ |
| ୩ | ୩୯/୫ | ନବୀନ କିଶୋର ପ୍ରଧାନ, ପି.– ଜନାର୍ଦ୍ଦନ ପ୍ରଧାନ, ଜା: ଚଷା, ବା: କଟଡ଼ା | ୧୦ | ପୁରାତନ ପତିତ | ୦.୯୬୦ | ୦.୧୧୦ |
| ୪ | ୩୯/୧୪ | ଶ୍ରୀମତୀ ପ୍ରମିଳା ପ୍ରଧାନ, ପି.– ଗୌତମ ପ୍ରଧାନ, ଜା: ଚଷା, ବା: କଟଡ଼ା | ୯/୨୪୦<br>୯/୨୪୦/୨୪୨<br>୯/୨୪୦/୨୪୩ | ତଇଲା – ୧<br>ତଇଲା – ୧<br>ତଇଲା – ୧ | ୦.୮୦୦<br>୦.୩୫୦<br>୦.୧୪୦ | ୦.୦୭୦ |
| ୫ | ୩୯/୪୯ | ବାସୁଦେବ ବେହେରା, ପି.– ସଂସାର ବେହେରା, ଜା: ଚଷା, ବା: ଲୁହାମୁଣ୍ଡା | ୪ | ତଇଲା – ୧ | ୧.୩୯୦ | ୦.୧୬୦ |
| | | | | ମୋଟ | | ୦.୮୯୦ |

**ସ୍ଵା./– ସ୍ଵତନ୍ତ୍ର ଭୂ–ଅର୍ଜନ ଅଧିକାରୀ**
**ତାଳଚେର–ସମ୍ବଲପୁର ଦୋହରା ରେଳପଥ, ସମ୍ବଲପୁର**

24012/14/0021/1819

# ଓଡ଼ିଶା ସରକାର

# ରାଜସ୍ଵ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ଅଧିସୂଚନା

**RDM-LAC-ANG-0050-2017-174 / R&DM-** ତାରିଖ: ୦୨।୦୧।୧୮

**No. XXIX-38:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ତାଳଚେର–ସମ୍ବଲପୁର (ସମ୍ବଲପୁର–ବାମୁର ସେକ୍ସନ) ରେଳପଥ ଦୋହରିକରଣ ନିମନ୍ତେ ମୌଜା– ବଳରାମପ୍ରସାଦ, ଥାନା– ଅନୁଗୁଳ, ତହସିଲ– ବଁଅରପାଳ, ଜିଲ୍ଲା– ଅନୁଗୁଳରେ ନିମ୍ନ ତଫସିଲମତେ ପ୍ରାୟ ୧.୦୦୦ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ଵଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ଵରୂପ– ତାଳଚେର–ସମ୍ବଲପୁର ରେଳପଥ ଦୋହରିକରଣ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ– ଉପମୁଖ୍ୟଯନ୍ତ୍ରୀ (ନିର୍ମାଣ), ପୂର୍ବତଟ ରେଳପଥ ନିର୍ମାଣ, ଅନୁଗୁଳ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ– ସାର୍ବଜନୀନ ଉଦ୍ଦେଶ୍ୟରେ ରେଳପଥ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ– ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ। ରାଜସ୍ଵ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣା ସଂଖ୍ୟା– ୨୯୭୩୧, ତା: ୦୬।୦୯।୨୦୧୭ ଦ୍ରଷ୍ଟବ୍ୟ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ– ଉପଜିଲ୍ଲାପାଳ, ଅନୁଗୁଳ।
୬. ଜମିର ବିବରଣୀ–

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଅନୁଗୁଳ | ବଁଅରପାଳ | ବଳରାମପ୍ରସାଦ | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ୧.୦୦୦ ଏକର | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସ୍ଵତନ୍ତ୍ର ଭୂ–ଅର୍ଜନ ଅଧିକାରୀ, ତାଳଚେର–ସମ୍ବଲପୁର ରେଳପଥ ଦୋହରିକରଣ ପ୍ରକଳ୍ପ, ସମ୍ବଲପୁରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଅନୁଗୁଳ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ସମ୍ପୃକ୍ତ ଜମିର କୌଣସି ସ୍ଵତ୍ଵାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ଅନୁଗୁଳ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ଵା./– ଯୁଗ୍ମ ଶାସନ ସଚିବ**

### ଭୂମି ଅନୁସୂଚୀ

**ମୌଜା– ବଳରାମ ପ୍ରସାଦ, ତହସିଲ– ବଁଅରପାଳ, ଥାନା– ଅନୁଗୁଳ ନଂ.୧୦୦, ଜିଲ୍ଲା– ଅନୁଗୁଳରେ ସମ୍ବଲପୁର–ତାଳଚେର ଦୋହରା ରେଳପଥ ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ–**

| କ୍ର.ନଂ. | ଖାତା ନମ୍ବର | ରୟତଙ୍କର ନାମ ଓ ବାସସ୍ଥାନ | ପ୍ଲଟ୍ ନଂ. | କିସମ | ମୋଟ ରକବା | ଅଧିକୃତ ରକବା |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୬୧୨ | ଦୁଖିଆ ସାହୁ, ପି: କମଳା ସାହୁ, ବା: ନିଜଗାଁ | ୩୨୬୩ | ଘରବାରି | ୦.୦୮୦ | ୦.୦୧୦ |
| ୨ | ୪୬୫ | ଯଦୁନାଥ ସିଂ, ହିନା ସାମଲ, ବା: ନିଜଗାଁ, ଯମି ସାମଲ, ପି: ଟାଙ୍ଗୁରୁ ସିଂ, ସଛପଡ଼ା, ସାବିତ୍ରୀ ସିଂ, ସ୍ଵା: ଟାଙ୍ଗୁରୁ ସିଂ, ବା: ନିଜଗାଁ | ୩୫୮୪ | ଶାରଦ–୨ | ୦.୫୨୦ | ୦.୦୩୦ |
| ୩ | ୨୫ | ଅର୍ଜୁନ ରାଉତ, ଭଗବାନ ରାଉତ, ଭରତ ରାଉତ, ରଜନୀ ରାଉତ, ସଜନୀ ରାଉତ, ବଚନ ରାଉତ, ପି: କୁଛୁ ରାଉତ, ହୀରା ରାଉତ, ସ୍ଵା: କୁଛୁ ରାଉତ, ବା: ନିଜଗାଁ | ୩୫୫୫ | ଶାରଦ–୨ | ୦.୧୦୦ | ୦.୦୨୦ |
| ୪ | ୪୮୭ | ଜୟକୃଷ୍ଣ ନାୟକ, ପି: ସୋମନାଥ ନାୟକ, କହ୍ନା ନାୟକ, ଶ୍ରୀଧର ନାୟକ, ପି: ବିମ୍ବା ନାୟକ, ବା: ନିଜଗାଁ | ୩୬୦୩<br>୩୨୦୫<br>୩୬୦୧ | ଶାରଦ–୨<br>ଶାରଦ–୨<br>ଶାରଦ–୨ | ୦.୩୨୦<br>୦.୨୯୦<br>୦.୪୦୦ | ୦.୦୧୦<br>୦.୦୭୦<br>୦.୦୧୦ |
| ୫ | ୧୦୧୩ | ବିଦ୍ୟାଧର ମହାପାତ୍ର, ପି: ଆକୁଳ ମହାପାତ୍ର, ବା: ନିଜଗାଁ | ୩୬୦୮ | ଶାରଦ–୩ | ୦.୧୦୦ | ୦.୦୯୦ |
| ୬ | ୯୧୬ | ଫକୀର ସାମଲ, ଭ୍ରମର ସାମଲ, ପି: ବିଛନ୍ଦ ସାମଲ, ବା: ନିଜଗାଁ | ୩୬୦୯ | ଶାରଦ–୨ | ୦.୧୬୦ | ୦.୦୬୦ |
| ୭ | ୧୬୩୨ | ହୀରା ନାୟକ, ସ୍ଵା: ସୁନିଆ ନାୟକ, ବା: ନିଜଗାଁ | ୩୬୧୦ | ଶାରଦ–୨ | ୦.୧୬୦ | ୦.୦୬୦ |
| ୮ | ୫୪୦ | ତାରାବତୀ ଅନ୍ଧ, ସ୍ଵା: ବାଉରିବନ୍ଧୁ ଅନ୍ଧ, ବା: ନିଜଗାଁ | ୩୬୭୧<br>୩୬୭୦ | ଶାରଦ–୨<br>ଶାରଦ–୨ | ୦.୧୬୦<br>୦.୦୭୦ | ୦.୦୧୦<br>୦.୦୧୦ |
| ୯ | ୧୩୦୬ | ମୋହନ ଗଡ଼ନାୟକ, ପି: ଗୌରାଙ୍ଗ ଗଡ଼ନାୟକ, ବା: ନିଜଗାଁ | ୩୬୬୮ | ଶାରଦ–୨ | ୦.୭୭୦ | ୦.୦୫୦ |
| ୧୦ | ୧୧୯୮ | ମଙ୍ଗଳୁ ଦାସ, ପି: କୁଳମଣି ଦାସ, ବା: ନିଜଗାଁ | ୩୬୫୫ | ଶାରଦ–୨ | ୦.୩୦୦ | ୦.୦୧୦ |
| ୧୧ | ୯୬୧ | ବାଇଧର ବିଶ୍ଵାଳ, ନବିନ ବିଶ୍ଵାଳ, ପୁରନ୍ଦର ବିଶ୍ଵାଳ, ରବି ବିଶ୍ଵାଳ, ପି: ଅଙ୍ଗଦ ବିଶ୍ଵାଳ, ବା: ନିଜଗାଁ | ୮୫୮୭ | ଶାରଦ–୨ | ୦.୦୫୦ | ୦.୦୧୦ |
| ୧୨ | ୧୫୨୫ | ଶ୍ରୀଧର ମହାପାତ୍ର, କସ୍ତୁ ମହାପାତ୍ର, ମଧୁ ମହାପାତ୍ର | ୮୪୪୯ | ଶାରଦ–୨ | ୦.୦୩୦ | ୦.୦୩୦ |
| ୧୩ | ୧୬୫୩/୧୪୩୨ | ପୀତବାସ ସାହୁ, ପି: ଗଙ୍ଗାଧର ସାହୁ, ବା: ନିଜଗାଁ | ୮୪୪୭ | ଶାରଦ–୨ | ୦.୧୧୦ | ୦.୦୪୦ |
| ୧୪ | ୯୮ | ଈଶ୍ଵର ଦାସ, ପି: ରାମ ଦାସ, ବା: ନିଜଗାଁ | ୮୪୪୬ | ଶାରଦ–୨ | ୦.୦୧୦ | ୦.୦୧୦ |
| ୧୫ | ୧୬୫୦/୨୧୬୩ | ଈଶ୍ଵର ଚନ୍ଦ୍ର ଦାସ, ପି: ରାମ ଦାସ, ବା: ନିଜଗାଁ | ୮୪୪୫ | ଶାରଦ–୨ | ୦.୧୭୦ | ୦.୦୨୦ |
| ୧୬ | ୧୧୭୩ | ଭୀମ ସାହୁ, ପି: ହାଡ଼ିବନ୍ଧୁ ସାହୁ, ନି: ବଳରାମପ୍ରସାଦ ପାଟନା | ୮୪୪୪ | ଶାରଦ–୨ | ୦.୦୨୦ | ୦.୦୨୦ |
| ୧୭ | ୭୬୨ | ମନ୍ଦରଧର ଦେବ ବିଜେ, ବା: ନିଜଗାଁ, ପଞ୍ଚାନନ ମହାପାତ୍ର, ଦଇତାରୀ ମହାପାତ୍ର, ପି: ଶ୍ରୀନିବାସ ମହାପାତ୍ର, କ୍ଷେତ୍ରବାସୀ ମହାପାତ୍ର, ବା: ନିଜଗାଁ | ୫୫୩୭ | ଶାରଦ–୨ | ୦.୩୪୦ | ୦.୦୧୦ |
| ୧୮ | ୬୪୯ | ଧନେଶ୍ଵର ଦାସ, ପି: ରାମ ଦାସ, ବା: ନିଜଗାଁ | ୮୪୩୮ | ଶାରଦ–୨ | ୦.୦୪୦ | ୦.୦୧୦ |
| ୧୯ | ୬୭୦ | ଧ୍ରୁବ ବିଶୋଇ ଦାଶ, ପି: କୁମୁରା ଦାଶ, ବା: ନିଜଗାଁ | ୫୫୮୧ | ଶାରଦ–୨ | ୦.୦୧୦ | ୦.୦୧୦ |
| ୨୦ | ୨୫୫ | କୁମୁରା ଦାଶ, ପି: ଯଯେଷ୍ଟି ଦାଶ, ନି: ବଳରାମପ୍ରସାଦ ପାଟଣା | ୫୫୮୦ | ଶାରଦ–୨ | ୦.୧୦୦ | ୦.୦୫୦ |
| ୨୧ | ୧୧୦୫ | ଦୋଳଗୋବିନ୍ଦ ଜିଉ ବିଜେ, ନିଜଗାଁ, ଭାଗୀରଥି ସିଂ, ପି: ରାମନାଥ ସିଂ, ବା: ନିଜଗାଁ | ୫୫୮୩ | ଶାରଦ–୨ | ୦.୨୯୦ | ୦.୦୫୦ |
| ୨୨ | ୧୬୫୩/୧୨୪୫ | ଯଶୋବନ୍ତ ସାହୁ, ପି: ମଧୁସୂଦନ ସାହୁ, ବାସନ୍ତୀ ସାହୁ, ସ୍ଵା: ମଧୁସୂଦନ ସାହୁ, ବା: ନିଜଗାଁ | ୫୬୧୨ | ଶାରଦ–୨ | ୦.୧୨୦ | ୦.୦୬୦ |
| ୨୩ | ୧୧୮୫ | ଭୋଳେଶ୍ଵର ନାୟକ, ଛବି ନାୟକ, ବା: ନିଜଗାଁ, ଅନ୍ଧାରୀ ନାୟକ ବାହାଦୁର, ତାଳଚେର, ଖାଇ ନାୟକ, ବବେହେରମପୁର, ତାଳଚେର | ୬୭୦୯ | ଶାରଦ–୨ | ୦.୦୩୦ | ୦.୦୧୦ |
| ୨୪ | ୧୧୨୬ | ଭାସ୍କର ଦାଶ, ପି: ବୃନ୍ଦାବନ ଦାଶ, ବା: ନିଜଗାଁ | ୬୭୦୮ | ଶାରଦ–୨ | ୦.୦୩୦ | ୦.୦୧୦ |
| ୨୫ | ୮୬୯ | ପ୍ରାଣବନ୍ଧୁ କର, ଦାମୋଦର କର, ପି: କୁଳମଣି କର, ରାହି କର, ସ୍ଵା: କୁଳମଣି କର, ଶାନ୍ତି ତ୍ରିପାଠୀ, ସୁକାନ୍ତି ମିଶ୍ର, ସତ୍ୟବତୀ ମିଶ୍ର, ଜୟନ୍ତୀ କରବା, ନିଜଗାଁ | ୬୭୧୦ | ଶାରଦ–୨ | ୦.୧୩୦ | ୦.୦୨୦ |
| ୨୬ | ୧୧୮୫ | ଭୋଳେଶ୍ଵର ନାୟକ, ଛବି ନାୟକ, ବା: ନିଜଗାଁ, ଅନ୍ଧାରୀ ନାୟକ ବାହାଦୁର, ତାଳଚେର, ଖାଇ ନାୟକ, ବବେହେରମପୁର, ତାଳଚେର | ୬୭୦୬ | ଶାରଦ–୨ | ୦.୦୧୦ | ୦.୦୧୦ |
| ୨୭ | ୧୧୦୦ | ଭାଗୀରଥି ଧର, ପି: ପୁରୁଷୋତ୍ତମ ଧର, ବା: ନିଜଗାଁ | ୬୭୦୫ | ଶାରଦ–୨ | ୧.୦୯୦ | ୦.୦୧୦ |
| | | | | ମୋଟ | | ୧.୦୦୦ |

ସ୍ଵା./– ସ୍ଵତନ୍ତ୍ର ଭୂଅର୍ଜନ ଅଧିକାରୀ, ତାଳଚେର–ସମ୍ବଲପୁର ଦୋହରା ରେଳପଥ, ସମ୍ବଲପୁର

24001/14/0404/1819

# Exam Mate

Mock Test Paper for Std X, XII CBSE Board, IIT - JEE Main & Advanced.
FOR ANSWERS VISIT : www.dharitri.com

## MOCK TEST PAPER # 1

### JEE (Main) (CHEMISTRY)

**Time : 1 hour** **Maximum Marks: 120**

**GENERAL INSTRUCTIONS**

*For each question you will be given **4** Marks if you have darkened only the bubble corresponding to the correct answer and zero mark if no bubble is darkened. In all other cases, minus **one (–1)** Marks **(NEGATIVE MARKING)** will be given.*

**SINGLE CORRECT ANSWER**

**1.** Which of the following method is(are) used to remove temporary hardness of water ?

I. Boiling hard water II. Clark's method III. Calgon's method

The **correct** choice is :

(A) Only I (B) Both I and II (C) II and III (D) I, II and III

**2.** Metallic gold crystallizes in FCC lattice with edge-length of 4.070 Å . Closest distance between gold atoms is:

(A) 2.035 Å (B) 8.140 Å (C) 2.878 Å (D) 1.357 Å

**3.** The ratio of the energy of the electron in ground state of hydrogen to that of the electron in first excited state of $Be^{3+}$ is:

(A) 1: 4 (B) 1: 8 (C) 1: 16 (D) 16 : 1

**4.** The correct order of increasing C–O bond length of CO, $CO_3^{2-}$, $CO_2$ is:

(A) $CO_3^{2-} < CO_2 < CO$ (B) $CO_2 < CO_3^{2-} < CO$

(C) $CO < CO_3^{2-} < CO_2$ (D) $CO < CO_2 < CO_3^{2-}$

**5.** $H_2(g) + \frac{1}{2}O_2(g) \rightarrow H_2O(l)$

B.E. (H–H) = $x_1$; B.E.(O = O) = $x_2$, B.E. (O–H) = $x_3$;

Latent heat of vaporization of water liquid into water vapour = $x_4$, then $\Delta H_f$ (heat of formation of liquid water) is

(A) $x_1 + \frac{x_2}{2} - x_3 + x_4$ (B) $2x_3 - x_1 - \frac{x_2}{2} - x_4$

(C) $x_1 + \frac{x_2}{2} - 2x_3 - x_4$ (D) $x_1 + \frac{x_2}{2} - 2x_3 + x_4$

**6.** Depression of freezing point of 0.01 molal aq. $CH_3COOH$ solution is 0.022°C. 1 molal urea solution freezes at –2.0° C. Assuming molality equal to molarity, pH of $CH_3COOH$ solution will be:

(A) 2 (B) 3 (C) 3.2 (D) 4.2

**7.** For reaction A $\rightarrow$ Product, $[A]_0$ = 2M. After 10 minutes reactrion is 10% completed. If $\frac{d[A]}{dt} = -k[A]$ then $T_{50}$ is approximately: (log 3 = 0.48)

(A) 0.693 min (B) 69.3 min (C) 66.0 min (D) 0.693 min

**8.** How many Faradays are required to reduce one mole of $MnO_4^-$ to $Mn^{2+}$?

(A) 1 (B) 2 (C) 3 (D) 5

**9.** The rate of a chemical reaction generally increases rapidly even for small temperature increase because of a rapid increase in the:

(A) collision frequency

(B) fraction of molecules with energies in excess of the activation energy

(C) activation energy

(D) average kinetic energy of molecules

**10.** Amount of gas adsorbed per g of adsorbent increases with pressure, but after certain limit is reached, adsorption becomes constant. It is where:

(A) multilayers are formed (B) desorption takes place

(C) temperature is increased (D) adsorption also starts

**11.** Bond-length of HCl is 1.25Å (e = $4.8\times10^{-10}$ e.s.u.). If $\mu$ = 1.02D, then HCl is:

(A) 100% ionic (B) 83% covalent (C) 50% covalent (D) 40% ionic

**12.** $Ag_2S + NaCN \longrightarrow (A)$. $(A) + Zn \longrightarrow (B)$. (B) is a metal. Hence, (A) and (B) are:

(A) $Na_2[Zn(CN)_4]$,Zn (B) $Na[Ag(CN)_2]$,Ag

(C) $Na[Ag(CN)_4]$,Ag (D) $Na_3[Ag(CN)_4]$,Ag

**13.** $H_2O_2$ can be obtained when following reacts with $H_2SO_4$ except with:

(A) $PbO_2$ (B) $BaO_2$ (C) $Na_2O_2$ (D) $SrO_2$

**14.** Molten sodium chloride conducts electricity due to the presence of:

(A) Free electrons (B) Ions (C) Na atom (D) Cl atom

**15.** Which of the following compounds possess Lewis acid character?

1. $BF_3$ 2. $SiF_4$ 3. $PF_5$

Select the correct answer using the codes given below:

(A) 1 alone (B) 1, 2 and 3 (C) 2 and 3 (D) 1 and 3

**16.** Match List I with List II and select the correct answer using the codes given below the lists:

| List I (Metals) | List II (Ores) |
|---|---|
| [P] Zinc | 1. Azurite |
| [Q] Tin | 2. Carnallite |
| [R] Copper | 3. Calamine |
| [S] Magnesium | 4. Cassiterite |

**Codes:**

(A) P→3, Q→4, R→2, S→1 (B) P→3, Q→4, R→1, S→2

(C) P→4, Q→1, R→3, S→2 (D) P→4, Q→3, R→2, S→1

**17.** Melting points of NaCl, NaBr, NaI and NaF will be in the order:

(A) NaI < NaBr < NaCl < NaF (B) NaF < NaCl < NaBr < NaI

(C) NaBr < NaF < NaCl < NaI (D) NaCl < NaI < NaF < NaBr

**18.** Which of the following compounds show optical isomerism? (en = ethylenediamine)

I. cis – $[Co(NH_3)_4Cl_2]^+$ II. trans – $[Co(en)_2Cl_2]^+$

III. cis – $[Co(en)_2Cl_2]^+$ IV. $[Co(en)_3]^{3+}$

Select the **correct** answer using the codes given below:

(A) I and II (B) II and III (C) III and IV (D) I, III and IV

**19.** When $H_2O_2$ is added to an acidified solution of $K_2Cr_2O_7$:

(A) solution turns green due to formation of $Cr_2O_3$

(B) solution turns yellow due to formation of $K_2CrO_4$

(C) a deep blue-violet coloured compound $CrO(O_2)_2$ is formed

(D) solution gives green ppt of $Cr(OH)_3$

**20.** Consider the following compounds:

I. Sulphur dioxide II. Hydrogen peroxide III. Ozone

Among these compounds, those which can act as bleaching agents would include:

(A) I and III (B) II and III (C) I and II (D) I, II and III

**21.** In the detection of nitrogen, blue colour is due to the formation of Prussian blue. It is:

(A) $NaFe^{III}[Fe^{II}(CN)_6]$ (B) $NaFe^{II}[Fe^{III}(CN)_6]$

(C) $Na_4[Fe(CN)_6]$ (D) $Na_3[Fe(CN)_6]$

**22.** Total number of isomers of $C_4H_{10}O$ will be:

(A) 4 (B) 5 (C) 6 (D) 7

**23.** An alkene on ozonolysis yields only ethanal. There is an isomer of this which on ozonolysis yields:

(A) propanone and methanal (B) propanone and ethanal

(C) ethanal and methanal (D) only propanone

**24.** Consider the following reaction sequence


$C_3H_6Cl_2 \xrightarrow[2.\ H_3O^+\ \ 3.\ \Delta]{1.\ KCN} CH_3-CH(CH_3)COOH$


Hence (A) is:


(A) 1, 1-Dichloro propane (B) 1, 2-Dichloro propane


(C) 2, 2-Dichloro propane (D) 1, 3-Dichloro propane


**25.** End product of the following sequence of reaction is:





(A) 


(B) 


(C) 


(D) 



**26.** End product of the following sequence of reaction are




(A) Yellow ppt. of $CHI_3$ 

(B) Yellow ppt. of $CHI_3$ 


(C) Yellow ppt. of $CHI_3$ 

(D) Yellow ppt. of $CHI_3$ 


**27.** Which of the following compound has maximum percentage of Cl?

(A) PVC (B) BHC (C) Neoprene (D) DDT

**28.** Which of the following is not a pyrimidine base?

(A) Thymine (B) Guanine (C) Cytosine (D) Uracil

**29.** On hydrolysis, which of the following carbohydrates gives only glucose?

(A) Sucrose (B) Lactose (C) Maltose (D) Galactose

**30.** Which of the following pairs of isomers and types of isomerism are **correctly** matched?

I. $[Co(NH_3)_5(NO_2)]$ and $[Co(NH_3)_5(ONO)]Cl_2$ .................linkage.

II. $[Cu(NH_3)_4][PtCl_4]$ and $[Pt(NH_3)_4][CuCl_4]$........ Coordination.

III. $[Pt(NH_3)_4Cl_2]Br_2$ and $[Pt(NH_3)_4Br_2]Cl_2$...... ionization.

Select the correct answer using the codes given below.

(A) II and III (B) I, II and III (C) I and III (D) I and II

For Answers visit: www.dharitri.com

Vidyamandir Classes
GURUKUL FOR IITJEE AND MEDICAL PREPARATION
NATIONAL ADMISSION cum SCHOLARSHIP TEST ON 30th DECEMBER 2018
(FOR CLASS VII, VIII, IX, X, XI & XII STUDENTS) Ph. No. 0674 - 2421400, 2421800, 85990 87100 / 85990 87200
Preparation For:-IITJEE Main & Advanced, Medical (NEET / AIIMS), KVPY, Olympiad, NTSE & Board.
Jaydev Vihar Centre : 1st Floor Above HDFC Bank, Madhusudan Nagar, Kalinga Stadium Square, •Damana Centre: Plot No. 248, 1st Floor, Near Damana Square, Sailashree Vihar Road, Chandrasekharpur, Bhubaneswar
Corporate Office: Vidyamandir Classes, Aggrawal Corporate Heights, 3rd Floor, Plot No. A-7 Netaji Subhash Place, Opposite Wazirpur Depot, Pitampura, Delhi, www.vidyamandir.com

## ସଂକ୍ଷେପରେ

### ଅଟୋକୁ ଧକ୍କା ଦେଲା ବାଇକ୍: ୩ ଆରୋହୀ ଗୁରୁତର

ମାଥିଲି, ୧୮।୧୨ - ମାଥିଲି ଚେଡେଙ୍ଗା ପଞ୍ଚାୟତର ଶାରଦାପୁଟ ଛକ ନିକଟରେ ମଙ୍ଗଳବାର ଅଟୋ ପଛକୁ ଏକ ବାଇକ୍ ଧକ୍କା ଦେଇଥିଲା। ଫଳରେ ବାଇକର ୩ ଆରୋହୀ ଗୁରୁତର ଆହତ ହୋଇଛନ୍ତି । ସେମାନଙ୍କୁ ଗ୍ରାମବାସୀ ୧୦୮ ଆମ୍ବୁଲାନ୍ସ ଡକାଇ ମାଥିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଗୁରୁତର ହୋଇଥିବା ବ୍ୟକ୍ତିମାନେ ଗୋଟିଏ ପରିବାରର। ସେମାନେ ହେଲେ ଦେଶାଇ ବାଗଲ (୫୦) ତାଙ୍କ ସ୍ତ୍ରୀ ଓ ପୁଅ ଭାଗିରଥି ବାଗଲ (୨୫) । ଖବରରୁ ଜଣାପଡିଛି ଦେଶାଇ ସୀମାନ୍ତ ଛତିଶଗଡ ରାଜ୍ୟ ସୁକ୍‌ମା ଜିଲାରେ ସପରିବାର ବସବାସ କରନ୍ତି। ମାଥିଲି ବ୍ଲକର ମହୁପଦର ଅଞ୍ଚଳରେ ରହୁଥିବା ଜଣେ ସମ୍ପର୍କୀୟଙ୍କ ଘରକୁ ସେ ବୁଲିବାକୁ ଆସିଥିଲେ । କୌଣସି କାରଣରୁ ମହୁପଦରରୁ ଗୋବିନ୍ଦପାଲି ଅଭିମୁଖେ ଗୋଟିଏ ବାଇକରେ ୩ ଜଣ ଆସୁଥିବାବେଳେ ଶାରଦାପୁଟ ନିକଟରେ ଯାଉଥିବା ଏକ ଅଟୋ ପଛରେ ଭାରସାମ୍ୟ ହରାଇ ପଟିଦେଇଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଅଟୋକୁ ମାଥିଲି ଥାନାରେ ଅଟକ ରଖାଯାଇଛି।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଯୋଗ କର୍ମଶାଳା

ପାଣ୍ଡ୍ରିପାଣି,୧୮।୧୨- ମାଲକାନଗିରି ବ୍ଲକ ପାଣ୍ଡ୍ରିପାଣି ପଞ୍ଚାୟତ ସଦରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରେ ଯୋଗ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଆଶ୍ରମ ବିଦ୍ୟାଳୟ, ସରକାରୀ ବାପୁଜୀ ଉଚ୍ଚ ବିଦ୍ୟାଳୟ ଅଂଳାପଦର ଓ ସରକାରୀ ବୀରଲକ୍ଷ୍ମଣ ଉଚ୍ଚ ବିଦ୍ୟାଳୟର ମୋଟ ୭୨ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। କର୍ମଶାଳାରେ ମାଲକାନଗିରି ସରସତୀ ଶିଶୁ ବିଦ୍ୟାମନ୍ଦିରର ଯୋଗ ଗୁରୁ କଳ୍ପତରୁ ସାହୁ ଯୋଗ ଦେଇ ଯୋଗ ଶିକ୍ଷା ଦେଇଥିଲେ। ସରପଞ୍ଚ ଶିବ ଖେମୁଡୁ ମୁଖ୍ୟଅତିଥି ଓ ମାଲକାନଗିରି ସଂକୁଳ ପ୍ରମୁଖ ସନ୍ତୋଷ କୁମାର ପାତ୍ର ଉପସ୍ଥିତ ରହି ଯୋଗର ଉପକାରିତା ସମ୍ପର୍କରେ ବୁଝାଇଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରମୋଦ କୁମାର ଦଳେଇ ପରିଚାଳନା କରିଥିଲେ।



ପାଣ୍ଡ୍ରିପାଣି ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ଛାତ୍ରୀଛାତ୍ରମାନେ ଯୋଗ କରୁଛନ୍ତି ।

## ■ ଅବିଭକ୍ତ କୋରାପୁଟରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି

# ମାଲକାନଗିରି ଜିଲା ବନ୍ଦ







ମାଲକାନଗିରି ଓ ଖଇରପୁଟରେ ଆଇନଜୀବୀମାନେ ବନ୍ଦ ଡାକରାରେ ସାମିଲ ହୋଇଛନ୍ତି ।

ମାଲକାନଗିରି/ଖଇରପୁଟ, ୧୮।୧୨ (ଡି.ଏନ୍.ଏ.)– ଅବିଭକ୍ତ କୋରାପୁଟର ଜୟପୁରଠାର ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ମାଲକାନଗିରି ଜିଲାରେ ମଙ୍ଗଳବାର ଏହାର ତାତି ଦେଖିବାକୁ ମିଳିଥିଲା। ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ମାଲକାନଗିରି ଜିଲା ବାର୍ ଆସୋସିଏସନ୍ ମଙ୍ଗଳବାର ମାଲକାନଗିରି ଜିଲା ବନ୍ଦ ଡାକରା ଦେଇଥିଲେ। ଫଳରେ ଜିଲା ସଦର ମହକୁମାରେ ସମସ୍ତ ଦୋକାନ ବଜାର,ସରକାରୀ ବେସରକାରୀ କାର୍ଯ୍ୟାଳୟ, ବିଦ୍ୟାଳୟ, ମହାବିଦ୍ୟାଳଗୁଡିକ ବନ୍ଦ ରହିଥିଲା। ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିବାରୁ ଯାତ୍ରୀଙ୍କ ଯାତାୟାତରେ ଅସୁବିଧା ସୃଷ୍ଟି ହେଇଥିଲା। କେତେକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଚାଲି ଚାଲି ବିଦ୍ୟାଳୟକୁ ଯାଉଥିଲେ। ତେବେ ଓକିଲ ସଂଘର ବିରୋଧ ଯୋଗୁ ବିଦ୍ୟାଳୟଗୁଡିକ ବନ୍ଦ ଥିବାରୁ ଛାତ୍ରୀଛାତ୍ରମାନେ ଫେରି ଆସିଥିଲେ। ସୋମବାର ଲଗାଣ ବର୍ଷାରେ ଦୋକାନ ବଜାର ବନ୍ଦ ଥିଲା ବେଳେ ମଙ୍ଗଳବାର ଓକିଲ ସଂଘର ବନ୍ଦ ଡାକରା ଜନଜୀବନକୁ ପ୍ରଭାବିତ କରିଛି। ଓକିଲ ସଂଘ ସମ୍ପାଦକ ଲମ୍ବୋଦର ତୁରୁକ, ଏବଂ ଗୋବିନ୍ଦ ପାତ୍ର, ଅନବର ଶାହା, ବିଜୟ ମହାନ୍ତି, ରାମ ପଟ୍ଟନାୟକ, ଗୌତମ ସରକାର, ବଳରାମ ପାଣିଗ୍ରାହୀ, ଶଙ୍କର ଶାହା, ଦିଳିପ ପରିଚ୍ଛା, ରତିକନ୍ତ ପାତ୍ର, ଦୁର୍ଗା ତ୍ରିପାଠୀଙ୍କ ସହ ୫୦ରୁ ଊର୍ଦ୍ଧ୍ୱ ଆଇନଜୀବୀ ଏଥିରେ ସାମିଲ ହୋଇଥିଲେ।

ଖଇରପୁଟ ଓ ମାଥିଲି ବ୍ଲକର ଆଇନଜୀବୀମାନେ ଏହି ଦାବି ନେଇ ଗୋବିନ୍ଦପାଲ୍ଲୀ ଛକଠାରେ ରାସ୍ତାରୋକୋ କରି ଦିନିକିଆ ବନ୍ଦ ପାଳନ କରିଛନ୍ତି । ଏଥିଯୋଗୁ ସାଧାରଣ ସେବା ସଂପୂର୍ଣ୍ଣ ଠପ ହୋଇପଡିଛି । ସକାଳ ୬ଟାରୁ ଏହି ବନ୍ଦ ପାଳନ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ଯାଏ ଜାରି ରହିଥିଲା । ଓକିଲମାନେ ଗୋବିନ୍ଦପାଲ୍ଲୀଛକଠାରେ ବିଭିନ୍ନ ଯାନବାହାନ ଅଟକାଇ ଆନ୍ଦୋଳନ କରିଥିଲେ। ବନ୍ଦ ପାଳନ ବେଳେ ଯେପରି କୌଣସି ଅପ୍ରୀତିକର ଘଟଣା ନ ଘଟେ ଏନେଇ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା। ଏହି ବନ୍ଦ ଡାକରାରେ ଆଇନଜୀବୀ ସରୋଜ ସାହୁ, ମନୋଜ ରାଜୁ, ଅମିତ ବେବର୍ତ୍ତା, ଗଣେଶ ରେଡ୍ଡି, ମଦନ କୁମୁଟିଙ୍କ ସହ ବିଜେଡି ବ୍ଲକ ସଭାପତି ଗୌର ସୁଶ୍ରୀ, ପୂର୍ବତନ ସରପଞ୍ଚ ରଘୁରାମ କିଚାପଡିଆ, ମୋହନ ରାଓ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି କାଲିମେଳାରେ ମଧ୍ୟ ବନ୍ଦ ପାଳନର ପ୍ରଭାବ ପଡିଥିଲା। ଦୋକାନ ବଜାର ବନ୍ଦ ରହିଥିଲା। ଗାଡିମୋଟର ଚଳାଚଳ ବନ୍ଦ ଥିଲା। ବ୍ଲକର ଏମଭି-୭୯ଠାରେ ଥିବା କୋର୍ଟରେ ଆଇନଜୀବୀମାନେ କୋର୍ଟ ବର୍ଜନ କରିଥିଲେ।

# ଚୋରା ଗଞ୍ଜେଇ ବ୍ୟବସାୟୀ ଗିରଫ, ୬ ଲକ୍ଷ ଜବତ

ମାଲକାନଗିରି,୧୮।୧୨ (ଡି.ଏନ୍.ଏ.)– ମାଲକାନଗିରି ଜିଲାରେ ଚୋରାରେ ଗଞ୍ଜେଇ ବ୍ୟବସାୟ ଏବଂ ବିଭିନ୍ନ ଅଞ୍ଚଳରେ ଗଞ୍ଜେଇ ଚାଷୀମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେଉଥିବା ବ୍ୟବସାୟୀ ରାଜୁ ବାରୋଇ(୩୫)ଙ୍କୁ ମଙ୍ଗଳବାର ମାଲକାନଗିରି ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଏସ୍.ପି. ଜଗମୋହନ ମୀନା ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଗଞ୍ଜେଇ ବ୍ୟବସାୟୀ ବାରୋଇଙ୍କ ନାମରେ ମାଲକାନଗିରି ଥାନା କେସ୍ ନଂ ୨୫୩ରେ ମାମଲା ରୁଜୁ ହୋଇଛି। ତାଙ୍କ ଘର ପଦ୍ମଗିରି ଅଞ୍ଚଳର ଏମ୍.ଭି. ୮୩ରେ। ସୋମବାର ରାତିରେ ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ପଦ୍ମଗିରି ଅଞ୍ଚଳରୁ ବାରୋଇ ଏକ ବୋଲେରୋ ଯୋଗେ ଯାଉଥିବା ବେଳେ ଧରାପଡିଥିଲେ। ତାଙ୍କ ଗାଡିରୁ ୫,୯୮.୯୦୦ ଟଙ୍କା ସହ ୫ଟି ଏଟିଏମ୍ କାର୍ଡ ଓ ଅନ୍ୟାନ୍ୟ କାଗଜପତ୍ର ଜବତ ହୋଇଛି। ବାରୋଇ ପୂର୍ବରୁ ଗଞ୍ଜେଇ କାରବାରରେ ଜଡିତ ଥିବା ନେଇ ଓର୍କେଲ ଥାନା କେସ୍ ନଂ. ୨୮/୧୮ରେ ମାମଲା ରହିଛି। ତାଙ୍କଠାରୁ ସେତେବେଳେ ୧୧୬ କେଜି ୫୦୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ତାଙ୍କ ନାମରେ ପୂର୍ବରୁ ଗିରଫ ପରୱାନା ଜାରି ହୋଇଥିଲା। ସେ ଚିତ୍ରକୋଣ୍ଡା ଅଞ୍ଚଳରେ ଗଞ୍ଜେଇ ଚାଷୀମାନଙ୍କୁ ଅର୍ଥ ଯୋଗାଇ ଗଞ୍ଜେଇ ଚାଷକୁ ପ୍ରୋତ୍ସାହନ ଦେଉଥିଲେ ଏବଂ ରାଜ୍ୟ ବାହାରକୁ ଗଞ୍ଜେଇ ଚାଲାଣ କରୁଥିଲେ । ରାଜ୍ୟ ବାହାର ବହୁ ଗଞ୍ଜେଇ ବ୍ୟବସାୟୀଙ୍କ ସହ ତାଙ୍କର ସମ୍ପର୍କ ରହିଛି ବୋଲି ଏସପି କହିଥିଲେ।

## ବଡିଗେଟାରେ କଂଗ୍ରେସର କର୍ମୀ ସମ୍ମିଳନୀ

କାଲିମେଳା,୧୮।୧୨(ଡି.ଏନ୍.ଏ.) ମାଲାକନଗିରି ଜିଲା କାଲିମେଳା ବ୍ଲକ କଂଗ୍ରେସର ଏକ କର୍ମୀ ସମ୍ମିଳନୀ ବଡିଗେଟା ଗ୍ରାମରେ ଅନୁଷ୍ଠିତ ହୋଇଛି। ବ୍ଲକ ଅଧକ୍ଷ ମାଳା ମାଡ୍ରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ କଂଗ୍ରେସ ଜିଲା ସଭାପତି ଗୋବିନ୍ଦ ପାତ୍ର, କାର୍ଯ୍ୟକାରୀ ସଭାପତି ରାମ ପଟ୍ଟନାୟକ, କାଲିମେଳା ଜୋନ ସଭାପତି ପ୍ରଥମ ପାତ୍ର, ପୂର୍ବତନ ଜିଲା ପରିଷଦ ସଦସ୍ୟ ସହଦେବ ମାଟାମ, ଲକ୍ଷ୍ମୀକାନ୍ତ ବିଶ୍ୱାସ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଅନ୍ୟ ଦଳର ୨୫ରୁ ଊର୍ଦ୍ଧ୍ୱ କର୍ମୀ କଂଗ୍ରେସରେ ସାମିଲ ହୋଇଛନ୍ତି। ଆଗାମୀ ନିର୍ବାଚନରେ ଦଳକୁ ମଜଭୁତ କରିବା ପାଇଁ ସମ୍ମିଳନୀରେ ଆଲୋଚନା କରାଯାଇଥିଲା। ସମ୍ମିଳନୀରେ ଗଙ୍ଗା ମାଡି, ଇର୍ମା କବାସି, ଶମ୍ଭୁ ପଡିଆମି, ପଦିଆ କବାସି, ଉଷା ସରକାର, ଭେଙ୍କଟାପଲମର ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ମାଡକାମି, ବିକାଶ ମଲ୍ଲିକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଯୁବତୀଙ୍କୁ ପ୍ରତାରଣା କରି ଯୁବକ ଗିରଫ

ମାଲକାନଗିରି, ୧୮।୧୨(ଡି.ଏନ.ଏ.) ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ନୂଆଗୁଡା ଅଞ୍ଚଳରେ ଜଣେ ଯୁବତୀ ବିବାହ ନ କରି ମାଆ ହେବା ଘଟଣାରେ ପୋଲିସ ମଙ୍ଗଳବାର ଜଣେ ଯୁବକଙ୍କୁ ଗିରଫ କରିଛି। ଏନେଇ ଯୁବତୀ ଜଣକ ମାମଲକାନଗିରି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ମାଲକାନଗିରି ପୋଲିସ ସମ୍ପୃକ୍ତ ଯୁବକ ରବିନ୍ଦ୍ର କୁଲଦୀପ (୩୦)ଙ୍କୁ କାମବାଡା ପଞ୍ଚାୟତ ତେନ୍ତୁଳିଗୁଡା ଗ୍ରାମରୁ ଗିରଫ କରି କୋର୍ଟ ଚାଲାଣ କରିଛି। କେସ୍ ନଂ. ୨୫୧/୧୮। ଖବରରୁ ଜଣାପଡିଛି ନୂଆଗୁଡା ଅଞ୍ଚଳର ଏହି



ଗିରଫ ଯୁବକ ।

ଯୁବତୀଙ୍କ ମାଆବାପା କୁଲି କରି ପରିବାର ଚଳାନ୍ତି। ଝିଅ ଆଖିକୁ ଭଲ ଦେଖାଯାଉ ନ ଥିବାରୁ ତାକୁ ଘରୁ କୁଆଡେ ବାହାରକୁ ଛାଡନ୍ତିନାହିଁ। ମାଆବାପ କାମକୁ ବାହାରକୁ ଚାଲିଯିବା ପରେ ଏହାର ସୁଯୋଗ ନେଇ ମାଲକାନଗିରି ଥାନା ତେନ୍ତୁଳିଗୁଡା ଗ୍ରାମର ଜଣେ ବିବାହିତ ଯୁବକ ରବିନ୍ଦ୍ର ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିଲେ । ଫଳରେ ଯୁବତୀ ଜଣକ ଗର୍ଭବତୀ ହେବା ପରେ ତାଙ୍କୁ ଆଉ ଯୁବକ ଜଣକ ବିବାହ କରି ନ ଥିଲେ। ଗତ ଶନିବାର ଯୁବତୀଙ୍କ ଗର୍ଭଯନ୍ତ୍ରଣା ହେବା ପରେ ସେ ସମ୍ପୃକ୍ତ ଯୁବକଙ୍କୁ ବାରମ୍ବାର ଫୋନ କରିଥିଲେ ମଧ୍ୟ ସେ କୌଣସି ଉତ୍ତର ଦେଇ ନ ଥିଲେ କି ଯୁବତୀଙ୍କ ପାଖକୁ ଆସି ନ ଥିଲେ। ଶେଷରେ ଗ୍ରାମର ଆଶାକର୍ମୀ ଏବଂ ପରିବାର ଲୋକେ ଯୁବତୀଙ୍କୁ କୋରୁକୋଣ୍ଡା ଡାକ୍ତରଖାନାକୁ ଆଣିଥିଲେ। ରବିବାର ଡାକ୍ତରଖାନାରେ ତାଙ୍କର ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା।

## ଠିକ୍ ରୂପେ ମଣ୍ଡିରୁ ଉଠୁନି ଧାନ

କୋରୁକୋଣ୍ଡା, ୧୮।୧୨(ଡି.ଏନ.ଏ.) ମାଲାକାନଗିରି ଜିଲା କୋରୁକୋଣ୍ଡା ବ୍ଲକରେ ଚଳିତବର୍ଷ ୧୨ଟି ମଣ୍ଡି ଖୋଲିଛି। କୋରକୋଣ୍ଡା, ପୋଟ୍ରେଲ, ନିଳାଖାମେରୁ, ତାର୍ଲାକୋଟ, ଚିତାପାରି-୩, ଚିତ୍ରକୋଣ୍ଡା, ଦୋରାଗୁଡା, କାମୱାଡା, ପୁରୁଣା ଚିମଟାପାଲି, ପିଟାଘାଟା, ମାରିୱାଡା, ତୁଡାମେଟାରେ ଏହି ମଣ୍ଡି ରହିଛି। ତେବେ ମଣ୍ଡିରେ ଚାଷୀ ଧାନବିକ୍ରି କରିବା ପାଇଁ ବହୁତ ସମସ୍ୟାର ସମ୍ମୁଖୀନ ହେଉଛି। ଅନ୍ୟପକ୍ଷରେ ପେଥାଇ ପ୍ରଭାବରେ ରବିବାରଠାରୁ ବର୍ଷା ଲାଗି ରହିଥିବାରୁ ଚାଷୀ ଚିନ୍ତାରେ ରହିଛନ୍ତି। ବର୍ଷା ପୂର୍ବରୁ ଜିଲା ପ୍ରଶାସନ ଧାନ ସୁରକ୍ଷିତ ରଖିବା ପାଇଁ ପ୍ରଚାର କରିବା ସହ ଧାନ ଘୋଡାଇବା ପାଇଁ ପାଲ ଯୋଗାଇ ଦେଇଥିଲା ।

## ଚକ୍ଷୁ ଚିକିତ୍ସା ଶିବିର

ଚିତ୍ରକୋଣ୍ଡା, ୧୮।୧୨(ଡି.ଏନ୍.ଏ.) ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅଧୀନ ନୂଆଗୁଡା ପଞ୍ଚାୟତ ଆରଏସ୍‌ସି-୧୧ ନମ୍ବର ଏସାର ଗୋଷ୍ଠୀ ଗୃହରେ ଏସାର ଫାଉଣ୍ଡେଶନ ଆନୁକୂଲ୍ୟରେ ଏକ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚିତ୍ରକୋଣ୍ଡା, ଦୋରାଗୁଡା, ଟନେଲକ୍ୟାମ୍ପ ଓ ନୂଆଗୁଡା ପଞ୍ଚାୟତବାସୀ ସାମିଲ ହୋଇ ଚକ୍ଷୁ ପରୀକ୍ଷା କରାଇଥିଲେ। ଶଙ୍କର ଫାଉଣ୍ଡେଶନ ଓ ମେଡିକାଲ ଟିମ ସହଯୋଗରେ ଶିବିରରେ ୪୪୭ ଜଣଙ୍କର ଆଖି ପରୀକ୍ଷା କରାଯିବା ସହ ୪୦୯ ଜଣଙ୍କୁ ମାଗଣାରେ ଔଷଧ ଦିଆଯାଇଛି। ୧୦୫ ଜଣଙ୍କର ଅସ୍ତ୍ରୋପ୍ରଚାର କରାଯିବ ବୋଲି ସୂଚନା ମିଳିଛି। ଜାନୁୟାରୀ ୭ରେ ୯୯୨ ଜଣଙ୍କୁ ଚଷମା ପ୍ରଦାନ କରାଯିବ ବୋଲି ଏସାର ଫାଉଣ୍ଡେଶନର ବରିଷ୍ଠ ପରିଚାଳକ ସବଲ କୁମାର ଝା କହିଛନ୍ତି। ଦୁଇ ମାସ ମଧ୍ୟରେ ଏସାର ଫାଉଣ୍ଡେଶନ ଆନୁକୂଲ୍ୟରେ ଚିତ୍ରକୋଣ୍ଡା ଓ ବଡପଦରରେ ଚକ୍ଷୁ ଶିବିର କରାଯାଇ ୧୫୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଚଷମା ପ୍ରଦାନ କରାଯାଇଥିବା ବେଳେ ୫ ଶହ ଲୋକଙ୍କ ଅସ୍ତ୍ରୋପଚାର କରାଯାଇଛି। ହରିବନ୍ଧୁ ଗତନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ■ ଗମ୍ପାକୋଣ୍ଡା ଆବାସିକ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

# ନିଜ ସମୟର ଅନୁଭୂତି ବାଣ୍ଟିଲେ ଅତିଥି



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

କାଲିମେଳା, ୧୮।୧୨ (ଡି.ଏନ.ଏ)– ମାଲକାନଗିରି ଜିଲା କାଲିମେଳା ବ୍ଲକ ଅନ୍ତର୍ଗତ ଗମ୍ପାକୋଣ୍ଡା ଅନୁସୁଚିତ ଜାତି ଜନଜାତି ଏଥିରେ ଅତିଥିମାନେ ନିଜ ବିଦ୍ୟାଳୟ ସମୟର ଅନୁଭୂତିକୁ ପିଲାଙ୍କ ମଧ୍ୟରେ ବାଣ୍ଟିଛନ୍ତି। ଉଚ୍ଚ ବିଦ୍ୟାଳୟରେ ୬୯ ତମ ବାର୍ଷିକ ଉତ୍ସବ ସୋମବାର ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ରୂପେ ମାଲକାନଗିରି ବିଧାୟକ ମାନସ ମାଡକାମି ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ କାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ବାରୋଇ, ସମ୍ମାନିତ ଅତିଥି ରୂପେ ପୂର୍ବତନ ବିଧାୟକ ମୁକୁନ୍ଦ ସୋଡି, ଏସଏସଡି ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ପ୍ରଧାନ, ଗୁରାଖୁଣ୍ଟା ସରପଞ୍ଚ ଏରା କବାସୀ, ବିଏସଏଫ କ୍ୟାମ୍ପ ଇନ୍ସପେକ୍ଟର ସମର ବାହାଦୁର ସିଂ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷାର ବିକାଶ ନେଇ ଛାତ୍ରୀଛାତ୍ର ମାନଙ୍କୁ ଅତିଥିମାନେ ମାର୍ଗଦର୍ଶନ କରିଥିଲେ । ପ୍ରଧାନଶିକ୍ଷକ ତ୍ରିଲୋଚନ ପଟେଲ ଅଧକ୍ଷତା କରିଥିଲେ । ଛାତୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଏହି ବିଦ୍ୟାଳୟରେ ପାଠ ପଢିଥିବା ପୂର୍ବତନ ଛାତ୍ର ବିଧାୟକ ମାଡକାମି ,ପୂର୍ବତନ ବିଧାୟକ ସୋଡି ଏବଂ ସରପଞ୍ଚ କବାସି ବିଦ୍ୟାଳୟରେ ପାଠ ପଢିବା ସମୟର ନିଜ ଅନୁଭୂତି ପ୍ରକାଶ କରିଥିଲେ । ଶିକ୍ଷକ ହୃଷିକେଶ ସାହୁ ବିବରଣୀ ପାଠ କରିଥିଲେ । ବାର୍ଷିକ ଉତ୍ସବ ଉପଲକ୍ଷେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକମ ପରିବେଷଣ କରିଥିଲେ।

# ଅମାକୁଣ୍ଡ ହେବ ପର୍ଯ୍ୟଟନ ସ୍ଥଳୀ

ଖଇରପୁଟ,୧୮।୧୨(ଡି.ଏନ.ଏ)– ମାଲକାନଗିରି ଜିଲା ଖଇରପୁଟ ବ୍ଲକର ପ୍ରସିଦ୍ଧ ଶୈବପୀଠ ଅମାକୁଣ୍ଡକୁ ଏକ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବା ଲାଗି ପ୍ରଶାସନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ମଙ୍ଗଳବାର ଡିଏଫଓ ପ୍ରଦୀପ ଦେବୀଦାସ ମିରାସା ଓ ପିଡି ଲିଙ୍ଗରାଜ ପଣ୍ଡା ଅମାକୁଣ୍ଡ ଗସ୍ତ କରି ଫେରିଛନ୍ତି। ଏହି ସ୍ଥାନକୁ ପର୍ଯ୍ୟଟନ ସ୍ଥଳ ରୂପେ ଘୋଷଣା କରିବା ଲାଗି ପୂର୍ବରୁ ସ୍ଥାନୀୟ ଲୋକେ ଦାବି କରି ଆସୁଥିଲେ। ଚିତ୍ରକୋଣ୍ଡା ବିଧାୟକ ଡମ୍ବରୁ ଶିଶା ମଧ୍ୟ ଏନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏନେଇ ପିଡି ପଣ୍ଡା କହିଛନ୍ତି ଯେ, ଏହି ସ୍ଥାନକୁ ଏକ ପ୍ରମୁଖ ପ୍ରର୍ଯ୍ୟଟନ ସ୍ଥଳୀର ମାନ୍ୟତା ପ୍ରଦାନ କରାଯିବ। ଏଥିଲାଗି ବିଭିନ୍ନ ଯୋଜନାରୁ ଅର୍ଥ ସଂଗ୍ରହ କରାଯିବ।



ଡିଏଫଓ ଏବଂ ପିଡି ଅମାକୁଣ୍ଡ ପରିଦର୍ଶନ କରୁଛନ୍ତି ।

ଧରିତ୍ରୀ CAREER APPOINTMENT
every Wednesday & Saturday

**ସିକ୍ୟୁରିଟି ଗାର୍ଡ ଆବଶ୍ୟକ**
GISS ଆବଶ୍ୟକ କରୁଛି ୧୦୦ ଜଣ ସିକ୍ୟୁରିଟି ଗାର୍ଡ। ଶିକ୍ଷାଗତ ଯୋଗ୍ୟତା: ୧୦ମ ପାସ୍ ଏବଂ ତଦୂର୍ଦ୍ଧ୍ୱ, ଉଚ୍ଚତା: ୫ ଫୁଟ ୬ ଇଞ୍ଚ ଏବଂ ତଦୂର୍ଦ୍ଧ୍ୱ। ବୟସ: ୨୫ରୁ ୪୫ ବର୍ଷ।
Contact: 9861744455
GISS SECURITY SERVICES PVT LTD, Gopalpur, Cuttack

**ନିଯୁକ୍ତି! ନିଯୁକ୍ତି! ନିଯୁକ୍ତି**
ଘରକାମ, ରୋଷେଇ, ପିଲାଯତ୍ନ, ପେସେଣ୍ଟ କେୟାର ପାଇଁ ଝିଅ ଓ ମହିଳା ଆବଶ୍ୟକ।
ଯୋଗାଯୋଗ: 8114721727

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/above. Monthly Salary upto Rs.27000/-.
(Part Time / Full Time)
Contact: 9938676412

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
CONSULTANT
07303520928

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs., ମାସିକ ଦରମା upto Rs.25000/-.
Contact Immediately:
Mob: 8763257042

**ଶିପିଂ କମ୍ପାନୀରେ ସୁବର୍ଣ୍ଣ ସୁଯୋଗ**
10ମ/ଦ୍ୱାଦଶ/ଗ୍ରାଜୁଏଟ୍ ପ୍ରାର୍ଥୀଙ୍କ ପାଇଁ ବୟସ 17ରୁ 28 ବର୍ଷ
ଅନୁମୋଦିତ ପ୍ରଶିକ୍ଷଣ ପରେ ଚାକିରି ପାଆନ୍ତୁ ଜାହାଜ ଓ କମ୍ପାନୀରେ
ବେତନ 25000 ରୁ 45000 + ସୁବିଧା
E: careerpoint821@gmail.com
08766655532

**SWIGGY REQUIRES**
Work Full Time/ Part Time with Swiggy as a DELIVERY EXECUTIVE (Bike and DL) and earn up to 12000 - 25000 / month (Incentives and Insurance worth 6 lakhs extra).
Walk-in at Swiggy office at Gulmohar Building, Ground Floor, Behera Sahi, Nayapalli (opp. NABARD) Regiona, Bhubaneshwar, Odisha-751012 or give a missed call or call us on
011 30017619

**URGENT REQUIRED**
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା: 25,000/-, ଶିକ୍ଷାଗତ ଯୋଗ୍ୟତା: 8th to 10th & above.
Contact: 8339922964

**REQUIRED**
କାର୍ ଏବଂ 407 ଗାଡ଼ି ଚଳାଇବା ପାଇଁ ଡ୍ରାଇଭର ଆବଶ୍ୟକ।
Mob: 7381203300

**WALK IN INTERVIEW**
A walk in interview will be held on Dt. 23.12.18 at 10 AM for the Post of 1. Front Office Executive, Both Male/ Female with knowledge of computer & experience in clinical establishment, 2.OT Pharmacist, 3. Science Teacher in Usthi Foundation India School at Puri, 4. Managing canteen & coffee shop. Please come with all of your testimonials. Salary is negotiable.
USTHI HOSPITAL
N4 1/1, IRC Village, Nayapalli, BBSR, Ph: 0674-2556267/ 2550312, 9090963722

**ବ୍ଲକସ୍ତରୀୟ ନିଯୁକ୍ତି**
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ।
ଦରମା: 7,000/- to 42,000/-.
ଯୋଗାଯୋଗ: 9777639313

ସୁବର୍ଣ୍ଣ ଅବସର "ଭୁବନେଶ୍ୱର ଓ କଟକ"
**ବାଇକ ଚାଳକ ପାଇଁ ଚାକିରି**
(ପାର୍ଟ ଟାଇମ ଆଉ ଫୁଲ୍ ଟାଇମ ଚାକିରି ଉପଲବ୍ଧ)
Rs. 24000/- ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 08033948529
RAPIDO BIKE TAXI, C/O SAMIR KUMAR MOHANTY, 3RD FLOOR, NEAR KUSUMDEVI WOMENS COLLEGE, DARKHAPATNA KALYANI NAGAR, P.S. MADHUPATNA, CUTTACK.
(For Bhubaneswar & Cuttack)

VIGEN INDIA required 30 smart Boys/Girls candidates for fully office job in various Post. Age: 20-30, Edu: 10th to Graduate. Contact for: Nayapallli & Lewis Road Branch.
9348916882

See Career Appointment on every Wednesday & Saturday

**KONERU LAKSHMAIAH EDUCATION FOUNDATION**
KL (DEEMED TO BE UNIVERSITY)
Declared u/s 3 of UGC Act 1956, Accredited with A++ by NAAC
VIJAYAWADA | HYDERABAD
Ph: 0866 - 2577715, 040 - 2354 2127
Applications are invited for the Vijayawada & Hyderabad campuses for the positions of
PROFESSORS
ASSOCIATE PROFESSORS
ASSISTANT PROFESSORS
in Engineering (CSE / ECE / Civil / Bio-Tech / Mechanical / EEE), English, Maths, Physics, Chemistry, Communication Skills, Management, Law, Pharmacy, BFA, Architecture, Commerce, Hotel Management, Soft Skills, Reasoning, Quantitative Aptitude, Psychology, Social Science, Director IAS Academy. Apply online at: www.kluniversity.in/careers.aspx within 15 days
www.kluniversity.in REGISTRAR

**WANTED**
ଧରିତ୍ରୀ Oriya daily is looking for
RECOVERY & PR EXECUTIVES
- MBA candidates should have at least 1 year+ experience in field collection.
- Good communication skills and zeal for work will be rewarded.

Apply immediately to : recruitment@dharitri.com
Attractive salary commensurate with experience

CONTACT:- 9938414918
ଭୁବନେଶ୍ୱର ପାଇଁ Accountant, Computer Operator, Field Officer, Office Asst., Receptionist & Supervisor ଆବଶ୍ୟକ। ଯୋଗ୍ୟତା: 10th/above. ବୟସ: (17-30) yrs, Monthly Salary upto Rs. 24000/-.

**ରୋଷେୟା ଓ ସେବିକା ଆବଶ୍ୟକ**
ଛୋଟ ପରିବାର ପାଇଁ ରୋଷେଇ ସହିତ ବୃଦ୍ଧ ଓ ବୃଦ୍ଧାଙ୍କ ସେବା କରିବା ଲାଗି ମହିଳା ଓ ବୟସ୍କା ବାଳିକା ଆବଶ୍ୟକ। ରହିବା ଖାଇବା ସହିତ ମାସିକ ଦରମା ୫୦୦୦ ଟଙ୍କାରୁ ୭୦୦୦ ଟଙ୍କା।
ଯୋଗାଯୋଗ ମୋ ନଂ: 9583848660, 9776992297

**THE KOSALA SCHOOL, Estd-1979**
English Medium Residential School, At-Nuakhairpali, PO-Larasara, Via: Attabira, Dist: Bargarh, Pin: 768027, Mob: 7682032632
REQUIRES THE FOLLOWING TEACHING & NON TEACHING STAFF

| S. N. | Grade | Subject | Qualification | Salary |
|---|---|---|---|---|
| 1 | TGT | English/ Physics/ Chemistry/ Biology/ Mathematics/ Odia/ Hindi/ Social Science | M.A./ B.A./ B.Sc., B.Ed. | Salary will be paid on par with the State Govt. Sikshya Sahayak & Contractual Teachers (Salary is not a constraint for deserving candidates) |
| 2 | PRT | English/ Mathematics/ Science/ Social Science/ Hindi/ Odia | B.A./ B.Sc, CT/B.Ed, CT/NTT, Kobid/Ratna | |
| 3 | Hostel Warden (Male & Female) Age: 35 to 40 yrs | | B.A./ B.Sc. | |
| 4 | PET (Male & Female) | | C.P.Ed./ B.P.Ed | |

- Candidates having teaching experience in English Medium Schools, good Spoken English, computer knowledge and not crossed 45 years of age will be preferred.
- Couples will be given preference and provided with rent free accommodation.
- Selected candidates shall have to stay inside the Hostel campus on free of rent. Selected temporary teachers will get free boarding and lodging.
- Xerox copies of all Certificates, Marksheets, Aadhaar Card, filled up Biodata Form with recent passport size photo & Mobile Number should reach the undersigned in the above address latest by 15th January 2019.
- Original Certificates to be produced at the time of interview for verification.
- No TA/DA will be given for attending the interview.
- For any clarification candidates may call to the phone no (given above) from 10.00 A.M. to 3.00 P.M.

Sd./- (PRINCIPAL)

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।



> ଦୀର୍ଘ ଦିନ ବାଣିଜ୍ୟ କାରବାରରେ ଜଡିତ ନ ଥିବା ପ୍ରାୟ ୧ ଲକ୍ଷ କମ୍ପାନୀର ପଞ୍ଜୀକରଣକୁ ଚଳିତ ବର୍ଷ ସରକାରୀ ରେକର୍ଡରୁ ବାଦ୍ ଦିଆଯାଇଛି।
> – ପି.ପି. ଚୌଧରୀ, କେନ୍ଦ୍ର କର୍ପୋରେଟ ବ୍ୟାପାର ରାଷ୍ଟ୍ର ମନ୍ତ୍ରୀ



> ବିମୁଦ୍ରୀକରଣ ଯୋଗୁ ୨୦୧୬ ଶେଷ ତ୍ରୈମାସରେ ଭାରତର ଜିଡ଼ିପି ୨% ହ୍ରାସ ଘଟିଥିଲା।
> – ଗୀତା ଗୋପୀନାଥ, ଅର୍ଥନୀତିଜ୍ଞ

## ସଂକ୍ଷେପରେ

### ନୋଟ୍ ଛାପାରେ ଖର୍ଚ୍ଚ ହୋଇଛି ୮ ହଜାର କୋଟି

**ନୂଆଦିଲ୍ଲୀ,୧୮-୧୨:** ବିମୁଦ୍ରୀକରଣ ବର୍ଷ ଅର୍ଥାତ ୨୦୧୬-୧୭ରେ ନୋଟ୍ ଛାପା ବାବଦରେ ୭,୯୬୫କୋଟି ଟଙ୍କା ଖର୍ଚ୍ଚ ହୋଇଛି ବୋଲି କେନ୍ଦ୍ର ସରକାର ମଙ୍ଗଳବାର ସଂସଦରେ ପ୍ରକାଶ କରିଛନ୍ତି। ରାଜ୍ୟ ସଭାରେ ଏକ ଲିଖିତ ଉତ୍ତର ଦେଇ ଅର୍ଥମନ୍ତ୍ରୀ ଅରୁଣ ଜେଟ୍ଲୀ କହିଛନ୍ତି ଯେ, ୨୦୧୭-୧୮ରେ ନୋଟ୍ ଛାପିବାରେ ୪,୯୧୨ କୋଟି ଟଙ୍କା ଏବଂ ବିମୁଦ୍ରୀକରଣର ପୂର୍ବ ବର୍ଷ ଅର୍ଥାତ ୨୦୧୫-୧୬ରେ ୩,୪୨୧ କୋଟି ଟଙ୍କା ବ୍ୟୟ ହୋଇଥିଲା। ତେବେ ନୂଆ ନୋଟ୍ ଛାପିବାରେ ହୋଇଥିବା ଖର୍ଚ୍ଚକୁ ରିଜର୍ଭ ବ୍ୟାଙ୍କ ସ୍ୱତନ୍ତ୍ର ଭାବେ ଦର୍ଶାଇନାହିଁ ବୋଲି ଜେଟ୍ଲୀ ସ୍ପଷ୍ଟ କରିଛନ୍ତି।

### ଉର୍ଜିତଙ୍କୁ ଇସ୍ତଫା ଦେବାକୁ ସରକାର କହି ନାହାନ୍ତି: ଜେଟ୍ଲୀ



**ନୂଆଦିଲ୍ଲୀ,୧୮-୧୨:** ବିଭିନ୍ନ ପ୍ରସଙ୍ଗରେ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ସହ କେନ୍ଦ୍ର ସରକାରଙ୍କ ମତଭେଦ ରହିଛି। ଏହାସତ୍ତ୍ୱେ ଗଭର୍ନର ପଦରୁ ଇସ୍ତଫା ଦେବାକୁ କେନ୍ଦ୍ର ସରକାର ଉର୍ଜିତ ପଟେଲଙ୍କୁ କହିନାହାନ୍ତି ବୋଲି ଅର୍ଥ ମନ୍ତ୍ରୀ ଅରୁଣ ଜେଟ୍ଲୀ ସ୍ପଷ୍ଟ କରିଛନ୍ତି। ଏକ ଟିଭି ଚ୍ୟାନେଲ କାର୍ଯ୍ୟକ୍ରମରେ ଯୋଗ ଦେଇ ଜେଟ୍ଲୀ କହିଛନ୍ତି ଯେ, ଚଳିତ ଆର୍ଥିକ ବର୍ଷ ପାଇଁ ଆର୍‌ବିଆଇର ପୁଞ୍ଜି ଭଣ୍ଡାରରୁ କେନ୍ଦ୍ର ସରକାର ଟଙ୍କାଟିଏ ନେବାକୁ ଚାହାନ୍ତି ନାହିଁ। ପୁଞ୍ଜି ଭଣ୍ଡାରକୁ ନେଇ କେନ୍ଦ୍ରୀୟ ବ୍ୟାଙ୍କର ବୋର୍ଡ ବୈଠକରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶରେ ଆଲୋଚନା ହୋଇଛି। ଏଥିପାଇଁ ଏକ ବିଶେଷଜ୍ଞ କମିଟି ଗଠନ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଚତୁର୍ଥ ଥର ପାଇଁ ଏଭଳି ଏକ କମିଟି ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିପୂର୍ବରୁ ଗଠିତ ୩ଟି କମିଟି ସେମାନଙ୍କ ରିପୋର୍ଟରେ ଆର୍‌ବିଆଇ ପୁଞ୍ଜି ଦେବା ନେଇ ଉଲ୍ଲେଖ କରିସାରିଛନ୍ତି। ଏହା ନୂଆ ନୁହେଁ। ସରକାରଙ୍କ ଚାପକୁ ସହି ନ ପାରି ଉର୍ଜିତ ନିଜ ପଦରୁ ଇସ୍ତଫା ଦେଲେ ବୋଲି କୁହାଯାଉଛି।

### ସୁରକ୍ଷା କ୍ଷେତ୍ରରେ ଟାଟା ନେକ୍ସନକୁ ୫ ଷ୍ଟାର




**ଭୁବନେଶ୍ୱର,୧୮-୧୨:** ଟାଟା ମୋଟର୍ସ ପକ୍ଷରୁ ନୂଆ ନେକ୍ସନ ମଡେଲକୁ ସୁରକ୍ଷା କ୍ଷେତ୍ରରେ ୫ ଷ୍ଟାର ମାନକ ପ୍ରଦାନ କରାଯାଇଛି। ନେକ୍ସନର ସୁରକ୍ଷା ପରୀକ୍ଷଣ ଏନ୍‌ସିଏପି କ୍ରାସ ଟେଷ୍ଟରେ ସଫଳ ହୋଇଛି। ଏହାକୁ ଉଭୟ ସମ୍ମୁଖ ଏବଂ ପାର୍ଶ୍ୱବର୍ତ୍ତୀ କ୍ଷେତ୍ରରୁ ସମ୍ପୂର୍ଣ୍ଣ କରାଯାଇଥିଲା। ଏଥିରେ ଡିଜିଟାଲ ସିମ୍ଯୁଲେଶନ ଜ୍ଞାନକୌଶଳକୁ ଅନ୍ତର୍ଭୁକ୍ତ କରାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏହି ମଡେଲର ବଜାର ଦର ୬.୪୦ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି। ଏହା ସହିତ ଗ୍ରାହକମାନେ ପ୍ରାୟ ୬୦ ହଜାର ଟଙ୍କାର ଲାଭ ପାଇପାରିବେ ବୋଲି କମ୍ପାନୀ ସୂଚନା ଦେଇଛି। ଗ୍ରାହକଙ୍କ ସୁବିଧାକୁ ଧ୍ୟାନରେ ରଖି ବିଭିନ୍ନ ଉତ୍ପାଦ ତଥା ସେବାର ପ୍ରଚଳନ କରାଯାଉଥିବା ଟାଟା ମୋଟର୍ସ ପାସେଞ୍ଜର ଭେଇକିଲ ବିଜନେସ ୟୁନିଟ୍ ସଭାପତି ମୟଙ୍କ ପାରିକ ସୂଚନା ଦେଇଛନ୍ତି।

### ହୀରାକୁଦ ଏକ୍ସପ୍ରେସର ଗତିପଥ ପରିବର୍ତ୍ତନ

**ଭୁବନେଶ୍ୱର,୧୮-୧୨:** ବିଶାଖାପାଟଣା-ଅମୃତସର ହୀରାକୁଦ ଏକ୍ସପ୍ରେସ ମଙ୍ଗଳବାରଠାରୁ ଗତିପଥ ପରିବର୍ତ୍ତନ କରି ଚଳାଚଳ କରୁଛି। ଏହି ଟ୍ରେନ ଝାରସୁଗୁଡା ମୁଖ୍ୟ ଷ୍ଟେଶନର ବାହ୍ୟ ପଥ ଦେଇ ଭାୟା ଝାରସୁଗୁଡ଼ା ରୋଡ , ଇବ୍, ବେଲପାହାଡ ରୁଟରେ ଚଳାଚଳ କରିବ। ଏହା ଏକ ତ୍ରି-ସାପ୍ତାହିକ ଟ୍ରେନ ହୋଇଥିବା ବେଳେ ଫେରିବା ବାଟରେ ମଧ୍ୟ ଏହା ବାହ୍ୟ ପଥ ଦେଇ ଯାତ୍ରା କରିବ। ଯାତ୍ରୀମାନଙ୍କୁ ଯେଭଳି ଭାବେ କୌଣସି ଅସୁବିଧା ନ ଆସେ ତାହା ଧ୍ୟାନରେ ରଖି ଝାରସୁଗୁଡ଼ା ମୁଖ୍ୟ ଷ୍ଟେଶନ ଏବଂ ଝାରସୁଗୁଡ଼ା ରୋଡ ମଧ୍ୟରେ ଯାତ୍ରୀମାନଙ୍କ ପାଇଁ ମାଗଣା ବସ୍ ସେବା ସୁବିଧା ରହିଛି। ଝାରସୁଗୁଡା ରୋଡ଼ ଷ୍ଟେଶନ ରାଜ୍ୟର ଏକ ଉତ୍ତମ ରେଳ ଷ୍ଟେଶନ ଭାବେ ବିକଶିତ ହୋଇଥିବା ରେଲୱେ ପକ୍ଷରୁ ସୂଚନା ରହିଛି। ଝାରସୁଗୁଡା ରୋଡ ଏବଂ ମେନ୍ ଷ୍ଟେଶନ ମଧ୍ୟରେ ଦୂରତ୍ୱ ମାତ୍ର ୧.୫ କିମି। ଝାରସୁଗୁଡା ରୋଡ ଷ୍ଟେଶନରେ ଯାତ୍ରୀଙ୍କ ଲାଗି ସମସ୍ତ ପ୍ରକାର ଜରୁରୀ ସୁବିଧା କରାଯାଇଛି। ସମ୍ବଲପୁର ରେଳମଣ୍ଡଳର ପ୍ରବନ୍ଧକ ଜୟଦେବ ଗୁପ୍ତା ଏହି ଷ୍ଟେଶନକୁ ଆହୁରି ଉନ୍ନତ କରିବାକୁ ଯୋଜନା ପ୍ରସ୍ତୁତ କରିଛନ୍ତି।

## ଟ୍ରାଇ ଜାରି କଲା ନୂଆ ଦର: ୧୩୦ ଟଙ୍କାରେ ୧୦୦ ଚ୍ୟାନେଲ

# ଗ୍ରାହକଙ୍କ ମାସିକ ବିଲ୍ ବଢ଼ିବ

**ନୂଆଦିଲ୍ଲୀ,୧୮-୧୨**

- ଅନ୍ୟ ୨୫ ଫ୍ରି ଚ୍ୟାନେଲ ପାଇଁ ଲାଗିବ ୨୦ ଟଙ୍କା
- ଇଚ୍ଛା ମୁତାବକ ଚ୍ୟାନେଲ ଦେଖିବାର ମିଳିବ ସୁବିଧା
- ଦେଶରେ ୮୬୭ ପଞ୍ଜୀକୃତ ଓ ୩୦୯ପେ ଟିଭି ଚ୍ୟାନେଲ




କେବୁଲ ଅପରେଟର ଓ ଡିଟିଏଚ୍ ଦେଖଣାହାରୀଙ୍କ ପାଇଁ ନୂଆ ଚ୍ୟାନେଲ ଦରକୁ ଟେଲିକମ୍ ରେଗୁଲେଟୋରୀ ଅଫ୍ ଇଣ୍ଡିଆ(ଟ୍ରାଇ) ମଙ୍ଗଳବାର ଜାରି କରିଛି। ତଦନୁଯାୟୀ ଗ୍ରାହକ ସର୍ବନିମ୍ନ ୧୦୦ ଚ୍ୟାନେଲ ଦେଖିବା ପାଇଁ ଅତିକମ୍‌ରେ ୧୩୦ ଟଙ୍କା ଦେବେ। ଏଥିସହ ୧୮ ପ୍ରତିଶତ ଜିଏସ୍‌ଟି ଆଦାୟ ହେବ। ତେବେ ଗ୍ରାହକଙ୍କୁ ନିଜ ପସନ୍ଦର ଚ୍ୟାନଲ ବାଛିବାର ସ୍ୱାଧୀନତା ମିଳିବ। ଏଥିପାଇଁ କେବୁଲ ଅପରେଟର କିମ୍ବା ଡିଟିଏଚ୍ କମ୍ପାନୀ ବାଧ କରିପାରିବେ ନାହିଁ। ଟ୍ରାଇ ପକ୍ଷରୁ ପ୍ରତ୍ୟେକ ଚ୍ୟାନେଲର ଏମ୍‌ଆର୍‌ପି ଦର ଧାର୍ଯ୍ୟ କରାଯାଇଛି। ଜାନୁୟାରୀ ପହିଲାରୁ ଏହି ନୂଆ ନିୟମ କାର୍ଯ୍ୟକାରୀ ହେବ। ଏଥିଯୋଗୁ ମାସିକ ଦେୟ ବଢ଼ିବ ବୋଲି ଜଣାପଡ଼ିଛି।

ଡାଇରେକ୍ଟ ଟୁ ହୋମ୍ ଅପରେଟରମାନେ ନିଜ ଇଚ୍ଛାରେ ଗ୍ରାହକଙ୍କ ବାରଣ ସତ୍ତ୍ୱେ ଚ୍ୟାନେଲ ଦେଖାଉଥିବା ନେଇ ଟ୍ରାଇ ନିକଟରେ ଅଭିଯୋଗ ଆସିଥିଲା। ଏହାକୁ ଦୂର କରିବା ଲାଗି ଟ୍ରାଇର ନୂଆ ନିୟମ ଅନୁଯାୟୀ ୧୦୦ ଚ୍ୟାନେଲରେ ୬୫ ଫ୍ରି ଟୁ ଏୟାର ଚ୍ୟାନେଲ, ଦୂରଦର୍ଶନର ୨୩, ୩ଟି ମ୍ୟୁଜିକ୍, ୩ଟି ନ୍ୟୁଜ୍ ଓ ୩ଟି ସିନେମା ଚ୍ୟାନେଲ ସାମିଲ ହୋଇଛି। ଡିସେମ୍ବର ୨୯ ପରେ କୌଣସି କେବୁଲ ଅପରେଟର ଅଥବା ଡିଟିଏଚ୍ ସର୍ଭିସ ପ୍ରୋଭାଇଡର କମ୍ପାନୀ ଗ୍ରାହକଙ୍କୁ ଜବରଦସ୍ତି ପ୍ୟାକେଜ ଲଦି ପାରିବେ ନାହିଁ। ଅନ୍ୟ ୨୫ ଫ୍ରି ଟୁ ଏୟାର ଚ୍ୟାନେଲ ପାଇଁ ୨୦ ଟଙ୍କା ଅଧିକ ଦେବାକୁ ପଡିବ। ଦୂରଦର୍ଶନକୁ ଛାଡ଼ି ଦେଲେ ଗ୍ରାହକଙ୍କୁ ଅନ୍ୟ ଚ୍ୟାନେଲ ବାଛିବାର ସୁଯୋଗ ମିଳିବ। ଟ୍ରାଇ ନିର୍ଦ୍ଦେଶ ଅନୁଯାୟୀ ପ୍ରସାରଣକର୍ତ୍ତାମାନେ ପ୍ରତି ମାସରେ ସେମାନଙ୍କ ଚ୍ୟାନେଲ ମୂଲ୍ୟକୁ ପ୍ରକାଶ କରିବେ। ତେବେ କେବୁଲ ଅପରେଟର ଏବଂ ଡିଟିଏଚ୍ କମ୍ପାନୀ ଅନେକଗୁଡ଼ିଏ ଚ୍ୟାନେଲକୁ ଏକାଠି କରି ଗ୍ରାହକଙ୍କୁ ଦେଖିବା ପାଇଁ ପ୍ରସ୍ତାବ ଦେଇପାରିବେ। ତେବେ ଏହାର ମୂଲ୍ୟ ମୋଟ୍ ଚ୍ୟାନେଲ ମୂଲ୍ୟର ସର୍ବାଧିକ ୮୫% ହେବ। ଅନ୍ୟପକ୍ଷରେ ଟ୍ରାଇ ନିର୍ଦ୍ଦେଶ କାର୍ଯ୍ୟକାରୀ ହେବା ପରେ ଗ୍ରାହକଙ୍କ ପାଇଁ ଟିଭି ଚ୍ୟାନେଲ ମହଙ୍ଗା ହେବାକୁ ଯାଉଛି। ଛୋଟ ସହର ଅଥବା ଗ୍ରାମାଞ୍ଚଳ ପାଇଁ କେବୁଲ/ଡିଟିଏଚ୍‌ରେ ମାସକୁ ପ୍ରାୟ ୨୦୦ରୁ ୨୫୦ ଟଙ୍କା ଚାର୍ଜ ଲାଗୁଛି। ଛୋଟ ସହର ପାଇଁ ଏହା ପ୍ରାୟ ୩୫୦ରୁ ୪୦୦ ଟଙ୍କା ରହିଛି। ଏହି ଟଙ୍କାରେ ପ୍ରାୟ ସମସ୍ତ ଆଞ୍ଚଳିକ ତଥା କିଛି ପ୍ରିମିୟମ ଚ୍ୟାନେଲ ଦେଖିବାର ସୁଯୋଗ ମିଳୁଛି। କିନ୍ତୁ ଆସନ୍ତା ମାସରୁ ଖର୍ଚ୍ଚ ବଢ଼ିବାକୁ ଯାଉଛି। ଏହା ପ୍ରାୟ ୪୨୦ରୁ ୪୫୦ ଟଙ୍କା ହେବାକୁ ଯାଉଛି। ଏଥିରେ ଆପଣଙ୍କୁ ପସନ୍ଦଯୋଗ୍ୟ ଚ୍ୟାନେଲ ଦେଖିବାକୁ ମିଳିବ। ଯଦି ଆପଣ ପ୍ରିମିୟମ, ଏଚ୍‌ଡି ଓ ସ୍ପୋର୍ଟ୍ସ ଚ୍ୟାନେଲ ଦେଖିବାକୁ ଚାହାନ୍ତି ତେବେ ଆପଣଙ୍କୁ ମାସକୁ ପ୍ରାୟ ୬୦୦ ଟଙ୍କା ଦେବାକୁ ହେବ। ସୂଚନାଥାଉ କି, ଦେଶରେ ଏବେ ୮୬୭ ପଞ୍ଜୀକୃତ ଓ ୩୦୯ପେ ଟିଭି ଚ୍ୟାନେଲ ରହିଛି।

## ହୋଣ୍ଡାର ନୂଆ ଏକ୍ସବ୍ଲେଡ ଏବିଏସ୍



**ଭୁବନେଶ୍ୱର,୧୮-୧୨**

ପ୍ରମୁଖ ଦୁଇ ଚକିଆ ଯାନ ନିର୍ମାଣକାରୀ କମ୍ପାନୀ ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପକ୍ଷରୁ ୧୬୦ ସିସି ସ୍ପୋର୍ଟି ଏକ୍ସ ବ୍ଲେଡ ଏବିଏସ୍ (ଆଣ୍ଟି ଲକ୍ ବ୍ରେକିଂ ସିଷ୍ଟମ) ଉନ୍ମୋଚିତ ହୋଇଛି। ଏହାର ଏକ୍ସ ଶୋ'ରୁମ ମୂଲ୍ୟ ୮୭, ୭୭୬ ଟଙ୍କା ରହିଛି। ନୂଆ ମଡେଲଟି ଅତ୍ୟାଧୁନିକ ଷ୍ଟାଇଲ ଏବଂ ସୁପରିୟର ପ୍ରଯୁକ୍ତି ପ୍ରଦାନ କରୁଛି ବୋଲି କମ୍ପାନୀର ସଭାପତି ତଥା ସିଇଓ ମିନରୋ କାଟୋ ସୂଚନା ଦେଇଛନ୍ତି। ଷ୍ଟାଇଲ ଏବଂ ପ୍ରଦର୍ଶନ ଚାହୁଁଥିବା ମୋଟର ସାଇକେଲ ଉତ୍ସାହୀଙ୍କ ପାଇଁ ଏକ୍ସବ୍ଲେଡକୁ ସ୍ୱତନ୍ତ୍ର ଭାବେ ଡିଜାଇନ କରାଯାଇଥିବା କମ୍ପାନୀର ବିକ୍ରି ଓ ମାର୍କେଟିଂ ଉପସଭାପତି ଯଦବିନ୍ଦର ସିଂ ଗୁଲେରିଆ ସୂଚନା ଦେଇଛନ୍ତି। ଏହି ମେଡଲରେ କମ୍ପାନୀ ଏଲ୍‌ଇଡି ହେଡ ଲ୍ୟାମ୍ପ, ୧୬୧.୭୧ ସିସି ଏଚ୍‌ଇଟି ଇଞ୍ଜିନ, ଲମ୍ବା ସିଟ, ସିଲ୍ ଚେନ୍, ହାଜାର୍ଡ ସ୍ୱିଚ୍, ସର୍ଭିସ ଡ୍ୟୁ ଇଣ୍ଡିକେଟର, ଡିଜିଟାଲ କ୍ଲକ୍, ଗିୟର ପୋଜିଶନ ଇଣ୍ଡିକେଟର ସୁବିଧା ପ୍ରଦାନ କରୁଛି। ଏହା ମୋଟେ ମାର୍ଭେଲ ବ୍ଲୁ ମେଟାଲିକ, ମୋଟେ ଫ୍ରୋଜେନ ସିଲଭର ମେଟାଲିକ୍, ପର୍ଲ ସ୍ପାର୍ଟାନ ରେଡ, ପର୍ଲ ଇଗ୍ନିୟସ ବ୍ଲାକ୍ ଏବଂ ମୋଟେ ମାର୍ସଲ ଗ୍ରୀନ ମେଟାଲିକରେ ଭଳି ରଙ୍ଗରେ ଆସୁଛି।

## ଅନ୍‌ଲାଇନରେ ମାତ୍ର ୧ ଟଙ୍କାରେ ମିଳୁଛି ସୁନା

**ନୂଆଦିଲ୍ଲୀ,୧୮-୧୨:** ଏବେ ଭାରତୀୟମାନେ ମାତ୍ର ୧ ଟଙ୍କାରେ ସୁନା କିଣୁଛନ୍ତି। ଚାହିଦା କମୁଥିବାରୁ ସୁନା ବ୍ୟବସାୟୀମାନେ ନିଜର ବିକ୍ରି ବଢ଼ାଇବା ଲାଗି ନୂଆ ପଦ୍ଧତି ଆପଣାଇଛନ୍ତି। ବିଟ୍ ସାଇଜ ସୁନା ଅନ୍‌ଲାଇନରେ କିଣିବାର ସୁଯୋଗ ସେମାନେ ଏବେ ଦେବା ଆରମ୍ଭ କରିଛନ୍ତି। ମିଡିଆରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ସରକାର ନିୟମକୁ କଡ଼ାକଡ଼ି କରିବା, ଅଧିକ ମୂଲ୍ୟ ଏବଂ ଯୁବ କ୍ରେତାଙ୍କ ମଧ୍ୟରେ ସୁନା ପ୍ରତି ଆକର୍ଷଣ ହ୍ରାସ ପାଉଥିବା କାରଣରୁ ଏହି ଧାତୁ ଚାହିଦା ଦିନକୁ ଦିନ କମିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଜୁଏଲର୍ସମାନେ ଏବେ ଅନ୍‌ଲାଇନ ସେଲ୍ ଜରିଆରେ ଇଣ୍ଟରନେଟ୍ ପ୍ରତି ଆସକ୍ତ ଉପଭୋକ୍ତାଙ୍କୁ ଆକର୍ଷିତ କରୁଛନ୍ତି। ପେଟିଏମ୍ ଓ ଫୋନ୍ ପେ ଭଳି ପେମେଣ୍ଟ ଆପ୍‌ର ପାର୍ଟନର ସେଫ୍ ଗୋଲ୍ଡର ଡିଜିଟାଲ ପ୍ଲାଟଫର୍ମର ମ୍ୟାନେଜିଂ ଡାଇରେକ୍ଟର ଗୌରବ ମାଥୁର କହିଛନ୍ତି ଯେ, ଅଧିକାଂଶ ଲୋକ ଏବେ ୧ ଟଙ୍କାରେ ସୁନା କିଣୁଛନ୍ତି। ଏହା ନେବା କମ୍ ବିପଦପୂର୍ଣ୍ଣ। କ୍ରେତା ଯେବେ ୧ ଗ୍ରାମ୍ ସୁନା ନେବା ଲାଗି ଏହାର ମୂଲ୍ୟ ଜମା କରନ୍ତି, ସେତେବେଳେ ତାଙ୍କୁ ବାସ୍ତବରେ ସୁନା ପ୍ରଦାନ କରାଯାଏ। ଏବେ ୧ ଗ୍ରାମ୍ ସୁନାର ମୂଲ୍ୟ ପ୍ରାୟ ୩୨୦୦ ଟଙ୍କା ରହିଛି। ବଜାରରେ ସର୍ବନିମ୍ନ ୧ ଗ୍ରାମ୍ ସୁନା କିଣିବାକୁ ପଡେ। କିନ୍ତୁ ଅନ୍‌ଲାଇନରେ ମାତ୍ର ୪୦ ସେକେଣ୍ଡରେ ଘରେ ବସି ଜଣେ ବ୍ୟକ୍ତି ମାତ୍ର ୧ ଟଙ୍କାରେ ସୁନା କିଣିପାରିବେ।

## ହର୍ବାଲ ସ୍କିନ୍ କେୟାର ବଜାରରେ ଆମୱେର ପ୍ରବେଶ




**ଭୁବନେଶ୍ୱର,୧୮-୧୨**

ପ୍ରମୁଖ ଏଫ୍‌ଏମ୍‌ସିଜି ପ୍ରତ୍ୟକ୍ଷ ବିକ୍ରି କମ୍ପାନୀ ଆମୱେ ଇଣ୍ଡିଆ ପ୍ରଥମ ଥର ଲାଗି ହର୍ବାଲ ସ୍କିନ କେୟାର ବଜାରରେ ପ୍ରବେଶ କରିଛି। 'ଆଟିଟ୍ୟୁଡ ଦି ବ୍ରାଇଟ ହର୍ବାଲ' ବର୍ଗ ଜରିଆରେ କମ୍ପାନୀ ଏହି ବଜାରରେ ପ୍ରବେଶ କରିଥିବା ସୂଚନା ଦେଇଛି। ଭୁବନେଶ୍ୱରର ଚନ୍ଦ୍ରଶେଖରପୁରସ୍ଥିତ କାର୍ଯ୍ୟାଳୟରେ କମ୍ପାନୀର ପୂର୍ବାଞ୍ଚଳ ଉପସଭାପତି ଚନ୍ଦ୍ରା ଚକ୍ରବର୍ତ୍ତୀ, ବିୟୁଟି ପର୍ସନାଲ କେୟାର କ୍ୟାଟେଗୋରୀ ହେଡ ଅନିଶା ଶର୍ମା ପ୍ରଡକ୍ଟଗୁଡ଼ିକ ବଜାର ପ୍ରବେଶ କରାଇଥିଲେ। କମ୍ପାନୀର ଏହି ସ୍କିନ କେୟାର ବର୍ଗରେ ରହିଛି ଉଦ୍ଭିଦ ବିଜ୍ଞାନର ଉତ୍ତମଗୁଣ ଏବଂ ଆଧୁନିକ ଗବେଷଣାର ମିଶ୍ରଣ। ଦେଶରେ ୨,୦୦୦ କୋଟି ଟଙ୍କାର ହର୍ବାଲ ସ୍କିନ କେୟାର ବଜାର ରହିଛି। ଆଗାମୀ ୩ ବର୍ଷରେ ୪୫ କୋଟି ଟଙ୍କା କାରବାର କରିବାକୁ କମ୍ପାନୀ ଲକ୍ଷ୍ୟ ରଖିଛି। ଏହା ଯୁବବର୍ଗଙ୍କ ଏଣ୍ଟ୍ରିଲେବଲ ପ୍ରିମିୟମ ବିୟୁଟି କ୍ଷେତ୍ରରେ ଆମୱେର ଉପସ୍ଥିତିକୁ ଦୃଢ଼ କରିବ ବୋଲି କମ୍ପାନୀ ପ୍ରକାଶ କରିଛି।

## ବିଭିନ୍ନ ପୁରସ୍କାର ପାଇଁ ନାଲ୍‌କୋ ପକ୍ଷରୁ ଆବେଦନପତ୍ର ଆହ୍ୱାନ

**ଭୁବନେଶ୍ୱର,୧୮-୧୨**




ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ (ନାଲ୍‌କୋ) ପକ୍ଷରୁ ଆସନ୍ତା ମାସରେ ଏହାର ପ୍ରତିଷ୍ଠା ଦିବସ ପାଳନ ସହ ବିଭିନ୍ନ ପୁରସ୍କାର ପ୍ରଦାନ କରାଯିବ। ଏଥି ପାଇଁ କମ୍ପାନୀ ପକ୍ଷରୁ ଆବେଦନପତ୍ର ଆହ୍ୱାନ କରାଯାଉଛି। ଦିବ୍ୟାଙ୍ଗ ଏବଂ ଶିଶୁମାନଙ୍କ ହିତସାଧନ ପାଇଁ ନାଲ୍‌କୋ ସ୍ମାଇଲ ପୁରସ୍କାର, ସଂସ୍କୃତ ଭାଷା ଶିକ୍ଷା ଏବଂ ପ୍ରଚାର ପ୍ରସାର ଦିଗରେ କାର୍ଯ୍ୟରତ ବିଶାରଦଙ୍କୁ କାଳିଦାସ ପୁରସ୍କାର ପ୍ରଦାନ କରାଯିବ। ସେହିଭଳି ରାଜ୍ୟରେ ଆଇଟି ଏବଂ ଆଇଟି ସେବା ସମ୍ବଳିତ ଷ୍ଟାର୍ଟଅପ୍‌କୁ ପ୍ରୋତ୍ସାହିତ କରିବା ପାଇଁ ନାଲ୍‌କୋ ଷ୍ଟାର୍ଟ ଅପ୍ ପୁରସ୍କାର ଆଦି ସାମିଲ ରହିଛି। ଏହାବାଦ ଓଡିଶୀ ନୃତ୍ୟଶିଳ୍ପୀ ଏବଂ ଗୁରୁଙ୍କ ପାଇଁ ନାଲ୍‌କୋ ଖାରବେଳ ପୁରସ୍କାର ଦିଆଯିବ। ଆବେଦନର ଶେଷ ତାରିଖ ଚଳିତ ମାସ ୩୧ ତାରିଖ ରହିଛି। ପୁରସ୍କାର ସଂକ୍ରାନ୍ତ ସମସ୍ତ ବିବରଣୀ କମ୍ପାନୀର ୱେବ୍‌ସାଇଟରେ ଉପଲବ୍ଧ ହେଉଛି।

## ଡ୍ୟୁକ୍ ଫ୍ୟାଶନ୍ସ ସମ୍ମାନିତ



**ଭୁବନେଶ୍ୱର,୧୮-୧୨**

ଡ୍ୟୁକ୍ ଫ୍ୟାଶନ୍ସ (ଇଣ୍ଡିଆ) ଲିମିଟେଡ ଫ୍ୟାଶନ ଶିଳ୍ପରେ ଅବଦାନ ଲାଗି 'ପଞ୍ଜାବ ଏମ୍‌ଏସ୍‌ଏମ୍‌ଇ ଆୱାର୍ଡ ୨୦୧୮' ଲାଭ କରିଛି। ଚଣ୍ଡୀଗଡ଼ଠାରେ ଅନୁଷ୍ଠିତ ଉଦୟ ସମ୍ମାନ ଆୱାର୍ଡ କାର୍ଯ୍ୟକ୍ରମରେ ପଞ୍ଜାବର ଅର୍ଥ ଏବଂ ଯୋଜନା ମନ୍ତ୍ରୀ ଏସ୍. ମନପ୍ରୀତ ସିଂ ବାଦଲଙ୍କଠାରୁ ଡ୍ୟୁକର ନିର୍ଦ୍ଦେଶକ କୁନ୍ତଲ ରାଜ ଜୈନ ଏହି ପୁରସ୍କାର ଗ୍ରହଣ କରିଥିଲେ। ସଦ୍ୟତମ ଷ୍ଟାଇଲିଂ ତଥା ଗୁଣବତ୍ତା ଗାର୍ମେଣ୍ଟ ମାନୁଫାକଚରିଂ କ୍ଷେତ୍ରରେ ଭଲ ଟ୍ରାକ ରେକର୍ଡ ରଖିଥିବା କମ୍ପାନୀ ସୂଚନା ଦେଇଛି। ଏଭଳି ଏକ ପୁରସ୍କାର ଲାଭ କରି ଅତ୍ୟନ୍ତ ଖୁସି ବୋଲି ଜୈନ କହିଛନ୍ତି। ଡ୍ୟୁକର ଫ୍ୟାଶନ ଇତିହାସରେ ଏହା ଆଉ ଏକ ମାଇଲ ଖୁଣ୍ଟ ଯୋଡ଼ିଛି ବୋଲି ସେ ପ୍ରକାଶ କରିଛନ୍ତି।

## ସୁଧୀର କୁମାର ପୂର୍ବତଟ ରେଳପଥ ଅତିରିକ୍ତ ମହାପ୍ରବନ୍ଧକ



ସୁଧୀର କୁମାର

**ଭୁବନେଶ୍ୱର,୧୮-୧୨**

ପୂର୍ବତଟ ରେଳପଥର ନୂଆ ଅତିରିକ୍ତ ମହାପ୍ରବନ୍ଧକ ଭାବେ ସୁଧୀର କୁମାର ନିଯୁକ୍ତ ହୋଇଛନ୍ତି। ଏହା ପୂର୍ବରୁ ସେ ଆଲ୍ଲାହାବାଦସ୍ଥିତ ଉତ୍ତର କେନ୍ଦ୍ରୀୟ ରେଳପଥର ମୁଖ୍ୟ ସଙ୍କେତ ଓ ଟେଲିକମ୍ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ସେ ଜବଲପୁର ରେଳ ମଣ୍ଡଳର ପ୍ରବନ୍ଧକ ଭାବେ କାର୍ଯ୍ୟ କରିଛନ୍ତି। ସେହିଭଳି ରେଳବୋର୍ଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ସଙ୍କେତ), ଉତ୍ତର ରେଳପଥର ମୁଖ୍ୟ ସଙ୍କେତ ଏବଂ ଟେଲିକମ୍ ଯନ୍ତ୍ରୀ ଭଳି ରେଲୱେର ଅନ୍ୟାନ୍ୟ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ସେ କାର୍ଯ୍ୟ କରିଛନ୍ତି। ସେ ଆଇଆଇଟି ରୁର୍କି ୟୁନିଭର୍ସିଟିରେ ବି.ଇ ଓ ଏମ୍‌ଟେକ୍ ପରେ ରେଲୱେର ସାଙ୍କେତିକ ଯନ୍ତ୍ରୀ ସେବାରେ ଯୋଗ ଦେଇଥିଲେ।

ZILLA SWASTHYA SAMITI, DHENKANAL
OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, DHENKANAL
Walk-in-Interview

Walk-in-Interview will be conducted as per scheduled date below for filling up the following Posts for "Kalpana Poshana Kendra" at District Head Quarters Hospital (DHH), Dhenkanal under District Mineral Fund (DMF), Dhenkanal on temporary basis will continue till provision of DMF fund, Dhenkanal.

| Sl. No. | Name of the Post | No. of Vacancy | Consolidated Remuneration per month | Eligibility | Age | Venue | Date of Registration/ Interview |
|---|---|---|---|---|---|---|---|
| 01 | Nutritionist-cum-Counseller for Kalpana Poshana Kendra | 1 | Rs. 15215/- | Candidate must be a women with graduation in home science (Hons./pass) with computer knowledge | Age should be within 65 yrs. as on 01.12.18 | Conference Hall, New DHH, Dhenkanal | 27.12.2018 |
| 02 | ANM | 3 | Rs. 10644/- | Candidate must have passed HSC and must have undergone one and half year training ANM course from the approved Govt. training centre/ recognize private institutions and must have registered with ONC. | Age should be within 65 yrs. as on 01.12.18 | Conference Hall, New DHH, Dhenkanal | 28.12.2018 |

For walk-in-interview, the interested candidates fulfilling the eligibility criteria mentioned above are requested to report themselves as per the above schedule by 10 AM at Conference Hall of District Head Quarters Hospital, Dhenkanal. No candidates will be allowed after 11 AM. The authority reserves the right to accepting/ rejecting any candidature on the basis of above criteria. Candidates should come with the application form with all academic certificates, mark sheet and experience certificate in original and one set of attested photo copies, all documents with two recent passport size color photographs. The details of advertisement and application form can be downloaded from the **website: www.dhenkanal.nic.in.** No personal enquiry will be entertained.

**Sd./- CDM & PHO-cum-DMD, Dhenkanal**

REGIONAL PLANT RESOURCE CENTRE
Ekamra Kanan, Nayapalli, Bhubaneswar - 751015, Odisha
FOREST & ENVIRONMENT DEPARTMENT, GOVERNMENT OF ODISHA
Tel no. 0674-2557925, 2552002, Email : rprcbbsr@gmail.com, website : www.rprcbbsr.com

**Advt. No. 2794 / RPRC** **Date : 18.12.2018**

**"QUOTATION CALL NOTICE FOR PRINTING OF BOOKS / REPORTS"**

Sealed quotations are invited in two-bid systems from reputed printing houses / printers based at Bhubaneswar for **printing of 3 nos. of books / reports** to be published by RPRC. The detailed specification and terms and conditions can be obtained from RPRC office / notice board or by email on request. The last date of receipt of the quotations is **31/12/2018 (3.00 pm.)**.

**Sd/-**
**Administrative Officer**

ଓଡ଼ିଶା ଲଳିତକଳା ଏକାଡେମୀ
(ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ)

ଜାତୀୟସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀ – ୨୦୧୯

ଓଡ଼ିଶା ଲଳିତ କଳା ଏକାଡେମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ତରଫରୁ ଆସନ୍ତା ୨୦ରୁ ୨୭ ଜାନୁୟାରୀ ୨୦୧୯ ପର୍ଯ୍ୟନ୍ତ ପ୍ରଥମ ଥର ପାଇଁ ରବିନ୍ଦ୍ର ଭବନ, ନୂଆଦିଲ୍ଲୀଠାରେ ଓଡ଼ିଶାର ଶିଳ୍ପୀମାନଙ୍କ କଳାକୃତି ପ୍ରଦର୍ଶିତ ସହିତ ବିକ୍ରୟର ବ୍ୟବସ୍ଥା କରାଯିବ। ଅଂଶ ଗ୍ରହଣକାରୀ ଶିଳ୍ପୀମାନଙ୍କର ବୟସ ସୀମା ୨୫ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବ। ଆଗ୍ରହୀ ଶିଳ୍ପୀମାନେ ସେମାନଙ୍କର ସର୍ବୋତ୍କୃଷ୍ଟ କଳାକୃତିର (ଚିତ୍ର, ଗ୍ରାଫିକ୍, ପାରମ୍ପରିକ କଳା) ୩ଗୋଟି ଉଚ୍ଚମାନର ରଙ୍ଗିନ ଫଟୋ (୩୦ ସେ.ମି. × ୨୧ ସେ.ମି.), ଶିଳ୍ପୀଙ୍କ Bio-data (୧୦୦ ଶବ୍ଦ ମଧ୍ୟରେ), ନିଜର ଦୁଇଟି ପାସ୍‌ପୋର୍ଟ ଫଟୋ, ସି.ଡି. ସହିତ ଆସନ୍ତା ତା ୧ ଜାନୁୟାରୀ ୨୦୧୯ ମଧ୍ୟରେ ଓଡ଼ିଶା ଲଳିତ କଳା ଏକାଡେମୀ, ସଂସ୍କୃତି ଭବନ, ମ୍ୟୁଜିୟମ ପରିସର, ଭୁବନେଶ୍ୱର – ୭୫୧୦୧୪ଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ଆବଶ୍ୟକ।

ଏ ସମ୍ପର୍କିତ ସବିଶେଷ ତଥ୍ୟ ଏକାଡେମୀ Website: **www.odishalalitkalaakademi.org** ଏବଂ ଓଡ଼ିଶା ଲଳିତ କଳା ଏକାଡେମୀ କାର୍ଯ୍ୟାଳୟରେ ଉପଲବ୍ଧ। ଧାର୍ଯ୍ୟ ତାରିଖ ପରେ କୌଣସି ଫଟୋଗ୍ରାଫ ବିଚାରକୁ ନିଆଯିବ ନାହିଁ।

(ଫୋନ୍ ନଂ– ୦୬୭୪–୨୪୩୧୬୧୨, ୨୪୩୧୬୧୧)

ମାନସ ରଞ୍ଜନ ଜେନା
ସଚିବ

ଭାରତର ବ୍ୟାଟିଂ ଅଷ୍ଟ୍ରେଲିଆଠାରୁ ଦୁର୍ବଳ ବୋଲି ପର୍ଥଠାରେ ଖେଳାଯାଇଥିବା ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ପ୍ରତିଫଳିତ ହୋଇଛି।
–ରିକି ପଣ୍ଟିଂ, ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ



ବିରାଟ କୋହଲିଙ୍କ ସହିତ ମୋର ବାକ୍ୟ ବିନିମୟରେ ତିକ୍ତତା ନ ଥିଲା। ସିରିଜ ପରେ ଟିମ୍ ଇଣ୍ଡିଆକୁ ଆମେ ଏକ ବିୟର ପାର୍ଟି ପାଇଁ ଆମନ୍ତ୍ରଣ କରିବୁ।
–ଟିମ୍ ପେନ୍, ଅଷ୍ଟ୍ରେଲିଆ ଅଧିନାୟକ



# ବରୁଣ, ଉନାଡକଟ ଦାମୀ ଖେଳାଳି

**ଆଇପିଏଲ୍ ଖେଳାଳି ନିଲାମ**



ବରୁଣ ଚକ୍ରବର୍ତ୍ତୀ



ଜୟଦେବ ଉନାଡକଟ

**ଜୟପୁର, ୧୮।୧୨(ପି.ଟି.)**

ଆର୍କିଟେକ୍ଟରୁ କ୍ରିକେଟର ବନିଥିବା ତାମିଲନାଡୁ ବିସ୍ମୟ ସ୍ପିନର ବରୁଣ ଚକ୍ରବର୍ତ୍ତୀ ହାଇପ୍ରୋଫାଇଲ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଏଥର ଦାମୀ ଖେଳାଳି ସାବ୍ୟସ୍ତ ହୋଇଛନ୍ତି। ଏପର୍ଯ୍ୟନ୍ତ ଆଇପିଏଲ ଖେଳି ନ ଥିବା ବରୁଣ ଆଶ୍ଚର୍ଯ୍ୟଜନକ ଭାବେ ନିଜ ବେସ୍ ପ୍ରାଇସ୍‌ର ଆଶାତୀତ ୪୦ ଗୁଣ ଦାମ୍‌ରେ ବିକ୍ରି ହୋଇଛନ୍ତି। ୨୦୧୯ ଆଇପିଏଲ୍ ସଂସ୍କରଣ ପାଇଁ ମଙ୍ଗଳବାର ଜୟପୁରରେ ଅନୁଷ୍ଠିତ ଖେଳାଳି ନିଲାମରେ କିଙ୍ଗ୍ସ ଏକାଦଶ ପଞ୍ଜାବ ନବାଗତ ବରୁଣଙ୍କୁ ୮ କୋଟି ୪୦ ଲକ୍ଷ ଟଙ୍କାରେ କ୍ରୟ କରିଛି। ବରୁଣଙ୍କ ବେଶ୍ ପ୍ରାଇସ୍ ମାତ୍ର ୨୦ ଲକ୍ଷ ଟଙ୍କା ଥିଲା। ବରୁଣଙ୍କୁ ନେବା ପାଇଁ ମଙ୍ଗଳବାର ଅନୁଷ୍ଠିତ ଖେଳାଳି ନିଲାମରେ ଦିଲ୍ଲୀ କ୍ୟାପିଟାଲ୍ସ, ଚେନ୍ନାଇ ସୁପର କିଙ୍ଗ୍ସ ଓ ରାଜସ୍ଥାନ ରୟାଲ୍ସ ମଧ୍ୟରେ ପ୍ରତିଯୋଗିତା ଦେଖିବାକୁ ମିଳିଥିଲା। ତାରକା ତଥା ଅଭିଜ୍ଞ ଅଲରାଉଣ୍ଡର ଯୁବରାଜ ସିଂଙ୍କୁ ପ୍ରଥମେ କୌଣସି ଫ୍ରାଞ୍ଚାଇଜ୍ କ୍ରୟ କରିବାକୁ ଇଚ୍ଛା ପ୍ରକାଶ କରି ନ ଥିଲେ। ତେବେ ଶେଷ ମୁହୂର୍ତ୍ତରେ ନିଜ ବେସ୍ ପ୍ରାଇସ୍ ୧ କୋଟି ଟଙ୍କା ବିନିମୟରେ ସେ ମୁମ୍ବାଇ ଇଣ୍ଡିଆନ୍ସ ଦଳରେ ସାମିଲ ହୋଇଛନ୍ତି।

ସେହିପରି ଇଂଲଣ୍ଡ ଅଲରାଉଣ୍ଡର ସାମ କୁରାନଙ୍କୁ ପଞ୍ଜାବ ୭.୨ କୋଟି ଟଙ୍କା ବିନିମୟରେ କ୍ରୟ କରିଛି। ମିଡିୟମ ପେସର ଜୟଦେବ ଉନାଡକଟ ପୁଣି ଥରେ କୋଟିପତି ସାବ୍ୟସ୍ତ ହୋଇଛନ୍ତି। ୮.୪ କୋଟି ଟଙ୍କା ବିନିମୟରେ ଉନଡକଟ ରାଜସ୍ଥାନ ରୟାଲ୍ସ ଦଳରେ ସାମିଲ ହୋଇଛନ୍ତି। ୨୭ ବର୍ଷୀୟ ବରୁଣ ସମାନ ମୂଲ୍ୟରେ ବିକ୍ରି ହୋଇଥିଲେ ମଧ୍ୟ ସେ ଫୋକସ୍‌ରେ ରହିଛନ୍ତି।

ତାମିଲନାଡୁ ପ୍ରିମିୟର ଲିଗ୍ (ଟିଏନ୍‌ପିଏଲ୍)ରେ ବରୁଣ ଦମ୍‌ଦାର ପ୍ରଦର୍ଶନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବରୁଣଙ୍କ ପ୍ରଦର୍ଶନ ବଳରେ ମଦୁରାଇ ପାନ୍ଥର୍ସ ଟିଏନପିଏଲ୍‌ରେ ପ୍ରଥମଥର ପାଇଁ ଟାଇଟଲ ହାସଲ କରିଥିଲା। ଉନାଡକଟ୍ ଚଳିତ ବର୍ଷ ରେକର୍ଡ ୧୧.୫ କୋଟି ଟଙ୍କା ବିନିମୟରେ ରାଜସ୍ଥାନ ରୟାଲ୍ସ ଦଳରେ ସାମିଲ ହୋଇଥିଲେ। ତେବେ ଏଥର ତାଙ୍କ ଦାମ୍‌ରେ ଅବନତି ହୋଇଛି। ଏଥର ନିଲାମରେ ଭାରତୀୟ ଓ ୱେଷ୍ଟଇଣ୍ଡିଜ ଖେଳାଳିମାନଙ୍କ ପ୍ରଭାବ ଦେଖିବାକୁ ମିଳିଥିଲା।

ଏକଦା ୧୬ କୋଟି ଟଙ୍କାରେ ବିକ୍ରି ହୋଇ ଆଇପିଏଲ୍‌ରେ ସବୁଠାରୁ ଦାମୀ ଖେଳାଳିଭାବେ ଚର୍ଚ୍ଚିତ ଥିବା ୩୭ ବର୍ଷୀୟ ଅଲରାଉଣ୍ଡର ଯୁବରାଜ ସିଂ ନିଲାମରେ ପ୍ରଥମେ ଅଣଦେଖା ହୋଇଥିଲେ। ୧ କୋଟି ଟଙ୍କା ବେଶ ପ୍ରାଇସ୍‌ରେ ଯୁବରାଜ ନିଲାମରେ ସାମିଲ ହୋଇଥିଲେ। ତେବେ ଶେଷରେ ମୁମ୍ବାଇ ୧ କୋଟି ଟଙ୍କାରେ ଯୁବିଙ୍କୁ କ୍ରୟ କରିଛି। ୨୦୧୮ ସଂସ୍କରଣରେ ଯୁବରାଜଙ୍କୁ ୨ କୋଟି ଟଙ୍କା ବିନିମୟରେ ପଞ୍ଜାବ କ୍ରୟ କରିଥିଲା। ତେବେ ଗତମାସ ଯୁବିଙ୍କୁ ପଞ୍ଜାବ ରିଲିଜ୍ କରିଥିଲା।

ଭାରତୀୟଙ୍କୁ ବାଦ ଦେଲେ ଶିମରନ ହେଟମେୟର, କାର୍ଲୋସ ବ୍ରାଥୱେଟ ଓ ନିକୋଲାସ ପୁରନ ନିଲାମର ପ୍ରଥମ ରାଉଣ୍ଡରେ ବେଶ୍ ଚଢ଼ା ଦରରେ ବିକ୍ରି ହୋଇଥିଲେ। ହେଟମେୟର ୪.୨ କୋଟି ଟଙ୍କାରେ ବାଙ୍ଗାଲୋର, ବ୍ରାଥୱେଟ ୫ କୋଟି ଟଙ୍କାରେ କୋଲକାତା, ପୁରନ ୪.୨ କୋଟି ଟଙ୍କା ବିନିମୟରେ ପଞ୍ଜାବ ଦଳରେ ସାମିଲ ହୋଇଛନ୍ତି।

ସେହିପରି ସ୍ପିନର ଅକ୍ଷର ପଟେଲ (୫ କୋଟି ), ଦ୍ରୁତ ବୋଲର ମୋହିତ୍ ଶର୍ମା (୫କୋଟି) ଓ ମହମ୍ମଦ ସାମି ୪.୮ କୋଟି ଟଙ୍କା ବିନିମୟରେ ବିକ୍ରି ହୋଇଛନ୍ତି। ଅକ୍ଷର ପଞ୍ଜାବରେ ସାମିଲ ଥିଲେ ମଧ୍ୟ ଶେଷରେ ଦିଲ୍ଲୀ ଦଳରେ ସାମିଲ ହୋଇଛନ୍ତି। ଗତ ସଂସ୍କରଣରେ ଦିଲ୍ଲୀ ପାଇଁ ଖେଳିଥିଲେ ମଧ୍ୟ ସାମି ଏଥର ପଞ୍ଜାବ ଦଳରେ ସାମିଲ ହୋଇଛନ୍ତି। ମୋହିତ ଗତଥର ପଞ୍ଜାବ ପାଇଁ ଖେଳୁଥିଲେ ଓ ଏଥର ଚେନ୍ନାଇ ପାଇଁ ଆଇପିଏଲ୍ ଖେଳିବେ। ହେଟମେୟରଙ୍କ ବେଶ୍ ପ୍ରାଇସ୍ ୫୦ ଲକ୍ଷ ଥିଲେ ମଧ୍ୟ ତାଙ୍କୁ କିଣିବା ପାଇଁ କୋଲକାତା, ରାଜସ୍ଥାନ ଓ ଦିଲ୍ଲୀ ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଶେଷରେ ସେ ୪.୨ କୋଟି ଟଙ୍କାରେ ବାଙ୍ଗାଲୋର ଦଳରେ ସାମିଲ ହୋଇଛନ୍ତି। ୨୦୧୬ ଟି୨୦ ବିଶ୍ୱକପ୍ ତାରକା ବ୍ରାଥୱେଟ୍‌ଙ୍କୁ ନେବା ପାଇଁ କୋଲକାତା ଓ ପଞ୍ଜାବ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଥିଲେ। ୭୫ ଲକ୍ଷ ଟଙ୍କା ବେଶ ପ୍ରାଇସ୍ ସତ୍ତ୍ୱେ ସେ ୫ କୋଟି ଟଙ୍କାରେ କୋଲକାତାରେ ସାମିଲ ହୋଇଛନ୍ତି। ୨୩ ବର୍ଷୀୟ ୱେଷ୍ଟଇଣ୍ଡିଜ୍ ଉଇକେଟକିପର ନିକୋଲାସ ପୁରନଙ୍କ ବେଶ୍ ପ୍ରାଇସ୍ ୭୫ ଲକ୍ଷ ଥିଲେ ମଧ୍ୟ ୪.୨୦ କୋଟି ଟଙ୍କାରେ ପଞ୍ଜାବ ଦଳରେ ସାମିଲ ହୋଇଛନ୍ତି।

ଭାରତୀୟ ଟେଷ୍ଟ ଖେଳାଳି ହନୁମା ବିହାରୀ ୨ କୋଟି ଟଙ୍କାରେ ଦିଲ୍ଲୀ ଦଳରେ ସାମିଲ ହୋଇଛନ୍ତି। ଅଭିଜ୍ଞ ଦ୍ରୁତ ବୋଲର ଇଶାନ୍ତ ଶର୍ମାଙ୍କ ବେଶ୍ ପ୍ରାଇସ୍ ୭୫ ଲକ୍ଷ ଟଙ୍କାଥିଲେ ମଧ୍ୟ ୧.୧ କୋଟି ଟଙ୍କାରେ ଦିଲ୍ଲୀ ତରଫରୁ ଖେଳିବେ। ଉଇକେଟ କିପର ଋଦ୍ଧିମାନ ଶାହା ୧.୨ କୋଟି ଟଙ୍କା ବିନିମୟରେ ସନରାଇଜର୍ସ ହାଇଦ୍ରାବାଦ ପାଇଁ ଏଥର ଆଇପିଏଲ୍ ଖେଳିବେ। ବିକ୍ରି ହୋଇ ନ ଥିବା ଅନ୍ୟ ହାଇପ୍ରୋଫାଇଲ୍ ଖେଳାଳିମାନେ ହେଲେ ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାର, ବ୍ରେଣ୍ଡନ ମ୍ୟାକୁଲମ ଓ କ୍ରିସ୍ ୱକ୍ସ।




## ସଂକ୍ଷେପରେ

### ଇଷ୍ଟର୍ନ ଇଣ୍ଡିଆ ବଡିବିଲ୍ଡିଂ ଜନ୍ମେଜୟଙ୍କୁ ବ୍ରୋଞ୍ଜ

**ଭୁବନେଶ୍ୱର, ୧୮।୧୨(କ୍ରୀଡ଼ା ପ୍ରତିନିଧି):** ଇଷ୍ଟର୍ନ ଇଣ୍ଡିଆ ବଡିବିଲ୍ଡିଂ ଚାମ୍ପିୟନଶିପ୍‌ର ୧୫ତମ ସଂସ୍କରଣ ସିଲିଗୁଡ଼ିଠାରେ ଡିସେମ୍ବର ୧୫ ଓ ୧୬ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଗ ନେଇଥିବା ଓଡ଼ିଶାର ଜନ୍ମେଜୟ ମହାନ୍ତି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। "ବଡିବିଲ୍ଡିଂ ଚାମ୍ପିୟନଶିପ୍ ୫ କେଜି ଓଜନ ବ୍ୟବଧାନ କାଟେଗୋରିରେ ହେବାକଥା। ପୂର୍ବରୁ ଏପରି ହୋଇ ଆସୁଥିଲା। ଆୟୋଜକମାନେ ୭୫ କେଜି ପର୍ଯ୍ୟନ୍ତ ଏହି ନିୟମରେ ପ୍ରତିଯୋଗିତା କରିଥିଲେ।

### କଟକ ଜିଲା ଚେସ୍ ସୌମ୍ୟରଞ୍ଜନ, ସାଇରୂପାଙ୍କୁ ଟାଇଟଲ

**କଟକ ଅଫିସ,୧୮।୧୨:** କଟକ ଜିଲା ଚେସ୍ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ପୂର୍ବତଟ ରେଲୱେ ପ୍ରତିଷ୍ଠାନରେ ଅନୁଷ୍ଠିତ କଟକ ଜିଲା ଚେସ୍ ଚାମ୍ପିୟନଶିପର ସିନିୟର ବର୍ଗରେ ଟାଇଟଲ ଜିତିଛନ୍ତି ସୌମ୍ୟରଞ୍ଜନ ମିଶ୍ର। ରାଜ୍ୟ ସ୍ତରୀୟ ଓପନ ପ୍ରତିଯୋଗିତାରେ ଏହା ସୌମ୍ୟରଞ୍ଜନଙ୍କର ୫୨ତମ ଏବଂ କଟକ ଜିଲା ଚାମ୍ପିୟନଶିପ୍‌ରେ ଲଗାତର ଦ୍ୱିତୀୟ ଟାଇଟଲ। ୭ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାର ସିନିୟର ବର୍ଗରେ ସୌମ୍ୟରଞ୍ଜନ ୫.୫ ପଏଣ୍ଟ ହାସଲ କରି ଟାଇବ୍ରେକର ପଦ୍ଧତିରେ ଚାମ୍ପିୟନ ହୋଇଥିଲେ। ସମାନ ସଂଖ୍ୟକ ପଏଣ୍ଟ ହାସଲ କରି ସାର୍ଥକ ଦେବତା, ଆଶୀର୍ବାଦ ସ୍ୱାଇଁ, ସଞ୍ଜୀବନ ନାୟକ ଓ ପ୍ରିୟବ୍ରତ ସାମନ୍ତ ସିଂ ଯଥାକ୍ରମେ ଦ୍ୱିତୀୟରୁ ୫ମ ସ୍ଥାନ ମଧ୍ୟରେ ରହିଛନ୍ତି। ରବୀନ୍ଦ୍ରକୁମାର ଓଝା, ହର୍ଷିତ ରଞ୍ଜନ ସାହୁ, ଚୈତନ୍ୟ ରାଉତ, ଲୋଚନ କୁମାର ଦାସ ଓ ନାରାୟଣ ସ୍ୱାଇଁ ୬ଷ୍ଠରୁ ୧୦ମ ସ୍ଥାନ ମଧ୍ୟରେ ରହିଥିଲେ। ସୌମ୍ୟରଞ୍ଜନଙ୍କୁ ୫ହଜାର ଟଙ୍କା ପୁରସ୍କାର ରାଶି ସମେତ ଟ୍ରଫି ପ୍ରଦାନ କରାଯାଇଥିଲା। ଅନ୍ୟପକ୍ଷରେ ପ୍ରତିଯୋଗିତାର ଜୁନିୟର ବର୍ଗର ଟାଇଟଲ ଜିତିଛନ୍ତି ପି.ସାଇରୂପା। ସାଇରୂପା ୭ ପଏଣ୍ଟ ହାସଲ କରି ଏହି ସଫଳତା ପାଇଛନ୍ତି। ସ୍ମିତପ୍ରଜ୍ଞ ସାହୁ, ସ୍ୱୟାଂଶୁ ସାମନ୍ତରାୟ, ଅଧିଶା ଦାସ, ସୌରଭ ସାଇ ଦାସ, ନିଖିଲ ସାହୁ, ଆୟୁଷ ଅର୍ଣ୍ଣଭ ମହାପାତ୍ର, ବି ରାଜବୀର ପାଲ, କୌସ୍ତୁଭ ଦାସ, ସ୍ୱସ୍ତିକ ଶୁଭମ ପଟ୍ଟନାୟକ ଏହି ବର୍ଗରେ ଯଥାକ୍ରମେ ୨ୟରୁ ୧୦ମ ସ୍ଥାନ ମଧ୍ୟରେ ରହିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ମୁଖ୍ୟ ଅତିଥି ଓ ଡ. ସେକ ରହମତୁଲ୍ଲା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ସଂଘ ସଭାପତି ଅସୀତ ମୁଖାର୍ଜୀ, ସମ୍ପାଦକ ରଞ୍ଜନ ମହାନ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ଆଇଏମ ରାକେଶ ଜେନା ଓ କେ.କେ. ବିଶୋୟୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସତ୍ୟରଞ୍ଜନ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଉପସଭାପତି ସନ୍ତୋଷ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ତର୍ଜାତୀୟ ଆର୍ବିଟର ତାପସ ମହାନ୍ତି, ନିହାର ରଞ୍ଜନ ସାସମଲ ଖେଳ ପରିଚାଳନା କରିଥିଲେ।

### ବିକ୍ରି ହୋଇଥିବା ଖେଳାଳି

| ନାମ | ବେଶ୍ ପ୍ରାଇସ୍ | ଦଳ୍ | ମୂଲ୍ୟ |
|---|---|---|---|
| ହନୁମା ବିହାରୀ | ୫୦ ଲକ୍ଷ | ଦିଲ୍ଲୀ | ୨ କୋଟି |
| ଶିମରନକ ହେଟମେୟର | ୫୦ ଲକ୍ଷ | ବାଙ୍ଗାଲୋର | ୪.୨ କୋଟି |
| କାର୍ଲୋସ ବ୍ରାଥୱେଟ୍ | ୭୫ ଲକ୍ଷ | କୋଲକାତା | ୫ କୋଟି |
| ଗୁରକିରାତ ମାନ ସିଂ | ୫୦ ଲକ୍ଷ | ବାଙ୍ଗାଲୋର | ୫୦ ଲକ୍ଷ |
| ମୋଇସେସ୍ ହେନେରିକ୍ସ | ୧ କୋଟି | ପଞ୍ଜାବ | ୧ କୋଟି |
| ଅକ୍ଷର ପଟେଲ | ୧ କୋଟି | ଦିଲ୍ଲୀ | ୫ କୋଟି |
| ଜନୀ ବେୟାରଷ୍ଟୋ | ୧.୫ କୋଟି | ହାଇଦ୍ରାବାଦ | ୨.୨ କୋଟି |
| ନିକୋଲାସ ପୁରାନ | ୭୫ ଲକ୍ଷ | ପଞ୍ଜାବ | ୪.୨ କୋଟି |
| ରିଦ୍ଧିମାନ ଶାହା | ୧ କୋଟି | ହାଇଦ୍ରାବାଦ | ୧.୨ କୋଟି |
| ଜୟଦେବ ଉନଡକଟ୍ | ୧.୫ କୋଟି | ରାଜସ୍ଥାନ | ୮.୪ କୋଟି |
| ଇଶାନ୍ତ ଶର୍ମା | ୭୫ ଲକ୍ଷ | ଦିଲ୍ଲୀ | ୧.୧ କୋଟି |
| ଲସିଥ୍ ମାଲିଙ୍ଗା | ୨ କୋଟି | ମୁମ୍ବାଇ | ୨ କୋଟି |
| ମହମ୍ମଦ ସାମି | ୧କୋଟି | ପଞ୍ଜାବ | ୪.୮ କୋଟି |
| ବରୁଣ ଆରୋନ | ୫୦ ଲକ୍ଷ | ରାଜସ୍ଥାନ | ୨.୪ କୋଟି |
| ମୋହିତ ଶର୍ମା | ୫୦ ଲକ୍ଷ | ଚେନ୍ନାଇ | ୫ କୋଟି |
| ଦେବଦତ୍ତ ପାଡିକଲ | ୨୦ ଲକ୍ଷ | ବାଙ୍ଗାଲୋର | ୨୦ ଲକ୍ଷ |
| ଅନମୋଲପ୍ରୀତ୍ ସିଂ | ୨୦ ଲକ୍ଷ | ମୁମ୍ବାଇ | ୮୦ ଲକ୍ଷ |
| ସର୍ଫରାଜ ଖାଁ | ୨୦ ଲକ୍ଷ | ପଞ୍ଜାବ | ୨୫ ଲକ୍ଷ |
| ଶିବମ ଦୁବେ | ୨୦ ଲକ୍ଷ | ବାଙ୍ଗାଲୋର | ୫ କୋଟି |
| ବରୁଣ ଚକ୍ରବର୍ତ୍ତୀ | ୨୦ ଲକ୍ଷ | ପଞ୍ଜାବ | ୮.୪ କୋଟି |
| ଅଙ୍କୁଶ ବେନ୍ସ | ୨୦ ଲକ୍ଷ | ଦିଲ୍ଲୀ | ୨୦ ଲକ୍ଷ |
| ନାଥୁ ସିଂ | ୨୦ ଲକ୍ଷ | ଦିଲ୍ଲୀ | ୨୦ ଲକ୍ଷ |
| କଲିନ୍ ଇନ୍‌ଗ୍ରାମ | ୨ କୋଟି | ଦିଲ୍ଲୀ | ୬.୪୦ କୋଟି |
| ସାମ କୁରାନ | ୨ କୋଟି | ପଞ୍ଜାବ | ୭.୨ କୋଟି |
| ହେନେରିକ କ୍ଲାସେନ୍ | ୫୦ ଲକ୍ଷ | ବାଙ୍ଗାଲୋର | ୫୦ ଲକ୍ଷ |
| ବରିନ୍ଦର ଶରଣ | ୫୦ ଲକ୍ଷ | ମୁମ୍ବାଇ | ୩.୪ କୋଟି |
| ଲୋକି ଫର୍ଗୁଶନ | ୧ କୋଟି | କୋଲକାତା | ୧.୬ କୋଟି |

### ପ୍ରଥମ ପର୍ଯ୍ୟାୟରେ ବିକ୍ରି ହୋଇ ନ ଥିବା ଖେଳାଳି

| ନାମ | ବେଶ୍ ପ୍ରାଇସ୍ | ନାମ | ବେଶ୍ ପ୍ରାଇସ୍ |
|---|---|---|---|
| ମନୋଜ ତିୱାରୀ। | ୫୦ ଲକ୍ଷ | ଛମା ମିଳିନ୍ଦ | ୨୦ ଲକ୍ଷ |
| ଚେତେଶ୍ୱର ପୂଜାରା | ୫୦ ଲକ୍ଷ | ତୁଷାର ଦେଶପାଣ୍ଡେ | ୨୦ ଲକ୍ଷ |
| ଆଲେକ୍ସ ହେଲ୍ସ | ୧.୫ କୋଟି | ଜେ. ସୁଚିତ୍ | ୨୦ ଲକ୍ଷ |
| ବ୍ରେଣ୍ଡନ ମ୍ୟାକୁଲମ | ୨ କୋଟି | ଯୁବରାଜ ଚୁଡାସମା | ୨୦ ଲକ୍ଷ |
| ମାର୍ଟିନ ଗୁପ୍ଟିଲ୍ | ୧ କୋଟି | ଜାହିର ଖାଁ | ୪୦ ଲକ୍ଷ |
| କ୍ରିସ୍ ୱକ୍ସ | ୨ କୋଟି | କେ.ସି. କାରିଆପ୍ପା | ୨୦ ଲକ୍ଷ |
| କ୍ରିସ୍ ଜୋର୍ଡାନ | ୧ କୋଟି | ଆର. ସାଇ କିଶୋର | ୨୦ ଲକ୍ଷ |
| ନମନ ଓଝା | ୭୫ ଲକ୍ଷ | ଏମ୍. ଅଶ୍ୱିନ୍ | ୨୦ ଲକ୍ଷ |
| ବେନ ମ୍ୟାକଡର୍ମଟ | ୫୦ ଲକ୍ଷ | ଉସ୍‌ମାନ ଖ୍ୱାଜା | ୧ କୋଟି |
| ରାହୁଲ ଶର୍ମା | ୫୦ ଲକ୍ଷ | ହଜରତୁଲ୍ଲା ଜଜାଇ | ୫୦ ଲକ୍ଷ |
| ଆଡାମ ଜାମ୍ପା | ୧ କୋଟି | ରିଜା ହେଣ୍ଡ୍ରିକ୍ସ | ୫୦ ଲକ୍ଷ |
| ଖାରି ପିଏର | ୫୦ ଲକ୍ଷ | ଶନ ମାର୍ଶ | ୨ କୋଟି |
| ଫୱାଦ ଅହମ୍ମଦ | ୫୦ ଲକ୍ଷ | ସୌରଭ ତିୱାରୀ | ୫୦ ଲକ୍ଷ |
| ମନନ ଭୋରା | ୨୦ ଲକ୍ଷ | ହାସିମ ଅମଲା | ୧ କୋଟି |
| ସଚିନ ବେବି | ୨୦ ଲକ୍ଷ | ଜେମ୍ସ ନିଶାମ | ୭୫ ଲକ୍ଷ |
| ଅଙ୍କିତ ବାୱନେ | ୨୦ ଲକ୍ଷ | ଆଞ୍ଜେଲୋ ମାଥ୍ୟୁସ | ୨ କୋଟି |
| ଅର୍ମାନ ଜାଫର | ୨୦ ଲକ୍ଷ | ରିଷି ଧାୱନ | ୫୦ ଲକ୍ଷ |
| ଅକ୍ଷଦୀପ ନାଥ | ୨୦ ଲକ୍ଷ | କୋରି ଆଣ୍ଡରଶନ | ୨ କୋଟି |
| ଆୟୁଷ ବାଦୋନୀ | ୨୦ ଲକ୍ଷ | ପରଭେଜ ରସୁଲ | ୫୦ ଲକ୍ଷ |
| ଜଲାଜ ସାକସେନା | ୨୦ ଲକ୍ଷ | ଜାସନ ହୋଲ୍ଡର | ୭୫ ଲକ୍ଷ |
| ଶେଲଡନ ଜ୍ୟାକସନ | ୨୦ ଲକ୍ଷ | ଲୁକ ରୋଞ୍ଚି | ୭୫ ଲକ୍ଷ |
| ବି. ଇନ୍ଦ୍ରଜିତ୍ | ୨୦ ଲକ୍ଷ | ମୁଶଫିକର ରହିମ | ୫୦ ଲକ୍ଷ |
| ଅଞ୍ଜୁ ରାୱତ୍ | ୨୦ ଲକ୍ଷ | କୁଶଲ ପେରେରା | ୭୫ ଲକ୍ଷ |
| କେ.ଏସ୍. ଭରତ | ୨୦ ଲକ୍ଷ | ଗ୍ଲେନ ଫିଲିପ୍ସ | ୫୦ ଲକ୍ଷ |
| ଅରୁନ କାର୍ତ୍ତିକ | ୨୦ ଲକ୍ଷ | ବିନୟ କୁମାର | ୫୦ ଲକ୍ଷ |
| ଅଙ୍କିତ୍ ଚୌଧୁରୀ | ୨୦ ଲକ୍ଷ | କେନ୍ ରିଚାର୍ଡସନ | ୧ କୋଟି |
| ଈଶାନ ପୋରେଲ | ୨୦ ଲକ୍ଷ | ଅଭିମନ୍ୟୁ ମିଥୁନ | ୫୦ ଲକ୍ଷ |
| ରଜନୀଶ ଗୁର୍ବାନୀ | ୨୦ ଲକ୍ଷ | ମର୍ନ ମୋର୍କେଲ | ୧.୫ କୋଟି |
| | | ଡେଲ ଷ୍ଟେଇନ୍ | ୧.୫ କୋଟି |

# ସିରିଜ ବରାବର୍ କଲା ଅଷ୍ଟ୍ରେଲିଆ

**ପର୍ଥ ଟେଷ୍ଟରେ ଭାରତ ପରାସ୍ତ**

**ପର୍ଥ, ୧୮।୧୨(ପି.ଟି.)**

ଘରୋଇ ଅଷ୍ଟ୍ରେଲିଆ ବିପକ୍ଷରେ ଏଠାରେ ଅନୁଷ୍ଠିତ ୨ୟ ଟେଷ୍ଟ ମ୍ୟାଚ୍‌ରେ ଭାରତ ୧୪୬ ରନରେ ଶୋଚନୀୟ ପରାଜୟବରଣ କରିଛି। ଅଷ୍ଟ୍ରେଲିଆ ପକ୍ଷରୁ ଧାର୍ଯ୍ୟ ୨୮୭ ରନର ଚ୍ୟାଲେଞ୍ଜିଂପୂର୍ଣ୍ଣ ଟାର୍ଗେଟ୍‌କୁ ପିଛା କରି ବିରାଟ ବାହିନୀ ମଙ୍ଗଳବାର ଅନ୍ତିମ ତଥା ୫ମ ଦିବସରେ ୧୪୦ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଏହି ବିଜୟ ସହ ଅଷ୍ଟ୍ରେଲିଆ ୪ ମ୍ୟାଚ୍‌ବିଶିଷ୍ଟ ସିରିଜକୁ ୧-୧ରେ ବରାବର୍ ସ୍ତରକୁ ଆଣିଛି। ମ୍ୟାଚ୍‌ରେ ମୋଟ୍ ୮ଟି ଉଇକେଟ୍ ନେଇଥିବା ସ୍ପିନର ନାଥନ ଲିୟନଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଛି। ସିରିଜର ୩ୟ ମ୍ୟାଚ୍ ୨୬ରୁ ମେଲବୋର୍ନରେ ଆରମ୍ଭ ହେବ। ପୂର୍ବରୁ ଭାରତ ପ୍ରଥମ ମ୍ୟାଚ୍‌କୁ ୩୧ ରନରେ ଜିତିନେଇଥିଲା।

୨୮୭ ରନର ଲକ୍ଷ୍ୟକୁ ପିଛା କରିଥିବା ଭାରତୀୟ ଦଳ ସୋମବାର ଖେଳ ଶେଷ ସୁଦ୍ଧା ଲୋକେଶ ରାହୁଲ (୦), ମୁରଲୀ ବିଜୟ (୨୦), ଚେତେଶ୍ୱର ପୂଜାରା (୪), ବିରାଟ କୋହଲି (୧୭) ଓ ଅଜିଙ୍କ୍ୟ ରାହାନେ (୩୦)ଙ୍କ ଉଇକେଟ ହରାଇ ୧୧୨ ରନ କରିଥିଲା। ବିଜୟ ପାଇଁ ଭାରତ ମଙ୍ଗଳବାର ଅନ୍ତିମ ଦିନରେ ବଳକା ୫ ଉଇକେଟ୍‌ରେ ଆଉ ୧୭୫ ରନ ଆବଶ୍ୟକ କରୁଥିଲା। ଯେହେତୁ ଦଳର ଶୀର୍ଷକ୍ରମର ୫ ବ୍ୟାଟ୍ସମ୍ୟାନ ପ୍ୟାଭିଲିୟନ ଫେରିଯାଇଥିଲେ ତେଣୁ ପର୍ଥର ଏହି ଫାଷ୍ଟ ଓ ବାଉନ୍ସି ପିଚ୍‌ରେ ଭାରତ ଏହି ଲକ୍ଷ୍ୟ ହାସଲ କରିବା ଆଶା କ୍ଷୀଣ ରହିଥିଲା। ପଞ୍ଚମ ଦିବସରେ ଭାରତ ପୂର୍ବଦିନର ଅସମାପ୍ତ ସ୍କୋରରେ ଆଉ ୨୮ ରନ ଯୋଗ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦୁଇ ଅପରାଜିତ ସ୍ପେଶାଲିଷ୍ଟ ବ୍ୟାଟ୍ସମ୍ୟାନ ହନୁମା ବିହାରୀ ଓ ଋଷଭ ପନ୍ତ ମଧ୍ୟ ସେମିତି ଆଖିଦୃଶିଆ ପ୍ରଦର୍ଶନର ଛାପ ଛାଡ଼ିପାରି ନ ଥିଲେ। ବିହାରୀ ପୂର୍ବଦିନର ସ୍କୋରରେ ଆଉ ୪ ରନ ଯୋଗ କରି ୨୮ ରନରେ ଆଉଟ୍ ହୋଇଥିଲେ। ସେହିଭଳି ପନ୍ତ ୩୦ ରନ କରି ଲିୟନଙ୍କ ଶିକାର ବନିଥିଲେ। ଇଶାନ୍ତ ଶର୍ମା, ମହମ୍ମଦ ସାମି ଓ ଯଶପ୍ରୀତ୍ ବୁମ୍‌ରା ଖାତା ଖୋଲିପାରି ନ ଥିଲେ। ଭାରତ ତା'ର ଅନ୍ତିମ ୬ଟି ଉଇକେଟ୍ ୪୨ ରନରେ ହରାଇଥିଲା। ଘରୋଇ ଦଳ ପକ୍ଷରୁ ମିଚେଲ ଷ୍ଟାର୍କ ଓ ଲିୟନ ୩ଟି ଲେଖାଏ ଏବଂ ଜୋଶ୍ ହାଜେଲଉଡ୍ ଓ ପ୍ୟାଟ୍ କ୍ୟୁମିନ୍ସ ୨ଟି ଲେଖାଏ ଉଇକେଟ୍ ନେଇଥିଲେ। ଚଳିତ ବର୍ଷ ପ୍ରାରମ୍ଭରେ ଦକ୍ଷିଣ ଆଫ୍ରିକାରେ ହୋଇଥିବା ବହୁଚର୍ଚ୍ଚିତ

### ସଂକ୍ଷିପ୍ତ ସ୍କୋର

- ଅଷ୍ଟ୍ରେଲିଆ ପ୍ରଥମ ଇନିଂସ- ୩୨୬ରେ ଅଲ୍‌ଆଉଟ୍
- ଭାରତ ପ୍ରଥମ ଇନିଂସ- ୨୮୩ ଅଲ୍‌ଆଉଟ୍
- ଅଷ୍ଟ୍ରେଲିଆ ୨ୟ ଇନିଂସ- ୨୪୩ ଅଲ୍‌ଆଉଟ୍
- ଭାରତ ୨ୟ ଇନିଂସ- ୧୪୦ ଅଲ୍‌ଆଉଟ୍ (ମୁରଲୀ ବିଜୟ ୨୦, ଅଜିଙ୍କ୍ୟ ରାହାନେ ୩୦, ହନୁମା ବିହାରୀ ୨୮, ଋଷଭ ପନ୍ତ ୩୦, ଲିୟନ ୩/୩୯)



ମ୍ୟାଚ୍ ଶେଷ ହେବା ପରେ ଦୁଇ ଦଳର ଅଧିନାୟକ ଟିମ୍ ପେନ୍ ଓ ବିରାଟ କୋହଲୀ କରମର୍ଦ୍ଦନ କରୁଛନ୍ତି।

## ପର୍ଥ ହାଇଲାଇଟ୍ସ....

- ଭାରତର ପ୍ରଥମ ଇନିଂସରେ ବିରାଟ କୋହଲି ୧୨୩ ରନର ଶତକୀୟ ଇନିଂସ ଖେଳିଥିଲେ। ଏହା ତାଙ୍କ ଟେଷ୍ଟ କ୍ୟାରିୟରର ୨୫ତମ ଶତକ ଥିଲା। ସେହିଭଳି ଚଳିତ ବର୍ଷ କୋହଲିଙ୍କ ଏହା ୧୧ତମ ଅନ୍ତର୍ଜାତୀୟ ଶତକ। ଗତବର୍ଷ ମଧ୍ୟ କୋହଲି ୧୧ ଶତକ ଅର୍ଜନ କରିଥିଲେ। ଆଉ ଗୋଟିଏ ଶତକ କଲେ କୋହଲି କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକର (୧୨)ଙ୍କ ସହ ସମକକ୍ଷ ହେବେ।
- ଚଳିତ ବର୍ଷ ବିଦେଶ ମାଟିରେ ଭାରତର ଏହା ୭ମ ଟେଷ୍ଟ ପରାଜୟ। ସେହିଭଳି ୨୦୦ରୁ ଊର୍ଦ୍ଧ୍ୱ ରନ ଚେଜ୍ କରୁଥିବାବେଳେ ଗତ ୧୦ ବର୍ଷ ମଧ୍ୟରେ ଭାରତର ଏହା ତ୍ରୟୋଦଶ ପରାଜୟ।
- ଅଷ୍ଟ୍ରେଲିଆର ୨ୟ ଇନିଂସରେ ମହମ୍ମଦ ସାମି ୬ଟି ଉଇକେଟ୍ ନେବା ସହ ଚଳିତ ବର୍ଷ ଟେଷ୍ଟ ଉଇକେଟ୍ ସଂଖ୍ୟାକୁ ୪୪ରେ ପହଞ୍ଚାଇଛନ୍ତି।
- ଇଶାନ୍ତ ଶର୍ମା (୨୦୧୧ରେ)ଙ୍କ ପରେ ପ୍ରଥମ ଭାରତୀୟ ଦ୍ରୁତ ବୋଲର ଭାବେ ସାମି ୪୦ରୁ ଊର୍ଦ୍ଧ୍ୱ ଉଇକେଟ୍ ନେବାରେ ସଫଳ ହୋଇଛନ୍ତି।
- ଲୋକେଶ ରାହୁଲ ଶେଷ ୧୧ଟି ଟେଷ୍ଟ ଇନିଂସରୁ ୭ଥର ବୋଲ୍ଡ ହୋଇଛନ୍ତି। ରାହୁଲ ଏଥିସହ ଗୋଟିଏ ଟେଷ୍ଟର ଉଭୟ ଇନିଂସରେ ବୋଲ୍ଡ ହେବାରେ ଏହା ୩ୟ ଘଟଣା। କିମ୍ବଦନ୍ତୀ କ୍ରିକେଟର ସୁନୀଲ ଗାଭାସ୍କରଙ୍କ ସହ ରାହୁଲ ସମକକ୍ଷ ହୋଇଛନ୍ତି। ଗାଭାସ୍କର ମଧ୍ୟ ୩ଟି ଟେଷ୍ଟର ଉଭୟ ଇନିଂସରେ ବୋଲ୍ଡ ହୋଇଛନ୍ତି।
- ନାଥନ ଲିୟନ ଅନ୍ତର୍ଜାତୀୟ କ୍ରିକେଟରେ ୭ମଥର ଲାଗି ବିରାଟ କୋହଲିଙ୍କୁ ଆଉଟ୍ କରିଛନ୍ତି। ସେହିଭଳି ଅଷ୍ଟ୍ରେଲିଆ ମାଟିରେ ଭାରତ ବିପକ୍ଷରେ ସର୍ବାଧିକ ଟେଷ୍ଟ ଉଇକେଟ୍ ନେବାରେ ଲିୟନ ଦ୍ରୁତ ବୋଲର ବ୍ରେଟ୍ ଲି'ଙ୍କ ସହ ସମକକ୍ଷ ହୋଇଛନ୍ତି। ଉଭୟ ୪୫ଟି ଲେଖାଏ ଉଇକେଟ୍ ନେଇଛନ୍ତି।

## ଇଶାନ୍ତ-ଜାଡେଜା କଥା କଟାକଟି

ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଘରୋଇ ଅଷ୍ଟ୍ରେଲିଆ ବିପକ୍ଷରେ ପର୍ଥରେ ଅନୁଷ୍ଠିତ ୨ୟ ଟେଷ୍ଟ ମ୍ୟାଚ୍‌କୁ ୧୪୬ ରନର ବୃହତ ବ୍ୟବଧାନରେ ହାରିଯାଇଛି। ତେବେ ଏହି ମ୍ୟାଚ୍ ଅବସରରେ ଭାରତର ଦୁଇ ବରିଷ୍ଠ ଖେଳାଳି ଇଶାନ୍ତ ଶର୍ମା ଓ ରବୀନ୍ଦ୍ର ଜାଡେଜାଙ୍କ ମଧ୍ୟରେ କଥା କଟାକଟି ହୋଇଥିବାର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଘୂରି ବୁଲୁଛି। ପରାଜୟ ଗ୍ଲାନିଠାରୁ ଇଶାନ୍ତ ଓ ଜାଡେଜାଙ୍କ ମଧ୍ୟରେ ହୋଇଥିବା ଏହି ବିବାଦୀୟ ଘଟଣା ଏବେ ଭାରତୀୟ କ୍ରିକେଟପ୍ରେମୀଙ୍କୁ ନିରାଶ କରିଛି। ଭାରତୀୟ ଡ୍ରେସିଂ ରୁମ୍‌ରେ ଖେଳାଳିଙ୍କ ମଧ୍ୟରେ ବର୍ତ୍ତମାନ କିଛି ଠିକ୍‌ଠାକ୍ ଚାଲିନାହିଁ ବୋଲି ପୁଣିଥରେ ଆଲୋଚନା ହେଉଛି। ମ୍ୟାଚ୍‌ର ୪ର୍ଥ ଦିବସରେ ଡ୍ରିଙ୍କ୍ସ ବ୍ରେକ୍ ସମୟରେ ଏହି ଘଟଣା ଦେଖିବାକୁ ମିଳିଥିଲା। ବଦଳ ଖେଳାଳିଭାବେ ପଡ଼ିଆକୁ ପ୍ରବେଶ କରିଥିବା ଜାଡେଜା ଓ ଇଶାନ୍ତ ପରସ୍ପରକୁ ଆଙ୍ଗୁଠି ଦେଖାଇ ଯୁକ୍ତିତର୍କ କରୁଥିବା ଜଣାପଡ଼ିଥିଲା। ଏହା ପ୍ରାୟ ୯୦ ସେକେଣ୍ଡ ପର୍ଯ୍ୟନ୍ତ ଚାଲିଥିଲା। ତେବେ କେଉଁ କଥାକୁ ନେଇ ଉଭୟେ ଯୁକ୍ତିତର୍କ କରୁଥିଲେ ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇପାରିନାହିଁ। ଡ୍ରିଙ୍କ୍ସ ନେଇ ପଡ଼ିଆ ମଧ୍ୟକୁ ଯାଇଥିବା କୁଳଦୀପ ଯାଦବ ଏବଂ ଅନ୍ୟତମ ବରିଷ୍ଠ ଖେଳାଳି ମହମ୍ମଦ ସାମି ଘଟଣା ସ୍ଥଳରେ ପହଞ୍ଚି ଉଭୟଙ୍କୁ ଅଲଗା କରିନେବା ପରେ ଏହାର ଅନ୍ତ ଘଟିଥିଲା। ସିରିଜର ଅଫିସିଆଲ ବ୍ରଡ୍‌କାଷ୍ଟର ଏହି ଦୃଶ୍ୟକୁ ଉତ୍ତୋଳନ କରିବାର ସୁଯୋଗ ହାତଛଡ଼ା କରି ନ ଥିଲା। ସେହିଭଳି ଚ୍ୟାନେଲ-୭ ପାଇଁ ଭାଷ୍ୟକାର ଦାୟିତ୍ୱ ତୁଲାଉଥିବା ପ୍ରାକ୍ତନ କ୍ରିକେଟର ରିକି ପଣ୍ଟିଂ ମଧ୍ୟ ଏହି ଘଟଣାକୁ ନୋଟିସ୍ କରିଥିଲେ।


“ଭାରତ ଯଦି ଅବଶିଷ୍ଟ ଟେଷ୍ଟ ମ୍ୟାଚ ନ ଜିତେ ତେବେ ଅଧିନାୟକ ଏବଂ କୋଚ୍ ଭାବେ କୋହଲି ଏବଂ ଶାସ୍ତ୍ରୀଙ୍କ ଭୂମିକାର ସମୀକ୍ଷା ଆବଶ୍ୟକ।

-ସୁନୀଲ ଗାଭାସ୍କର, କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ



“ପର୍ଥ ଟେଷ୍ଟ ପାଇଁ ଦଳରେ ଏକ ସ୍ପିନରଙ୍କୁ ନେବା କଥା ଚିନ୍ତା କରାଯାଇ ନ ଥିଲା। ଭାରତର ୪ ଜଣ ପେସ୍ ବୋଲର ଯଥେଷ୍ଟ ବୋଲି ମୋ ଦୃଢ ବିଶ୍ୱାସ ଥିଲା।

-ବିରାଟ କୋହଲି, ଭାରତୀୟ କ୍ରିକେଟ ଅଧିନାୟକ



## ସଂକ୍ଷେପରେ

### ଆଇପିଏଲ୍‌ରେ ଜାହିରଙ୍କୁ ନୂଆ ଦାୟିତ୍ୱ

ମୁମ୍ବାଇ, ୧୮।୧୨(ପି.ଟି.) ତିନିଥର ଆଇପିଏଲ୍ ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ମଙ୍ଗଳବାର ପ୍ରାକ୍ତନ ଦ୍ରୁତ ବୋଲର ଜାହିର ଖାଁଙ୍କୁ ଦଳର ନିର୍ଦ୍ଦେଶକ (କ୍ରିକେଟ ଅପରେଶନ) ଭାବେ ନିଯୁକ୍ତ କରିଛି। ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଏହାର ୱେବସାଇଟ୍‌ରେ ଏହି ଖବର ଉଲ୍ଲେଖ କରାଯାଇଛି। ପୁଣିଥରେ ମୁମ୍ବାଇ ଫ୍ରାଞ୍ଚାଇଜକୁ ପ୍ରତ୍ୟାବର୍ତ୍ତନ କରିଥିବାରୁ ଜାହିର ମଧ ସୋସିଆଲ ମିଡିଆ ମାଧମରେ ନିଜର ଖୁସି ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ୪୦ ବର୍ଷୀୟ ଜାହିର ଏଥିପୂର୍ବରୁ ୨୦୦୯, ୨୦୧୦ ଓ ୨୦୧୪ରେ ମୁମ୍ବାଇ ଦଳ ପକ୍ଷରୁ ୩୦ଟି ମ୍ୟାଚ୍‌ରେ ପ୍ରତିନିଧିତ୍ୱ କରି ୨୯ଟି ଉଇକେଟ୍ ନେଇଥିଲେ। ସେ ମଧ ଦିଲ୍ଲୀ ଡେୟାରଡେଭିଲ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ପକ୍ଷରୁ ଆଇପିଏଲ୍ ଖେଳିଛନ୍ତି।

### ମୋରିନୋ ବହିଷ୍କୃତ

**ମାଞ୍ଚେଷ୍ଟର, ୧୮।୧୨ (ଏଏଫ୍‌ପି):** ସିଜନରେ ଦଳର ଖରାପ ଆରମ୍ଭ ପାଇଁ ମାଞ୍ଚେଷ୍ଟର ୟୁନାଇଟେଡ ଏହାର ମ୍ୟାନେଜର ଜୋସ୍ ମୋରିନୋଙ୍କୁ ତାଙ୍କ ପଦବୀରୁ ବହିଷ୍କୃତ କରିଛି। ଦଳ ୩୦ ବର୍ଷ ମଧରେ ଏଭଳି ଖରାପ ପ୍ରଦର୍ଶନ କରି ନ ଥିଲା। ୫୫ ବର୍ଷୀୟ ପର୍ତ୍ତୁଗାଲର ମୋରିନୋ ମାଞ୍ଚେଷ୍ଟର ୟୁନାଇଟେଡ ସହିତ ୩ ବର୍ଷିଆ ଚୁକ୍ତି କରିଥିଲେ। ମାତ୍ର ତାଙ୍କୁ ଅଢେଇବର୍ଷ ପରେ ବିଦା ହେବାକୁପଡ଼ିଛି। ଚଳିତ ପ୍ରିମିୟର ଲିଗ୍‌ରେ ମୋରିନୋଙ୍କ ଅଧୀନରେ ମାଞ୍ଚେଷ୍ଟର ଏହାର ଶେଷ ମ୍ୟାଚ ଟେବୁଲ ଲିଡର ଲିଭରପୁଲ ସହିତ ଖେଳିଥିଲା। ଏଥିରେ ଦଳ ୧-୩ରେ ପରାସ୍ତ ହୋଇଥିଲା। ଏହି ପରାଜୟ ଦ୍ୱାରା ମାଞ୍ଚେଷ୍ଟର ପଏଣ୍ଟ ଟେବୁଲରେ ଲିଭରପୁଲ୍‌ଠାରୁ ୧୯ ପଏଣ୍ଟ ପଛରେ ରହିଛି। ମୋରିନୋ ଏହା ପୂର୍ବରୁ ନେତୃତ୍ୱରେ ଚେଲ୍‌ସି ଦଳର ମ୍ୟାନେଜର ଥିଲେ। ଏହି ଦଳକୁ ଟାଇଟଲ ଜିତାଇବାର କିଛି ମାସ ପରେ ସେ ବହିଷ୍କୃତ ହୋଇଥିଲେ।

# ପଦ୍ମିନୀଙ୍କୁ ଟାଇଟଲ୍

## ଏସିଆନ କଣ୍ଟିନେଣ୍ଟାଲ ଚେସ୍

ଭୁବନେଶ୍ୱର, ୧୮।୧୨(କ୍ରୀଡ଼ା ପ୍ରତିନିଧି)

ଫିଲିପାଇନ୍ସର ମାକାତିଠାରେ ମଙ୍ଗଳବାର ଉଦ୍‌ଯାପିତ ଏସିଆନ କଣ୍ଟିନେଣ୍ଟାଲ ଚେସ୍‌ର ମହିଳା ବିଭାଗରେ ଓଡ଼ିଶା ଅନ୍ତର୍ଜାତୀୟ ମାଷ୍ଟର(ଆଇଏମ୍) ପଦ୍ମିନୀ ରାଉତ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୯ ରାଉଣ୍ଡ ବିଶିଷ୍ଟ ଟୁର୍ନାମେଣ୍ଟରେ ସେ ୭ ପଏଣ୍ଟ ସହ ଶୀର୍ଷସ୍ଥାନ ହାସଲ କରିଛନ୍ତି। ଏଥିସହ ୨୪ ବର୍ଷୀୟା ପଦ୍ମିନୀ ୨୦୨୦ରେ ହେବାକୁଥିବା ମହିଳା ବିଶ୍ୱ ଚେସ୍ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ସିଙ୍ଗାପୁରର ଗୋଙ୍ଗ କ୍ୱିଆନୟୁନ ୭ ପଏଣ୍ଟ ପାଇଥିଲେ ହେଁ ବୁକୋଲଜରେ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ଭିଏତନାମର ଫାମ୍ ଲି ଥାଓ ନାଗୁଏନ ୬.୫ ପଏଣ୍ଟ ପାଇ ବ୍ରୋଞ୍ଜ ପଦକ ଅର୍ଜନ କରିଛନ୍ତି। ୨୩୪୫ ରେଟିଂପ୍ରାପ୍ତ



ପଦ୍ମିନୀ ରାଉତ

ପଦ୍ମିନୀ ଟୁର୍ନାମେଣ୍ଟରେ ଅପରାଜେୟ ରହି ବାଜି ମାରିଥିଲେ। ସେ ୫ଟି ମ୍ୟାଚ ଜିତିଥିବାବେଳେ ୪ଟି ମ୍ୟାଚ ଡ୍ର ରଖିଥିଲେ। ୮ମ ର୍ୟାଙ୍କ୍‌ରୁ ଖେଳ ଆରମ୍ଭ କରିଥିବା ଏହି ଓଡ଼ିଆ ଆଇଏମ୍ ପ୍ରଥମ ରାଉଣ୍ଡରେ ଫିଲିପାଇନ୍ସର ଗାଲାସ ବେର୍ନାଟେଡ୍(୨୧୦୦) ଓ ଦ୍ୱିତୀୟ ରାଉଣ୍ଡରେ ଚାଇନାର ଲି ୟୁନ୍‌ସାନ୍(୨୧୯୬)ଙ୍କୁ ହରାଇ ଅଭିଯାନ ଆରମ୍ଭ କରିଥିଲେ। ତୃତୀୟ ରାଉଣ୍ଡରେ ଚାଇନାର ଝୁ ଜିନେର(୨୪୦୯)ଙ୍କ ସହିତ ମ୍ୟାଚ ଡ୍ର ରଖିଥିବା ପଦ୍ମିନୀ ୪ର୍ଥ, ୫ମ ଓ ୬ଷ୍ଠ ରାଉଣ୍ଡରେ ଯଥାକ୍ରମେ ଭିଏତ୍‌ନାମର ଭୋ ଥି କିମ୍ ଫୁଙ୍ଗ୍(୨୩୫୨), ମଙ୍ଗୋଲିଆ ମହିଳା ଫିଡେ ମାଷ୍ଟର ମୁଙ୍ଖଜୁଲ ତୁର୍ମୁଙ୍ଖ(୨୨୫୫) ଓ ସିଙ୍ଗାପୁର ମହିଳା ଗ୍ରାଣ୍ଡମାଷ୍ଟର ଗଙ୍ଗ କ୍ୱିଆନୟୁନ(୨୩୧୨)ଙ୍କୁ ପରାସ୍ତ କରିଥିଲେ। ୭ମ ରାଉଣ୍ଡରେ ଚାଇନା ଅନ୍ତର୍ଜାତୀୟ ମାଷ୍ଟର ଗୁଓ କ୍ୱି(୨୩୬୮), ୮ମ ରାଉଣ୍ଡରେ ଭିଏତ୍‌ନାମ ଅନ୍ତର୍ଜାତୀୟ ମାଷ୍ଟର ଫାମ୍ ଲି ଥାଓ ନାଗୁଏନ(୨୩୬୩) ଓ ୯ମ ତଥା ଅନ୍ତିମ ରାଉଣ୍ଡରେ ଚାଇନା ମହିଳା ଗ୍ରାଣ୍ଡମାଷ୍ଟର ୱାଙ୍ଗ୍ ଜୁଇ(୨୩୬୭)ଙ୍କ ସହ ମ୍ୟାଚ ଡ୍ର ରଖି ପ୍ରତିଯୋଗିତା ଶେଷ କରିଥିଲେ। ଏହି ଚାମ୍ପିୟନଶିପ୍‌ରେ ପଦ୍ମିନୀଙ୍କୁ ୨୦.୨ ପଏଣ୍ଟର ଫାଇଦା ହୋଇଛି। ପଦ୍ମିନୀ ପୂର୍ବରୁ ୨୦୦୮ରେ ବିଶ୍ୱ ୧୪ ବର୍ଷରୁ କମ୍ ବାଳିକା ଚେସ୍ ଟାଇଟଲ ଜିତିଥିଲେ। ୨୦୧୦ରେ ସେ ୧୯ ବର୍ଷରୁ କମ୍ ବିଭାଗରେ ଭାରତୀୟ ଜୁନିୟର ବାଳିକା ଚେସ୍ ଚାମ୍ପିୟନ ହୋଇଥିଲେ। ଏହା ବ୍ୟତୀତ ସେ ଉଭୟ ଏସିଆନ ଏବଂ ବିଶ୍ୱ ଜୁନିୟର ଚେସ୍ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ୨୦୦୭ରେ ସେ ବିଜୁପଟ୍ଟନାୟକ କ୍ରୀଡ଼ା ପୁରସ୍କାର ଏବଂ ୨୦୦୯ରେ ଏକଲବ୍ୟ ପୁରସ୍କାର ପାଇଥିଲେ।

# ଚାମ୍ପିୟନ ଓଡ଼ିଶା ଫୁଟବଲ ଦଳର ପ୍ରତ୍ୟାବର୍ତ୍ତନ

କଟକ ଅଫିସ,୧୮।୧୨

ଅରୁଣାଚଳ ପ୍ରଦେଶରେ ଅନୁଷ୍ଠିତ ସବ୍‌ଜୁନିୟର ବାଳକ ଫୁଟବଲ ଚାମ୍ପିୟନଶିପ୍‌ର ଟାଇଟଲ ବିଜୟୀ ଓଡ଼ିଶା ଦଳ ମଙ୍ଗଳବାର ପୂର୍ବାହ୍ନରେ ଓଡ଼ିଶା ଫେରିଛନ୍ତି। କଟକ ରେଳଷ୍ଟେଶନରେ ବିଜୟୀ ଦଳର ଖେଳାଳିମାନଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବା ସହ ଶୋଭାଯାତ୍ରାରେ ନିଆଯାଇଥିଲା। ରୟାଲ କ୍ଲବ, ଉଦୟ କ୍ଲବ, କିଶୋର କ୍ଲବ, କ୍ଲବ ଏନ କ୍ଲବ, ସାଇ ହଷ୍ଟେଲ ପ୍ରଭୃତି ସ୍ଥାନରେ ସମ୍ବର୍ଦ୍ଧିତ ମଧ କରାଯାଇଛି। ପରେ ବାରବାଟୀ ଷ୍ଟାଡିୟମ ପରିସରସ୍ଥ ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) କାର୍ଯ୍ୟାଳୟକୁ ପାଛୋଟି ନିଆଯାଇଥିଲା। ସୂଚନାଥାଉ କି, ରାଜ୍ୟ ପୁରୁଷ ଫୁଟବଲ ଦଳ ପ୍ରଥମ ଥର ନିମନ୍ତେ ଜାତୀୟ ଚାମ୍ପିୟନଶିପର ଟାଇଟଲ ବିଜୟୀ ହୋଇଛି। ଗତ ୧୫ ତାରିଖରେ ଖେଳାଯାଇଥିବା ପ୍ରତିଯୋଗିତାର ଫାଇନାଲ ମୁକାବିଲାରେ ସଡନଡେଥ୍ ପଦ୍ଧତିରେ ଘରୋଇ ଅରୁଣାଚଳ ପ୍ରଦେଶକୁ ହରାଇ ଓଡ଼ିଶା ଏହି ସଫଳତା ପାଇଥିଲା। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଫାଓ ଉପସଭାପତି ଭକ୍ତବଲ୍ଲଭ ଦାସ, ଯୁଗ୍ମ ସମ୍ପାଦକ ସଙ୍ଗୀତା ଶର୍ମା, ଅଭିଜିତ ପାଲଙ୍କ ସମେତ ବିଭିନ୍ନ କ୍ଲବର ବରିଷ୍ଠ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

■ ନ୍ୟାଶନାଲ ସ୍କୁଲ ଗେମ୍ସ ସନ୍ତରଣ

# ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ପ୍ରତ୍ୟାଶାଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର, ୧୮।୧୨(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶାର ପ୍ରତିଭା ସମ୍ପନ୍ନ ସନ୍ତରଣକାରୀ ପ୍ରତ୍ୟାଶା ରାୟ ବର୍ଷ ଶେଷରେ ଚମକପ୍ରଦ ପ୍ରଦର୍ଶନ କରିଛନ୍ତି। ଦିଲ୍ଲୀର ତାଲକୋଟ୍ରା ଷ୍ଟାଡିୟମରେ ଚାଲିଥିବା ୬୪ତମ ନ୍ୟାଶନାଲ ସ୍କୁଲ ଗେମ୍ସ ସନ୍ତରଣ ଚାମ୍ପିୟନଶିପ୍‌ର ମଙ୍ଗଳବାର ଅନୁଷ୍ଠିତ ୧୭ ବର୍ଷରୁ କମ୍ ବାଳିକା ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ସେ ସ୍ୱର୍ଣ୍ଣ ପଦକ(୧:୧୦.୫୭ ସେକେଣ୍ଡ) ହାସଲ କରିଛନ୍ତି। ଏହାକୁ ମିଶାଇ ସେ ପ୍ରତିଯୋଗିତାରେ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଅର୍ଜନ କରିଛନ୍ତି। ସୋମବାର ପ୍ରତ୍ୟାଶା ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ରୌପ୍ୟ ପଦକ ପାଇଥିଲେ। ସେ ୨:୩୪.୭୯ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ନ୍ୟାଶନାଲ ସ୍କୁଲ ଗେମ୍ସ ସନ୍ତରଣ ୧୪, ୧୭ ଓ ୧୯ ବର୍ଷରୁ କମ୍ ବର୍ଗରେ ଆୟୋଜନ ହେଉଛି। ବୁଧବାର ସେ ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ଭାଗନେବେ।

# ଜୟପୁରରେ ପ୍ରଥମଥର ରାଜ୍ୟ ସିନିୟର କରାଟେ

ଭୁବନେଶ୍ୱର, ୧୮।୧୨(କ୍ରୀଡ଼ା ପ୍ରତିନିଧି)

ରାଜ୍ୟ କରାଟେ ଚାମ୍ପିୟନଶିପ୍‌ର ୩୦ତମ ସଂସ୍କରଣ ପ୍ରଥମଥର ପାଇଁ କୋରାପୁଟ୍‌ର ଜୟପୁର ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହା ଚଳିତମାସ ୨୧ରୁ ୨୩ ପର୍ଯ୍ୟନ୍ତ ଆୟୋଜିତ ହେବ। ଜୟପୁରସ୍ଥିତ ଉତ୍କଳ କରାଟେ ସ୍କୁଲ ଦ୍ୱାରା ଏହି ପ୍ରତିଯୋଗିତା ଚେୟାରମ୍ୟାନ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜନ ହେବାକୁ ଯାଉଛି। ଉତ୍କଳ କରାଟେ ସ୍କୁଲ ଜୟପୁର ଶାଖାର ସମ୍ପାଦକ ଶ୍ରୀମୁନ ସିଂ ଲାଲ ଆୟୋଜକ କମିଟିର ସମ୍ପାଦକ ଥିବାବେଳେ କୋରାପୁଟ ଜିଲା ସମ୍ପାଦକ ଦୁର୍ଗା ପ୍ରସାଦ ରଥ ସହଯୋଗ କରିବେ। ୨୦୦ ପ୍ରତିଯୋଗୀ ଭାଗ ନେବାର ଥିବାରୁ ପ୍ରତିଯୋଗିତାର ସୁପରିଚାଳନା ପାଇଁ ୫୦ ଅଫିସିଆଲଙ୍କୁ ନିଯୁକ୍ତ କରାଯିବ ବୋଲି ମଙ୍ଗଳବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଉତ୍କଳ କରାଟେ ସ୍କୁଲ ମୁଖ୍ୟ ତଥା ରାଜ୍ୟ ଆସୋସିଏଶନ ସମ୍ପାଦକ ଡ. ହରିପ୍ରସାଦ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଏହି ପ୍ରତିଯୋଗିତାରୁ ଆଗାମୀ ଜାତୀୟ କରାଟେ ଚାମ୍ପିୟନଶିପ୍ ପାଇଁ ଖେଳାଳି ଚୟନ ହେବେ। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଚିତ୍ତରଞ୍ଜନ ସ୍ୱାଇଁ, ଗୌରୀ ମହାନ୍ତି, ପ୍ରଦୀପ ସରକାର, ହିମାଂଶୁ ଶେଖର ଦାସ ପ୍ରମୁଖ ଉପସ୍ଥିତ ଥିଲେ।




ଧରିତ୍ରୀ
DHARITRI



# ବର୍ଷାରେ ଚାଲିଲା ମଦବିରୋଧୀ ଆନ୍ଦୋଳନ

## ପ୍ରତିଶ୍ରୁତି ପରେ ହଟିଲା

ପଦ୍ମପୁର,୧୮।୧୨(ଡ଼ି.ଏନ.ଏ)

୨ ଦିନ ଧରି ପଦ୍ମପୁର ବ୍ଲକ ଅଫିସ ସମ୍ମୁଖରେ ଚାଲିଥିବା ମହିଳାଙ୍କ ମଦରୋଧୀ ଆନ୍ଦୋଳନ ମଙ୍ଗଳବାର ହଟିଛି। ମଦ ବ୍ୟବସାୟୀଙ୍କୁ ଗିରଫ କରିବା ଓ ଅନ୍ୟ ଦାବି ପୂରଣ ନେଇ ପ୍ରଶାସନ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକାରୀ ମାନେ ଧାରଣାରୁ ହଟିଛନ୍ତି ।


ପ୍ରଶାସନ ଅଧିକାରୀ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରୁଛନ୍ତି ।

ସୋମବାର ପଦ୍ମପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ପ୍ରଶାସନର ଜନଶୁଣାଣି କାର୍ଯ୍ୟକ୍ରମ ଚାଲିଥିଲା। ଏହି ସମୟରେ ପଦ୍ମପୁର ବ୍ଲକ ଖିଲାପଦର ପଞ୍ଚାୟତ ଓ ରାମନାଗୁଡ଼ା ବ୍ଲକ ଭାମିନୀ ପଞ୍ଚାୟତର ଶତାଧିକ ମହିଳା ମଦ ବ୍ୟବସାୟୀଙ୍କୁ ଗିରଫ ଓ ଆଇଆଇସିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଧାରଣା ଦେଇଥିଲେ । ସେମାନେ ଅଭିଯୋଗ କରିଥିଲେ ଯେ, ଗତ ୯ ତାରିଖରେ ତଳଡ଼ାକଶିକୁଲାରେ ବେଆଇନ ମଦ କାରବାରରେ ସମ୍ପୃକ୍ତ ଥିବା ଅନନ୍ତ ଶବରଙ୍କୁ ୮୦ ଲିଟର ମଦ ସହ ଧରି ପୋଲିସ ଜିମା ଦେଇଥିଲେ। ପୋଲିସ ତାଙ୍କୁ ଥାନାକୁ ନେଇଥିଲେ ମଧ୍ୟ କୋର୍ଟ ଚାଲାଣ କରିବା ପରିବର୍ତ୍ତେ ଛାଡ଼ି ଦେଇଥିଲା । ସମ୍ବିଧାନିକ ପଦବୀର ଅପବ୍ୟବହାରକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ଦାବି କରିଥିଲେ । ସୋମବାରଠାରୁ ବର୍ଷାରେ ମହିଳାମାନେ ଆନ୍ଦୋଳନ ଚଳାଇଥିଲେ । ମଙ୍ଗଳବାର ଦିନ ତମାମ ଗୁଣପୁର ଭାରପ୍ରାପ୍ତ ଉପଜିଲାପାଳ ଗୋରାଚାନ୍ଦ ଗମାଙ୍ଗ, ବିଡ଼ିଓ ଅଗସ୍ତି ପ୍ରଧାନ, ତହସିଲଦାର ନୀଳମାଧବ ମାଝି, ଏଏସଆଇ କରୁଣାକର ରାଉତ,ଏସଡ଼ିପିଓ ଅଶ୍ୱିନୀ କୁମାର ନାୟକ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ତାଙ୍କ ଜିଦ୍‌ରେ ଅଟଳ ରହିଥିଲେ। ପରେ ସନ୍ଧ୍ୟାରେ ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପତିତପାବନ ଚୌଧୁରୀ ପହଞ୍ଚି ବୁଝାଶୁଝା କରିଥିଲେ। ମହିଳାମାନେ ଏକ ଦାବିପତ୍ର ଅତିରିକ୍ତ ଏସପିଙ୍କୁ ପ୍ରଦାନ କରିଥିଲେ । ପୋଲିସ ଅନନ୍ତଙ୍କୁ ଗିରଫ କରିଥିବା ବେଳେ ତଦନ୍ତ କରି ଆଇଆଇସିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ । ପରେ ମହିଳାମାନେ ଆନ୍ଦୋଳନରୁ ହଟିଥିଲେ । ଏଥିରେ ସାମାଜିକ କର୍ମୀ ବଳରାମ ପଣ୍ଡା,ମଦ ବିରୋଧୀ ଆନ୍ଦୋଳନର ନେତୃତ୍ୱ ନେଇଥିବା ଚିତ୍ରୁପା ଷଡ଼ଙ୍ଗୀ ଓ ପଦ୍ମପୁର ମଦବିରୋଧୀ ମହିଳା ସଂଘର ନେତ୍ରୀ ଶାନ୍ତିଲତା ଗମାଙ୍ଗ ସହ ବିଦ୍ୟାଧର ଶବର ପ୍ରମୁଖ ଉପସ୍ଥିତ ଥିଲେ ।







## ସ୍ମୃତି ସ୍ତମ୍ଭରେ ଶ୍ରଦ୍ଧାଞ୍ଜଳି

ଟିକିରି,୧୮।୧୨(ଡି.ଏନ୍.ଏ.)

କାଶିପୁର ବ୍ଲକ ମାଇକଞ୍ଚ ଗୁଳିକାଣ୍ଡର ୧୮ ବର୍ଷ ବିତିଲା। ପୋଲିସ ଗୁଳିରେ ମୃତ୍ୟୁବରଣ କରିଥିବା ରଘୁନାଥ ଝୋଡ଼ିଆ, ଅଭିଲାସ ଝୋଡିଆ ଏବଂ ଦାମୋଦର ଝୋଡିଆଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ସେମାନଙ୍କ ପରିବାର ଓ ଗ୍ରାମବାସୀ ମାଇକଞ୍ଚ ଏବଂ ବାଗରିଝୋଲାସ୍ଥିତ ସ୍ମୃତି ସ୍ତମ୍ଭଠାରେ ଏକତ୍ର ହୋଇ ପୋଷ୍ଟର ଲଗାଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଜନ ସଂଗଠନର କର୍ମକର୍ତ୍ତା ଯୋଗଦେଇ ଆଦିବାସୀଙ୍କ ଜଳ, ଜମି, ଜଙ୍ଗଲ ଅଧିକାର ଥାଇ ଜନ ଆନ୍ଦୋଳନକୁ ବ୍ୟାପକ କରିବାକୁ ଆହ୍ୱାନ କରିଥିଲେ । ଏଥିରେ ଶିବରାମ ନାୟକ, ଯୁଧିଷ୍ଠିର ବୋନିଆ, ନାଥ ଜାନି ପ୍ରକାଶ ଝୋଡିଆ, ଭଗବାନ ମାଝି ସୁନା ଝୋଡିଆଙ୍କ ସହିତ ଅନ୍ୟମାନେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ ଯେ, ୨୦୦୦ ଡିସେମ୍ବର ୧୬ ମାଇକଞ୍ଚଠାରେ ଜଳ, ଜମି, ଜଙ୍ଗଲ ଅଧିକାର ନେଇ ଲଢ଼େଇ କରୁଥିବା ଆଦିବାସୀ ଓ ପୋଲିସ ମଧ୍ୟରେ ମୁହାଁମୁହିଁ ହୋଇଥିଲା। ଏଥିରେ ଉକ୍ତ ୩ ଜଣଙ୍କ ମୃତ୍ୟୁ ହୋଇଥିଲା ।


ସ୍ମୃତି ସ୍ତମ୍ଭରେ ଶ୍ରଦ୍ଧାଞ୍ଜଳି ଦିଆଯାଉଛି ।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଇନ୍ଦ୍ରାବତୀ ବ୍ରାହ୍ମଣ ସମାଜର ବୈଠକ

ତେନ୍ତୁଳିଖୁଣ୍ଟି,୧୮।୧୨(ଡି.ଏନ.ଏ)- ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ଖାତିଗୁଡାସ୍ଥିତ ଦତ୍ତାତ୍ରେୟ ମନ୍ଦିର କଲ୍ୟାଣ ମଣ୍ଡପରେ ବ୍ରାହ୍ମଣ ସମାଜର ବୈଠକ ଅନୁଷ୍ଠିତ ହୋଇଯାଇଛି। ଇନ୍ଦ୍ରାବତୀ ବ୍ରାହ୍ମଣ ସମାଜର କାର୍ଯ୍ୟନିର୍ବାହୀ ପରିଷଦ ଗଠନ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ କୃଷ୍ଣ ଦାସ ଓ ରମଣୀ ରଞ୍ଜନ ତ୍ରିପାଠୀଙ୍କୁ ସର୍ବସମ୍ମତି କ୍ରମେ ସଭାପତି ଓ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ କରାଯାଇଥିଲା। ଉପସଭାପତି ଭାବେ ବିଜୟ କୁମାର ଗଣ୍ଡା, ଅଭିମନ୍ୟୁ ସାହୁ, ସହସମ୍ପାଦକ ଗୋବର୍ଦ୍ଧନ ସାହୁ, ପ୍ରିୟ ରଞ୍ଜନ ପାଢୀ, ସଂଗଠନ ସମ୍ପାଦକ ବୁଲୁ ସାହୁ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି। କାର୍ଯ୍ୟନିର୍ବାହୀ ପରିଷଦର ଯୋଗେଶ ସାହୁ, ପ୍ରସନ୍ନ ସାହୁ, ସୁଜିତ ପାଢୀ, ସର୍ବେଶ୍ୱର ପତି, ରମେଶ ପାଣି ମନୋନୀତ ହୋଇଥିଲେ। ଉପଦେଷ୍ଟା ମଣ୍ଡଳୀରେ ଅନନ୍ତ ପାଳ, ସନ୍ତୋଷ ଚୌଧୁରୀ ଓ କୁଳମଣି ମିଶ୍ର ମନୋନୀତ ହୋଇଥିଲେ। କାର୍ଯ୍ୟନିର୍ବାହୀ ପରିଷଦର ବୈଠକ ପ୍ରତ୍ୟେକ ମାସର ୨ୟ ଶନିବାର ଏବଂ ସାଧାରଣ ପରିଷଦର ବୈଠକ ୨ ମାସକୁ ଥରେ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା।

### ମାରୱାଡି ଯୁବାମଞ୍ଚ ତରଫରୁ କମ୍ବଳ ବଣ୍ଟନ

ପାପଡାହାଣ୍ଡି, ୧୮।୧୨(ଡି.ଏନ.ଏ)- ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ମାରୱାଡି ଯୁବାମଞ୍ଚ ତରଫରୁ ସୋମବାର କମ୍ବଳ ବଣ୍ଟନ କରାଯାଇଛି। ବ୍ଲକ ସଭାପତି କିଷନଲାଲ ଅଗ୍ରୱାଲ, ଜିଲା ସଂଯୋଜକ ଦିନଦୟାଲ ଜୈନ, ଦିନେଶ ଅଗ୍ରୱାଲ, ନିଖିଲ ଅଗ୍ରୱାଲ, ବିନୋଦ ଅଗ୍ରୱାଲ, ନରେଶ ଅଗ୍ରୱାଲ, ଜିଲାସ ଜୈନ ପ୍ରମୁଖ ସ୍ଥାନୀୟ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଓ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ମାଗଣା କମ୍ବଳ ବଣ୍ଟନ କରିଥିଲେ। ଏହି ଅବସରରେ ମୋଟ ୫୦ ଟି କମ୍ବଳ ବଣ୍ଟନ କରାଯାଇଥିଲା।

### ସଂକୁଳସ୍ତରୀୟ ବିଦ୍ୱତ୍ ପରିଷଦ ଆଲୋଚନାଚକ୍ର

ନବରଙ୍ଗପୁର,୧୮।୧୨(ଡି.ଏନ୍.ଏ.)- ଶିକ୍ଷା ବିକାଶ ସମିତି ନବରଙ୍ଗପୁର ସଙ୍କୁଳ ତରଫରୁ ସଂକୁଳ ସ୍ତରୀୟ ବିଦ୍ୱତ୍ ପରିଷଦ ଆଲୋଚନାଚକ୍ର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଦାରୁବ୍ରହ୍ମସାହିସ୍ଥିତ ଭବନରେ ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନାଚକ୍ରକୁ ବିଶିଷ୍ଟ ଶିକ୍ଷାବିତ୍, ନାଟ୍ୟକାର ଅବସରପ୍ରାପ୍ତ ଜିଲା ଶିକ୍ଷା ଅଧିକାରୀ ନବକିଶୋର ପଣ୍ଡା ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ଏହି ଆଲୋଚନାଚକ୍ରରେ ଶିକ୍ଷା ବିକାଶ ସମିତି ଦ୍ୱାରା ପ୍ରଦତ୍ତ ବ୍ୟକ୍ତିତ୍ୱ ବିକାଶ ଓ ଶିକ୍ଷା' ବିଷୟରେ ଆଲୋଚନା କରାଯାଇଥିଲା। ଏଥିରେ ସମୀକ୍ଷକ ଭାବରେ ଡ. ରାଧାନାଥ ବେହେରା ଓ ନାରାୟଣ ପଣ୍ଡା ଉପସ୍ଥିତ ରହି ସମୀକ୍ଷା କରିଥିଲେ। ଉକ୍ତ ଆଲୋଚନାଚକ୍ରକୁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିଚାଳନା ସମିତିର ଉପସଭାପତି ନିରଞ୍ଜନ ମିଶ୍ର ସଂଯୋଜନା କରିଥିଲେ। ଏହି ସଭାରେ ବିଶିଷ୍ଟ ଶିକ୍ଷାବିତ୍ ଶରତ ଚନ୍ଦ୍ର ଦାଶ, ବିମଳକିଶୋର ବେହେରା, ସରୋଜ କୁମାର ତ୍ରିପାଠୀ, ବିଜୟ କୁମାର ଚୌଧୁରୀ, ପର୍ଶୁରାମ ସାହୁ, ତ୍ରିଲୋଚନ ପଣ୍ଡା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଶିଶୁ ବିଦ୍ୟାମନ୍ଦିରର ସମ୍ପାଦକ ଶ୍ରୀଧର ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିଶୁ ମନ୍ଦିର ସଭାପତି ତ୍ରିଲୋଚନ ଦାସ, ସଂକୁଳ ପ୍ରମୁଖ ହରେକୃଷ୍ଣ ବିଷୋୟୀ,ସଂକୁଳ ସଂଯୋଜକ ହୃଷୀକେଶ ଦାଶ, ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ସହଯୋଗ କରିଥିଲେ।

### ଟ୍ରାକ୍ଟର ମାଲିକ ସଂଘ ବୈଠକ

ଚନ୍ଦାହାଣ୍ଡି, ୧୭।୧୨(ଡି.ଏନ.ଏ.)- ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ହନୁମାନ ମନ୍ଦିର ପରିସରରେ ଟ୍ରାକ୍ଟର ମାଲିକଙ୍କୁ ନେଇ ଏକ ଜରୁରୀ ବୈଠକ ଦିଲୀପ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଚନ୍ଦାହାଣ୍ଡି ବ୍ଲକରେ ଶହ ଶହ ଟ୍ରାକ୍ଟର ଥିବାବେଳେ ବାହାର ରାଜ୍ୟରୁ ଟ୍ରାକ୍ଟରମାନେ ଆସି କମ୍ ଦରରେ ବିଭିନ୍ନ କାର୍ଯ୍ୟ କରୁଥିବାରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ବାହାର ରାଜ୍ୟରେ ଟ୍ରାକ୍ଟର ପାଇଁ ଟ୍ୟାକ୍ସ ଫ୍ରି ଥିବାବେଳେ ଓଡିଶାରେ କୃଷି କାର୍ଯ୍ୟ କରୁଥିବା ଟ୍ରାକ୍ଟର ଉପରେ ଟ୍ୟାକ୍ସ ଦିଆଯାଉଥିବାରୁ ମାଲିକମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଆଗାମୀ ୩୦ତାରିଖରେ ଟ୍ରାକ୍ଟର ମାଲିକଙ୍କ ଏକ ମହାସମ୍ମିଳନୀ କରାଯାଇ କାର୍ଯ୍ୟକର୍ତ୍ତା ନିର୍ବାଚନ ସହ ଟାକ୍ଟର ଉପରେ ଟ୍ୟାକ୍ସ ଫ୍ରି କରିବା ପାଇଁ ସରକାରଙ୍କୁ ଅନୁରୋଧ କରାଯିବ ବୋଲି ମତପ୍ରକାଶ ପାଇଥିଲା। ବୈଠକରେ ରମେଶ ଚନ୍ଦ୍ର ଚୌହ୍ୱାନ, ସଦାରାମ ସିହ୍ନା, ଘନଶ୍ୟାମ କଟା, ପୂର୍ଣ୍ଣ ସାହୁ, ରମେଶ ଚନ୍ଦ୍ର ବାଘ, ରାଜୁଦଣ୍ଡ ସେନା, ଗଣେଶ୍ୱର ନାୟକ, ଲକ୍ଷ୍ମଣ ସାହୁ, ଲକ୍ଷ୍ମଣ ମାଝି, ଭୀଷ୍ମ ସୁନା, ଜୟସିଂ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

■ ଅବିଭକ୍ତ କୋରାପୁଟ ଜିଲାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ଦାବି

# ନବରଙ୍ଗପୁର ଜିଲାରେ ବନ୍ଦ ସଫଳ



ନବରଙ୍ଗପୁରଠାରେ ଆଇନଜୀବୀ ଓ ଅନ୍ୟମାନେ ରାସ୍ତାରୋକୋ କରିଛନ୍ତି ।



ଝରିଗାଁଠାରେ ଦୋକାନ ବଜାର ବନ୍ଦ ରହିଛି ।




ଡାବୁଗାଁଠାରେ ଆଇନଜୀବୀମାନେ ରାସ୍ତାରୋକୋ କରିଛନ୍ତି ।

ନବରଙ୍ଗପୁର/ଝରିଗାଁ/ଡାବୁଗାଁ/ତେନ୍ତୁଳିଖୁଣ୍ଟି/ଉମରକୋଟ/ଚନ୍ଦାହାଣ୍ଡି/କୋଷାଗୁମୁଡା/ପାପଡାହାଣ୍ଡି,୧୮।୧୨(ବି.ପ୍ର./ସ୍ୱ.ପ୍ର/ଡି.ଏନ.ଏ)

ଅବିଭକ୍ତ କୋରାପୁଟ ଜିଲାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ନେଇ ନବରଙ୍ଗପୁର ଜିଲା ଆଇନଜୀବୀ ସଂଘ ପକ୍ଷରୁ ଜିଲାରେ ମଙ୍ଗଳବାର ବନ୍ଦ ପାଳନ କରାଯାଇଛି। ନବରଙ୍ଗପୁର ସହର ସମେତ ୧୦ଟି ବ୍ଲକରେ ଦୋକାନ ବଜାର, ଗାଡି ଚଳାଚଳ, କୋର୍ଟ, ଶିକ୍ଷାନୁଷ୍ଠାନ, ବ୍ୟାଙ୍କ, ସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। ବନ୍ଦକୁ ସମସ୍ତ ସଙ୍ଗଠନ ପକ୍ଷରୁ ସହଯୋଗ ମିଳିଥିଲା।

ନବରଙ୍ଗପୁର ସହର ସ୍ଥାନୀୟ ଭଣ୍ଡାରଘରଣୀ ମନ୍ଦିର ଛକରେ ସଂଘର କର୍ମକର୍ତ୍ତା ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ନିଆଁ ଜାଳି ରାସ୍ତା ଅବରୋଧ କରାଯାଇଥିଲା। ଜିଲା ଆଇନଜୀବୀ ସଂଘର ସଭାପତି ନରସିଂହ ତ୍ରିପାଠୀ, ସମ୍ପାଦକ ରାମପ୍ରସାଦ ପାତ୍ର, ଉପସଭାପତି ହରିନାରାୟଣ ବେହେରା, ଯୁଗ୍ମ ସମ୍ପାଦକ ଦାମୋଦର ତ୍ରିପାଠୀ, କୋଷାଧ୍ୟକ୍ଷ ସୀମାଞ୍ଚଳ ପାତ୍ର, କେନ୍ଦ୍ରୀୟ କମିଟି ସଦସ୍ୟ ,ଏନ. ଅହମ୍ମଦ, ଅରବିନ୍ଦ ପଟ୍ଟନାୟକ, ସୂର୍ଯ୍ୟନାରାୟଣ ତ୍ରିପାଠୀ, ସମରେଶ ଗନ୍ତାୟତ, ଦେବୀ ପ୍ରସାଦ ସିଂ ପ୍ରମୁଖ ଉପସ୍ଥିତ ଥିଲେ। କଂଗ୍ରେସ ଜିଲା ସଭାପତି ମୁନା ତ୍ରିପାଠୀ, ଭାଜପା ଜିଲା ସମ୍ପାଦକ ମୃତ୍ୟୁଞ୍ଜୟ ଦାଶ, ବିଜେଡି ସାଧାରଣ ସମ୍ପାଦକ ଆଶିଷ ରଞ୍ଜନ ପଟ୍ଟନାୟକ, ନବରଙ୍ଗପୁର ବିଧାୟକ ମନୋହର ରନ୍ଧାରୀ, ସମସ୍ତ ସାମ୍ବାଦିକ ସଂଘ, ଅବିଭକ୍ତ କୋରାପୁଟ ଜିଲା ମୂଳ ନିବାସୀ ବିକାଶ ପରିଷଦର ଅଧ୍ୟକ୍ଷ ଚନ୍ଦ୍ର ଧ୍ୱଜ ମାଝୀ ପ୍ରମୁଖ ସାମିଲ ହୋଇ ସମର୍ଥନ ଜଣାଇଥିଲେ।

### ସମସ୍ତ ସଙ୍ଗଠନ ପକ୍ଷରୁ ମିଳିଲା ସମର୍ଥନ

ନବରଙ୍ଗପୁର ଜିଲା ଜନଜାତି ସୁରକ୍ଷା ମଞ୍ଚ ପକ୍ଷରୁ ଆମ୍ବେଦକର ଛକଠାରେ ସମ୍ପାଦକ ରତନ ମାଝୀ, ଉପଦେଷ୍ଟା ଦିବାକର ପୂଜାରୀ, ସହୀଦ ଲକ୍ଷ୍ମଣ ନାୟକ ସେବା ସଂଘର ସାଧାରଣ ସମ୍ପାଦକ ଝିଟ୍ରୁ ଜାନୀ, ମନଧର ଭଣ୍ଡାରୀ, କୋଷାଧ୍ୟକ୍ଷ ପର୍ଶୁରାମ ପାଇକ, କମୁଲୁ ଜାନୀ ପ୍ରମୁଖ ଏକାଠି ହୋଇ ଆଇନଜୀବୀ ସଂଘର ନ୍ୟାର୍ଯ୍ୟ ଦାବୀ ନେଇ ସମର୍ଥନ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ସଂଘର ଦିଲ୍ଲୀପ ବେହେରା, ନରେନ୍ଦ୍ର ମହାପାତ୍ର, କିଶୋର ପଟ୍ଟନାୟକ, ଶ୍ରୀନିବାଶ ପାତ୍ର, ସିରାଜ ଉଦ୍ଦିନ ଅହମ୍ମଦ, ଯୁବ କଂଗ୍ରେସ ସଭାପତି ଅବଦୁଲ ଫିରୋଜ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଝରିଗାଁ ବ୍ଲକ ସଦର ମହକୁମା ଠାରେ ଆଇନଜୀବୀଙ୍କ ଦ୍ୱାରା ବନ୍ଦ ପାଳନ କରାଯାଇଥିଲା। ସୁବାଷ ପଟ୍ଟନାୟକ, ସଂଜୟ କୁମାର ନାୟକ, ଅରୁଣ କୁମାର ସିଂ, ପ୍ରଦିପ କୁମାର ଗାଉଁଟିଆ, ତମ୍ବୁଦାସ ପନକା, ମଧମ କୁମାର ଖରାତି ପ୍ରମୁଖ ସାମିଲ ହୋଇଥିଲେ। ଡାବୁଗାଁ ବ୍ଲକରେ ଆଇନିଜୀବୀମାନେ ଡାବୁଗାଁ-ପାପଡାହାଣ୍ଡି ୩୯ ନଂ ରାଜ୍ୟ ରାଜପଥ ଉପରେ ଟାୟାର ଜାଳି ଧାରଣାରେ ବସିଥିଲେ। ଏଥିରେ ଆଇନିଜୀବୀ ସଂଘ ସଭାପତି ଗୋଦାବରୀଶ ମହାପାତ୍ର, ଉପସଭାପତି ଦିବ୍ୟରଞ୍ଜନ ପାତ୍ର, ସମ୍ପାଦକ ଦିବାନ ସିଂ, ଜୟନ୍ତ କୁମାର ପାତ୍ର, ଅରୁଣ କୁମାର ପାତ୍ର, ଯଶୋବନ୍ତ ପାତ୍ର, ମିହିର ଶଙ୍କର ପାତ୍ର, ସ୍ମୃତି ରଶ୍ମୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ତେନ୍ତୁଳିଖୁଣ୍ଟିଠାରେ ବନ୍ଦ ପାଳନ ସଫଳ ହୋଇଛି। ଭୁବନେଶ୍ୱର ସାହୁ, କୁନି ନାଗ, ଉମା ସାମନ୍ତରାୟ, ତପନ ସିଂ, ଦିଲୀପ ବିଷୋୟୀ, ଚିଦାନନ୍ଦ ସାହୁ , ଓୟୁଜେ ନବରଙ୍ଗପୁରର କର୍ମକର୍ତ୍ତା ବାରିଜ ପଟ୍ଟନାୟକ, ଗୋପାଳ ନାୟକ, ସୁଶାନ୍ତ ଶତପଥି ସହଯୋଗ କରିଥିଲେ। ଉମରକୋଟ ଓକିଲ ସଂଘ ପକ୍ଷରୁ ରାସ୍ତା, ଦୋକାନ ବଜାର ଓ ଶିକ୍ଷାନୁଷ୍ଠାନ ବନ୍ଦ କରାଯାଇଥିଲା। ଉମରକୋଟ ଓକିଲ ସଂଘର ସଭାପତି ପ୍ରଶାନ୍ତ ସାହୁଙ୍କ ନେତୃତ୍ୱରେ ସମ୍ପାଦକ ନିତ୍ୟାଗଣ୍ଡ, ସହସମ୍ପାଦକ ଜଗେନ୍ଦ୍ର ମାଝି, ଉପସଭାପତି ସନ୍ତୋଷ ସାହୁ, ଝାଡେଶ୍ୱର ମହାନ୍ତି, ପେଣ୍ଡ୍ର ଡାକୁଆ, ବାବୁଲା ମୁଦୁଲି , ରାମ ନାୟକ ପ୍ରମୁଖ ସାମିଲ ହୋଇଥିଲେ। ଚନ୍ଦାହାଣ୍ଡି ବ୍ଲକରେ ବନ୍ଦ ପାଳନ ସଫଳ ହୋଇଛି। ଓକିଲ ସଂଘର ମନୋଜ କୁମାର ବାରିକ, ମହମ୍ମଦ ହୁସେନ, ଜୟଦେବ ଖମାରୀ, ହୁମେଶ୍ୱର ହଂସ, ସାମ୍ବାଦିକ ସଂଘରୁ ଦିଲୀପ ଦାସ, ମନୋଜ କୁମାର ପାଣ୍ଡି, ମକୁନ୍ଦ ବେଶ୍ରା, ଭାଜପା ଜିଲା ସଭାପତି ଗୋବିନ୍ଦ କୁମାର ଜୈନ, ମଣ୍ଡଳ ସଭାପତି ପ୍ରତାପ ବାଘ, ପିସିସି ସମ୍ପାଦକ କ୍ଷେମରାଜ ବାଘ, ସୁଧିର ଜଗତ, ବିଜେଡି ବ୍ଲକ ସଭାପତି ଗୌର ହରି ନାୟକ, ସମ୍ପାଦକ ଯୁବରାଜ ଜଗତ ପ୍ରମୁଖ ନେତୃତ୍ୱ ନେଇଥିଲେ। କୋଷାଗୁମୁଡା ବ୍ଲକ ସଦର ମହକୁମା ଓ କୋଡିଙ୍ଗା, କୋଟଗାଁଠାରେ ଟାୟାର ଜାଳି ରାସ୍ତା ଅବରୋଧ କରାଯାଇଥିଲା। କୋଷାଗୁମୁଡାଠାରେ ଅରୁଣ ପ୍ରଶନ ନାୟକ, ଅର୍ଜୁନ ବିଶୋଇ, ତୁଳସୀ ରାମ ସମରଥ, ରାଜରୋଷନ ସାଗରିଆ, କୋଟାଗାଁରେ ଦିନେଶ ରଞ୍ଜନ ଗଡଡ, କୋଡିଠାରେ ଉମେଶ ଚନ୍ଦ୍ର ମିଶ୍ର, ଦିଗମ୍ବର ପାଣିଗ୍ରାହୀ, ତାରିଣୀ ଦାସ, ଅମରେଶ ପାଣିଗ୍ରାହୀ, ବାବୁଲି ବାଘ ନେତୃତ୍ୱ ନେଇଥିଲେ। ପାପଡାହାଣ୍ଡି ବ୍ଲକରେ ସମସ୍ତ ଦୋକାନ ବଜାର ଏବଂ ଯାନବାହାନ ଚଳାଚଳ ବନ୍ଦ ରହିଥିଲା। ଆଇନଜୀବୀ ସ୍ୱାଧିନ ପଟ୍ଟନାୟକ, ଗଙ୍ଗା ଜାନୀ, ଉପେନ୍ଦ୍ର ବିଶୋୟୀ, ବାବା ଅଲିସା, ଯାହିର ହକ, ଜିଲା ଓୟୁଜେ ସଭାପତି ସୁଶାନ୍ତ କୁମାର ବେହେରା, ଶ୍ରୀକାନ୍ତ ମିଶ୍ର, ପ୍ରମୁଖ ସାମିଲ ଥିଲେ।

## ବଡି ବିଲଡିଂ ପ୍ରତିଯୋଗିତା, ରବୀନ୍ଦ୍ର ସାମଲ ଚାମ୍ପିୟନ



କୃତୀ ପ୍ରତିଯୋଗୀମାନେ ଶୋଭାଯାତ୍ରାରେ ଯାଉଛନ୍ତି ।

ନବରଙ୍ଗପୁର,୧୮।୧୨(ବି.ପ୍ର)

କୋରାପୁଟ ଜିଲା ସେମିଳିଗୁଡାରେ ଅବିଭକ୍ତ କୋରାପୁଟ ଜିଲା ବଡି ବିଲଡିଂ ପ୍ରତିଯୋଗିତାରେ ନବରଙ୍ଗପୁର ଗୌସିକ ଫିଟନେସ ପାର୍କର ୩ ଜଣ ସଫଳତା ପାଇଛନ୍ତି। ପ୍ରତିଯୋଗୀତାରେ ରବିନ୍ଦ୍ର ସାମଲ ଚାମ୍ପିୟନ ହୋଇଛନ୍ତି। ସେହିଭଳି ୬୫ କେଜି ଓଜନରେ ସୂର୍ଯ୍ୟକାନ୍ତ ମହାପାତ୍ର ସିଲଭର ଓ ୬୦ କେଜି ଓଜନରେ ସୋନୁ ରାଓ ଗୋଲ୍ଡ ମେଡେଲ ପାଇଛନ୍ତି। ଏ ନେଇ ଗୌସିକ ଫିଟନେସ ପାର୍କରୁ ଏକ ଶୋଭାଯାତ୍ରା ବାହାରି ରାମମନ୍ଦିର ଛକରୁ ଗାନ୍ଧି ଛକ ପର୍ଯ୍ୟନ୍ତ ପରିକ୍ରମା କରିଥିଲେ। ଜିଲା ବିଜେଡି ସଭାପତି ତଥା ଜିଲା କ୍ରୀଡା ସଂଘର ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀ, ଉପସଭାପତି ଏମ. ବାଲକ୍ରିଷ୍ଣା ରାଓ, ଗୌସିକ ଫିଟନେସ ପାର୍କର ମୁଖ୍ୟ ଲଲାଟେନ୍ଦୁ ପାତ୍ର ପ୍ରମୁଖ ଶୋଭଯାତ୍ରାରେ ସାମିଲ ହୋଇଥିଲେ।

## ନାବାଳକଙ୍କ ଆତ୍ମହତ୍ୟା

ଝରିଗାଁ,୧୮।୧୨(ସ୍ୱ.ପ୍ର)

ନବରଙ୍ଗପୁର ଜିଲା ଝରିଗାଁ ଥାନା ଅନ୍ତର୍ଗତ ଫୁପୁଗାଁ ହରଡାଗୁଡା ନିକଟସ୍ଥ ଆମ୍ବ ବଗିଚାରେ ଲକ୍ଷ୍ମୁ ଗୌଡ(୧୬) ବେକରେ ଗାମୁଛା ଲଗାଇ ମଙ୍ଗଳବାର ଆତ୍ମହତ୍ୟା କରିଛନ୍ତି। ହରଡାଗୁଡା ଗ୍ରାମର ଚନ୍ଦ୍ର ଗୌଡଙ୍କ ପୁଅ ଲକ୍ଷ୍ମୁ ଗୌଡ(୧୬) ସୋମବାର ସନ୍ଧ୍ୟାରେ ଘରୁ ବାହାରକୁ ଯାଇଥିଲେ। ଏହାପରେ ସେ ଘରକୁ ଫେରିନଥିଲେ। ମଙ୍ଗଳବାର ସକାଳେ ଆମ୍ବ ବଗିଚାରେ ସେ ଝୁଲୁଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଏହାପରେ ପରିବାର ଲୋକେ ସେଠାରେ ପହଞ୍ଚିଥିଲେ। ପରେ ନାବାଳକଙ୍କ ଦାଦା ଥାନାରେ ଏତଲା ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଉଦ୍ଧାରକରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

■ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ୩ ଜଣିଆ ସଦସ୍ୟଙ୍କ ନବରଙ୍ଗପୁର ଗସ୍ତ

## ଶିଶୁଗୃହ, ସେବାଶ୍ରମ ବ୍ୟବସ୍ଥା ଅନୁଧ୍ୟାନ

ନବରଙ୍ଗପୁର, ୧୮।୧୨ (ବି.ପ୍ର.)– ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ପକ୍ଷରୁ ଏକ ତିନି ଜିଣିଆ ଟିମ ନବରଙ୍ଗପୁର ଗସ୍ତରେ ଆସି ବିଭିନ୍ନ ଶିଶୁ ଗୃହ ଓ ସେବାଶ୍ରମ ପରିଦର୍ଶନ କରିଛନ୍ତି। ଏହି କମିଟିରେ ରଜନିକାନ୍ତ, ସଭ୍ୟ ଉତ୍ତମ ଚାନ୍ଦ, ଅରୁଣ କୁମାର ଶର୍ମା ସମେତ ନବରଙ୍ଗପୁର ଅତିରିକ୍ତ ଜିଲାପାଳ ପରିକ୍ଷିତ ସେଠୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ କୁମାର ପଟ୍ଟନାୟକ, ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ବିଜୟ କୁମାର ଚୌଧୁରୀ ପ୍ରମୁଖ ଶିଶୁ ଗୃହଗୁଡିକ ପରିଦର୍ଶନ କରିଥିଲେ। ପ୍ରଥମେ ଗୁଡନ୍ୟୁଜ ଇଣ୍ଡିଆ ଡ୍ରିମ ସେଣ୍ଟର ପରିଦର୍ଶନ କରିଥିଲେ। ସେଠାରେ ଅନୁଷ୍ଠାନର କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଏହି ଅନୁଷ୍ଠାନର ୪ ଜଣ ଝିଅ ୯ମ ଶ୍ରେଣୀରେ ପାଠ ପଢୁଥିଲେ। ସେମାନଙ୍କୁ ପଣ୍ଡିତ ଦିନ ଦୟାଲ ବାଳିକା ଆଶ୍ରମରେ ରଖାଯାଇଛି ବୋଲି କହିଥିଲେ। କମିଟି ନନ୍ଦାହାଣ୍ଡି ବ୍ଲକ ମାଝୀଗୁଡା ସ୍ଥିତ ପଣ୍ଡିତ ଦିନଦୟାଲ କନ୍ୟାଶ୍ରମ ପରିଦର୍ଶନ କରିଥିଲେ। ପରେ ଡାବୁଗାଁ ବାଳିକା ଆଶ୍ରମ, ଉମରକୋଟ ସ୍ଥିତ କ୍ଲେସିଙ୍ଗ ଚିଲଡ୍ରେନ ହୋମ ଫର ଗାର୍ଲ ପରିଦର୍ଶନ କରିଥିଲେ। ପିଲମାନଙ୍କ ଅଭିଯୋଗ ମତାମତ ବାକ୍ସରେ ଅଭିଯୋଗ ଗୁଡିକ ନଥିବା ନେଇ ବିରକ୍ତ ଭାବ ପ୍ରକାଶ କରିଥିଲେ। ଜିଲାପାଳ ଅଜିତ କୁମାର ମିଶ୍ରଙ୍କୁ କାର୍ଯ୍ୟାଳୟରେ ଭେଟିଥିଲେ। ନବରଙ୍ଗପୁର ଜିଲାକୁ ଶିଶୁ ସୁରକ୍ଷା ଦିଗରେ ଆଦର୍ଶ ଜିଲାଭାବେ ଗଠନ କରିବାକୁ ପରାମର୍ଶ ଦେଇଥିଲେ। ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ, ସଭ୍ୟା ଜେମାମଣି ବିଷୋୟୀ, କିଶୋର ଚନ୍ଦ୍ର ମାର୍ଥା, ପିଓଆଇସି କୁନିମଣି ସ୍ୱାଇଁ, ଅସିତ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳଙ୍କ ସହ ଶିଶୁ ସୁରକ୍ଷା ଆୟୋଗର ସଦସ୍ୟମାନେ ଆଲୋଚନା କରୁଛନ୍ତି ।

■ ୫୦ ବର୍ଷରେ ପାନାବେଡା ହାଇସ୍କୁଲ


# ସୁବର୍ଣ୍ଣ ଜୟନ୍ତୀ ପାଇଁ ସଜେଇ ହେଉଛି

**ଚନ୍ଦାହାଣ୍ଡି ବ୍ଲକର ୨୨ ଜଣ ବ୍ୟକ୍ତିଙ୍କ ପ୍ରଚେଷ୍ଟାରେ ଝାଟିମାଟି କୁଡିଆ ଘରେ ଆରମ୍ଭ ହୋଇଥିଲା ପାନାବେଡା ହାଇସ୍କୁଲ। ବିଦ୍ୟାଳୟର ଶୈକ୍ଷିକ ପରିବେଶ ଏପରି ଥିଲା ଯେ ଏହାର ବାସ୍ନା ଅବିଭକ୍ତ କୋରାପୁଟ ଜିଲାର ପୁରପଲ୍ଲୀରେ ମହକି ଉଠିଥିଲା। ସୁଦୂର ଜିଲାରୁ ପିଲାମାନେ ଏଠାକୁ ପାଠ ପଢିବାକୁ ଆସିଥିଲେ। ବହୁ ଘାତ ପ୍ରତିଘାତ ମଧ୍ୟରେ ବିଦ୍ୟାଳୟ ୫୦ ବର୍ଷରେ ପାଦ ଦେଇଛି। ୫୦ ବର୍ଷର ସ୍ମୃତି ସାଉଁଣ୍ଟିବା ପାଇଁ କିଛି ଦିନ ପରେ ବିଦ୍ୟାଳୟରେ ପାଳନ ହେବାକୁ ଯାଉଛି ସୁବର୍ଣ୍ଣ ଜୟନ୍ତୀ।**

ଚନ୍ଦାହାଣ୍ଡି,୧୮।୧୨(ଡି.ଏନ.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ସହରର ନୂତନ ସରକାରୀ ପାନାବେଡା ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଆସନ୍ତା ଡିସେମ୍ବର ୨୩ ତାରିଖରେ ବିଦ୍ୟାଳୟ ଖେଳପଡିଆରେ ପାଳନ କରାଯିବ। ଏଥିପାଇଁ ଜୋରଦାର ପ୍ରସ୍ତୁତି କରାଯିବା ସହ ସଜେଇ ହେଉଛି ବିଦ୍ୟାଳୟ।

ଚନ୍ଦାହାଣ୍ଡି ବ୍ଲକର ୨୨ ଜଣଙ୍କ ପ୍ରଚେଷ୍ଟା ଓ ଜନସାଧାରଣଙ୍କ ସହଯୋଗରେ ୧୯।୯।୬୮ ମସିହାରେ ବେସରକାରୀ ଭାବେ ବିଦ୍ୟାଳୟ ଆରମ୍ଭ କରାଯାଇଥିଲା। ପ୍ରଥମେ ମାତ୍ର କେତେ ଜଣ ଛାତ୍ର ସ୍କୁଲରେ ପାଠ ପଢିଥିଲେ। ଦୀର୍ଘ ୨୫ ବର୍ଷ ଧରି ଏହା ଜନସାଧାରଣ ଏବଂ ଛାତ୍ରୀଛାତ୍ରଙ୍କ ଅନୁଦାନରେ ଚାଲିଥିଲା। ୧୯୯୩ ମସିହାରେ ସରକାର ଏହି ବିଦ୍ୟାଳୟକୁ ନିଜ ଅଧୀନକୁ ନେଇଥିଲେ। ଏହା ପରେ ଏହି ବିଦ୍ୟାଳୟର ରୂପରେଖ ବଦଳି ଥିଲା। ଛାତ୍ରୀଛାତ୍ରଙ୍କ ପାଇଁ ହଷ୍ଟେଲ, ବିଜ୍ଞାନଗାର, କମ୍ପ୍ୟୁଟର ଲାବୋଟୋରୀ ଆଦି ସରକାରଙ୍କ ପକ୍ଷରୁ ସ୍ଥାପନ କରାଯାଇଛି। ରାଷ୍ଟ୍ରପତି, ରାଜ୍ୟପାଳଙ୍କ ପୁରସ୍କୃତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ପ୍ରଧାନ ଦୀର୍ଘବର୍ଷ ଭାବେ କାର୍ଯ୍ୟ କରି ଏହି ବିଦ୍ୟାଳୟକୁ ଏକ ମଣିଷ ତିଆରି କାରଖାନା ଭାବେ ଗଢ଼ି ତୋଳିଥିଲେ। ଏହି ବିଦ୍ୟାଳୟର ଗୁଣାତ୍ମକ ଶିକ୍ଷା ଯୋଗୁ ଅବିଭକ୍ତ କୋରାପୁଟ ଜିଲାର ଛାତ୍ରୀଛାତ୍ରମାନେ ପାଠ ପଢିବାର ସୁଯୋଗ ପାଇ ରାଜନୀତି ତଥା ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ବିଭିନ୍ନ ବଡ ପଦ ପଦବୀରେ ଅଧିଷ୍ଠିତ ହୋଇଛନ୍ତି। ବିଦ୍ୟାଳୟରେ ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ଆରମ୍ଭ କରାଯାଇ ବିଦ୍ୟାଳୟକୁ ନୂତନ ରଙ୍ଗରେ ସଜେଇ ଦିଆଯାଉଛି। ଏଥିରେ ବହୁ ପୁରାତନ ଛାତ୍ରୀଛାତ୍ର ଯୋଗଦେଇ ନିଜର ଅଭିମତ ପ୍ରକାଶ କରିବେ। ଏଥିପାଇଁ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କରିବା ପାଇଁ ଓଡ଼ିଶାର ବିଶିଷ୍ଟ ଅତିଥି ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ବାହାରୁ ବହୁ କଳାକାରଙ୍କୁ ନିମନ୍ତ୍ରଣ କରାଯିବ ବୋଲି ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶରତଚନ୍ଦ୍ର ମାଝି ସୂଚନା ଦେଇଛନ୍ତି।




ପାନାବେଡା ସରକାରୀ ଉଚ୍ଚ ବିଦ୍ୟାଳୟ ।

### ବିଦ୍ୟାଳୟ ନ ଥିଲା, ଦେବାଳୟ ଥିଲା



ପାନାବେଡା ହାଇସ୍କୁଲ ଏକ ବକୁଳ ବନ ଥିଲା। ୧୯୭୨-୭୩ ମସିହାରେ ଏକ ମହୁଲଗଛ ବଣରେ ଶିକ୍ଷାଦାନ ଦେଉଥିଲି। ବହୁ କଷ୍ଟରେ ସହକାରୀ ଶିକ୍ଷକଙ୍କ ସହ ଶିକ୍ଷାଦାନ ଦେଉଥିଲୁ। ସରକାରୀ ଅନୁଦାନ ନ ଥିବାରୁ ଜନସାଧାରଣଙ୍କ ଦାନରେ ବିଦ୍ୟାଳୟ ଚାଲୁଥିଲା। ନାହିଁ ନାହିଁରେ ବିଦ୍ୟାଳୟ ଚାଲୁଥିଲା। ପିଲାମାନଙ୍କୁ ପାଠ ପଢାଇବା ଏବଂ ବିଦ୍ୟାଳୟ ଆସିବା ପାଇଁ ଘରକୁ ଘର ଯାଇ ଆମେ ବୁଝାଉଥିଲୁ। ଧୀରେ ଧୀରେ ବିଦ୍ୟାଳୟ ନାମ ଅବିଭକ୍ତ କୋରାପୁଟ ଜିଲାରେ ଖ୍ୟାତି ଅର୍ଜନ କରିଥିଲା। ସୁଦୂର ଜିଲାରୁ ପିଲାମାନେ ପାଠ ପଢିବାକୁ ଆସୁଥିଲେ। ତାହା ଏକ ବିଦ୍ୟାଳୟ ନଥିଲା ଏବଂ ଦେବାଳୟ ଥିଲା। ସମସ୍ତଙ୍କ ଆଶୀର୍ବାଦ ଯୋଗୁ ମୋତେ ରାଷ୍ଟ୍ରପତି ଏବଂ ରାଜ୍ୟପାଳ ପୁରସ୍କାର ଦିଆଯାଇଥିଲା। ବିଦ୍ୟାଳୟର ଅତୀତକୁ ମନେ ପକାଇ ମୁଁ ସବୁଦିନ ଚନ୍ଦାହାଣ୍ଡି ମାଟିକୁ ପ୍ରଣାମ ଜଣାଏ।

–ଲକ୍ଷ୍ମୀଧର ପ୍ରଧାନ, ପୂର୍ବତନ ପ୍ରଧାନଶିକ୍ଷକ

### ବିଦ୍ୟାଳୟରେ ପାଠ ପଢି ଗର୍ବିତ



୧୯୭୩ ମସିହାରେ ବିଦ୍ୟାଳୟରେ ପାଠ ପଢୁଥିଲି। ବିଦ୍ୟାଳୟ ପାଠ ପଢା ଉଚ୍ଚକୋଟିର ଥିଲା। ଏବେ ସରକାର ଶିକ୍ଷାକୁ ଅଧିକ ଗୁରୁତ୍ୱ ଦେବା ସହ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ସେତେବେଳେ ଗୁରୁଶିଷ୍ୟର ପବିତ୍ର ସମ୍ପର୍କ ଥିଲା। ବିଦ୍ୟାଳୟରେ ପାଠପଢି ମୁଁ ନିଜକୁ ଗର୍ବିତ ମନେକରେ।

ବଳଭଦ୍ର ମାଝି, ନବରଙ୍ଗପୁର ଏମପି

### ବିଦ୍ୟାଳୟ ପାଠପଢା ଉଚ୍ଚକୋଟୀର

୧୯୮୭ ମସିହାରେ ସେଠାରେ ପାଠ ପଢୁଥିଲି। ପୂଜ୍ୟ ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ପ୍ରଧାନ ଏବଂ ସମସ୍ତ ସାରମାନଙ୍କ ପ୍ରେରଣା,ଆଦର୍ଶ ଭୁଲି ହେବନି। ବିଦ୍ୟାଳୟର ପାଠପଢା, ପରିବେଶ, ସମୟାନୁବର୍ତ୍ତୀତା ଉଚ୍ଚକୋଟିର ଥିଲା। ମୁଁ ହଷ୍ଟେଲରେ ରହି ପାଠ ପଢୁଥିବାବେଳେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ, ଶାରୀରିକ ବ୍ୟାୟାମ, ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ସବୁ ଉଚ୍ଚକୋଟିର ଥିଲା। ରାଜନୀତିରେ ପାଦଦେଇ ଯେଉଁ ଲକ୍ଷ୍ୟସ୍ଥଳରେ ପହଞ୍ଚିଛି, ସେହି ଗୁରୁମାନଙ୍କ ଆଶୀର୍ବାଦ ପାଇଁ ସମ୍ଭବପର ହୋଇଛି।



ପ୍ରଦୀପ ମାଝି, ପୂର୍ବତନ ନବରଙ୍ଗପୁର ଏମପି

### ମଣିଷ ତିଆରି କାରଖାନା



୧୯୮୧ ମସିହାରେ ପାଠ ପଢିବାବେଳେ ଶିକ୍ଷକମାନଙ୍କ ପାଠ ପଢାଇବା ଶୈଳୀ ଏବଂ ଦଣ୍ଡ ବ୍ୟବସ୍ଥା ଥିଲା। ପାଠପଢାରେ ପଛୁଆ ହେଲେ ବାରଣ୍ଡା ତଥା ରାସ୍ତାରେ ଆଣ୍ଠେଇ ଦିଆଯାଉଥିଲା। ସେଥିପାଇଁ ଆମ ମନରେ ଭୟ ଥିଲା ଏବଂ ପାଠପଢାରେ ଅଧିକ ଧ୍ୟାନ ଦେଇଥିଲୁ। ଉକ୍ତ ପାନାବେଡା ହାଇସ୍କୁଲ ବା ମଣିଷ ତିଆରି ଖାନା ପ୍ରତି ମୋର ପ୍ରଣାମ। ସେଠାରେ ମୁଁ ଅଧ୍ୟୟନ କରି ଗର୍ବିତ। ବିଦ୍ୟାଳୟର ମୁଁ ଉତ୍ତୋରୋତ୍ତର କାମନା କରୁଛି।

–ଗୋବିନ୍ଦ କୁମାର ଜୈନ, ଭାଜପା ଜିଲା ସଭାପତି, ନବରଙ୍ଗପୁର

### ଶୈକ୍ଷିକ ପରିବେଶ ପଢିବା ପାଇଁ ଆକୃଷ୍ଟ କରିଥିଲା



ପାନାବେଡା ହାଇସ୍କୁଲ ପାଠପଢାରେ ଆକୃଷ୍ଟ ହୋଇ ମୁଁ ସେଠାରେ ପଢିବାକୁ ସ୍ଥିର କଲି। ସେଠାରେ ପଢିବା ପରେ ସେଠାକାର ଶୈକ୍ଷିକ ପରିବେଶ ଯାହାକୁ ବି ଆକୃଷ୍ଟ କରିବ। ଶିକ୍ଷାର ଆଲୋକ ଯଦି ଦେଖିପାରିବ ତେବେ ଚନ୍ଦାହାଣ୍ଡି ସ୍ଥିତ ପାନାବେଡା ହାଇସ୍କୁଲକୁ ଯାଅ ବୋଲି ସେତେବେଳେ ଅବିଭକ୍ତ କୋରାପୁଟ ଜିଲାରେ ଚର୍ଚ୍ଚା ହେଉଥିଲା। ମୋ ହାଇସ୍କୁଲ କ୍ୟାରିୟରରେ ମୂଳଦୁଆ ସେହି ବିଦ୍ୟାଳୟରୁ ଆରମ୍ଭ ହୋଇଥିଲା। ମୋର ନବରଙ୍ଗପୁର ଜିଲା ଗସ୍ତ ସମୟରେ ଏବେ ମଧ୍ୟ ଉକ୍ତ ବିଦ୍ୟାଳୟ ଯାଇ ବର୍ତ୍ତମାନର ଶିକ୍ଷକମାନଙ୍କ ସହିତ ବିଦ୍ୟାଳୟର ବିକାଶ ସମ୍ବନ୍ଧରେ ଆଲୋଚନା କରେ।

–ଅଜିତ କୁମାର ସାହୁ, ମୁଖ୍ୟପ୍ରଶାସକ କେନ୍ଦ୍ର ସରକାର

## ସଂକ୍ଷେପରେ

### ୨୧ରେ ଜିଲାସ୍ତରୀୟ ଦୌଡକୁଦ ପ୍ରତିଯୋଗିତା

ପାରଳାଖେମୁଣ୍ଡି,୧୮।୧୨(ସ୍ୱ.ପ୍ର.)-ଗଜପତି ଜିଲା ପାରଳାଖେମୁଣ୍ଡି ସହରସ୍ଥ ଗଜପତି ଷ୍ଟାଡିୟମରେ ଆସନ୍ତା ୨୧ତାରିଖରେ ଜିଲାସ୍ତରୀୟ ଦୌଡକୁଦ ପ୍ରତିଯୋଗିତା ହେବ। ଏଥିରେ ଦୌଡ, ଲମ୍ଫଡିଆଁ, ଉଚ୍ଚଡିଆଁ, ଡିସକସ ଥ୍ରୋ ଇତ୍ୟାଦି ବିଭିନ୍ନ ପ୍ରତିଯୋଗିତାରେ ଖେଳାଳିମାନେ ଭାଗନେବେ। ଜିଲାସ୍ତରୀୟ ପ୍ରତିଯୋଗିତାର କୃତି ଖେଳାଳୀମାନେ ଚଳିତ ମାସ ୨୮ରୁ ୩୦ତାରିଖ ପର୍ଯ୍ୟନ୍ତ କଟକର ବାରବାଟୀ ଷ୍ଟାଡିୟମରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ। ସମସ୍ତ ପ୍ରତିଯୋଗୀଙ୍କ ବୟସଗତ ପ୍ରମାଣପତ୍ର ଯାଞ୍ଚ କରାଯିବ ବୋଲି ଜିଲା କ୍ରୀଡା ଅଧିକାରୀ ପ୍ରଭାକର ତ୍ରିପାଠୀ କହିଛନ୍ତି।

### ରାଜ୍ୟସ୍ତରୀୟ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ସନ୍ଧାନ
### ଆଦିତିଙ୍କ ସଫଳତା

ପାରଳାଖେମୁଣ୍ଡି, ୧୮।୧୨(ସ୍ୱ.ପ୍ର.)- ଗଜପତି ଜିଲା ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ ସେଞ୍ଚୁରିଅନ ପବ୍ଲିକ ସ୍କୁଲର ୨ଜଣ ଛାତ୍ରୀଙ୍କୁ ରାଜ୍ୟସ୍ତରୀୟ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ସନ୍ଧାନ କାର୍ଯ୍ୟକ୍ରମରେ ସଫଳତା ମିଳିଛି। ଭୁବନେଶ୍ୱରସ୍ଥିତ ପଠାଣୀ ସାମନ୍ତ ପ୍ଲାନେଟୋରିୟମରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପାଇଁ ଚୟନ ହୋଇଥିବା ପ୍ରଥମ ୬୦ଜଣ ପ୍ରତିଯୋଗୀଙ୍କ ମଧ୍ୟରେ ପାରଳାଖେମୁଣ୍ଡି ସେଞ୍ଚୁରିଅନ ବିଦ୍ୟାଳୟର ଆଦିତି ମହାପାତ୍ର ଏବଂ ଲିଖିତା ସାହୁ ସ୍ଥାନ ପାଇଥିଲେ। ୨୦ଜଣ ଫାଇନାଲିଷ୍ଟଙ୍କ ମଧ୍ୟରେ ଆଦିତି ସ୍ଥାନ ପାଇପାରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ୨୦ଜଣ ବିଦ୍ୟାର୍ଥୀଙ୍କୁ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ପରିଭ୍ରମଣ କରିବା ସହିତ କିଛି ଅନ୍ୱେଷଣ କରିବାର ସୁଯୋଗ ମିଳିବ। ଉକ୍ତ ଛାତ୍ରୀ ଦ୍ୱୟଙ୍କ ଗାଇଡ୍ ଶିକ୍ଷୟିତ୍ରୀ ଭାବେ ସୁନୀତା ପାଢୀ ସହାୟତା କରିଥିଲେ। ଏଭଳି କୃତିତ୍ୱ ପାଇଁ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ସଭାପତି ମୁକ୍ତିକାନ୍ତ ମିଶ୍ର, ଉପସଭାପତି ପ୍ରଫେସର ଡି.ଏନ୍. ରାଓ, ମ୍ୟାନେଜର ରାମପ୍ରସାଦ ଦାଶ, ସେଞ୍ଚୁରିଅନ ପବ୍ଲିକ୍ ସ୍କୁଲର ଅଧକ୍ଷା ଏନ୍. କାଲାପୂର୍ଣ୍ଣା, ଆଞ୍ଚଳିକ ନିର୍ଦ୍ଦେଶକ ସମ୍ବିତ ପାତ୍ର ଅଭିନନ୍ଦନ ଜଣାଇଛନ୍ତି।

# ବର୍ଷା ଉଜାଡ଼ିଲା ଫସଲ

କାଶୀନଗର/ଗୁମ୍ମା/ଗୋଷାଣି, ୧୮।୧୨(ଡି.ଏନ.ଏ.)


କାଶୀନଗର ଅଞ୍ଚଳର ଏକ ଜମିରେ ପାଣିରେ ଭିଜୁଛି ଧାନଫସଲ।

ବାତ୍ୟା 'ପାଥେଇ' ପ୍ରଭାବରେ ଗଜପତି ଜିଲାରେ ଗତ ଦୁଇଦିନ ଧରି ବର୍ଷା ଲାଗିରହିଛି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହେବା ସହ ଧାନ, କପା ଓ କୋବି ଆଦି ବିଭିନ୍ନ ଫସଲ ନଷ୍ଟ ହୋଇଛି। ବହୁ ଚାଷୀ ଜମିରୁ ଧାନ କାଟି ମଧ୍ୟ ସ୍ଥାନାଭାବ ଯୋଗୁ ବୋହି ଆଣି ନ ଥିଲେ। ସେଗୁଡ଼ିକ ଜମିରେ ପଡ଼ିରହିଛି। ସେହିପରି ମଣ୍ଡି ଖୋଲାଯାଇ ନ ଥିବାରୁ ଅନେକ ଚାଷୀ ଧାନ ଅମଳ କରି ମଧ୍ୟ ବିକିପାରିଲେ ନାହିଁ। ବର୍ଷାରେ ଧାନ ଭିଜି ଗଜା ହେବା ଆଶଙ୍କା ପ୍ରକାଶ ପାଇଛି। ତିତ୍‌ଲିରେ ଚାଷୀ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଏବେ ପୁଣି ପାଥେଇ ସେମାନଙ୍କୁ ଦୁର୍ଦ୍ଦଶା ମଧ୍ୟକୁ ଠେଲିଦେଇଛି। ଅନ୍ୟପକ୍ଷେ ବାତ୍ୟା ଆଶଙ୍କାରେ କେତେକ ସ୍କୁଲରେ ଲୋକଙ୍କୁ ରଖାଯିବା ପାଇଁ ଅସ୍ଥାୟୀ ଆଶ୍ରୟସ୍ଥଳୀ ଖୋଲାଯାଇଥିଲା। ମାତ୍ର ଅନେକ ସ୍କୁଲରେ ଶିକ୍ଷକମାନଙ୍କ ଅନୁପସ୍ଥିତି ଯୋଗୁ ରନ୍ଧାଖାଦ୍ୟ ଦିଆଯାଇପାରି ନ ଥିଲା। ତେଣୁ ସମ୍ପୃକ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଡିଇଓଙ୍କୁ ସୁପାରିଶ କରାଯାଇଛି। ଉପଜିଲାପାଳ ରଜନୀକାନ୍ତ ସ୍ୱାଇଁ, ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର ପ୍ରମୁଖ ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ। ସେହିପରି ଗୁମ୍ମା ବ୍ଲକରେ ଧାନ ଓ ପନିପରିବା ଫସଲ କ୍ଷତିଗ୍ରସ୍ତ ହୋଇଛି। ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। କେମିତି ଋଣ ଶୁଝିବେ ଓ ପରିବାର ଚଳାଇବେ ସେଇ ଚିନ୍ତା ସେମାନଙ୍କୁ ଘାରିଛି। ପ୍ରଶାସନ ପକ୍ଷରୁ ୧୦ଟି ପଞ୍ଚାୟତର ୩୩ଟି ଆଶ୍ରୟସ୍ଥଳୀରେ ୨୭୧୧ଜଣଙ୍କୁ ରଖାଯାଇ ରନ୍ଧାଖାଦ୍ୟ ଦିଆଯାଇଥିଲା। ବିଡିଓ ନଟବର ଗରଡା, ତହସିଲଦାର କଳାକୃଷ୍ଣ ପ୍ରଧାନ ଏବଂ ସିଡିପିଓ ଅନିତାରାଣୀ ପଟ୍ଟନାୟକ ପ୍ରମୁଖ ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ। ଗୋଷାଣୀ ବ୍ଲକରେ ବ୍ୟାପକ ଫସଲ ନଷ୍ଟ ଯୋଗୁ ଚାଷୀମାନଙ୍କ ଦୁର୍ଦ୍ଦଶା ବଢିଯାଇଛି। କେତେଜଣ ଚାଷୀ କହିଛନ୍ତି, ୧୨ତାରିଖରେ ମଣ୍ଡିକୁ ଧାନ ଆଣିବା ପାଇଁ କୁହାଯାଇଥିଲା। ସେମାନେ ଯାଇ ମଣ୍ଡି ବନ୍ଦ ଥିବା ଦେଖିବାକୁ ପାଇଥିଲେ। ଫଳରେ ସେମାନେ ଧାନ ବିକି ପାରିଲେନାହିଁ। ଧାନ ସବୁ ବର୍ଷାରେ ଭିଜି ନଷ୍ଟ ହୋଇଗଲା। ତିତ୍‌ଲି ଓ ପେଥାଇ ଯୋଗୁ ସେମାନଙ୍କ ମେରୁଦଣ୍ଡ ଭାଙ୍ଗିଗଲା। ତୁରନ୍ତ ପ୍ରଶାସନ ପକ୍ଷରୁ କ୍ଷତିପୂରଣ ଦେବାକୁ ଚାଷୀମାନେ ଦାବି କରିଛନ୍ତି।

# ଜମିରେ ଭାସୁଛି ଧାନ


ଚାଷୀମାନେ ଭିଜିଥିବା ଧାନଫସଲ ନମୁନା ଦେଖାଉଛନ୍ତି।

ରାୟଗଡ (ଗଜପତି), ୧୮।୧୨(ଡି.ଏନ.ଏ.)

ଗଜପତି ଜିଲାର ରାୟଗଡ ବ୍ଲକରେ ମଙ୍ଗଳବାର ଅପରାହ୍ଣ ପରଠୁ ବର୍ଷା କମିଛି। ପ୍ରଶାସନର ସୂଚନା ଅନୁଯାୟୀ ଗତ ଦୁଇଦିନ ଧରି ୬୪.୦୨ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ଆଶ୍ରୟସ୍ଥଳୀଗୁଡ଼ିକରୁ କିଛି ଲୋକ ନିଜ ନିଜ ଘରକୁ ଫେରିଯାଇଥିବା ବେଳେ ଆଉ କିଛି ଲୋକ ରହିଛନ୍ତି। ସେମାନେ ବୁଧବାର ସକାଳେ ନିଜ ଘରକୁ ଚାଲିଯିବେ ବୋଲି ଜଣାପଡ଼ିଛି। ପ୍ରବଳ ବର୍ଷା ଯୋଗୁ କେତେକ ଗ୍ରାମରେ ମାଟିଘର କ୍ଷତିଗ୍ରସ୍ତ ହୋଇଥିବା ବେଳେ ଶତାଧିକ ହେକ୍ଟର ଜମିରେ ଫସଲ ଉଜୁଡ଼ିଯାଇଛି। ଜମିଗୁଡ଼ିକରେ

**କ୍ଷତିପୂରଣ ଦେବାକୁ ଦାବି**

ବର୍ଷା ପାଣି ଜମିରହିଥିବାରୁ ଧାନ ଗଜା ହେବାର ଆଶଙ୍କା ପ୍ରକାଶ ପାଇଛି। ଗଣ୍ଡାହାତୀ ପଞ୍ଚାୟତ ଅନ୍ତର୍ଗତ ରତନ ତାଳସିଂ ଗ୍ରାମର କେ. ରାମାରାଓ, କେ. ଦିଲେଶ୍ୱର ରାଓ, ଏସ୍.ଦିଲେଶ୍ୱର ରାଓ, ଟି. ବିଶ୍ୱନାଥ ଏବଂ ଟି. ଗିରିଙ୍କ ସମେତ ୨୦ଜଣ ଚାଷୀଙ୍କର ପ୍ରାୟ ୫୦ଏକର ଧାନଚାଷ ନଷ୍ଟ ହୋଇଯାଇଛି। ତୁରନ୍ତ ପ୍ରଶାସନ ପକ୍ଷରୁ କ୍ଷତିପୂରଣ ଦେବାକୁ ଚାଷୀମାନେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ତହସିଲଦାର ତନ୍ମୟ ପାତ୍ର କହିଛନ୍ତି ଯେ, ବର୍ତ୍ତମାନ ସୁଦ୍ଧା କ୍ଷୟକ୍ଷତିର କୌଣସି ଆକଳନ କରାଯାଇ ନାହିଁ। ପ୍ରଶାସନର ନିଷ୍ପତ୍ତି ପରେ ତଦନ୍ତ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦିଆଯିବ।

# ପ୍ରଶାସନ ଆଢ଼ୁଆଳରେ ଧନସରା

ଗୋଷାଣୀ,୧୮।୧୨(ଡି.ଏନ.ଏ)


ସମସ୍ୟା ସମ୍ପର୍କରେ ଜଣାଉଛନ୍ତି ଗ୍ରାମବାସୀ।

**ପାହାଡ଼ ତଳି ଗାଁ**
- ଦୂଷିତ ପାଣି ପିଉଛନ୍ତି ଲୋକେ
- ଶିକ୍ଷା, ସ୍ୱାସ୍ଥ୍ୟସେବାରୁ ବଞ୍ଚିତ
- ଘର ପଟ୍ଟା ଦେଉନି ପ୍ରଶାସନ
- ଏଯାଏ ମିଳିନି ତିତ୍‌ଲି କ୍ଷତିପୂରଣ

ଗଜପତି ଜିଲା ଗୋଷାଣୀ ବ୍ଲକ୍ ରମ୍ଭା ପଞ୍ଚାୟତର ଧନସରା ଗ୍ରାମରେ ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା, ପାନୀୟଜଳ ଆଦି ମୌଳିକ ସମସ୍ୟା ଲାଗିଛି। ପାହାଡ଼ ତଳି ଅଞ୍ଚଳରେ ବାସ କରୁଥିବା ଏହି ଗ୍ରାମବାସୀଙ୍କ ପାଇଁ ସରକାରୀ ଯୋଜନା ଅପହଞ୍ଚ ରହିଛି। ଲୋକେ ଦୂଷିତ ପାଣି ପିଉଥିବା ବେଳେ ଜଙ୍ଗଲ ଜମିରେ ରହୁଛନ୍ତି। ଏହାସତ୍ତ୍ୱେ ପ୍ରଶାସନ ପଦକ୍ଷେପ ନ ନେଇ ଚୁପ୍ ବସିଛି।

ଧନସରା ଗ୍ରାମରେ ୨୫ରୁ ଊର୍ଦ୍ଧ୍ୱ ଘର ଥିବାବେଳେ ଜନସଂଖ୍ୟା ୨ଶହ। ଅଧିକାଂଶ ପରିବାର ବିପିଏଲ ଶ୍ରେଣୀର। ଏଠାରେ ୨ଟି ନଳକୂପ ଥିଲେ ମଧ୍ୟ ଗୋଟିଏ ଅଚଳ ଏବଂ ଅନ୍ୟଟିରୁ ଗୋଳିଆ ପାଣି ବାହାରୁଛି। ଲୋକେ ବାଧହୋଇ ଦୂଷିତ ପାଣି ପିଇ ରୋଗରେ ପଡୁଛନ୍ତି। ଗ୍ରାମବାସୀ ଦୀର୍ଘବର୍ଷ ହେଲା ଜଙ୍ଗଲ ଜମିରେ ବାସକରି ଆସୁଥିଲେ ବି ସେମାନଙ୍କୁ ଆଜିପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ ପଟ୍ଟା ଯୋଗାଇ ଦିଆଯାଇନାହିଁ। ତେଣୁ ପିଲାମାନେ ଜାତିଗତ ଓ ବୃତ୍ତିଗତ ପ୍ରମାଣପତ୍ର ନ ପାଇ ଶିକ୍ଷା ସମେତ ବିଭିନ୍ନ କ୍ଷେତ୍ରରେ ହଇରାଣ ହେଉଛନ୍ତି। ଗତ ତିତ୍‌ଲି ବାତ୍ୟାରେ ଅନେକ ପରିବାର କ୍ଷତିଗ୍ରସ୍ତ ହୋଇଥିଲେ। ମାତ୍ର ସମସ୍ତଙ୍କୁ କ୍ଷତିପୂରଣ ମିଳିନାହିଁ। ତେଣୁ ଲୋକେ ପଲିଥିନ ତଳେ ଓ ଭଙ୍ଗାଘରେ ଦୟନୀୟ ଅବସ୍ଥାରେ ରହୁଛନ୍ତି। ୧୯୯୯ ମସିହାରେ ୩ଜଣଙ୍କୁ ଇନ୍ଦିରା ଆବାସ ଯୋଗାଇ ଦିଆଯାଇଥିଲା। ଏବେ ଅନେକ ଉପଯୁକ୍ତ ହିତାଧିକାରୀ ଥିଲେ ମଧ୍ୟ ସେମାନଙ୍କୁ ଇନ୍ଦିରା ଆବାସ କିମ୍ବା ବିଜୁ ପକ୍କାଘର ଯୋଜନାରେ ସାମିଲ କରାଯାଉନାହିଁ। ଅଙ୍ଗନୱାଡ଼ି କେନ୍ଦ୍ର ଅସ୍ଥାୟୀ ଭାବେ ଚାଲିଛି। ବିଦ୍ୟାଳୟ ସମସ୍ୟା ସାଙ୍ଗକୁ ପାରିବାରିକ ଅସ୍ୱଚ୍ଛଳତା କାରଣରୁ ଅଧିକାଂଶ ପିଲା ଅଧାରୁ ପାଠପଢ଼ା ଛାଡୁଛନ୍ତି। ସେହିପରି କାମ ଧନ୍ଦା ମିଳୁ ନ ଥିବାରୁ ଦାଦନ ଖଟିବାକୁ ଲୋକେ ବାହାର ରାଜ୍ୟକୁ ଚାଲିଯାଉଛନ୍ତି। ଏ ସଂକ୍ରାନ୍ତରେ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହୋଇ ନିରାଶ ହେବାକୁ ପଡ଼ିଛି ବୋଲି ରାମନ ଶବର, ନୃପେଶ ଶବର, ନଗେନ୍ଦ୍ର ଶବର, ସଙ୍ଗୀତା ଶବର ପ୍ରମୁଖ କହିଛନ୍ତି। ପ୍ରଶାସନ ତୁରନ୍ତ ପଦକ୍ଷେପ ନ ନେଲେ ସେମାନେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ଚେତାବନୀ ଦେଇଛନ୍ତି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ଭଗନ୍ଦର (FISTULA)
ଫିସର (FISSURE)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Branches-Bhubaneswar,Cuttack,Bhadrak, Rourkela & Brahmapur

ସତ୍ୟମ ବିଜନେସ୍ ସଲ୍ୟୁସନ୍ସ ଦ୍ୱାରା ଲୋନ ନିଅନ୍ତୁ, ଏଜେଣ୍ଟମାନଙ୍କ ଦ୍ୱାରା ସମ୍ପର୍କ କରନ୍ତୁ
7900515385, 9690381088
ଭୁବନେଶ୍ୱର–9690243041
ସମ୍ବଲପୁର– 9690367183
ବ୍ରହ୍ମପୁର– 7900240146
ଢେଙ୍କାନାଳ– 7900982000
ନୟାଗଡ଼– 7900365000

M. GROUP FINANCE CO.
DIWALI OFFER
(Govt. Approved)
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

ଟି.ସି.ଏଫ୍. ଫାଇନାନ୍ସ
(ସରକାରୀ ପଞ୍ଜୀକୃତ)
ଋଣ ମାତ୍ର ୬ ଘଣ୍ଟାରେ ।
ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, ୦% ସୁଧ, ୫୦% ରିହାତି।
୦୮୮୫୯୬୬୮୫୫୮
୩୯, ପଟେଲ ନଗର, ଆଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ଣ ୧୦ ଘଟିକାରୁ ଅପରାହ୍ଣ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍–୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS
SURYA କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, ପ୍ଲଟ୍ ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। ଅଗ୍ରିମ 1 କୋଟି, ଭଡ଼ା 55000/- + ଗାଡ଼ି।
ଯୋଗାଯୋଗ କରନ୍ତୁ
9804822350

COMMERCIAL SPACE FOR SALE
3600 sqft (1200 X 3 floor) furnished commercial space in Indradhanu Market Bhubaneswar.
(Expected cost 1.8 crores)
7894416003
7008994500

ନବବର୍ଷ ଧମାକା!!!
କୁବେର ଫାଇନାନ୍ସ
ଖର୍ଚ୍ଚ ଋଣରୁ କଟିବ (ପଞ୍ଜୀକୃତ)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ୍
ସମସ୍ତ ଋଣ ୧% ସୁଧ, ୪୦% ରିହାତି
9354181401
8375014500
41/14, ସେକ୍ଟର-1, ପୁଷ୍ପ ବିହାର, ଦିଲ୍ଲୀ-110017

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!!
ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!!
ପ୍ରକ୍ରିୟାକରଣ ୨ କାଗଜ ଉପରେ !!!
୨% ସୁଧ, ୪୦% ସବ୍‌ସିଡି !!!
ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370
7840058835
H.No.-258, VPO Duhai, Ghaziabad, (U.P.) 201203

FINANCE
Mahalaxmi Credit Services
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ
25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ
35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

FINANCE
National Corporation
ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ ।
(B.B.28, Sec. 4, Salt Lake City Kolkatta- 700064)
7606086442
7606062768
nationalcoop98@gmail.com

!!! ଋଣ ଋଣ ଋଣ !!!
କ୍ୟାପିଟାଲ ଫାଇନାନ୍ସ ଲିଃ
ବିନା ଗ୍ୟାରେଣ୍ଟର ମହିଳା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି
(1ରୁ 5 ଲକ୍ଷ) ଋଣ ଉପଲବ୍ଧ
ଯୋଗାଯୋଗ
9667895027
7835981792
capitalfinanceindialtd@gmail.com
Add : - 41/14, Sec.1, Pushp Vihar, Delhi

FINANCE
ଧନଲକ୍ଷ୍ମୀ ଋଣ ଲିମିଟେଡ୍ ଭରସାର ପ୍ରତୀକ ସରକାରୀ ପଞ୍ଜିକୃତ କମ୍ପାନୀଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, ଗ୍ରୁପଋଣ ମାତ୍ର ୨୪ ଘଣ୍ଟାରେ । 2% ସୁଧ
40% ଛାଡ । ଘରେ ବସି ପାଆନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କୁ ବିଶେଷ ଛାଡ
Plot No-155, Lewis Road, Bangalore
7504330336
9114377090

ବାବା ବଙ୍ଗାଳୀ
ଫ୍ରି ସେବା ବାବା ବଙ୍ଗାଳୀ ୧୫ ମିନିଟ୍‌ରେ ଘରେବସି ସମାଧାନ
ସ୍ପେଶାଲିଷ୍ଟ:
ପ୍ରେମବିବାହ, ବଶୀକରଣ, ମୁଠକରଣୀ, ସଉତୁଣୀ ଶତ୍ରୁମୁକ୍ତି, ପତି - ପତ୍ନୀ ଅନବନ, ପାଠରେ ମନ ନଲାଗିବା, ଗୃହକ୍ଲେଶ, ବ୍ୟବସାୟରେ ବାଧା । A to Z ସମସ୍ୟାର ଘରେବସି ୧୦୧% ଗ୍ୟାରେଣ୍ଟେଡ ଫ୍ରୀ ସମାଧାନ
9982292667
8239254882

LOAN
ସୁବର୍ଣ୍ଣ ସୁଯୋଗ।
ଓଡ଼ିଶାର ସମସ୍ତ ବର୍ଗର ଲୋକମାନଙ୍କ ପାଇଁ କମ୍ ସୁଧରେ ଏବଂ ସହଜ କିସ୍ତିରେ ଋଣ ଯୋଗାଇ ଦିଆଯାଉଛି।
(ମହିଳାମାନଙ୍କ ପାଇଁ ବିଶେଷ ରିହାତି)
B-19, New Moti Bagh, New Delhi- 110021
8658167603
7064382081

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

ITEL କମ୍ପାନୀ ଦ୍ୱାରା ଖାଲି ଜମି ଉପରେ ଡିଜିଟାଲ ଉପକରଣ ଲଗାନ୍ତୁ, ଅଗ୍ରିମ - ୯୦ ଲକ୍ଷ, ଭଡ଼ା - ୪୫୦୦୦ + ମାସିକ ୧୫୦୦୦ର ଅନ୍ୟାନ୍ୟ ସୁବିଧା + ଆଜୀବନ ଜୀବନ ବୀମା + ମେଡିକାଲ ସୁବିଧା ମାଗଣା।
Email- iteltowerltd@gmail.com
WhatsApp
7788995264
9126351642
Gram Bakrihari, Dhaka, East Champaran, Bihar - 845418

BALADEV FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି।
ସୁଧ ୨%
M: 7750923286
7750921101

BUSINESS
ପଞ୍ଜୀକୃତ କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ।
ଅଗ୍ରିମ ୬୫ ଲକ୍ଷ
ଭଡ଼ା ୭୫,୦୦୦
କୌଣସି ଏଗ୍ରିମେଣ୍ଟ ଦେୟ ନାହିଁ
6391829110
6391829112
Add : T-51, Gautampuri Delhi-53

SMS JOB
PTJ କମ୍ପାନୀରେ SMS JOB ପାଇଁ ୩୯୦ ଯୁବକ, ଯୁବତୀ ଘରେବସି Part/Full Time JOB କରି ୧୪୦୦୦/- ରୁ ୪୨୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
କମ୍ପାନୀ ଦ୍ୱାରା Mobile+Laptop+Printer FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9135595515
7870216361

ଘରେ ବସି SMS JOB
Mobile Telecom କମ୍ପାନୀରେ ଘରେ ବସି SMS ଜବ୍ କରି ପୁଅ, ଝିଅ, ଗୃହିଣୀ, ଅବସରପ୍ରାପ୍ତ କର୍ମଚାରୀ, ବିଦ୍ୟାର୍ଥୀ, ସମସ୍ତ ବେରୋଜଗାର ପାର୍ଟଟାଇମ୍, ଫୁଲ୍‌ଟାଇମ୍ କାମ କରି ରୋଜଗାର କରନ୍ତୁ
15000 ରୁ 35000 ମାସିକ
ଏହା ସହିତ ଲାପ୍‌ଟପ୍ + ମୋବାଇଲ + ପ୍ରିଣ୍ଟର + ଡାଟା କାର୍ଡ + SMS ଖର୍ଚ୍ଚ
କମ୍ପାନୀ ଦ୍ୱାରା ଫ୍ରି
ବୁକାରୋ ମାଲେପୁର, ଜାମୁଇ, ବିହାର - 811313
8084778397
8084682610

BUSINESS
ନ୍ୟାଶନାଲ କମ୍ପାନୀ
ନିଜର ଖାଲି ଜମି, ଛାତ, ଚାଷଜମି ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ।
ଅଗ୍ରିମ ୭୦ ଲକ୍ଷ
ଭଡ଼ା ୩୫,୦୦୦
୧ ବ୍ୟକ୍ତିଙ୍କ ପାଇଁ ୩୫,୦୦୦ର ଅନ୍ୟାନ୍ୟ ସୁବିଧା
7048574723
7048574637
Add : 41/14, Sce.1, Pushp Vihar, Delhi-17

MAHENDAR FINANCE
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF
MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra

ଧରିତ୍ରୀ DHARITRI
ରାୟଗଡ଼ା, ବୁଧବାର, ୧୯ ଡିସେମ୍ବର, ୨୦୧୮




ରାୟଗଡ଼ାରେ ଆଇନଜୀବୀଙ୍କ ସହ ଅନ୍ୟମାନେ ରାସ୍ତା ଅବରୋଧ କରିଛନ୍ତି ।


ରାୟଗଡ଼ାରେ ବନ୍ଦ ଯୋଗୁ ଅଟକି ରହିଥିବା ଯାନବାହନ ।


ଗୁଣପୁର କୋର୍ଟ ଛକଠାରେ ଓକିଲମାନେ ପ୍ରତିବାଦ କରୁଛନ୍ତି ।



ବିଷମକଟକରେ ରାସ୍ତା ଅବରୋଧ କରାଯାଇଛି ।

### ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି

# ୧୨ ଘଣ୍ଟିଆ ବନ୍ଦ, ଲୋକେ ହନ୍ତସନ୍ତ

**ରାୟଗଡା ଅଫିସ୍/ ବିଷମକଟକ, ୧୮।୧୨**

ଅବିଭକ୍ତ କୋରାପୁଟ ଜିଲାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ଜୋର୍ ଧରିଛି । ଏନେଇ ମଙ୍ଗଳବାର ରାୟଗଡା ଜିଲାରେ ଓକିଲ ସଂଘ ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି । ଏହି ବନ୍ଦକୁ ବିଷମକଟକ, କାଶୀପୁର ଓ ଗୁଣପୁର ଓକିଲ ସଂଘ ମଧ୍ୟ ସମର୍ଥନ ଜଣାଇଥିଲେ । ବନ୍ଦରେ କେବଳ ଓକିଲ ସଂଘ ନୁହେଁ , ବିଭିନ୍ନ ରାଜନୈତିକ ଦଳ, ସାମାଜିକ ସଙ୍ଗଠନ, ଯୁବକ ସଂଘ, ମୋଟର ଚାଳକ ସଂଘ, ଅଟୋ ଚାଳକ ସଂଘ, ବଣିକ ସଂଘ ଓ ସାମାଜିକ ସଂଘ ସାମିଲ ହୋଇଥିଲେ । ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ପାଳନ କରାଯାଇଥିଲା । ଜିଲା ସଦର ମହକୁମାଠାରୁ ଆରମ୍ଭ କରି ବ୍ଲକ୍, ପଞ୍ଚାୟତ ପର୍ଯ୍ୟନ୍ତ ସବୁଠି ବନ୍ଦର ଶତ ପ୍ରତିଶତ ପ୍ରଭାବ ଦେଖିବାକୁ ମିଳିଛି । ସମଗ୍ର ଜିଲାରେ ଦୋକାନ, ବଜାର, ,ବ୍ୟାଙ୍କ, ଶିକ୍ଷାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟଗୁଡିକ ବନ୍ଦ ରହିଥିଲା । ଜାତୀୟ ରାଜପଥ ଠାରୁ ଆରମ୍ଭ କରି ରାଜ୍ୟ ରାଜପଥ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ହଜାର ହଜାର ସଂଖ୍ୟାରେ ଟ୍ରକ୍ ଚଳାଚଳ କରି ନ ପାରି ଅଟକି ରହିଥିଲା । ଆଉ ବସ୍, ଟ୍ୟାକ୍ସି, ଅଟୋ ମଧ୍ୟ ଚଳାଚଳ କରିନାହିଁ । ରାୟଗଡା ସହରର ୩୨୬ ନମ୍ବର ଜାତୀୟ ରାଜପଥର କପିଳାଶ ଛକ, ମଝିଘରିଆଣୀ ମନ୍ଦିର ଛକ, ଏଫ୍‌ସିଆଇ ଛକ, ସିରିଗୁଡା ଛକଠାରେ ରାସ୍ତା ଅବରୋଧ କରାଯାଇଥିଲା । ରାୟଗଡା ଓକିଲ ସଂଘ ସଭାପତି ବିଷ୍ଣୁପ୍ରସାଦ ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ ବନ୍ଦ ପାଳନରେ ସାଧାରଣ ସମ୍ପାଦକ ନବ କୁମାର କାଣ୍ଡା, ଉପସଭାପତି ଶ୍ରୀନିବାସ ପଟ୍ଟନାୟକ, ଗୌରୀ ଶଙ୍କର ପଟ୍ଟନାୟକ, ଜଗଦୀଶ ପଣ୍ଡା, ମଦନ ମୋହନ ପାଢ଼ୀ, ବ୍ରଜ ସୁନ୍ଦର ନାୟକ, ନୃସିଂହନାଥ ପଣ୍ଡା, ମହେଶ ପଟ୍ଟନାୟକ, ଉମାକାନ୍ତ ମିଶ୍ର, ମଙ୍ଗଳମୂର୍ତ୍ତି ବେଉରିଆ, ରବି ପ୍ରସାଦ ମହାପାତ୍ର, ସଚ୍ଚିଦାନନ୍ଦ ଖାଡଙ୍ଗା, ବିନାୟକ କର, ରାଜେନ୍ଦ୍ର ସେନାପତି, ବାପି ପଟ୍ଟନାୟକ, ଜଗନ୍ନାଥ ଦୋରା, ଲାବଣ୍ୟମୋହନ ପଟ୍ଟନାୟକ, ମନୋଜ ପାଢ଼ୀ, ବିରଜା ପାତ୍ର, ମନୋଜ ରଥ, ପଦ୍ମନାଭ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଅପରପକ୍ଷରେ କଂଗ୍ରେସ ପକ୍ଷରୁ ଜିଲା ସଭାପତି ଦୁର୍ଗାପ୍ରସାଦ ପଣ୍ଡା, ପିସିସି ସମ୍ପାଦକ ଆପ୍ପୁଲସ୍ୱାମୀ କାଡ୍ରାକା, ବିଜେଡି ପକ୍ଷରୁ ମା' ମଝିଘରିଆଣୀ ମନ୍ଦିର ଟ୍ରଷ୍ଟି ରାଇସିଂ ବିଡିକା, ଭାଜପା ପକ୍ଷରୁ ଯୁବନେତା ବସନ୍ତ ଉଲ୍ଲାକା ପ୍ରମୁଖ ବନ୍ଦରେ ସାମିଲ୍ ହୋଇଥିଲେ । ବନ୍ଦକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ସେହିପରି ବିଷମକଟକରେ ଥିବା ପ୍ରଥମ ଶ୍ରେଣୀ ଜୁଡିସିଆଲ ମାଜିଷ୍ଟ୍ରେଟ କୋର୍ଟରେ ଓକିଲମାନେ ବିଷମକଟକ ବନ୍ଦ କରିଛନ୍ତି । ସମସ୍ତ ଦୋକାନ ବଜାର ,ସରକାରୀ ଅଫିସ,ବ୍ୟାଙ୍କ,ସ୍କୁଲ,କଲେଜ ବନ୍ଦ ରହିଥିଲା । ରାୟଗଡା ଭବାନୀପାଟଣା ମୁଖ୍ୟ ରାସ୍ତା ବନ୍ଦ ରହିବାରୁ ଶତାଧିକ ଗାଡି ଅଟକି ରହିଥିଲା । ଫଳରେ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଏହି ଆନ୍ଦୋଳନରେ ଓକିଲ ବୃନ୍ଦାବନ ଗୌଡ଼ ,କୃଷ୍ଣ ସାହୁ, ବାବୁ ରାଓ, ମନ୍ମଥ ରାଓ,ଚନ୍ଦ୍ରମୌଳି ପଟ୍ଟନାୟକ,ଦିଲୀପ ମହାରଣା,ପୃଥୀରାଜ ସାହୁ, ସନ୍ତୋଷ ପଣ୍ଡା, ଲକ୍ଷ୍ମୀନାରାୟଣ ପଟ୍ଟନାୟକ,କୃଳନତା ପାଢୀ, ପ୍ରଶାନ୍ତ ରଥ,ଦିଲୀପ ପଟ୍ଟନାୟକ,ଅନୁପ ପଟ୍ଟନାୟକ, ପିଣ୍ଟୁ ରଥ ପ୍ରମୁଖ ନେତୃତ୍ୱ ନେଇଥିଲେ । ସୁରକ୍ଷା ଦୃଷ୍ଟିରୁ ଏକ ପ୍ଲାଟୁନ ଫୋର୍ସ ମୃତୟନ ହେଇଥିଲା । ସେହିପରି ଗୁଣପୁରଠାରେ ଓକିଲମାନେ ବର୍ଷା ସତ୍ତ୍ୱେ ବନ୍ଦ ପାଳନ ସଫଳ କରିଛନ୍ତି । ବିଭିନ୍ନ ସ୍ଥାନରେ ପିକେଟିଂ କରିଥିଲେ । ସହରର ସମସ୍ତ ଦୋକାନ ବଜାର ବନ୍ଦ ରହିବା ସହ ବ୍ୟାଙ୍କ ଏବଂ ବସ ଚଳାଚଳ ବନ୍ଦ ରହିଥିଲା । ସଂଘ ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକଙ୍କ ନେତୃତ୍ୱରେ ଓକିଲମାନେ ବିଭିନ୍ନ ସ୍ଥାନରେ ରାସ୍ତାରୋକ କରିଥିଲେ । ବାଇପାସ ଛକଠାରେ ଟାୟାର ଜାଳି ପ୍ରତିବାଦ କରିଥିଲେ । ଏହି ଆନ୍ଦୋଳନକୁ ଭାଜପା ପକ୍ଷରୁ ସମର୍ଥନ କରାଯାଇଥିଲା । ଭାଜପାର ନଗରସଭାପତି ଅନୀଲ ସାହୁକାର, ପ୍ରେମ ପ୍ରସାଦ ପଣ୍ଡା, ଉଦୟ ପାଢୀ ପ୍ରମୁଖ ଦାବିକୁ ସମର୍ଥନ କରି ବନ୍ଦ ପାଳନରେ ସହଯୋଗ କରିଥିଲେ । ଓକିଲ ସଂଘର ବରିଷ୍ଠ ଆଇନଜୀବୀ ଉମାଚରଣ ପଟ୍ଟନାୟକ, ଫଣି ଭୂଷଣ ପଟ୍ଟନାୟକ, ସୁବାସ ପାଣିଗ୍ରାହୀ, ଅଶ୍ୱିନୀ ଗମାଙ୍ଗଙ୍କ ସମେତ ବହୁସଂଖ୍ୟାରେ ଓକିଲମାନେ ସାମିଲ ହୋଇଥିଲେ ।

# ୫୭ ଗୋରୁ ମୃତ


ମରିପଡ଼ିଥିବା ଗୋରୁ ।

**ରାମନାଗୁଡ଼ା/ବିଷମକଟକ(ଡ଼ି.ଏନ.ଏ)**

ରାୟଗଡ଼ା ଜିଲା ରାମନାଗୁଡ଼ା ଓ ବିଷମକଟକ ବ୍ଲକର ବିଭିନ୍ନ ସ୍ଥାନରେ ୫୭ ଗୋରୁଙ୍କ ମୃତ୍ୟୁ ହୋଇଛି । ୨ ଦିନ ଧରି ବର୍ଷା ଓ କୋହଲା ପାଗ ଲାଗ ରହିଥିବାରୁ ପ୍ରବଳ ଥଣ୍ଡାରେ ଗୋରୁଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି । ରାମନାଗୁଡ଼ାରେ ୬, ଦେଉଳାରେ ୩, ତାମ୍ପରଗୁଡ଼ାରେ ୨ ଓ ଗୁମୁଡ଼ା ବିନୋଦନଗରରେ ୨୩ଟି ଛୋଟ ଛୋଟ ବାଛୁରୀ ମରି ପଡ଼ିଛନ୍ତି । ଏହିସବୁ ଚନ୍ଦ୍ରଶେଖର ଗୌଡ଼, ଗୌର ଗୌଡ଼, ସଦାଶିବ ଗୌଡ଼ଙ୍କର ହୋଇଥିବା ଜଣାଯାଇଛି । ଖବରପାଇ ବ୍ଲକ ପ୍ରାଣୀଧନ ଅଧିକାରୀ ସ୍ୱାତୀ ଚୌଧୁରୀ ଏକ ଟିମ୍ ସହିତ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି । ଏଥିସହ ଅସୁସ୍ଥ ଥିବା ଗୋରୁଙ୍କ ଚିକିତ୍ସା କରିଛନ୍ତି । ତହସିଲଦାର ଜୟଶ୍ରୀ ମଲ୍ଲିକ ଘଟଣାସ୍ଥଳକୁ ଯାଇ ରିପୋର୍ଟ ସଂଗ୍ରହ କରିଛନ୍ତି । ପ୍ରାଣୀଧନ ଅଧିକାରୀଙ୍କ ସହ ଆଲୋଚନା କରି ରିପୋର୍ଟ ଦିଆଯିବ ବୋଲି ତହସିଲଦାର କହିଛନ୍ତି । ମୃତ ଗୋରୁ ମାଲିକ ଗରିବ ଶ୍ରେଣୀର ହୋଇଥିବାରୁ ସେମାନଙ୍କୁ ତୁରନ୍ତ କ୍ଷତିପୂରଣ ଦେବା ନେଇ ଦାବି କରିଛନ୍ତି । ସେହିପରି ବିଷମକଟକ ବ୍ଲକ୍ ବେଥିଆପଡା ପଞ୍ଚାୟତର ଶିଆଳି ଗ୍ରାମରେ ୨୩ଟି ଗୋରୁଙ୍କ ମୃତ୍ୟୁ ହୋଇଛି । କୌଣସି ଅଜଣାରୋଗରେ ମୃତ୍ୟୁବରଣ କରିଥିବା ଲୋକମାନେ ଆଶଙ୍କା କରୁଛନ୍ତି । ଶିଆଳିପଙ୍ଗା ଗ୍ରାମର ଏଙ୍କନା ମେଲେକାଙ୍କ ୬, ବିଶୁଆନା ଗୋଲୁରଙ୍କ ୩, କାଶାନା ଏଙ୍କନାଙ୍କ ୨, ବୁଲୁକା ହିକ୍‌କାଙ୍କ ୮, ଦାନାଇ ହିକ୍‌କାଙ୍କ ୩, ଜଲକା ୱାରଲିକାର ଗୋଟିଏ ଗାଇ ମୃତ୍ୟୁବରଣ କରିଛନ୍ତି ।

## ହନୁମାନ ମନ୍ଦିର ପ୍ରତିଷ୍ଠା ନେଇ ବୈଠକ

**ଗୁଣପୁର,୧୮।୧୨(ଡି.ଏନ.ଏ)**

ଗୁଣପୁର ଢେପସାହିରେ ଥିବା ହନୁମାନ ମନ୍ଦିର ପ୍ରତିଷ୍ଠା ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଫେବୃୟାରୀ ୧୨ରୁ ୧୫ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ । ଏଥି ନିମନ୍ତେ ଏକ କମିଟି ଗଠନ ହୋଇଥିଲା । ଏଥିରେ ଜଗଦୀଶ ସାହୁ, କୃଷ୍ଣଚନ୍ଦ୍ର ମିଶ୍ର, ରମେଶ ମିଶ୍ର, ରାଜେନ୍ଦ୍ର ପାଟଜୋଷୀ, ପ୍ରଶାନ୍ତ ପଟ୍ଟନାୟକ, ସନ୍ତୋଷ ଗୁରୁ, ସୁନୀଲ ଗୌଡଙ୍କୁ ନେଇ ପରିଚାଳନା କମିଟି ଗଠନ ହୋଇଥିଲା ।

## ତ୍ରିନାଥ ମନ୍ଦିର ହୁଣ୍ଡି ଭାଙ୍ଗି ଚୋରି

**ଗୁଣପୁର,୧୮।୧୨(ଡି.ଏନ.ଏ)**

ଗୁଣପୁର ସହର କୋର୍ଟ ନିକଟରେ ଥିବା ତ୍ରିନାଥ ମନ୍ଦିର ହୁଣ୍ଡି ଭାଙ୍ଗି ଦୁର୍ବୃତ୍ତମାନେ ସୋମବାର ରାତ୍ରିରେ ଟଙ୍କା ଚୋରି କରି ନେଇଛନ୍ତି । ମଙ୍ଗଳବାର ସକାଳେ ପୂଜକ ମନ୍ଦିରକୁ ଆସିବାରୁ ଚୋରି ହୋଇଥିବା ଦେଖିଥିଲେ । ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ । ତେବେ କୋର୍ଟ, ଉପଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ରାତ୍ରରେ ପାଟ୍ରୋଲିଂ ଚାଲୁଥିବା ବେଳେ ରାସ୍ତାକଡରେ ଥିବାମନ୍ଦିରର ହୁଣ୍ଡିଭାଙ୍ଗି ଚୋରି ହେବା ଘଟଣା ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି । ସୂଚନାଯୋଗ୍ୟ ଏହି ମନ୍ଦିରରେ ପୂର୍ବରୁ ମଧ୍ୟ ହୁଣ୍ଡିଭାଙ୍ଗି ଚୋରି ହୋଇଥିଲା । ଏହାପରେ ମନ୍ଦିର କର୍ତ୍ତୃପକ୍ଷ ନୂତନ ହୁଣ୍ଡି ନିର୍ମାଣ କରିଥିଲେ । ଏହାକୁ ମଧ୍ୟ ଦୁର୍ବୃତ୍ତମାନେ ଭାଙ୍ଗି ଚୋରି କରି ନେଇଛନ୍ତି ।



# ଆମ୍ବ ବଉଳର ସୁରକ୍ଷା

ଆମ୍ବ ବଉଳର ସୁରକ୍ଷା ଲାଗି ବଉଳ ଆସିବାର ୭ ରୁ ୧୫ ଦିନ ପୂର୍ବରୁ ୦.୩ ମି.ଲି. ଇମିଡାକ୍ଲୋପ୍ରିଡ୍ ଓ ୩ ଗ୍ରାମ୍ ମାଙ୍କୋଜେବ୍ ଗୁଣ୍ଡକୁ ୧ ଲିଟର ପାଣିରେ ଗୋଳାଇ ପତ୍ର ଓ ଡାଳରେ ଭଲଭାବେ ସିଞ୍ଚନ କରନ୍ତୁ । ବଉଳ ହେବାର ୭ ଦିନ ପରେ ଓ ଆମ୍ବଚଣା କଷି ଅବସ୍ଥାରେ ଆଉଥରେ ସିଞ୍ଚନ କରନ୍ତୁ । ଆମ୍ବ ଡାହାଣୀରୁ ରକ୍ଷା ପାଇବା ସକାଶେ ୨ ମି.ଲି. ରୋଗର୍ ସାଙ୍ଗରେ ୨ ଗ୍ରାମ୍ ସଲ୍‌ଫେକ୍ସ ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ବଉଳ ପୂରାମାତ୍ରାରେ ଥିବାବେଳେ ଯଦି କୁହୁଡ଼ିଆ ପାଗ ରହେ ତେବେ ବଗିଚାର ଅନାବନା ଘାସ, କାଠିକୁଟା ଆଦି ପୋଡ଼ି ବଗିଚାକୁ ଧୂଆଁ ଦିଅନ୍ତୁ ।

**ପନିପରିବା ଚାଷ ସମ୍ପର୍କରେ**

–ଆଳୁ ଫସଲ ୨–୩ ସପ୍ତାହର ହୋଇଯାଇଥିଲେ ପ୍ରଥମେ କୋଡ଼ାଖୁସା କରି ହୁଡ଼ା ଟେକି ଦିଅନ୍ତୁ । ଏହି ସମୟରେ ୫୦ କି.ଗ୍ରା. ଯବକ୍ଷାରଜାନ, ୬୦ କି.ଗ୍ରା. ପଟାସ୍ ଆଳୁ ଗଛରେ ଧାଡ଼ିରେ ଦୁଇପାଖରେ ୩–୪ ସେ.ମି. ଦୂରତାରେ ୨–୩ ସେ.ମି. ଗଭୀରରେ ପ୍ରୟୋଗ କରନ୍ତୁ । ଆଳୁ ଫସଲରେ ସଅଳ ପତ୍ରପୋଡ଼ା ରୋଗରୁ ରକ୍ଷା ପାଇବା ପାଇଁ ହେକ୍ଟର ପ୍ରତି ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଆଗତୁରା ଆଳୁଗଛରେ ଭଲଭାବରେ ସିଞ୍ଚନ କରନ୍ତୁ । ସିଞ୍ଚନ ବେଳେ ଏହାର ପତ୍ରର ଉପର ଓ ତଳପାଖରେ ପଡ଼ିବା ଜରୁରୀ ।

– ପିଆଜ ଫସଲରେ ଗଛ ରୋଇବାର ୩ ଦିନ ପୂର୍ବରୁ ହେକ୍ଟର ପ୍ରତି ୧୦୦୦ ମି.ଲି. ବାସାଲିନ୍‌କୁ ୫୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ କିମ୍ବା ତଳି ରୋଇବାର ୩ ଦିନପରେ ହେକ୍ଟର ପ୍ରତି ୩.୫ ଲିଟର ଷ୍ଟମ୍ପ୍ ବା ୧୫୦୦ ମି.ଲି. ଟ୍ରିବୁଲିନ୍ ୫୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ । ଏହାଦ୍ୱାରା ଅନାବନା ଘାସ ଦାଉରୁ ରକ୍ଷା ମିଳିଥାଏ ।

–କୋବି ଜାତୀୟ ଫସଲରେ ବନ୍ଧାକୋବିର ବିନ୍ଧାପୋକ, ଠିକିରିପିଠିଆ ପୋକ, କରତିଆ ମାଛି ଆଦି କୀଟର ନିୟନ୍ତ୍ରଣ ଲାଗି ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ କିମ୍ବା ୨୦୦ ଗ୍ରାମ୍ ଇମାମେକ୍ଟିନ୍ ବେନ୍‌ଜଏଟ୍ ବା ୫୦୦ ଗ୍ରାମ୍ ଫିପ୍ରୋନିଲ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଶୀତ ଦିନରେ ଭଲଭାବରେ ବଢୁଥିବା ପୋଦିନା, ଧନିଆ, ମେଥି, କୋଶଳା, ପାଳଙ୍ଗ ଆଦି ଶାଗ ଚାଷ କରନ୍ତୁ । ମଝିଆଳି କିସମ ଫୁଲକୋବିରେ ଲିଟର ପ୍ରତି ୩ ଗ୍ରାମ୍ ହିସାବରେ ବୋରନ୍ ସିଞ୍ଚନ କରନ୍ତୁ ।

**ମୂଳିଆଖୁ :** ଜମିରୁ ଶୁଖିଲା ପତ୍ର ବାହାରକରି କ୍ଷେତକୁ ପରିଷ୍କାର କରନ୍ତୁ । ଆଖୁ ଖୁଣ୍ଟାକୁ କାଟି ସାରିବା ପରେ ଚାଷ କରି ହୁଡ଼ା ଭାଙ୍ଗି ଦିଅନ୍ତୁ । ଏହା ଫଳରେ ପୁରୁଣା ଚେର ନଷ୍ଟ ହୋଇ ନୂଆ ଚେର ବାହାରି ଆଖୁକୁ ବଢ଼ିବାରେ ସାହାଯ୍ୟ କରିଥାଏ । ମାଟି ଅଧିକ ଶୁଖିଯାଇଥିଲେ ଜଳସେଚନ କରି ହୁଡ଼ା ଭାଙ୍ଗନ୍ତୁ । ହୁଡ଼ା ଭାଙ୍ଗିଲା ସମୟରେ ହେକ୍ଟର ପ୍ରତି ୧୦ ଟନ୍ ଗୋବର ଖତ, ୧୦୦ କି.ଗ୍ରା. ଯବକ୍ଷାରଜାନ, ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଧାଡ଼ି ମଧ୍ୟରେ ଗଛକୁ ଗଛ ବ୍ୟବଧାନ ୪୫ ସେ.ମି.ରୁ ଅଧିକ ଥିଲେ ହୁଡ଼ା ଭାଙ୍ଗିବାର ୩୦ ଦିନ ମଧ୍ୟରେ ଖୁଞ୍ଚା ଦିଅନ୍ତୁ । ଏଥିପାଇଁ ଆଖୁ କାଟିବା ବେଳେ ଆଖୁ ଖଣ୍ଡକୁ ତଳି ପକାନ୍ତୁ କିମ୍ବା ପଲିଥିନ୍ ମୁଣିରେ ଚାରା ଉତାରନ୍ତୁ । ମୂଳିଆଖୁକୁ ରୋଗମୁକ୍ତ କରିବା ସକାଶେ ଖୁଣ୍ଟା କାଟିବା ପରେ ହେକ୍ଟର ପ୍ରତି ୧୦୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ଥାୟୋପଥାନେଟ୍ ମିଥାଇଲ୍ (୭୫୦ ଗ୍ରାମ୍) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ସୋରିଷ :** ପାଉଁଶିଆ ରୋଗ ଦମନ ଲାଗି ହେକ୍ଟର ପ୍ରତି ପ୍ରୋପିକୋନାଜୋଲ୍ ୧ ମି.ଲି. କିମ୍ବା ପେନ୍‌କୋନାଜୋଲ୍ ୧ ମି.ଲି. ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

– କରତିଆ ମାଛି/ପତ୍ରଛନ୍ଦା ପୋକର ଦମନ ଲାଗି ହେକ୍ଟର ପ୍ରତି ୫୦୦ ମି.ଲି. ଇଥୋଫେନ୍‌ପ୍ରକ୍ସ ୧୦ ଇ.ସି. କିମ୍ବା ୭୫୦ ମି.ଲି. ଇଣ୍ଡକ୍ସାକାର୍ବ ୧୪.୫% ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**କପା :** ବକରା ଫାଟିବାର ୪୦ ଦିନ ମଧ୍ୟରେ ୪ରୁ ୫ ଥର ଅମଳ କରନ୍ତୁ । କାକର ପଡୁଥିଲେ ଦିନ ୧୦ଟା ପରେ ଅମଳ କରନ୍ତୁ । ଅମଳ କରି ପ୍ରଥମ ତୋଳା, ପରବର୍ତ୍ତୀ ତୋଳାଗୁଡ଼ିକୁ ଅଲଗା ଅଲଗା ଶୁଖାଇ ବସ୍ତାରେ ରଖନ୍ତୁ ।



## ପିଆଜ

ତଳିଗୁଡ଼ିକ ୧୨–୧୫ ସେ.ମି. ଉଚ୍ଚ ହୋଇଗଲେ ସେଗୁଡ଼ିକ ଉପରବେଳା ଉପାଡ଼ି ଲଗାନ୍ତୁ ।

–ତଳି ରୋଇବାର ଦୁଇଦିନ ଆଗରୁ ହେକ୍ଟର ପ୍ରତି ୬୦ କି.ଗ୍ରା. ଯବକ୍ଷାରଜାନ, ୬୦ କି.ଗ୍ରା. ଫସ୍‌ଫରସ୍ ଓ ୧୦୦ କି.ଗ୍ରା. ପଟାସ୍ ମୂଳସାର ଭାବେ ପ୍ରୟୋଗ କରନ୍ତୁ ।

– ଉକୁଣି ପୋକ ଲାଗିଲେ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ ୨୦ ଏସ୍.ପି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

– ଜଉପୋକ ଦମନ ସକାଶେ ହେକ୍ଟର ପ୍ରତି ୧୦୦୦ ମି.ଲି. ଡାଇମିଥୋଏଟ୍ ୩୦ ଇ.ସି. କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୫ ମି.ଲି. ବା ଥାୟୋମିଥୋକ୍‌ଜାମ୍ ୨୫ ଏସ୍.ଜି. – ୧୨୫ ଗ୍ରାମ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଉପରବେଳା ସିଞ୍ଚନ କରନ୍ତୁ ।

– ଫସଲରେ ପତ୍ରଚିତା ଦାଗ ଦେଖାଦେଲେ ଏହାର ଦମନ ପାଇଁ ହେକ୍ଟର ପ୍ରତି ୧.୫ କି.ଗ୍ରା. କପର ଅକ୍ସିକ୍ଲୋରାଇଡ୍ ବା ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।



**ମାଛଚାଷ :** ଏକ ହେକ୍ଟର ବିଶିଷ୍ଟ ମାଛ ପୋଖରୀରେ ୧୨୫୦୦ ଯାଆଁଳ ପାଇଁ ପ୍ରତିଦିନ ୩ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆ କୁଣ୍ଡା ସହିତ ୩ କି.ଗ୍ରା ୭୫୦ ଗ୍ରାମ୍ ବାଦାମ ପିଡ଼ିଆ ମିଶାଇ ଖାଇବାକୁ ଦିଅନ୍ତୁ । ପୋଖରୀରେ ଜୈବିକ ସାର ପ୍ରୟୋଗର ୭ ଦିନ ପୂର୍ବରୁ ଅମ୍ଳତା ୭.୫ ରୁ କମ୍ ଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୧୦୦ କି.ଗ୍ରା. ଚୂନ ପ୍ରୟୋଗ କରନ୍ତୁ । ପୋଖରୀର ନିମ୍ନ ସ୍ତରରେ ଥିବା ମିରିକାଳୀ ଓ ବିଲାତି ରୋହି ଉପରସ୍ତରକୁ ଉଠିଲେ, ପୋଖରୀ ତଳମାଟିରୁ ଦୁର୍ଗନ୍ଧ ବାହାରୁଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୫୦ କି.ଗ୍ରା. ଜିଓଲାଇଟ୍ ବ୍ୟବହାର କରନ୍ତୁ ।

**ପ୍ରାଣୀପାଳନ :** ଶୀତଦିନରେ ଗାଈଙ୍କଠାରେ ଭୂତାଣୁଜନିତ ଫାଟୁଆ ରୋଗ ଅଧିକ ଦେଖାଯାଇଥାଏ । ତେଣୁ ଫାଟୁଆ ରୋଗର ପ୍ରତିଷେଧକ ବ୍ୟବସ୍ଥା ପାଇଁ ଏହି ମାସରେ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରି ଟିକା ଦିଅନ୍ତୁ ।

– ଗାଈ, ଛେଳି, ମେଣ୍ଢା, କୁକୁଡ଼ା ଥିବା ଘରର ଜାଲି କିମ୍ବା ଝରକାରେ ବସ୍ତା ଝୁଲାଇଲେ ରାତିରେ ସେମାନଙ୍କୁ ଅଧିକ ଶୀତ ହେବନାହିଁ ଓ ସେମାନେ ନିମୋନିଆ ଆଦି ରୋଗରୁ ରକ୍ଷା ପାଇବେ ।

– ଛେଳି ଥିବା ଘରେ ତଳେ ଭାଡ଼ି ବା ବାଉଁଶ ଚାଞ୍ଚଡ଼ାର ବନ୍ଦୋବସ୍ତ କଲେ ଛେଳିମାନଙ୍କୁ ଥଣ୍ଡା ଓ ନିମୋନିଆରୁ ରକ୍ଷା ମିଳିପାରିବ ।

–ଜଳସେଚନ ସୁବିଧା ଥିବା ଅଞ୍ଚଳରେ ଓ ଅଧିକ ଥଣ୍ଡା ପଡୁଥିବା ଅଞ୍ଚଳରେ ଏହି ମାସ ବରସିମ୍ ଏବଂ ଓଟ୍ ଘାସ ଚାଷ କରନ୍ତୁ ।

# ନୂଆ ବାଟ ଦେଖାଇଛି



ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଅଧୀନ ମାର୍କୋଣା–ନୟାପଲ୍ଲି ଅଞ୍ଚଳର ୬୭ବର୍ଷୀୟ ଅବସରପ୍ରାପ୍ତ ଶିକ୍ଷକ ପ୍ରଭାକର ମହାନ୍ତି । ଗତ ୨୦୧୦ ମସିହାରେ ଅବସର ଗ୍ରହଣ କରିବା ପରେ ଏହି ସମୟର କିପରି ସଦୁପଯୋଗ କରିବେ ତାହା ଚିନ୍ତା କଲେ। ଶେଷରେ ଚାଷକାର୍ଯ୍ୟ ଲାଗି ମନସ୍ଥ କଲେ। ଏଥିଲାଗି ପଡ଼ିଆ ପଡ଼ିଥିବା ଜମିରେ ଓଲୁଅ ଚାଷ ଲାଗି ମନ ବଳାଇଲେ । କାରଣ ଏହି ଚାଷରେ ରୋଗ ପୋକ ଲାଗନ୍ତି ନାହିଁ କି ଏଥିରେ ଅଧିକ ସାର–ଔଷଧର ଆବଶ୍ୟକତା ମଧ୍ୟ ପଡି ନ ଥାଏ । ଓଲୁଅ ଚାଷ ସମ୍ପର୍କରେ ପ୍ରଭାକର କୁହନ୍ତି, 'ବଙ୍ଗାଳି ଚାଷୀଙ୍କ ଠାରୁ କିଲୋ ପ୍ରତି ୩୦ଟଙ୍କା ଦରରେ ୨୫କୁଇଣ୍ଟାଲ ଓଲୁଅ କିଣି ଆରମ୍ଭ କଲି ଏହି ଚାଷ। ସାଧାରଣତଃ ଓଲୁଅ ଚାଷ ପାଇଁ ଜୁନ୍ ମାସ ପୂର୍ବରୁ ଜମିକୁ ପ୍ରସ୍ତୁତ କରିବାକୁ ପଡ଼େ। ସେଥିରେ ଖତ ସାର ଦେଇ ୩ ରୁ ୩ଫୁଟ ବ୍ୟବଧାନରେ ଗାତ କରି ଓଲୁଅ ଲଗାଇବାକୁ ପଡ଼େ । ଡିସେମ୍ବର ମାସ ସୁଦ୍ଧା ଏହାକୁ ଖୋଳି ବାହାର କରାଯାଇଥାଏ । ତେବେ ଆଉ ଜମିରେ ଗୋଟିଏ ଗୋଟିଏ ଓଲୁଅର ଓଜନ ୧୨କିଲୋ ପର୍ଯ୍ୟନ୍ତ ହୋଇଥାଏ । ଆଉ ଏହି ଚାଷରୁ ପ୍ରାୟ ୩୦ହଜାର ଟଙ୍କା ଲାଭ ମିଳିଥାଏ'। ସ୍ଥାନୀୟ ଅଞ୍ଚଳରେ ମାର୍କେଟିଂ ବ୍ୟବସ୍ଥା ନ ଥିବାରୁ ବାହାର ଅଞ୍ଚଳର ଜଣେ ବ୍ୟବସାୟୀଙ୍କୁ ସେ ନିଲାମ ଆକାରରେ ବିକ୍ରୀ କରିଥାଆନ୍ତି । ଏହା ବ୍ୟତୀତ କଦଳୀ, ସପେଟା, ବାତାପି ଓ ଗୁଆ ଗଛ ମଧ୍ୟ ସେ ଜମିରେ ଲଗାଇଛନ୍ତି। ଏଥିରୁ ମଧ୍ୟ କିଛିକିଛି ଆୟ ହେଉଥିବା କୁହନ୍ତି ତାଙ୍କର ପତ୍ନୀ ଗୀତାରାଣୀ । ସେ ମଧ୍ୟ ଜଣେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ। ଏହି କୃଷି କାର୍ଯ୍ୟରେ ବି ସେ ତାଙ୍କ ସ୍ୱାମୀଙ୍କୁ ସହଯୋଗ କରିଥାନ୍ତି । ଏହି ଚାଷ କାର୍ଯ୍ୟ ଦ୍ୱାରା ପଡ଼ିଆ ଜମିର ସଦୁପଯୋଗ ହେଉଛି। ଶାରୀରିକ ପରିଶ୍ରମ ସହିତ ମନ ବି ଫୁର୍ତ୍ତି ଲାଗୁଛି। ପୁଣି କିଛି ଅର୍ଥ ରୋଜଗାର ମଧ୍ୟ ହେଉଛି । ପ୍ରକୃତପକ୍ଷେ ଏହି କାର୍ଯ୍ୟ ଆମକୁ ଏକ ନୂଆ ବାଟ ଦେଖାଇଛି ବୋଲି କୁହନ୍ତି ପ୍ରଭାକର। **–ସନ୍ତୋଷ କୁମାର ନାୟକ**

## ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଅଧିସୂଚନା

**No RDM-LAA-JAJ-0034-2018-30610/ R&DM-** ତାରିଖ: ୨୦।୦୮।୨୦୧୮

**No. XXIV-92:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଯାଜପୁର ଜିଲ୍ଲାର ରେଙ୍ଗାଳୀ ବାମପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- ସାନ୍ତରାଗାଡ଼ିଆ (ଅତିରିକ୍ତ), ଥାନା- ଟମକା ସଂ.୭୪, ତହସିଲ- ଦାନଗଦି, ଜିଲ୍ଲା- ଯାଜପୁରରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୩.୮୮ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ:**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ରେଙ୍ଗାଳୀ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ନିର୍ବାହୀ ଯନ୍ତ୍ରୀ, ବାମପାର୍ଶ୍ୱ କେନାଲ ଡିଭିଜନ ନଂ.-୨, ଦୁବୁରି।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ରେଙ୍ଗାଳୀ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପଜିଲ୍ଲାପାଳ, ଯାଜପୁର।
୬. ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଯାଜପୁର | ଦାନଗଦି | ସାନ୍ତରାଗାଡ଼ିଆ (ଅତିରିକ୍ତ) | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ. ୭.୬୫ | ଏ. ୩.୮୮ | ଏଥିସହିତ ସଂଲଗ୍ନ |

• ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ. ୦.୨୧ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ମଣ୍ଡଳ ଅଧିକାରୀ, ସୁକିନ୍ଦା, ଯାଜପୁର କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଯାଜପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- (ଅଭୟ କୁମାର ନାୟକ), ଯୁଗ୍ମ ଶାସନ ସଚିବ

### ଭୂମି ଅନୁସୂଚୀ

**ଗ୍ରାମର ନାମ: ସାନ୍ତରାଗାଡ଼ିଆ (ଅତିରିକ୍ତ), ଥାନାର ନାମ: ଟମକା ନଂ. ୭୪, ତହସିଲ: ଦାନଗଦି, ଜିଲ୍ଲା: ଯାଜପୁର, ଜମି ଅଧିଗ୍ରହଣ କେସ୍ ନଂ.:**

| କ୍ର. ନଂ. | ଖତିୟାନ ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା (ଏକରରେ) | ଅଧିସୂଚିତ ଜମିର ରକବା | ରୟତର ନାମ | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୩୧ | ୧୩୩୦ | ୦.୦୮ | ୦.୦୭ | ଇନ୍ଦ୍ରମଣି ରାଉତ, ପିତା: ମାର୍କଣ୍ଡ, ଜା: ଖଣ୍ଡାୟତ, ବା: ବାଙ୍ଗରକୋଟା | |
| ୨ | | ୧୩୩୧ | ୦.୧୦ | ୦.୧୦ | ଇନ୍ଦ୍ରମଣି ରାଉତ, ପିତା: ମାର୍କଣ୍ଡ, ଜା: ଖଣ୍ଡାୟତ, ବା: ବାଙ୍ଗରକୋଟା | |
| ୩ | ୬୨ | ୧୩୩୪ | ୦.୦୪ | ୦.୦୩ | କାଳନ୍ଦୀ ରାଉତ, ପିତା: ମାର୍କଣ୍ଡ ରାଉତ ଓଗେର, ଜା: ଖଣ୍ଡାୟତ, ବା: ବାଙ୍ଗରକୋଟା | |
| ୪ | ୬୪ | ୫୬୯ | ୦.୯୨ | ୦.୫୪ | କାହ୍ନୁଚରଣ ବଳ, ପିତା: ହୃଷି ବଳ, ଜା: ଖଣ୍ଡାୟତ, ବା: ପୁରୁଣିଆ, କେନ୍ଦୁଝର | |
| ୫ | ୮୪ | ୫୮୦ | ୦.୦୮ | ୦.୦୧ | କେଶବ ଜେନା, ପିତା: ପୁରନ୍ଦର ଜେନା ଓଗେର, ଜା: ପାଣ, ବା: ନିଜଗାଁ | |
| ୬ | ୮୯ | ୬୭୪ | ୦.୨୬ | ୦.୦୧ | କୈଳାଶ ଚନ୍ଦ୍ର ରାଉତ, ପିତା: ପ୍ରଭାକର ରାଉତ ଓଗେର, ଜା: ଖଣ୍ଡାୟତ, ବା: ବାଙ୍ଗରକୋଟା | |
| ୭ | ୯୧ | ୬୭୬ | ୦.୧୫ | ୦.୧୩ | କ୍ଷେତ୍ରବାସୀ ଚନ୍ଦ, ପିତା: ଗାଣ୍ଡୁ ଚନ୍ଦ ଓଗେର, ଜା: ଖଣ୍ଡାୟତ, ବା: ବାଙ୍ଗରକୋଟା | |
| ୮ | ୧୦୪ | ୬୭୫ | ୦.୨୧ | ୦.୦୫ | ଗାଣ୍ଡୁ ଚନ୍ଦ, ପିତା: କପିଳ ଚନ୍ଦ, ଜା: ଖଣ୍ଡାୟତ, ବା: ବାଙ୍ଗରକୋଟା | |
| ୯ | | ୭୪୨ | ୦.୦୫ | ୦.୦୧ | ଗାଣ୍ଡୁ ଚନ୍ଦ, ପିତା: କପିଳ ଚନ୍ଦ, ଜା: ଖଣ୍ଡାୟତ, ବା: ବାଙ୍ଗରକୋଟା | |
| ୧୦ | ୧୨୪ | ୧୩୫୪ | ୦.୬୯ | ୦.୦୧ | ଘନଶ୍ୟାମ ବଳ, ପିତା: ନାରାୟଣ ସୁବୁଦ୍ଧି, ଜା: ଖଣ୍ଡାୟତ, ବା: ବାଙ୍ଗରକୋଟା | |
| ୧୧ | ୧୩୭ | ୬୮୫ | ୦.୧୪ | ୦.୦୨ | ଚନ୍ଦ୍ରଶେଖର ବଳ, ପିତା: ରଘୁନାଥ ବଳ, ଜା: ଖଣ୍ଡାୟତ, ବା: ବାଙ୍ଗରକୋଟା | |
| ୧୨ | | ୬୮୭ | ୦.୭୦ | ୦.୨୮ | ଚନ୍ଦ୍ରଶେଖର ବଳ, ପିତା: ରଘୁନାଥ ବଳ, ଜା: ଖଣ୍ଡାୟତ, ବା: ବାଙ୍ଗରକୋଟା | |
| ୧୩ | ୧୪୪ | ୫୭୫ | ୦.୦୬ | ୦.୦୬ | ଜହି ସାହୁ, ପିତା: ମଣି ସାହୁ, ଜା: ଗୁଡ଼ିଆ, ବା: ବାଙ୍ଗରକୋଟା | |
| ୧୪ | ୨୦୧ | ୬୭୯ | ୦.୨୩ | ୦.୦୩ | ନକୁଳ ଚନ୍ଦ୍ର ବଳ, ପିତା: କରୁଣି ବଳ, ଜା: ଖଣ୍ଡାୟତ, ବା: ବାଙ୍ଗରକୋଟା | |
| ୧୫ | ୨୦୨ | ୭୪୦ | ୦.୦୨ | ୦.୦୧ | ନକୁଳ ଚନ୍ଦ୍ର ରାଉତ, ପିତା: ଉପେନ୍ଦ୍ର ରାଉତ, ଜା: ଖଣ୍ଡାୟତ, ବା: ବାଙ୍ଗରକୋଟା | |
| ୧୬ | ୨୦୨ | ୬୭୩/୪୧୪୫ | ୦.୦୩ | ୦.୦୩ | ନକୁଳ ଚନ୍ଦ୍ର ରାଉତ, ପିତା: ଉପେନ୍ଦ୍ର ରାଉତ, ଜା: ଖଣ୍ଡାୟତ, ବା: ବାଙ୍ଗରକୋଟା | |
| ୧୭ | ୨୪୧ | ୬୭୮ | ୦.୧୩ | ୦.୧୨ | ପ୍ରହ୍ଲାଦ ଜେନା, ପିତା: ପୁରନ୍ଦର ଓଗେର, ଜା: ପାଣ, ବା: ବାଙ୍ଗରକୋଟା | |
| ୧୮ | | ୭୪୧ | ୦.୧୩ | ୦.୦୫ | ପ୍ରହ୍ଲାଦ ଜେନା, ପିତା: ପୁରନ୍ଦର ଓଗେର, ଜା: ପାଣ, ବା: ବାଙ୍ଗରକୋଟା | |
| ୧୯ | ୨୭୦ | ୬୭୭ | ୦.୩୮ | ୦.୩୦ | ବସନ୍ତ କୁମାର ବେହେରା, ପିତା: ଯୁଧିଷ୍ଠିର ବେହେରା, ଜା: କୈବର୍ତ୍ତ, ବା: ବାଙ୍ଗରକୋଟା | |
| ୨୦ | ୨୭୪ | ୧୩୩୩ | ୦.୦୪ | ୦.୦୪ | ବଂଶୀଧର ବଳ, ପିତା: ଧନେଶ୍ୱର ବଳ ଓଗେର, ଜା: ଖଣ୍ଡାୟତ, ବା: ବାଙ୍ଗରକୋଟା | |
| ୨୧ | | ୧୩୮୩ | ୦.୧୨ | ୦.୦୩ | ବଂଶୀଧର ବଳ, ପିତା: ଧନେଶ୍ୱର ବଳ ଓଗେର, ଜା: ଖଣ୍ଡାୟତ, ବା: ବାଙ୍ଗରକୋଟା | |
| ୨୨ | | ୧୩୮୪ | ୦.୦୪ | ୦.୦୩ | ବଂଶୀଧର ବଳ, ପିତା: ଧନେଶ୍ୱର ବଳ ଓଗେର, ଜା: ଖଣ୍ଡାୟତ, ବା: ବାଙ୍ଗରକୋଟା | |
| ୨୩ | | ୧୩୮୭ | ୦.୨୩ | ୦.୨୦ | ବଂଶୀଧର ବଳ, ପିତା: ଧନେଶ୍ୱର ବଳ ଓଗେର, ଜା: ଖଣ୍ଡାୟତ, ବା: ବାଙ୍ଗରକୋଟା | |
| ୨୪ | | ୧୩୮୮ | ୦.୦୪ | ୦.୦୩ | ବଂଶୀଧର ବଳ, ପିତା: ଧନେଶ୍ୱର ବଳ ଓଗେର, ଜା: ଖଣ୍ଡାୟତ, ବା: ବାଙ୍ଗରକୋଟା | |
| ୨୫ | ୨୮୯ | ୫୭୪ | ୦.୨୦ | ୦.୦୫ | ବିକ୍ରମ ଜେନା, ପିତା: କୁଞ୍ଜ, ଜା: ପାଣ, ବା: ବାଙ୍ଗରକୋଟା | |
| ୨୬ | ୩୦୩ | ୬୦୬ | ୦.୩୦ | ୦.୨୦ | ବିରକିଶୋର ରାଉତ, ପିତା: ଗଙ୍ଗାଧର ରାଉତ ଓଗେର, ଜା: ଖଣ୍ଡାୟତ, ବା: ବାଙ୍ଗରକୋଟା | |
| ୨୭ | | ୬୦୭ | ୦.୨୪ | ୦.୧୩ | ବିରକିଶୋର ରାଉତ, ପିତା: ଗଙ୍ଗାଧର ରାଉତ ଓଗେର, ଜା: ଖଣ୍ଡାୟତ, ବା: ବାଙ୍ଗରକୋଟା | |
| ୨୮ | ୩୩୦ | ୧୩୫୭ | ୦.୧୧ | ୦.୦୧ | ଭାଗୀରଥି ରାଉତ, ପିତା: ନୃସିଂହ ରାଉତ ଓଗେର, ଜା: ଖଣ୍ଡାୟତ, ବା: ବାଙ୍ଗରକୋଟା | |
| ୨୯ | | ୧୩୫୮ | ୦.୦୮ | ୦.୦୬ | ଭାଗୀରଥି ରାଉତ, ପିତା: ନୃସିଂହ ରାଉତ ଓଗେର, ଜା: ଖଣ୍ଡାୟତ, ବା: ବାଙ୍ଗରକୋଟା | |
| ୩୦ | | ୧୩୫୯ | ୦.୧୬ | ୦.୧୬ | ଭାଗୀରଥି ରାଉତ, ପିତା: ନୃସିଂହ ରାଉତ ଓଗେର, ଜା: ଖଣ୍ଡାୟତ, ବା: ବାଙ୍ଗରକୋଟା | |
| ୩୧ | ୩୬୪ | ୧୩୮୨ | ୦.୧୧ | ୦.୧୦ | ମାୟାଧର ରାଉତ, ପିତା: ବାବାଜୀ ରାଉତ ଓଗେର, ଜା: ଖଣ୍ଡାୟତ, ବା: ବାଙ୍ଗରକୋଟା | |
| ୩୨ | | ୧୩୮୯ | ୦.୨୬ | ୦.୧୨ | ମାୟାଧର ରାଉତ, ପିତା: ବାବାଜୀ ରାଉତ ଓଗେର, ଜା: ଖଣ୍ଡାୟତ, ବା: ବାଙ୍ଗରକୋଟା | |
| ୩୩ | ୩୮୫ | ୬୫୭ | ୦.୦୪ | ୦.୦୪ | ରଙ୍କନାଥ ବଳ, ପିତା: ଗୋବିନ୍ଦ ବଳ ଓଗେର, ଜା: ଖଣ୍ଡାୟତ, ବା: ବାଙ୍ଗରକୋଟା | |
| ୩୪ | ୩୮୫ | ୬୫୮ | ୦.୦୪ | ୦.୦୪ | ରଙ୍କନାଥ ବଳ, ପିତା: ଗୋବିନ୍ଦ ବଳ ଓଗେର, ଜା: ଖଣ୍ଡାୟତ, ବା: ବାଙ୍ଗରକୋଟା | |
| ୩୫ | | ୬୫୯ | ୦.୦୪ | ୦.୦୨ | ରଙ୍କନାଥ ବଳ, ପିତା: ଗୋବିନ୍ଦ ବଳ ଓଗେର, ଜା: ଖଣ୍ଡାୟତ, ବା: ବାଙ୍ଗରକୋଟା | |
| ୩୬ | | ୧୩୨୫ | ୦.୦୩ | ୦.୦୧ | ରଙ୍କନାଥ ବଳ, ପିତା: ଗୋବିନ୍ଦ ବଳ ଓଗେର, ଜା: ଖଣ୍ଡାୟତ, ବା: ବାଙ୍ଗରକୋଟା | |
| ୩୭ | | ୧୩୨୬ | ୦.୦୫ | ୦.୦୨ | ରଙ୍କନାଥ ବଳ, ପିତା: ଗୋବିନ୍ଦ ବଳ ଓଗେର, ଜା: ଖଣ୍ଡାୟତ, ବା: ବାଙ୍ଗରକୋଟା | |
| ୩୮ | | ୧୩୨୭ | ୦.୦୬ | ୦.୦୬ | ରଙ୍କନାଥ ବଳ, ପିତା: ଗୋବିନ୍ଦ ବଳ ଓଗେର, ଜା: ଖଣ୍ଡାୟତ, ବା: ବାଙ୍ଗରକୋଟା | |
| ୩୯ | | ୧୩୨୮ | ୦.୦୮ | ୦.୦୬ | ରଙ୍କନାଥ ବଳ, ପିତା: ଗୋବିନ୍ଦ ବଳ ଓଗେର, ଜା: ଖଣ୍ଡାୟତ, ବା: ବାଙ୍ଗରକୋଟା | |
| ୪୦ | | ୧୩୨୯ | ୦.୦୯ | ୦.୦୯ | ରଙ୍କନାଥ ବଳ, ପିତା: ଗୋବିନ୍ଦ ବଳ ଓଗେର, ଜା: ଖଣ୍ଡାୟତ, ବା: ବାଙ୍ଗରକୋଟା | |
| ୪୧ | | ୧୩୭୯ | ୦.୧୪ | ୦.୧୩ | ରଙ୍କନାଥ ବଳ, ପିତା: ଗୋବିନ୍ଦ ବଳ ଓଗେର, ଜା: ଖଣ୍ଡାୟତ, ବା: ବାଙ୍ଗରକୋଟା | |
| ୪୨ | ୩୮୫ | ୧୩୮୦ | ୦.୧୧ | ୦.୦୩ | ରଙ୍କନାଥ ବଳ, ପିତା: ଗୋବିନ୍ଦ ବଳ ଓଗେର, ଜା: ଖଣ୍ଡାୟତ, ବା: ବାଙ୍ଗରକୋଟା | |
| ୪୩ | | ୬୫୭/୪୪୪୪ | ୦.୦୩ | ୦.୦୧ | ରଙ୍କନାଥ ବଳ, ପିତା: ଗୋବିନ୍ଦ ବଳ ଓଗେର, ଜା: ଖଣ୍ଡାୟତ, ବା: ବାଙ୍ଗରକୋଟା | |
| ୪୪ | ୪୨୩ | ୫୭୬ | ୦.୧୨ | ୦.୧୨ | କଳ୍ପତରୁ ଜେନା, ପିତା: ବିକ୍ରମ ଜେନା ଓଗେର, ଜା: ପାଣ, ବା: ବାଙ୍ଗରକୋଟା | |
| ୪୫ | | ୫୭୭ | ୦.୦୭ | ୦.୦୨ | କଳ୍ପତରୁ ଜେନା, ପିତା: ବିକ୍ରମ ଜେନା ଓଗେର, ଜା: ପାଣ, ବା: ବାଙ୍ଗରକୋଟା | |
| ୪୬ | ୩୬୩ | ୧୩୬୪ | ୦.୪୨ | ୦.୨୧ | ମାୟାଧର ରାଉତ, ପିତା: ବାବାଜୀ ରାଉତ ଓଗେର, ଜା: ଖଣ୍ଡାୟତ, ବା: ବାଙ୍ଗରକୋଟା | ବସ୍ତି ଯୋଗ୍ୟ ବଦଳି |
| | | | ମୋଟ | ୩.୮୮ | | |

ଗ୍ରାମର ମୋଟ ପ୍ଲଟ୍ ସଂଖ୍ୟା: ୪୬ (ଛୟାଳିଶି), ମୋଟ ଅଧିଗୃହୀତ ଜମି: ୩.୮୮ ଏକର

ସ୍ୱତନ୍ତ୍ର ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ ଅଧିକାରୀ
ରେଙ୍ଗାଳି ଜଳସେଚନ ପ୍ରକଳ୍ପ, ସୁକିନ୍ଦା

ସ୍ୱା./- ମଣ୍ଡଳ ଅଧିକାରୀ
ରେଙ୍ଗାଳୀ ଜଳସେଚନ ପ୍ରକଳ୍ପ, ସୁକିନ୍ଦା

**24001/14/0399/1819**

# କଳା ଚାଉଳ

(ଶେଷ ଭାଗ)

କଳା ଚାଉଳର ବିଭିନ୍ନ ଗୁଣକୁ ଦେଖି କେତେକ ବ୍ୟବସାୟୀ ସ୍ୱଳ୍ପମାତ୍ରାରେ ଉତ୍ପାଦିତ ଚାଉଳକୁ ଅଧିକ ମୂଲ୍ୟରେ ବିକ୍ରୟ କରିଥାଆନ୍ତି। ଅଥଚ ଚାଷୀ ଉତ୍ପାଦର ଅଧିକ ମୂଲ୍ୟ ପାଇ ନ ଥାଏ। ତେଣୁ ଏହି ଉତ୍ତମ ଗୁଣଯୁକ୍ତ ଚାଉଳକୁ କିପରି ଭାବେ ସ୍ୱଳ୍ପ ମୂଲ୍ୟରେ ଖାଉଟିଙ୍କୁ ଯୋଗାଇ ଦିଆଯାଇପାରିବ କିମ୍ବା ଚାଷୀ ନିଜେ ଚାଷ କରି ନିଜ ଅଞ୍ଚଳରେ ଏହି ଚାଉଳକୁ କମ୍ ମୂଲ୍ୟରେ ବିକ୍ରୟ କରିପାରିବେ ସେଥିପାଇଁ ପ୍ରୟାସ ଲୋଡା। ଏଭଳି ସ୍ଥିତିରେ ଏହି କିସମର ଉନ୍ନତମାନର ବିହନ ଉତ୍ପାଦନ କରି ଚାଷୀଙ୍କୁ ଯୋଗାଇ ଦେବା ପାଇଁ ଜଗତସିଂହପୁର ଜିଲା ରେଡୁଆସ୍ଥିତ ବିହନ ଉତ୍ପାଦନକାରୀ ସଂସ୍ଥା ଏଲଏଏଲଏଲ ପ୍ରୟାସ ଚଳାଇଛନ୍ତି।

ଉକ୍ତ ସଂସ୍ଥା ପକ୍ଷରୁ ନେତ୍ରାନନ୍ଦଙ୍କ ଠାରୁ କଳାଧାନ ବିହନ ସଂଗ୍ରହ କରି ମୌଳିକ ପ୍ରଣାଳୀରେ ବିହନ ଉତ୍ପାଦନ ଆରମ୍ଭ କରିଛନ୍ତି। ମଧ୍ୟମ ଦୀର୍ଘ ଅବଧିଯୁକ୍ତ (୧୪୫ ଦିନ) ଏହି କିସମଟି ରେଡୁଆସ୍ଥିତ ସେମାନଙ୍କ ରିସର୍ଚ୍ଚ ଫାର୍ମରେ ୫ ଫୁଟ ଉଚ୍ଚତାର ହୋଇଅଛି ଏବଂ ଅମଳ ଏକର ପ୍ରତି ୧୨ କୁଇଣ୍ଟାଲରୁ ଅଧିକ ଆସିବ ବୋଲି ଆଶା କରାଯାଉଛି। ଏହି ଉତ୍ପାଦିତ ବିହନକୁ ବିଭିନ୍ନ ଜିଲାର ଆତ୍ମା, ନାବାର୍ଡ ପ୍ରାୟୋଜିତ କୃଷକ କ୍ଲବ ଆଦି ମାଧ୍ୟମରେ ପ୍ରଚାର ଓ ପ୍ରସାର କରାଗଲେ ଆଗାମୀ ଦିନରେ ଏହା ଆମ ରାଜ୍ୟରେ ବହୁଳ ଭାବେ ଚାଷ ହେବା ସହ ସମସ୍ତଙ୍କ ପାଇଁ ସୁଲଭମୂଲ୍ୟରେ ଚାଉଳ ଯୋଗାଇବାର ସମ୍ଭାବନା ଅଛି।

ଅତୀତରେ କଳାଧାନ ଚାଷକୁ ଚୀନରେ ନିଷିଦ୍ଧ କରାଯାଇଥିଲା। ଏଇଥିପାଇଁ ନୁହେଁ ଯେ ଏହା ବିଷାକ୍ତଭଳି ଦେଖାଯାଉଥିଲା। ପ୍ରକୃତ ଅର୍ଥରେ ଏହା କେବଳ ରାଜ ପରିବାରରେ ପରଖିବା ପାଇଁ ସୀମିତ ଚାଷ କରାଯାଉଥିଲା। ଉଦ୍ଦେଶ୍ୟ ଥିଲା ସାଧାରଣ ଲୋକେ ଯେପରି ଏହାକୁ ଖାଇ ନ ପାରିବେ ସେଥିପାଇଁ କଟକଣା ଲାଗିଥିଲା।

ଏଠାରେ ଏହି ଧାନର ଉନ୍ନତ ଚାଷ ପ୍ରଣାଳୀ ବିଷୟରେ ଉଲ୍ଲେଖ କରାଯାଉଛି। କଳାଧାନ ଦରକାର କରିବା ସହ କେତେକାଂଶରେ ମରୁଡ଼ି ସହଣୀଯୁକ୍ତ ଜୈବିକ ପ୍ରଣାଳୀରେ ଚାଷ ପାଇଁ ଉପଯୁକ୍ତ। ଅଧିକ ଅବଧିଯୁକ୍ତ ହୋଇଥିବାରୁ କେବଳ ବର୍ଷାଦିନେ ଚାଷ ଉପଯୋଗୀ। ସାଧାରଣତଃ ଜୁନ ମାସରେ ତଳି ପକାଇ ୧୫ ଦିନର ତଳିକୁ ଜୁଲାଇ ମାସ ପ୍ରଥମ ସପ୍ତାହରେ ରୁଆଯାଏ। ବୁଦା ପ୍ରତି ହାରାହାରି ୩୦ଟି ପିଲ ଆସିଥାଏ। ବୁଦା ଗୁଡ଼ିକ ଧାଡ଼ିକୁ ଧାଡ଼ି ଓ ଗଛକୁ ଗଛ ୨୫ ସେମି ପୁରଣରେ ତଳିଗୁଡ଼ିକୁ ଗୋଟିଏ କିମ୍ବା ଦୁଇଟି କରି ରୁଆଯାଏ। ନଭେମ୍ବର ଶେଷ ବେଳକୁ ଧାନ ପାଚିଥାଏ। ଅକ୍ଟୋବର ଓ ନଭେମ୍ବର ମାସର ଥଣ୍ଡା କେଣ୍ଡାର ଆକାର ବୃଦ୍ଧି ଓ କେଣ୍ଡାରେ ଧାନ ସଂଖ୍ୟା ବୃଦ୍ଧିରେ ସହାୟକ ହୁଏ। ଯେଉଁ ବର୍ଷ ଶୀତ କମିଯାଏ ସେ ବର୍ଷ ଧାନ ଅମଳ ମଧ୍ୟ କମ୍ ହୁଏ।

–ଶ୍ରୀ ପଦ୍ଧତିରେ ଚାଷ ହେଉଥିବାରୁ ଏକର ପ୍ରତି ୫ କିଗ୍ରା ବିହନ ଯଥେଷ୍ଟ। ବର୍ଗ ମିଟର ପ୍ରତି ୧୬ଟି ଏବଂ ଏକର କ୍ଷେତ୍ରରେ ୬୪୦୦୦ଟି ବୁଦା।

–ଗଛଗୁଡ଼ିକ ଦୁଇରୁ ଅଢେଇ ମାସର (୨–୩ଫୁଟ ଉଚ୍ଚତା)ର ହୋଇଲେ ଜମିରୁ ୨ ଫୁଟ ଛାଡି ପତ୍ର ଗୁଡ଼ିକୁ କାଟି ଦିଆଯାଏ।

–ପତ୍ରଗୁଡ଼ିକ ବାଇଗଣି ରଙ୍ଗର ହୋଇଥିବାରୁ ତଥା ଜୈବିକ ପ୍ରଣାଳୀରେ ଫସଲ ଚାଷ କରାଯାଉଥିବାରୁ କୀଟପତଙ୍ଗ ଆକ୍ରମଣ ଖୁବ୍ କମ୍ ଦେଖାଯାଏ।

–ଚକଡ଼ା ପୋକ ଓ ପତ୍ରପୋଡ଼ା ରୋଗ ପ୍ରତିରୋଧକ ଶକ୍ତି ରହିଅଛି।

–ରାସାୟନିକ ସାର ବ୍ୟବହାର ନ କରି ଏକର ପ୍ରତି ୩୦ କୁଇଣ୍ଟାଲ କମ୍ପୋଷ୍ଟ ସହ ୨ କିଗ୍ରା ହିସାବରେ ଆଜେଟବ୍ୟାକ୍ଟର, ପିଏସ୍‌ବି ଜୈବସାର ଓ ଏବଂ ଟ୍ରାଇକୋଡର୍ମା ମିଶାଇ ବ୍ୟବହାର କରାଯିବ। ଏଥିସହ ୨ କୁଇଣ୍ଟାଲ ଜିଆ ଖତ ମିଶାଇ ବ୍ୟବହାର କଲେ ସୁଫଳ ମିଳିଥାଏ।

ରୋଗପୋକ ପାଇଁ ୫ ଲିଟର ଘରେ ତିଆରି ହୋଇଥିବା ହାଣ୍ଡିଖତ ସହ ୨୦୦ଲିଟର ପାଣିମିଶାଇ ସିଞ୍ଚନ କରିବା ଆବଶ୍ୟକ। ଏହା ରୋଇବାର ୨୫ ଦିନ ପରଠାରୁ ପୁଣି ୧୫ ଦିନରେ ଥରେ ଲେଖାଏଁ ୫ ଥର ପ୍ରୟୋଗ କଲେ ଖାଦ୍ୟସାର ଅଭାବ ମଧ୍ୟ ପୂରଣ ହୋଇଯିବ।



– ଏକାଦଶୀ ନନ୍ଦୀ
ମୋ: ୯୪୩୭୪୧୨୪୧୧